

Digitized by PPRACHIN, SOA

ମାୟାନଦୀ

ଶ୍ରୀ ନବକିଶୋର ରାଜ

ପ୍ରକାଶନ:
ଶ୍ରୀମତୀ ମନୋଜମଞ୍ଜରୀ ରାଜ
ଓଁକାର ପବ୍ଲିଶର୍ସ
ପ୍ଲଟ୍ ନଂ-୩୪, ଶକ୍ତିନଗର
ଲିଙ୍କ୍‌ରୋଡ୍, କଟକ-୧୨

Digitized by PPRACHIN, SOA

ମାୟାନଦୀ

(ଉପନ୍ୟାସ)

ରଚନା:
ଶ୍ରୀ ନବକିଶୋର ରାଜ

ପ୍ରଥମ ସଂସ୍କରଣ:
୨୦୦୭

ପ୍ରକାଶକ:
ଶ୍ରୀମତୀ ମନୋଜମଞ୍ଜରୀ ରାଜ
ଓଁକାର ପବ୍ଲିଶର୍ସ
ପ୍ଲଟ୍ ନଂ-୩୫, ଶକ୍ତିନଗର
ଲିଙ୍କ୍‌ରୋଡ୍, କଟକ-୧୨
ଦୂରଭାଷ: ୨୩୨୦୩୨୦

ପ୍ରଚ୍ଛଦ ଶିଳ୍ପୀ:
ଶ୍ରୀ ବିଜୟ କୁମାର ପ୍ରଧାନ

ଶବ୍ଦ ସଂଯୋଜନା:
ଶ୍ରୀ ସରୋଜ କୁମାର ପଣ୍ଡା

ଅଧିକୃତ ବିକ୍ରେତା:
ଓଡ଼ିଶା ବୁକ୍ ଷ୍ଟୋର,
ବିନୋଦବିହାରୀ, କଟକ-୨

ମୁଦ୍ରଣ :
ଜଗନ୍ନାଥ ପ୍ରୋସେସ୍ ପ୍ରା.ଲି.
ଡଗରପଡ଼ା, କଟକ

ମୂଲ୍ୟ : ଚଉଷଠୀ ଟଙ୍କା

MAYANADI

(A Novel)

Written by
Sri Nabakishore Raj

First Edition : **2007**

Published by :
Smt. Manojmanjari Raj
Omkar Publishers
Plot No. 35, Shakti Nagar,
Link Road, Cuttack-12
Tel: 2320320

Cover Designed by:
Sri Bijoy Kumar Pradhan

Layout by:
Sri Saroj Kumar Panda

Distributed by:
Orissa Book Store
Binod Bihari, Cuttack-2

Printed at:
Jagannath Process Pvt. Ltd.
Dagarpara, Cuttack

Price :
Rupees: Sixty four only

Digitized by PPRACHIN, SOA

ଉପନ୍ୟାସ ଲେଖିବା ପାଇଁ ବାରମ୍ବାର ଯେ ମୋତେ ଅନୁପ୍ରେରିତ କରୁଥିଲେ, ସେହି ଅନୁଜ କଥାଶିଳ୍ପୀ ଶ୍ରୀ ସହଦେବ ସାହୁଙ୍କୁ ଶ୍ରଦ୍ଧା ସମର୍ପିତ ।

Digitized by PPRACHIN, SOA

ବିଶେଷ କୃତଜ୍ଞତା

ଶ୍ରୀ ସରୋଜ ରଞ୍ଜନ ମହାନ୍ତି
ସମ୍ପାଦକ 'ଝଙ୍କାର'

Digitized by PPRACHIN, SOA

'ମାୟାନଦୀ ନିଷ୍କଳ ବ୍ରହ୍ମ ପର୍ବତରୁ ଅବତରିତ । ସେ ନଦୀର ପ୍ରବାହ ଅଦୃଶ୍ୟ । ମାୟାନଦୀର ପ୍ରବାହରେ ଜୀବ ଭାସିଯାଏ । ପ୍ରପଂଚ ଭଉଁରୀ ଘେରରେ କେତେକେ ତଳଉପର ହୋଇ ଅଧୋଗତି ପ୍ରାପ୍ତ ହୁଅନ୍ତି, ଆଉକେତେକେ ସ୍ରୋତର ପ୍ରତିକୂଳରେ ଯାଇ ଉଦ୍‌ଗମ ସ୍ଥାନରେ ପହଞ୍ଚିଯାଆନ୍ତି । ସେହି ଉଦ୍‌ଗମସ୍ଥଳର ଜଳ ଅତ୍ୟନ୍ତ ଶୁଦ୍ଧ ଓ ଚଞ୍ଚଳ । ଏହାକୁ ଅପ୍-ନାରାୟଣ କୁହନ୍ତି । ସେଇ ମାୟାନଦୀ ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ– ତିନିଲୋକରେ ପରିବ୍ୟାପ୍ତ । ଏହି ଜଳର ବହୁଳାଂଶ ସାଂସାରିକ କାର୍ଯ୍ୟରେ, ଅତିଅଳ୍ପ ପରମାର୍ଥ ସାଧନରେ ବ୍ୟୟିତ ହୁଏ । ଏହା ସାତ୍ତ୍ୱିକ ଜନ-ସଂସର୍ଗରେ ମଧୁର, ତାମସ ମନୁଷ୍ୟ ସ୍ପର୍ଶରେ ତିକ୍ତ, ରଜସ ବ୍ୟକ୍ତି ସଂପର୍କରେ ତୀବ୍ର ହୋଇଥାଏ । ଏହା ବିଷରେ ବିଷ, ଅମୃତରେ ଅମୃତ, ସୁଗନ୍ଧରେ ସୁଗନ୍ଧ ଓ ଦୁର୍ଗନ୍ଧରେ ଦୁର୍ଗନ୍ଧ ହୋଇଯାଏ ।'

(ଶ୍ରୀ ଦାସ ବୋଧ–ସମର୍ଥଗୁରୁ ଶ୍ରୀରାମ ଦାସ)

Digitized by PPRACHIN, SOA

ଆଲୋକର ଚଉତରା । ଆଲୋକର ବୃକ୍ଷ । ଆଲୋକର ଚନ୍ଦ୍ରାତପ । ଖାଲି ଆଲୋକ ଏବଂ ଆଲୋକ । ସମ୍ମିଳିତ, ସମନ୍ୱିତ, ନିବିଷ୍ଟ ଆଲୋକର ରୋଶଣି ।

କେତେଘଣ୍ଟା ପାଇଁ ନିର୍ମିତ ଅଭ୍ୟର୍ଥନା କକ୍ଷରେ କେବଳ ଆଲୋକର ହିଁ ରାଜତ୍ୱ ।

ଆଲୋକରେ ତିଆରି ହୋଇଛି ତାଳଗଛ, ନଡ଼ିଆଗଛ, ଗୁଆଗଛ ।

ଆଲୋକ ସୃଷ୍ଟି କରୁଚି ଜଳ ଫୁଆରାର ଭ୍ରମ ।

ଘୂର୍ଣ୍ଣାୟମାନ ଆଲୋକ–ରଙ୍ଗକୁ ରଙ୍ଗ ସାତରଙ୍ଗରେ ଉଦ୍‌ଭାସି ଦେଉଛି ଅଭ୍ୟର୍ଥନା କକ୍ଷର ଦୈର୍ଘ୍ୟ, ପ୍ରସ୍ଥ, ଉଚ୍ଚତା ।

ସାବାସୀ ଦେବା କଥା ବିଶୁ ଡେକୋରେଟର୍‌କୁ । କମାଲ କରିଚି । ବିଶୁ ତାଙ୍କରି ଗାଁ ପିଲା । ପ୍ରଥମେ ଯେତେବେଳେ ରାଜଧାନୀରେ ଆସି ବ୍ୟବସାୟ ଆରମ୍ଭ କଲା, ତା' ପାଖରେ ଥିଲା କେତେଗୁଡ଼ିଏ ରଙ୍ଗଛଡ଼ା ବାର୍‌ଲାଇଟ୍ ଫ୍ରେମ୍ । ଟ୍ୟୁବ୍, ଟେଣ୍ଟ୍ ଅନ୍ୟଠୁ ଭଡ଼ାରେ ଆଣି କାମ ଚଳାଉଥିଲା । ଏବେ କାହିଁରେ କ'ଣ । ସବୁଠୁ ବେଶୀ ବରାଦ ସିଏ ପାଏ । ପୁଅବାହାଘର ଖବର ଶୁଣୁଶୁଣୁ ବିଶୁ ଆସି ହାଜର... 'ରିସେପ୍‌ସନ୍‌ର ସବୁ ଦାୟିତ୍ୱ ମୋ'ର ।'

ବିଶୁକୁ ଭରସା କରିହେବ । ଭଲ ଘରଟିଏ ତିଆରିଚି । ପୁଅ ପଢୁଚି କନ୍‌ଭେଣ୍ଟ୍‌ରେ । ସ୍ତ୍ରୀ ମନୋରମାକୁ ସ୍ପିକିଂ ଇଂଲିଶ୍ କୋର୍ସଟିଏ ଶିଖାଇଦେଇଚି ଯେ ଫଟ୍‌ଫାଟ୍ ଇଂଲିଶ୍ ବକୁଚି । ସେଥିରେ ଯେତେ ବ୍ୟାକରଣଗତ ଅଶୁଦ୍ଧି ଥାଉପଛେ, ଆଜିକାଲି ସେସବୁ କିଏ ବାଗୁଚି ? ଦିଲେଶ୍ୱରବାବୁ ହିସାବୀ ଲୋକ । ବେପାରୀ ମଣିଷ, ଚିକଣଚାକଣ । ମିଠାକଥା କହି ଉପରକୁ ଉଠାଇ, ଶେଷକୁ ଲମ୍ବା ହିସାବ ଫର୍ଦ୍ଦଟିଏ ଧରାଇଦେବେ । ସେମାନେ ବେଶୀ ଠକନ୍ତି ଘରତୋଳା, ବାହାଘରରେ । କେତେ ଟଙ୍କା ଖସିଯାଉଚି ସୁଅ ମୁହଁରେ । ପାଞ୍ଚ ଛଅହଜାର ଅଧିକା ଯୋଡ଼ିଦେଲେ କିସଟା ହେଲା ଯେ ! ଏଇଆ ସେମାନଙ୍କ ଚିନ୍ତାଧାରା ।

'ବାପା ବିଶୁ ! ପହିଲେ ବତା, କେତେ ନେବୁ ?'

Digitized by PPRACHIN, SOA

'ମଉସା ! କାମ ଦେଖି ପଇସା ଦେବେନି ?'

'ସେ ବେପାରୀ ବୁଦ୍ଧି ମୋ'ପାଖେ ଦେଖାନା । ବେପାର ବେପାର । ମୋହବତ୍ ଫୋହବତ୍‌ର ସ୍ଥାନ ନାହିଁ । ତୋ'ର ଲୋକସାନ୍ ହେବନି, ମୋ' ହାତରୁ ବେଶୀ ବାଜିବନି । ଦି'ଆଡ଼କୁ ଚାହିଁ, ଏମିତି ଗୋଟେ ସଂଖ୍ୟା କହିଦେ' ।'

'ପଇଁତିରିଶି ହଜାର ନେବି । ଏଇ କାମରେ ଅନ୍ୟ ଜାଗା ହୋଇଥିଲେ ନେଇଥାଆନ୍ତି ନବେ ।'

'ବାସନକୁସନ, ଚେୟାର୍-ଟେବୁଲ୍, ଡିସ୍, ପ୍ଲେଟ୍, ଡିନର୍ ସେଟ୍, ସବୁ ତୋ'ର ।'

'କହିଲି ପରା, ସବୁ ସବୁ । ରିସେପ୍‌ସନ୍‌ଟା ସବୁ ମୋ'ରି ଦାୟିତ୍ୱ । ଚୁଲି ଭଡ଼ା, ବାସନ, ପ୍ଲେଟ୍ ସଫା, ମୂଲିଆ ମଜୁରି ତା' ସବୁ ମୁଁ ଦେବି । ମଉସା ! ପଇସା କ'ଣ ସବୁକିଛି ? କାମଟେ କରିବି, ମିଞ୍ଜାସ୍ ଖୁସ୍ ହୋଇଯିବ । ଆମରି କାମ ।'

ବିଶୁ ତା' ବଚନ ରକ୍ଷା କରିଚି । ପିଲାଟାର ରୁଚିକୁ ତାରିଫ୍ କରିବା କଥା । ସାମିଆନା ବଦଳରେ ଟାଣିଦେଇଛି ସ୍ୱଚ୍ଛ ନୀଳ ସିଫନ୍‌ର ବିସ୍ତାରିତ କପଡ଼ା । ହୀରାଫୁଲ ପରି ଖଞ୍ଜିଚି ଛୋଟଛୋଟ ଆଲୋକ ବିନ୍ଦୁ । ନୀଳ ଆକାଶରେ ଯେମିତି ଝିଲିମିଲି କରୁଚି ସହସ୍ର ନକ୍ଷତ୍ର ।

ପୁଅ-ବୋହୂ ବସିଥିବା ପେଣ୍ଡାଲ୍‌ଟା ଗୋଟେ କୁଞ୍ଜବନପରି ଦିଶୁଚି । ଅନ୍ୟ ବାହାଘରମାନଙ୍କରେ ପ୍ଲାଇଉଡ୍-ତିଆରି, ଶସ୍ତା ନାଲି ଭେଲ୍‌ଭେଟ୍ କନା ମୋଡ଼ା, ଆଲୁମିନିୟମ୍ ପାତତିଆରି ଫଳପୁଷ୍ପ-ଲତାଘେରା ନକଲି ସିଂହାସନ ବ୍ୟବହୃତ ହୋଇଥାଏ । ବିଶୁ ପ୍ଲାଷ୍ଟର ଅଫ୍ ପ୍ୟାରିସ୍ ଦେଇ ବନେଇଚି ଦୁଇଟି ଶଙ୍ଖମଲମଲ ଗଜଦନ୍ତର ଡିଭାନ୍ । ଆରାମ୍‌ରେ ବସିପାରିବେ ନବଦମ୍ପତି ।

ପୁଅବୋହୂ ଆସନ ଉପରେ ଜମିକି ବସିଛନ୍ତି । ସୁନାଖଡ଼ିକା ପରି ବୋହୂ- ସୁନେଲୀ ଜରି କାମକରା ନାଲି ବାହ-ପୋଷାକରେ ଦାଉଦାଉ ଜଳୁଚି । ପୁଅ ପିନ୍ଧିଚି ଆଣ୍ଠୁତଳକୁ ଲମ୍ବିଥିବା ଜରିଧଡ଼ି ଲଗା ଘିଅ ରଙ୍ଗର ପଞ୍ଜାବି । ସେଇ ରଙ୍ଗର କଷାକଷି ପାଇଜାମା । କାନ୍ଧରେ ଉତ୍ତରୀୟ ।

କି ଶୋଭା ଦିଶୁଚି ହେ !

Digitized by PPRACHIN, SOA

ସାକ୍ଷାତ ଲକ୍ଷ୍ମୀନାରାୟଣଙ୍କର ଚଳନ୍ତି ପ୍ରତିମା । ଭାଗ୍ୟରେ ଥିଲେ ଏମିତି ସୁପୁତ୍ରଟିଏ ମିଳେ । ଖରାପ ଅଭ୍ୟାସ ନାହିଁ । ଖରାପ ଚିନ୍ତା ନାଇଁ । ଯାହା ଯାହା ଖରାପ ସେସବୁ ତା'ଠାରୁ ଯୋଜନେ ଦୂରରେ ।

ରିସେପ୍ସନ୍ ହଲ୍ର ପ୍ରବେଶଦ୍ୱାରରେ ଛିଡ଼ାହୋଇ ଦିଲେଶ୍ୱର ଦଣ୍ଡେ ଚାହୁଁଥିଲେ ସଦ୍ୟପରିଣୀତ ପୁଅବୋହୂଙ୍କୁ । ଫେର୍ ଦୃଷ୍ଟି ଘୁରାଇ ଆଣୁଥିଲେ ଆଲୋକ-ମଣ୍ଡଣିରେ ଚକ୍ଚକ୍ କରୁଥିବା ବିଶ୍ୱ କାରିଗରର ମାୟାମହଲ ଆଡ଼କୁ ।

ସଚିବାଳୟରେ ଯେତେବେଳେ ୧୯୫୯ରେ କିରାଣୀ ପଦବୀରେ ଯୋଗଦେଲେ, ଇଚ୍ଛାର ଭ୍ରୁଣଟିଏ ସଂଚରିଥିଲା, ରାଜଧାନୀରେ ଜମିଖଣ୍ଡେ ପକାନ୍ତେ । ସେତେବେଳେ ଦରମା ଥିଲା ମାସିକ ଅଶୀଟଙ୍କା । ଚାକିରିର ବର୍ଷ ଦୁଇଟାରେ ବିଲଖଣ୍ଡେ କିଣିଥିଲେ—କଟକୀ ଗୁଣ୍ଠରେ ଦଶଗୁଣ୍ଠ- ସାତଶ' ଟଙ୍କାରେ । ନିଜ ସଂଚୟରୁ କିଛି, ଆଉ କିଛି ଧାର୍ଉଧାର୍ କରି । ଜମି ଖଣ୍ଡକରେ ତିନିଫୁଟ ଉଚ୍ଚ ମାଙ୍କଡ଼ାପଥର ପାଚେରୀ ଘେରାଇବାରେ ଲାଗିଲା ପାଞ୍ଚବର୍ଷ ସମୟ ।

ବେତନ ବଢୁଥାଏ ସତ୍ୟ, କିନ୍ତୁ ଆନୁପାତିକ ଗତିରେ ବଢୁଥାଏ ସଂସାର । ଗୋଟିଏ ଝିଅ—ଉର୍ମିଳା । ପୁଅଟିଏ ତା' ତଳକୁ—ସୁଶୋଭନ ।

ଜୋର୍ କରି ସ୍ତ୍ରୀଙ୍କର ବନ୍ଧ୍ୟାକରଣ ଅସ୍ତ୍ରୋପଚାର କରାଇଦେଲେ ।

'ସମ୍ଭାଳି ହେଉନି, ଦେଖୁଚ ଖର୍ଚ୍ଚ ! ଥୋଡ଼େ ଜନ୍ମକରିବ, ପିଲାଙ୍କୁ ଖୋଇବ ପଖାଳ ଭାତ, ସଜନା ଶାଗ । ଏ ଦୁଇଟିଙ୍କୁ ଖୋଇପେଇ ମଣିଷ କର । ମଲାବେଳେ ତୁଣ୍ଡରେ ଗଙ୍ଗାଜଳ ଢାଳିବେ । କଳିଯୁଗରେ ବହୁକୁଟୁମ୍ବୀ ମହାପାପୀ ।'

ସ୍ତ୍ରୀ କ'ଣ କରନ୍ତେ ଆଉ ! ମଫସଲୀ ସ୍ୱଳ୍ପଶିକ୍ଷିତା, ପଲ୍ଲୀବଧୂ ।

ସେଇ ତନୁନହକା ଗ୍ରାମ୍ୟବଧୂଟି ଆଜି ହଜିଯାଇଚି ଗଦାଏ ମାଂସ ଆଉ ଚର୍ବିର ଆସ୍ତରଣ ସନ୍ଧିରେ ।

ପଞ୍ଚାବନ ବର୍ଷର ସୁରେଖା ଦିଶୁଥିଲେ, ସତୁରୀବର୍ଷର ପୃଥୁଳକାୟା ବୁଢ଼ୀଟେ ପରିକା ।

ବଡ଼ଝିଅ ଉର୍ମିଳା ମା'କୁ ନେଇ ବିଉଟିପାର୍ଲର୍ରେ ଫେସିଆଲ୍ କରେଇ ଆଣିଚି । ସଫେଦ କେଶ ଗହଳରେ ଆଙ୍କି ଦେଇଚି କଜ୍ଜଳକଳା ତୂଳୀରେଖା ।

Digitized by PPRACHIN, SOA

'ବାହାଘରକୁ କେତେ ବନ୍ଧୁବାନ୍ଧବ, ଭଦ୍ରଲୋକ ଆସିବେ । ସମସ୍ତେ କହିବେ, ସୁଶୋଭନର ଢେଙ୍କେମା', ଝିଅ ତାଗିଦ୍ କରିଥିଲା ।

ହଳଦୀବସନ୍ତ ରଙ୍ଗର ବମ୍‌କାଇ ପାଟଟିଏ ପିନ୍ଧି ପାଞ୍ଚସୋରିଆ ସୁନାହାରଟେ ବେକରେ ଲମ୍ବେଇ ସୁରେଖା ନଟୁପରି ଘୂରୁଛନ୍ତି ଏପଟରୁ ସେପଟ ।

ଏବେ ଟିକେ ଅନେଇହଉଚି ହେଲେ । ପଛକଥା ମନେପଡ଼େ । ପିଲାଛୁଆ କିଛି ହୋଇନଥା'ନ୍ତି । ପଥର ଶିଳରେ ମସଲା ବାଟୁଥାଆନ୍ତି ସୁରେଖା । ଦୋହଲିଯାଉଥାଏ ପିଠି, ଛାତି, ଅଣ୍ଟା । ତନ୍ମୟ ହୋଇ ଅନେଇ-ଥାଆନ୍ତି ଦିଲେଶ୍ୱର ।

'ହେ ବେହିଆ, ଦେଖିନ ଜମା ରୂପଛଟକ ? ଏଇଟା ଖବରକାଗଜ ପଢ଼ିବା ଜାଗା ? ଭିତରକୁଯାଇ, ଫ୍ୟାନ୍ ତଳେ ବସି ପଢ଼ ।'

ସେ ଶବ୍ଦଗୁଡ଼ାକ କେବେଠାରୁ ହଜିଗଲେଣି ଇତିହାସର ମଳିନ ପୃଷ୍ଠା ଭିତରେ ।

ସମୟର ଚକ୍ରବାତ ଝଡ଼ାଇଦିଏ ପେଚ୍ଛିପେଚ୍ଛି ଆମ୍ବ, ଗଛଡାଳରୁ ଭୂଇଁ ଉପରକୁ । ଯୌବନର ରୁପା ପିକଦାନୀରେ ପାନଛେପ ଦାଗ ବସିଯାଏ । ଚଞ୍ଚଳ ଚାହାଣୀ ହୁଏ ସ୍ଥିର, ସମାହିତ । ଚାନ୍ଦିପୁରର ଅମେଇସା ରାତି ବେଳାଭୂମି ପରି ଶରୀର ହୁଏ କାଦୁଅବୋଳା, ରସହୀନ୍, କର୍ଦ୍ଦମ ପିଣ୍ଡୁଳା ।

ସନ୍ଧ୍ୟାରୁ ବିମଳକାନ୍ତ ଆସି ପହଞ୍ଚିଲେ । ସାଥିରେ ସାଜଗୋଜରେ ସହଧର୍ମିଣୀ ସାବିତ୍ରୀ ।

'କ'ଣ ବନ୍ଧୁ ! ଭୋଜିଖାଇ ଆସିଚ ନା ? କିଓ ସ୍ୱାମୀ ସ୍ତ୍ରୀ ଦି'ଜଣ, ସାବିତ୍ରୀ ସତ୍ୟବାନ, ଦିନସାରା କ'ଣ କରୁଥିଲ ? ବଗୁଲା ବଗୁଲୀ ପ୍ରେମ ?'

ଦିଲେଶ୍ୱରଙ୍କ ପରିହାସଭରା ସ୍ୱର ତୀରପରି ବିନ୍ଧି ହୋଇଯାଉଥିଲା, ବିମଳଙ୍କ ଛାତି କଲିଜାରେ ।

ନ ଆସିଲେ ନଚଳେ, ସେଥିପାଇଁ ଆସିବାକୁ ହେଲା । ଅତି ନିକଟସଂପର୍କୀୟ ବନ୍ଧୁ । ସୁଖଦୁଃଖରେ ଛିଡ଼ା ନ ହେଲେ କି ବନ୍ଧୁ !

ନିଜକୁ ସମ୍ଭାଳିନେଇ କହିଲେ–'ଛଅଟା ବାଜିଚିପରା । ଭୁବନେଶ୍ୱରରେ କେହି କ'ଣ ସାଢ଼େସାତ ପୂର୍ବରୁ ଭୋଜିଖାଇ ଆସନ୍ତି ?'

Digitized by PPRACHIN, SOA

ସାବିତ୍ରୀ ଭିତରକୁ ଗଲେ । ଦ୍ୱାରଦେଶରେ ବିମଳ ଛିଡ଼ାହେଲେ ବଡ଼ସଜ୍ଜୁ ଦିଲେଶ୍ୱରଙ୍କ ପାଖରେ ।

'ବୁଝିଲ ବିମଳବାବୁ ! ଢେର୍ ଦେବାନେବା କରିଛନ୍ତି । ଦଶଲକ୍ଷ ନେଟ୍ କ୍ୟାସ୍ । ଚନ୍ଦ୍ରଶେଖରପୁରରେ ତିନିହଜାର ବର୍ଗଫୁଟର ଜମି । ମାରୁତି ଜେନ୍ କାର୍‌ଟିଏ । ସୁନାଗହଣା ତ ଦେଖୁଚ । ଝିଅକୁ ଅଳଙ୍କାରରେ ମଣ୍ଡିଦେଇଛନ୍ତି ।'

'ହଁ, ଗୋଟେ ଝିଅ ତ ! ଜମି, ଘର ବାକି ଯାହା ରହିଲା ଝିଅ ନାଁରେ ଉଇଲ୍ କରି ଦଉନାହାନ୍ତି ?' ବିମଳକାନ୍ତ ମୃଦୁ ତାଚ୍ଛଲ୍ୟ ହାଣିଲେ ।

'କି କଥା କହୁଚମ ? ପ୍ରତାପନଗରୀ ଫାର୍ମ ହାଉସ୍‌ରେ ବୁଢ଼ୀବୁଢ଼ା ଦି'ଜଣ ରହୁଛନ୍ତି । ସାକ୍‌ସବ୍‌ଜି, ମାଛଚାଷ କରି ସମୟ କଟାଉଛନ୍ତି । ତାଙ୍କ ଅନ୍ତେ ମାଲିକ ହବ କିଏ, ସେଇ ଝିଅନା ! ସେୟାର୍ ଡିବେଞ୍ଚର୍, ମ୍ୟୁଚୁଆଲ୍ ଫଣ୍ଡ, ଡାକଘର ଜମା– ସବୁଥିରେ ନୋମିନୀ ତ ଝିଅ ।' ସମୁଦିଘରର ଅନର୍ଗଳ ପ୍ରଶସ୍ତି ଗାନ କରୁଥିବା ବେଳେ ଦିଲେଶ୍ୱରବାବୁଙ୍କ ପିଠିକୁ ପଛରୁ କିଏ ଖୁପୁରାଇଲା । ବିରକ୍ତ ହୋଇଗଲେ । ବୁଲିପଡ଼ି ଦେଖିଲେ ସୁରେଖା ।

'ଦେଖ ବିମଳବାବୁ, ତୁମ ଦେଢ଼ଶାଶୁଙ୍କ ମହିମା ଦେଖ । ପାଟି ସିଲ୍ ହେଇଚି କି ? ଚିମୁଟି ପକଉଚ ।'

ଧୀର ସ୍ୱରରେ ସୁରେଖା କହିଲେ–'ଆପୁଡ଼ାଟା ତୁମକୁ ଚିମୁଟା ପରି ଲାଗୁଚି ? ଆସ ଘରଭିତରକୁ, ଜରୁରି କଥା ଅଛି ।'

ଏ ବେଳରେ କି ଜରୁରି କଥା ? ପୁଅବୋହୂଙ୍କ ଭିତରେ ଝଗଡ଼ା ହୋଇନି ତ !

କିଏ କହିପାରିବ ?

ବଡ଼ଘର ଝିଅ, ଦିମାଗ୍ କେମିତି ଥିବ ?

ନା, ପୁଅବୋହୂ ସୁସଜ୍ଜିତ ମଞ୍ଚରେ ବସି ହସାହସି ହେଉଛନ୍ତି ।

ଏପରି ଆଶଙ୍କା ଭିତ୍ତିହୀନ । କ'ଣ ଆଉ ହୋଇପାରେ ?

'ବାବୁ ବିମଳ ! ଟିକେ ଦୁଆରପାଖରେ ଥାଅ । ଅତିଥିମାନଙ୍କୁ ପାଛୋଟି ନେବ ମୋ' ତରଫରୁ । ମୁଁ ଶୁଣିଆସେ, କ'ଣ କହିବେ ଧର୍ମପତ୍ନୀ ।'

ବାଲ୍‌କୋନୀର ଗୋଟେ କଣକୁ ଡାକିନେଇ ସୁରେଖା ସ୍ୱଳ୍ପସ୍ୱରରେ କହିଲେ– 'ମାଆଙ୍କର ଘଡ଼ଘଡ଼ ଶବ୍ଦ ଆଉ ଶୁଭୁନି ।'

Digitized by PPRACHIN, SOA

ମା' । ପଞ୍ଚାଅଶୀ ବର୍ଷର ଜରାଗ୍ରସ୍ତ ବୁଢ଼ୀଟିଏ । ବାର୍ଦ୍ଧକ୍ୟଜନିତ ନାନା ଉପସର୍ଗ ଭୋଗି ଭୋଗି ଗତକାଲି ରାତିରେ କୋମା ଷ୍ଟେଜ୍‌କୁ ଚାଲିଗଲେ । ଡାକ୍ତର ଆଶ୍ୱାସନା ଦେଇଥିଲେ–ଏମିତି କଟିଯିବ ଅତିକମ୍‌ରେ ଛତିଶଘଣ୍ଟା । ମାଆ ଶୋଇଥିବା କୋଠରୀ ଭିତରକୁ ପଶିଗଲେ ଦିଲେଶ୍ୱର । ଶୀର୍ଣ୍ଣ କଙ୍କାଳଟିଏ ପତଳା ଚାଦର ଘୋଡ଼ିହୋଇ ଶୋଇଥିବା ଭଳି ଦୃଶ୍ୟ । ପାଟି ଆଁ ହୋଇ ରହିଛି । ଆଖିଦୁଇଟି ଖୋଲା । ଡାକ୍ତର ରଜନୀକାନ୍ତଙ୍କୁ ଟେଲିଫୋନ୍ ଲଗେଇଲେ–

'ରଜନୀ ! କ'ଣ କରୁଚ ?'

'ତୁମ ରିସେପ୍‌ସନ ପାଇଁ ସଜବାଜ ହୋଇ ବାହାରୁଚି ।'

'ଟିକେ ଶୀଘ୍ର ଆସ ।'

'କ'ଣ କିଛି ଅଘଟଣ ?'

'ଘଟିଥାଇପାରେ ।'

'ହଉ, ବାହାରିଲି ।'

ମାଆଙ୍କ ନାସାରନ୍ଧ୍ର ପାଖରେ ପାପୁଲି ଥୋଇଲେ ଦିଲେଶ୍ୱର । ଚଞ୍ଚଳ ବାୟୁ ସ୍ଥିର ହୋଇଯାଇଛି । ଯେଉଁ ଛାତିଟା ଉଠୁଥାଏ, ପଡୁଥାଏ ଅଳ୍ପ ଅଳ୍ପ ସମୟ ବ୍ୟବଧାନରେ, ନିଶ୍ଚଳ ହୋଇଯାଇଚି ।

ଡାକ୍ତର ନାଡ଼ୀ ଦେଖିଲେ । ପାଦ ଓ କପାଳର ଶୀତଳତା ମାପିଲେ ।

'ଘଣ୍ଟାଏରୁ ଊର୍ଦ୍ଧ୍ୱ ହେବ ଚାଲିଗଲେଣି ।'

'ହେ ଭଗବାନ ! କ'ଣ ହେବ ଏବେ !'

ଡାକ୍ତର ପ୍ରଥମେ କିଛି ବୁଝିପାରିଲେ ନାହିଁ । କ'ଣ କହିବାକୁ ଚାହୁଁଛନ୍ତି ଦିଲେଶ୍ୱର ।

'ଶବସତ୍କାରର ଆୟୋଜନ କର ।' ନିସ୍ପୃହ ସ୍ୱରରେ ଡାକ୍ତର ଉତ୍ତର ଦେଲେ ।

'ତୁମେ ହୋସ୍‌ରେ ଅଛ ତ ରଜନୀ ? ଘରେ ମଡ଼ା ପଡ଼ିଥିଲେ, ଅଭ୍ୟାଗତ ଅନ୍ନଦାନାଟିଏ ତୁଣ୍ଡରେ ଦେବେ ? ଦେଢ଼ଲକ୍ଷ ଟଙ୍କା ପାଣିରେ ଭାସିଯିବ । ଦୁଇହଜାର ଲୋକଙ୍କ ପାଇଁ ଭୋଜନ ସାମଗ୍ରୀ ତିଆରି ସରିଚି । କିଛିଗୋଟେ ଉପାୟ ବାହାରୁ ।'

Digitized by PPRACHIN, SOA

ନୀରବ ରହିଲେ ଡାକ୍ତର କିଛିକ୍ଷଣ । ତା'ପରେ କହିଲେ–

'ମୋବାଇଲ୍‌ଟା ଦିଅ । ମୁଁ ନର୍ସିଂହୋମ୍‌ରୁ ଆମ୍ବୁଲାନ୍ସ ମଗାଇ ଦେଉଚି । ସମସ୍ତଙ୍କୁ କହିଦେବ, ମା' ସିରିୟସ୍ ହୋଇଯିବାରୁ ଅକ୍ସିଜେନ୍ ଦେବା ପାଇଁ ନର୍ସିଂହୋମ୍ ନିଆଗଲା ।'

ଦ୍ୱାରବନ୍ଧରେ ନୀରବ ହୋଇ ସବୁ ଶୁଣୁଥିଲେ, ଆଜି ଉତ୍ସବର ମୁଖ୍ୟ ଆକର୍ଷଣ, ସୁଶୋଭନ । ଦିଲେଶ୍ୱରଙ୍କ ଦୃଷ୍ଟି ପଡ଼ିଗଲା ।

'ବୋହୂକୁ ଏକାଛାଡ଼ି ତୁ ଏଠି କ'ଣ କରୁଚୁ ? ଯା' କହୁଚି । ଯାହା କରିବା କଥା ଆମେ କରିବୁ ।'

ଅଶୀତିପର ବୁଢ଼ୀଲୋକଟିର ନିର୍ଜୀବ ଦେହ ଷ୍ଟ୍ରେଚରରେ ବୁହାହୋଇ ଆମ୍ବୁଲାନ୍ସରେ ଲଦାହେଲା ।

'ବିମଳବାବୁ ! ଟିକେ ଦେଖାରଖା କର । ମାଆଙ୍କୁ ଆଡ୍‌ମିସନ୍ କରାଇ, ଅକ୍ସିଜେନ୍ ସିଲିଣ୍ଡର୍ ଲଗାଇ ସାଙ୍ଗେସାଙ୍ଗେ ଫେରିଆସୁଚି ।'

ମାଳତୀ ନର୍ସିଂହୋମ୍‌ର ଫାର୍ମାସିଷ୍ଟ କ'ଣ କମି ବଦମାସ !

'ଏଇଟା ନର୍ସିଂହୋମ୍ ନା ମଶାଣି ? ପାଗଳ ଲୋକ । କିଏ ଡାକ୍ତରଖାନାକୁ ମୁର୍ଦ୍ଦାର ନେଇ ଆସେ !'

ଦିଲେଶ୍ୱର ବଡ଼ ଅସୁବିଧାରେ ପଡ଼ିଲେ । ବୁଢ଼ୀଟା ଆଉ ଚାରିପାଞ୍ଚ ଘଣ୍ଟା ଅପେକ୍ଷା କରିପାରିଲାନି ? ସବୁ ସୁଖ ପାଣିଫୋଟକା ପରି ମିଳେଇଦେଲା ? ଦୋଷ ଛିଡ଼ିଲା ସୁରେଖାଙ୍କ ଉପରେ । କି ଦରକାର ଥିଲା ତୋର, କବାଟ ପାଖରେ କାନେଇବାକୁ ଘଡ଼ଘଡ଼ ଶବ୍ଦ ଶୁଭୁଚି କି ନାଇଁ ।

ଏ ସମୟରେ ଅସ୍ଥିର ହେଲେ ଚଳେ ?

'ଆପଣଙ୍କ ନାଁ କ'ଣଟି ?'

'ନାଁରୁ କ'ଣ ମିଳିବ ? ମୋ ନାଁ ସୁବୋଧ ।'

'ହଁ ସୁବୋଧବାବୁ, ଡାକ୍ତର ରଞ୍ଜନୀ ମୋର ବାଲ୍ୟବନ୍ଧୁ । ଏଇ ନର୍ସିଂହୋମ୍‌ରେ ସର୍ଜରୀ କରନ୍ତିନା ! ସେ ସବୁ ଜାଣିଛନ୍ତି । ତାଙ୍କରି ପରାମର୍ଶରେ ଆସିଚି । ଏସି କ୍ୟାବିନ୍‌ରେ ଗୋଟେ ରାତି ପାଇଁ ବୁଢ଼ୀକୁ ଶୁଆଇଦିଅ ।'

'ଭଲ ପାଠତ ! ଆପଣ ବୁଝୁନାହାନ୍ତି କାହିଁକି ? କେଉଁ ଡାକ୍ତରୀ ଏଥିକ୍ସରେ ଲେଖାଅଛି, ଶବଟାକୁ ମେଡିକାଲ୍‌ରେ ଆଡ୍‌ମିଶନ କରାଯିବ ?'

Digitized by PPRACHIN, SOA

'ରଜନୀବାବୁଙ୍କ ସାଙ୍ଗେ କଥା ହେବେ ?'

'ରଖ ହେ ତମ ରଜନୀବାବୁ । ଆଡ୍‌ମିଶନ୍ ଚାର୍ଯରେ ମୁଁ । ଭଲମନ୍ଦକୁ ମୋତେ ଦାୟୀ କରାଯିବ । ପୋଲିସ୍ ବାନ୍ଧିଲେ, ବାନ୍ଧିବ ମୋତେ । ସେଥର ଗୋଟେ ଦରବୁଢ଼ା ଲୋକକୁ ଆଣିଲେ, କ'ଣନା ତାଳଫୋଟକା ଫୁଟି ପାପୁଲି ଜଳିଯାଇଚି । ଆଡ୍‌ମିଶନ୍ କରିଦେଲୁ । ଟ୍ରିଟ୍‌ମେଣ୍ଟ ପରେ ଭଲ ହୋଇ ଫେରିଲା । ତା'ର କିଛିଦିନ ବା'ଦେ ବାରୁଦ ଗନ୍ଧ ଶୁଙ୍ଘିଲା ପରି ପୋଲିସ୍ ହାଜର । 'ତମେ ଗୋଟେ ଡକାୟତକୁ ଆଡ୍‌ମିଶନ୍ କରିଥିଲ । ବୋମା ଭିଡୁଭିଡୁ ବିସ୍ଫୋରଣରେ ତା' ପାପୁଲି ଫାଟିଯାଇଥିଲା ।' ନିଅ । ଆରେ ବାବା, ଡକାୟତ, ଭଲଲୋକ– ଏମିତି ମୋହର ମଣିଷ ଦିହରେ ବସିଥାଏ ? ଆମେ କି ସର୍ବଜ୍ଞ ? ଜାଣିବୁ କେମିତି ? ରେଜିଷ୍ଟର୍‌ରେ ଯେଉଁ ନାମ, ଠିକଣା ଲେଖା ଥିଲା ସବୁ ଫଲ୍‌ସ । ଥାନାରେ ଦି'ଦିନ ଅଟକାଇଲେ ମୋତେ । ଆଠ ଦଶଟା ଠେଙ୍ଗୁଣି ମାଡ଼ ଖାଇଥିବି । ସେ ରଜନୀବାବୁ ବା ଗଜନୀବାବୁ ହୁଅନ୍ତୁ, ନିଜେ ଆସି ଆଡ୍‌ମିଶନ୍ କରାଇ ଦେଲେନି ? ଦୁଃଖୀଲୋକଟିଏ ମୁଁ, ବାର ଝମେଲାରେ କିପାଇଁ ପଶିବି ?'

'ବୁଝିବାକୁ ଚେଷ୍ଟା କରନ୍ତୁ, ସୁବୋଧବାବୁ । ଏ ବୁଢ଼ୀଟି ମୋ' ମା' । ନିରୀହ ବୟସାଧିକ୍ୟ ମହିଳାକୁ କିଏ କାହିଁକି ହତ୍ୟା କରିବ ? ଏଥିରେ କିଛି ବି କ୍ରିମିନାଲ୍ ମୋଟିଭ୍ ନାହିଁ ।'

'କି ମୋଟିଭ୍ ଅଛି, ଏଁ ? କ'ଣ ବୁଝିବି ? ମଲାଲୋକଙ୍କୁ ସତ୍ୟନଗର ନ ନେଇ ଆଣିଛନ୍ତି ମାଳତୀ ନର୍ସିଂହୋମ୍‌କୁ । ମୋତେ ସନ୍ଦେହ ହେଉଚି ।'

'ଅସଲ କଥାଟି କହିନି ପରା । ପୁଅ ବାହାଘର ଚତୁର୍ଥୀ ଭୋଜି । ଘରେ ମୁର୍ଦ୍ଦାରଟିଏ ପଡ଼ିରହିଲେ... । ଯଦି କିଏ ଜାଣିପକାଇଲା, କି'ଅନର୍ଥ ହେବ !'

'ବାଃ... ଭଲ ସଂସ୍କାର ଆପଣଙ୍କର । ମା' ମରିକି ଜୁଇ ଅପେକ୍ଷାରେ, ତେଣେ ଭୋଜି ମଉଛବ ! କି ନ ଦେଖିଲା ନେତ୍ରରେ !'

ଦିଲେଶ୍ୱର ଠିକ୍ କଲେ ଅମୋଘ ଅସ୍ତ୍ରଟି ପ୍ରୟୋଗ କରିବାକୁ ପଡ଼ିବ, ଯାହା ପାଖରେ ହାର୍ ମାନିଯାଏ ନୀତି-ଅନୀତି, ପାପ-ପୁଣ୍ୟ, ଧର୍ମ-ଅଧର୍ମ ।

Digitized by PPRACHIN, SOA

ପକେଟ୍‌ରୁ ଦଶଖଣ୍ଡ ପାଞ୍ଚଶ' ଟଙ୍କା ନୋଟ୍ କାଢ଼ି ସୁବୋଧଙ୍କ ପକେଟ୍‌ରେ ଗୁଞ୍ଜିଦେଇ ହାତଧରି ନେହୁରା ହେଲେ—

'ଭାଇ, ଟିକେ ସାହାଯ୍ୟ କର । ଅକାଳେ ନିୟମ ନାସ୍ତି । ଆଡ୍‌ମିଶନ୍ ରେଜିଷ୍ଟରରେ ଏଣ୍ଟ୍ରି କରନା । ସକାଳୁସକାଳୁ ଆସି ଶବ ନେଇଯିବୁ ।'

ସୁବୋଧବାବୁ ନରମିଗଲେ । ପାଟିକରି ବେ଼ହେରାକୁ ଡାକିଲେ—'ଏ.ସି. ରୁମ୍‌ଟା ଖାଲି ଅଛିପରା ? ଷ୍ଟ୍ରେଚରକୁ ପୂରେଇ ବାହାରୁ କୋଲପ ଦେଇଦେ ।'

ବେହେରା ଆବାକାବା ହୋଇ ଅନେଇଲା । ଇଏ କି ଚିକିତ୍ସାରେ ବାବା ! ପେସେଣ୍ଟ୍‌କୁ ଭିତରେ ପୂରାଇ ବାହାରୁ ଚାବି ?

ଛିଡ଼ା ହୋଇ ବିମଳବାବୁଙ୍କ ଆଣ୍ଠୁଗଣ୍ଠି ଧରିନେଲାଣି । କେତେ କାହାକୁ ନମସ୍କାର, କରମର୍ଦ୍ଦନ କରିବେ ! ଭାରି ଭଦ୍ରଲୋକ ଦିଲେଶ୍ୱରବାବୁ ! ମୁଁ କ'ଣ ଏୟାର୍ ଇଣ୍ଡିଆର ମହାରାଜା; କୁର୍ଣ୍ଣିସ୍ କରିବା ଭଙ୍ଗୀରେ ଛିଡ଼ା ହୋଇଥିବି ଘଣ୍ଟାଘଣ୍ଟା ? ପୁଅ ବାହାଘର ମଜା ନେଲ ତମେ । ଗଣିଗାଣି ଧନ ଦଉଲତ ଆଣିଲ । ରାଜସଭା ପରି ଅଭ୍ୟର୍ଥନା କକ୍ଷଟିଏ ତିଆରି କଲ । ପୁଅ ବାହା କରିନ ଯେ ଗଡ଼ ଜିତିଯାଇଚ । କି ଅଲାଜୁକ ମଣିଷ । ଝିଅମାନେ ସିନା ଫୁଲେଇ ହୁଅନ୍ତି, ଏ ବୁଢ଼ାଟା ଏଡ଼େ ନିର୍ଲଜ୍ଜ ! ଖାସ୍ ନିଜ କଥା ଗପିବ । ନିଜର ବାହାଦୂରୀ, କରିତ୍‌କର୍ମାପଣ ।

'ମୋ' ପୁଅ ତୋ' ପୁଅଠୁ ଢେର୍ ବ୍ରିଲିଆଣ୍ଟ୍ ଥିଲା' । ବିମଳବାବୁ ମନକୁମନ ଗୁଣି ହେଲେ ।

ସେ ଯୋଜନା କରି ଆସିଥିଲେ, ଅଧଘଣ୍ଟେ, ପଇଁଚାଳିଶ ମିନିଟ୍ ରହି, ଗଣ୍ଡେ ଖାଇ, ଚୁପ୍‌କିନା ଖସିଯିବେ । କିଏ ଜାଣିଥିଲା, ଏମିତି ହରଡ଼ଘଣାରେ ଫସିଯିବେ !

ସମସ୍ତେ ଗୋଟିଏ ପ୍ରଶ୍ନ ପଚାରୁଛନ୍ତି—'ଦିଲେଶ୍ୱରବାବୁ ?'

ସେଇ ଗୋଟିଏ ପ୍ରକାର ଉତ୍ତର—'ମାଆଙ୍କ ଦେହ ଅତିଶୟ ଖରାପ । ନର୍ସିଂହୋମ୍ ଯାଇଛନ୍ତି ।'

ସମ ପ୍ରଶ୍ନ, ସମ ଉତ୍ତରରେ ସେ ଅତିଶୟ ଥକିପଡୁଥିଲେ ।

Digitized by PPRACHIN, SOA

ଆଲୋକମାଳାର ଲହରୀ ବିଷପରି ଚରିଯାଉଥିଲା ତାଙ୍କ ଅଙ୍ଗପ୍ରତ୍ୟଙ୍ଗରେ । କ'ଣ ନ କଲା ତାଙ୍କର ଏକମାତ୍ର ଅଲ୍ୟଳ ପୁଅ !

ଦୀର୍ଘଶ୍ୱାସଟିଏ ପଞ୍ଜରା ଥରାଇ ବାହାରି ଆସିଲା ।

ଭାଗ୍ୟ ପାଖରେ ପୁରୁଷକାର ତୁଚ୍ଛ । ଦିଲେଶ୍ୱର ସଚିବାଳୟରେ ସିନିୟର୍ ଆସିଷ୍ଟାଣ୍ଟ୍ ଥିଲାବେଳେ ବିମଳ ଆସିଷ୍ଟାଣ୍ଟ ଇଞ୍ଜିନିୟର ଚାକିରିରେ ଯୋଗଦେଲେ । ପରେ ପରେ ବାହାହେଲେ ସୁରେଖାଙ୍କ ସାନଭଉଣୀ ସାବିତ୍ରୀଙ୍କୁ । ସାବିତ୍ରୀ ସୁରେଖାଙ୍କ ଭଳି ଅଳ୍ପଶିକ୍ଷିତା ନଥିଲେ ।

ସୁରେଖା ପରି ନୀରସା ଶ୍ୟାମଳବର୍ଣ୍ଣା ନଥିଲେ, ଥିଲେ ତନ୍ୱୀ, ସୁନ୍ଦରୀ, ଗୌରାଙ୍ଗିନୀ । ଭାରି ରୋମାଣ୍ଟିକ୍ ଝିଅଟିଏ ସାବିତ୍ରୀ । ତା'ରି ପ୍ରେମରେ ସେ ପଡ଼ିଯାଇଥିଲେ କଲେଜ୍ କ୍ୟାରିଅର୍‌ରୁ । ସହପାଠିନୀ ହେଲା ସହଧର୍ମିଣୀ, ବିନା ଯାନିଯୌତୁକରେ ।

ହନିମୁନ୍ ପାଇଁ ସେମାନେ ଯାଇଥିଲେ ଲାକ୍ଷାଦ୍ୱୀପ, କୁଲୁଭ୍ୟାଲି, କୋଡାଇକାନାଲ । ବୁଲିବୁଲି ହନିମୁନ୍ କରୁଥିଲେ । ମନେମନେ ଭାବୁଥିଲେ, କେବଳ ଭାଗ୍ୟବାନ ପୁରୁଷ ପ୍ରେମିକାକୁ ସ୍ତ୍ରୀ ଭାବରେ ପାଇଥାଏ ।

ଯଥାସମୟରେ ସୁନ୍ଦର ପୁଅଟିଏ ଜନ୍ମ ହେଲା । ନାଁ ରଖିଲେ ପ୍ରଭାକର । ସୂର୍ଯ୍ୟ ସମ ତେଜୀୟାନ ହେଉ ପିଲାଟା । ଚନ୍ଦ୍ରକଳା ପରି ବଢ଼ିବଢ଼ି ଚାଲିଲା ମାନବ ଶିଶୁ ।

ମେଧାବୀ । ସ୍ୱଳ୍ପଭାଷୀ । ସଲଜ୍ଜ । ସଂଯତ । ଜାଭିଏର୍ସରେ ମ୍ୟାନେଜ୍‌ମେଣ୍ଟ କରୁକରୁ କ୍ୟାମ୍ପସ୍ ସିଲେକ୍‌ସନରେ ମନୋନୀତ କରିନେଲେ ଓରିଏଣ୍ଟାଲ୍ ନାଓଟେକ୍ । ଗୋଟିଏ ବହୁରାଷ୍ଟ୍ରୀୟ କମ୍ପାନୀ । ପୋଷ୍ଟିଂ ହେଲା ଭୁବନେଶ୍ୱରରେ । ବାପ ମା' ପୁଅ ପାଇଁ ବୋହୂ ଖୋଜିଲେ । ବିବାହ ପ୍ରତି ଆଗ୍ରହୀ ନଥିଲା ପ୍ରଭାକର । ସାବିତ୍ରୀ ବୁଝାଇଲେ–'ବାପା ରିଟାୟର୍ କରିଗଲେ । ସମୟ କିପରି କଟିବ ? ବୋହୂଟିଏ ଆ'ଣେ ।'

ପ୍ରଭାକର ନୀରବ ।

ବିବାହ ପ୍ରସଙ୍ଗ ପଡ଼ିଲା ମାନେ ଇ ଖସି ପଳାଇଯିବ ।

Digitized by PPRACHIN, SOA

ପୁଅର ଇଏ କି ମତିଗତି ବୁଝିହୁଏନା । ଗୋଟେ ନିରୁତ୍ତର ଯୁବକଠାରୁ, ଖୋଲିଖାଲି କେମିତି କଥା ବାହାର କରିହେବ ?

ରାଉତରାୟବାବୁଙ୍କ ମିସେସ୍ ସେଦିନ ବୁଲି ଆସିଥିଲେ । ସାବିତ୍ରୀ ଗପସପ ହେଉଥିଲେ ତାଙ୍କ ସହିତ ।

'ସାବିତ୍ରୀ ! କଥାଟିଏ କହିବି, ଖରାପ ଭାବିବନି ?'

'କହୁନା ?'

'ଦାଶରଥିବାବୁ ଜୁନିୟର୍ ଜିଞ୍ଜିନିୟରଙ୍କୁ ଜାଣିଥିବ । ଗତବର୍ଷ ଅବସର ନେଲେ ।'

'ହଁ ହଁ ସେ ଆମ ନିଜଲୋକ । ଯାଙ୍କ ପାଖେ ଜୁନିୟର ଇଞ୍ଜିନିୟର ଥିଲେ ।'

ଦାଶରଥିଟି ଅମାୟିକ । ରୋଜ୍ ତାଙ୍କ ଘରକୁ ଘେରାଏ ବୁଲିଯାଉଥିଲେ, କୋରାପୁଟରେ ଏକାଠି ପୋଷ୍ଟିଂ ହୋଇଥିବା ସମୟରେ । ରଜକୁ ଆଣିବେ ଆମ୍ବ ପଣସ । ଦୋଳକୁ ରଙ୍ଗ, ଅବିର । ଆମ୍ବ ସିଜିନ୍‌ରେ ଆମ୍ବ । ଦଶହରାରେ ଲୁଗାପଟା, ମିଠା ପ୍ୟାକେଟ୍ । ପାଖାପାଖି କ୍ୱାର୍ଟରରେ ରହୁଥିଲେ । ସ୍ତ୍ରୀଟି ତାଙ୍କର ଭାରି ମେଳାପୀ, ଭଦ୍ର । ଗୋଟେ ବୋଲି ପୁଅ, ଟିକେ ଆଡ୍‌ବାୟା । ପାଠଶାଠରେ ମନ ନଥାଏ । ଘୁଷୁଡ଼ିଘୁଷୁଡ଼ି ବି.ଏ. ପର୍ଯ୍ୟନ୍ତ ଗଲା । ବାପା କିଛି ଟଙ୍କା ଦେଲେ, ବେପାର କରିବା ପାଇଁ । ଭୁବନେଶ୍ୱର ପଟିଆ ଅଞ୍ଚଳରେ ଘରଟିଏ ତୋଳିଛନ୍ତି । ଛ'ସାତବର୍ଷ ତଳେ ପୁଅକୁ ବାହାକରିଦେଲେ, ସୁନ୍ଦର ଝିଅଟିଏ ଦେଖି । ନାତିନାତୁଣୀ ଦୁଇଟି । ମୁନା, ମିନା । କୌତୁକିଆ ଛୁଆ ।

'ଅଟକିଗଲ ଯେ ? କୁହ, ଦାଶରଥିବାବୁଙ୍କ କଥା ।'

'ପ୍ରଭାକର ସନ୍ଧ୍ୟାବେଳ ଗୋଟାକ ତାଙ୍କରି ଘରେ କଟଉଚି ।'

'ଏଇ କଥାକୁ ଏତେ ସିରିଅସ୍ ! ସେମାନେ ସପରିବାର ଆମଘରକୁ ହପ୍ତାରେ ଥରେ ଦି'ଥର ଆସନ୍ତି । ପ୍ରଭାକର ସେମାନଙ୍କଠାରୁ ଆଦର-ସ୍ନେହ ପାଇଆସୁଚି । ଏଠି ବୁଢ଼ାବୁଢ଼ୀ ମେଳରେ ତାକୁ ବୋର୍ ଲାଗୁଥିବ । ଗପସପ କରିବା ପାଇଁ ବାହାରି ଯାଉଥିବ । ଦୁଇଟି ଛୋଟଛୁଆ ଅଛନ୍ତି । ତାଙ୍କ ବୋହୂ ଲତିକା ବେଶ୍ ଭଲ ଝିଅଟେ । ସ୍ନେହୀ, ମେଳାପୀ ।'

Digitized by PPRACHIN, SOA

ମିସେସ୍ ରାଉତରାୟ ଚୁପ୍ ରହିଲେ ।

'ଦାଶରଥିବାବୁଙ୍କ ଘରକୁ ପ୍ରଭାକର ଯିବାରେ ଅସୁବିଧା କୋଉଠି ରହିଲା, କହିଲ ?'

'ଦେଖ ! ମୁଁ ଯାହା ଦେଖୁଛି କହୁଚି । ସେଥିରୁ ଯାହା ବୁଝିବ । ଲତିକା ମୋଟେ ଭଲଝିଅ ନୁହେଁ । ତାଙ୍କ ବେଡ୍‌ରୁମ୍‌ଟା ଆମ ରୋଷେଇଘର ପାଖାପାଖି । ରୋଷେଇ କଲାବେଳେ ସେ ଦୁହିଁଙ୍କର ଚାପା ହସ, ଥଟ୍ଟାପରିହାସ କାନରେ ପଡ଼େ । ହଠାତ୍ ଦପ୍ କରି ଲିଭିଯାଏ ଘର ଭିତରର ବିଜୁଳିବତି । ଅନ୍ଧାର ଭିତରୁ ସେମାନଙ୍କର ଚଳପ୍ରଚଳର ଅସ୍ପଷ୍ଟ ଶବ୍ଦ ଶୁଭୁଥାଏ ।'

ମିସେସ୍ ରାଉତରାୟ ଚାଲିଗଲେ ସିନା, ପାହାଡ଼ ପରି ବୋଝଟିଏ ଲଦି ଦେଇଗଲେ ସାବିତ୍ରୀଙ୍କ ମୁଣ୍ଡ ଉପରେ ।

ସାବିତ୍ରୀ ଠିକ୍ କଲେ, ପ୍ରଭାକରକୁ ସିଧାସଳଖ ପ୍ରଶ୍ନ କରିବେ ଏ ସଂକ୍ରାନ୍ତରେ ।

'ପ୍ରଭାକର ! ସବୁସନ୍ଧ୍ୟାରେ ଦାଶରଥିବାବୁଙ୍କ ଘରକୁ ଯାଉଚୁ ବୋଲି ଶୁଣିଲି । ଲତିକା ଭଲଝିଅ ନୁହେଁ ।'

ଏତେ ପ୍ରତ୍ୟକ୍ଷ ଆକ୍ରମଣ ପାଇଁ ପ୍ରସ୍ତୁତ ନଥିଲା ପ୍ରଭାକର । ଚୁପ୍ ରହିଲା ।

'ଯାହା ହୋଇଯାଇଚି, ହୋଇଯାଇଚି– ଆଉ ଦିନଟେ ବି ଯିବୁନି, କହିଦଉଚି ।'

ଅଚାନକ ହିଂସ୍ର ହୋଇଉଠିଲା ପ୍ରଭାକର–

'ମୁଁ ଛୋଟପିଲା ନୁହେଁ । ସାବାଳକ । କୁଆଡ଼େ ଯିବି ନଯିବି, ମୋ ଗତିବିଧିରେ ପ୍ରତିବନ୍ଧ ଲଗାଇବାକୁ ତମେ କିଏ ?'

ଏତେ ଶାନ୍ତଶିଷ୍ଟ ପିଲାଟା । ମୁହଁ ଉପରେ ଏମିତି ଜବାବ ଦେଇପାରିଲା ? ତେବେ, ମିସେସ୍ ରାଉତରାୟଙ୍କ ସନ୍ଦେହ ଅଭ୍ରାନ୍ତ ।

ସାବିତ୍ରୀ ଶକ୍ତ ହୋଇଉଠିଥିଲେ– 'ତୋ' ବାପା ଯେମିତିକା ଜାଣିଚୁ, ତେଜ୍ୟପୁତ୍ର କରିଦେବେ ।'

Digitized by PPRACHIN, SOA

ପ୍ରଭାକରର ହାବଭାବ ଆଚାରବିଚାର ସେଇଦିନୁ ବଦଳିଗଲା । ବାପ ମାଆଙ୍କ ସାଙ୍ଗେ ପଦଟେ କଥା ବି ହୁଏନା । ବିମଳ ଜାଣିଲେ । ଅପମାନିତ ହେବା ଭୟରେ ପାଟି ଖୋଲିଲେ ନାହିଁ ।

ପୁଅ ବାହାରେ ଖାଏ । ଅଫିସ୍ ଯାଏ । ଶୋଇବା ପାଇଁ କେତେଘଣ୍ଟା ଯାହା ଘରକୁ ଆସେ ।

ବିତିଗଲା ଏମିତି କେତେ ମାସ । ଫାଟି ଯାଇଥିବା ଲୁଗାରେ ତାଳିପକାଇ ହେଲା ନାହିଁ ।

ଦିନେ ସକାଳୁ ପ୍ରଭାକର ସୁଟ୍‌କେଶ୍ ସଜାଡ଼ି ବସିଲା ।

ସାବିତ୍ରୀ ପଚାରିଲେ–'କୁଆଡ଼େ ବାହାରିଲୁ ?'

'ମୋ'ର ଇନ୍ଦୋର ବଦଳି ହୋଇଯାଇଛି । ଘଣ୍ଟେ ପରେ ଟ୍ରେନ୍ ।'

ପ୍ରଭାକର କିଛି କୁହାବୋଲା ନକରି ବାହାରିଗଲା ।

ମିସେସ୍ ରାଉତରାୟ ଦୁଃଖଦ କଣ୍ଠରେ ଖବର ଦେଲେ–'ପ୍ରଭାକର ନିଜ ସାଙ୍ଗରେ ଲତିକା, ଦୁଇଛୁଆଙ୍କୁ ନେଇଯାଇଚି । ଲତିକାର ସ୍ୱାମୀ ଲୁହା-ସିମେଣ୍ଟ ଦୋକାନରେ ତାଲା ଝୁଲାଇ ଇସ୍କନରେ ମିଶି ନାମ କୀର୍ତ୍ତନ କରୁଚି ।'

ସମ୍ଭବତଃ ସ୍ୱାମୀର ଉଦାସପଣ ପରପୁରୁଷ ପ୍ରତି ତାକୁ ପ୍ରଲୋଭିତ କରିଥିଲା ।

ଇନ୍ଦୋରରୁ ଦୁଇଧାଡ଼ିଆ ଚିଠିଟେ ଆସିଲା, 'ବାପା/ବୋଉ, ମୋତେ ତୁମେ ତେଜ୍ୟପୁତ୍ର କରିବା ପୂର୍ବରୁ ମୁଁ ତୁମ ଦୁହିଁଙ୍କୁ ପରିତ୍ୟାଗ କଲି ।'

ବିମଳ ମିତ୍ରଙ୍କର ଉପନ୍ୟାସ 'କଡ଼ି ଦିଏ କିନ୍‌ଲାମ' ପଢ଼ିଥିଲେ ବିମଳକାନ୍ତ । ପଇସା ଦେଇ, କଉଡ଼ି ଦେଇ ସବୁକିଛି କିଣିହୁଏନା । ଅନେକ କିଛି ଖରିଦ୍-ବିକ୍ରିର ପରିଧି ବାହାରେ । ଘରର ଉପର ମହଲାରେ ରହନ୍ତି ସ୍ୱାମୀ ସ୍ତ୍ରୀ–ବିମଳ ଓ ସାବିତ୍ରୀ । ତଳମହଲାରେ ସପିଙ୍ଗ୍ କମ୍ପ୍ଲେକ୍ସ । ମାସକୁ ଭଡ଼ା ଆସୁଚି ପ୍ରାୟ ଅଶୀହଜାର । ଏତେ ପଇସା ଥାଇ ହେବ କ'ଣ ? ଆଜି ଧନରେ ବିଭୋର ହୋଇ ନାଚୁଛନ୍ତି ଦିଲେଶ୍ୱର । ଧନ ଦେଇ ମନ ନୁହେଁ, ମାନ କିଣାଯାଇ ପାରେ ।

Digitized by PPRACHIN, SOA

ଧଇଁସଇଁ ହୋଇ ପଶିଆସୁଥିଲେ ଦିଲେଶ୍ୱର ।

'ଭାଇ ବିମଳ ! ଅନେକ କଷ୍ଟ ଦେଲିଣି । ଆଉ ପାଞ୍ଚମିନିଟ୍ ଛିଡ଼ାହୁଅ । ଭିତରେ ଟିକେ ବୁଲିଆସେ ।'

'ମା' କିପରି ଅଛନ୍ତି ?'

'ଅକ୍ସିଜେନ୍ ଦେବା ପରେ ଅବସ୍ଥାରେ ଟିକିଏ ଉନ୍ନତି ଆସୁଚି ।'

ସଫେଦ୍ ମିଛଟିଏ କହିବାକୁ ବାଧ୍ୟ ହେଲେ ଦିଲେଶ୍ୱର ।

ଯାହା ଦେଖାଯାଉଛି, ପଚାଶ ଭାଗ ଅତିଥି ଆପ୍ୟାୟିତ ହୋଇ ଫେରିସାରିଲେଣି । ମଞ୍ଚ ଉପରେ ଗଦାହେଲାଣି ଶଗଡ଼େ ଖଣ୍ଡେ ଗିଫ୍ଟ ପ୍ୟାକେଟ୍ । ଝିଅ ଉର୍ମିଳା ପ୍ୟାକେଟ୍ ଉପରେ ସିରିଏଲ୍ ନମ୍ବର ଲେଖି ନୋଟ୍ ଖାତାରେ ଚଢ଼ଉଚି । କ୍ୟାସ୍ କେତେ ଆସିଥିବ, ଲକ୍ଷେ ନା ଦୁଇଲକ୍ଷ ? ବାଁ ପାଖରେ ଗହଳି କରି ନିଜନିଜ ଭିତରେ ସୁଖଦୁଃଖ ହେଉଥିବା ଯୁବତୀଙ୍କ ପାଖାପାଖି ନସରପସର ହେଉଛନ୍ତି ଡି.ଏଫ୍.ଓ. ଜୋଇଁ । ବଢ଼େଇଦେଉଛନ୍ତି ଗୋଟେ ପରେ ଗୋଟେ ବାଦାମ ସର୍ବତର ଗ୍ଲାସ୍ ।

ଏସବୁ ଉର୍ମିଳା ଆଖିରେ ପଡ଼ୁନି ? ସ୍ତ୍ରୀ ସିନା ସ୍ୱାମୀକୁ ହେପାଜତରେ ରଖିବା କଥା । ସେମାନଙ୍କ କଥା ସେମାନେ ବୁଝନ୍ତୁ । ମୋ'ର କି ଯାଏ ! ଦିଲେଶ୍ୱର ଅନ୍ୟଆଡ଼େ ମନ ପୂରାଇଲେ । ମୋ'ପୁଅବୋହୂ ଭଲ ତ ମୁଁ ଭଲ ।

ଚାରିଆଡ଼େ ଶ୍ୟେନ ଦୃଷ୍ଟିଟିଏ ନିକ୍ଷେପ କରି ପ୍ରବେଶପଥରେ ପହଞ୍ଚିବା ବେଳକୁ ଉଭାହେଲେ ସାତ୍ତ୍ୱିକ ଗାଙ୍ଗୁଲି-ସସ୍ତ୍ରୀକ । ନମସ୍କାର କରିବା ପାଇଁ ଦିଲେଶ୍ୱର ଅଣ୍ଟା ପାଖରୁ ନଇଁଗଲେ ।

'ସାର୍ ! ମନେରଖି ଆସିଲେ, ଯାହାହେଉ ।' ସେମାନଙ୍କୁ ବାଟ କଢ଼ାଇ ପୁଅବୋହୂ ବସିଥିବା ମଞ୍ଚ ପାଖରେ ପହଞ୍ଚାଇଦେଇ ଫେରିଆସିଲେ ।

'ଏମାନେ କିଏ, ଜାଣିଚ ବିମଳ ?'

ବିମଳବାବୁ ସେତେବେଳକୁ ଘୃଣା, କ୍ରୋଧ, ବିତୃଷ୍ଣାରେ ଅଧାଅଧି ସିଝି ସାରିଥିଲେ ।

'କିଏ ? ମୁଖ୍ୟମନ୍ତ୍ରୀ ? ଏତେ କୃତ୍ୟକୃତ୍ୟ ହେଉଚ ଯେ ?'

Digitized by PPRACHIN, SOA

ତୀକ୍ଷ୍ଣ ବିଦ୍ରୂପ ବିମଳଙ୍କ ପ୍ରଶ୍ନରେ । ଟିକେ ଝାଉଁଳିଗଲେ ଦିଲେଶ୍ୱର । ‘ନା ଯେ, ଭାରି ଭଦ୍ରଲୋକ । ସାତ୍ତ୍ୱିକ ଗାଙ୍ଗୁଲି । ଗଜପତିର କଲେକ୍ଟର । ତାଙ୍କ ସ୍ତ୍ରୀ ବି ଆଇ.ଏ.ଏସ୍ । କାଶ୍ମୀରୀ ଝିଅ –ପ୍ରୋଜେକ୍ଟ ଡାଇରେକ୍ଟର ଅଛନ୍ତି । ଗାଙ୍ଗୁଲିବାବୁ ଅଣ୍ଡର ସେକ୍ରେଟାରୀ ପୋଷ୍ଟିଂ ପାଇ ମୋ’ ପାଖେ ତାଲିମ୍ ନେଉଥିଲେ । ଏତେଦୂରରୁ, କଷ୍ଟକରି ଆସିଛନ୍ତି । ସୌଜନ୍ୟ ଖାତିର୍‌ରେ... ’

ଦିଲେଶ୍ୱରଙ୍କ କଥା ଅଟକିଗଲା । ଆସୁଛନ୍ତି ପୂର୍ବତନ ବାଚସ୍ପତି ଦୟାନିଧି ଶ୍ରୀଚନ୍ଦନ । ପାର୍ଲାମେଣ୍ଟାରୀ ଆଫାଏର୍ସ ଡିପାର୍ଟମେଣ୍ଟରେ କାମ କରୁଥିବା ବେଳେ ତାଙ୍କ ସାଙ୍ଗେ ଭାବଦୋସ୍ତି ।

‘ଆସନ୍ତୁ ସାର୍ ! ଗରିବକୁ ଭୁଲିନାହାନ୍ତି ।’

ଥୋକେ ମଣିଷ ବାହାରକୁ ଦୈନ୍ୟ, ଭିତରେ ଅହମିକା ନେଇ ଜୀବନ ବଞ୍ଚନ୍ତି । ଏଭଳି ମଣିଷମାନଙ୍କୁ ଶ୍ରଦ୍ଧା କରିହୁଏ ? ବିଷବୋଳା ସରୁଛୁଞ୍ଚିଟିଏ ପୁଣି ଫୋଡ଼ିହୋଇଗଲା ବିମଳବାବୁଙ୍କ ମଗଜରେ ।

ତାଙ୍କୁ ରିଲିଭ୍ କରିବେ କ’ଣ, ତାଙ୍କ ସାଙ୍ଗରେ ଗପରେ ମଜିଯାଉଛନ୍ତି ଦିଲେଶ୍ୱର । ଲୋକଟା ଏକବାରେ ସ୍ୱାର୍ଥପର । କିରାନୀରୁ ଉଠି ଜଏଣ୍ଟ ସେକ୍ରେଟାରୀ ପର୍ଯ୍ୟନ୍ତ ଗଲା । ପୁଣି ଫୁଟାଣି ମାରିବ କ’ଣନା, ‘ଆଉ ଛ’ମାସ ଚାକିରି ଥିଲେ ଆଡିସ୍‌ନାଲ ସେକ୍ରେଟାରୀ ହୋଇଥା’ନ୍ତି ।’ ତମେ ଦିନେ କିରାଣୀ ଥିଲ, ଅଫିସର କୁର୍ସିରେ ବସିବା ପରେ ସେକଥା ଭୁଲିଗଲ । କିରାଣୀମାନଙ୍କୁ ପୋକମାଛି ପରି ବ୍ୟବହାର କରୁଥିବାରୁ ଥରେ ସେ ଘେରାଉ କବଳରେ ବନ୍ଦୀ ହୋଇଥିଲେ ସାଢ଼େତିନିଘଣ୍ଟା । ହୋମ୍ ସେକ୍ରେଟାରୀ ବୁଝାବୁଝି କରାଇ ତାଙ୍କ ତରଫରୁ ନିଜେ କ୍ଷମା ମାଗିବାରୁ ଘେର ଭାଙ୍ଗିଲା । ନ ହେଲେ କୁଟି ଛତରଛାଳ କରିଦେଇଥାଆନ୍ତେ । କି ସେକ୍ରେଟାରୀ, ଜଏଣ୍ଟ୍ ସେକ୍ରେଟାରୀ ଦେଖଉଚ ହେ ? କେତେ ଦରମା ପାଉଥିବ ? ଗୋଟେ ଗୋଟେ ମାର୍ଚ୍ଚ ମାସରେ ମୁଁ ରୋଜଗାର କରିଚି ସତରରୁ କୋଡ଼ିଏ ଲକ୍ଷ ଟଙ୍କା । ଆଜି ଅବଶ୍ୟ ସେସବୁ ଅର୍ଥର କିଛି ହେଲେ ମୂଲ୍ୟ ନାଇଁ । ଏତେ ସମ୍ପତ୍ତି କାହା ପାଇଁ ? ମୋ’ କହ୍ନେଇକୁ ପୁତନା ତା’ କୋଳରେ ବସେଇ ସ୍ତନ୍ୟପାନ କରଉଚି । ପୁରାଣ ଯୁଗର କାହ୍ନୁ ସିନା ପ୍ରାଣ ଶୋଷି ନେଇଥିଲେ, ଏ ଯୁଗର

Digitized by PPRACHIN, SOA

ମାୟାବିନୀ ପୁତନା କବଳରେ ମୋ'ର ସେଇ ଶାନ୍ତସୁଧାର ପୁଅଟା ଗୋପପୁରକୁ ଭୁଲିଯାଇଚି । ମନେମନେ ଗୁଙ୍ଗୁଗୁଙ୍ଗୁ ହେଉଥିଲେ ବିମଳକାନ୍ତ ।

ନିଜଠାରୁ ଛଅସାତ ବର୍ଷ ବଡ଼ ଗୋଟେ ବିବାହିତା ମହିଳା ସାଙ୍ଗରେ ସଂସାର ପାତିବାର ଧୃଷ୍ଟତା ତାଙ୍କ ଆଖିରେ ଅକ୍ଷମଣୀୟ ଅପରାଧ । ପୃଥିବୀର କୌଣସି ବାପ ଏମିତି ଅପରାଧୀ ଅବାଧ ପୁଅକୁ କ୍ଷମା ଦେଇପାରିବନି, ମୁଁ କ'ଣ ସ୍ୱର୍ଗରୁ ଖସିଲି ?

ଏତେବଡ଼ ଆନନ୍ଦ ଉତ୍ସବରେ ବିମର୍ଷ ଥିଲେ ଦୁଇଟି ପ୍ରାଣୀ– ବିମଳ, ସାବିତ୍ରୀ ।

ଦିଲେଶ୍ୱର ମର୍ମେମର୍ମେ ବୁଝିପାରୁଥିଲେ, ବିଧିର ବିଧାନ କେ କରିବ ଆନ ।

ମୁଁ କ'ଣ ଭାବିଥିଲି, କିରାଣୀରୁ ହେବି ଓ.ଏସ୍.ଏସ୍. କ୍ୟାଡର୍‌ର ଜଏଣ୍ଟ ସେକ୍ରେଟାରୀ ! ମୋ'ର କେତେ ସାଙ୍ଗ ଅଣ୍ଡର ସେକ୍ରେଟାରୀ ପଦବୀରେ ଅବସର ନେଇଗଲେ ।

ମୁଁ କ'ଣ ଜାଣିଥିଲି, ଏତେ ସହଜ ଶସ୍ତାରେ ହାସଲ କରିପାରିବି ଦଶଗୁଣ୍ଠ ଜମି । ରହିବା ଭଳି ଘରଟିଏ ତିଆରି କରିବା ପରେ ସାମ୍ନାରେ ରହିବ ବିସ୍ତର ପଡ଼ିଆଟେ, ଯେଉଁଠି ବିଶୁ ଡେକୋରେଟର୍ ଆଲୁଅର ମହଲଟିଏ ଗଢ଼ିଦେବ ପୁଅବାହାଘର ଉପଲକ୍ଷେ ।

ମୁଁ କ'ଣ କେବେ ସ୍ୱପ୍ନ ଦେଖିଥିଲି, ଡି.ଏଫ୍.ଓ.-ଜୋଇଁଟିଏ ପାଇବି, ପୁଅ ଷ୍ଟେଟ୍‌ବ୍ୟାଙ୍କରେ ଅଫିସର୍ ଚାକିରି ପାଇବ ! ଶୋଭନଟା ପିଲାବେଳେ ଜମା ଭଲ ପଢୁନଥିଲା ।

ସବୁ ଅଦୃଷ୍ଟ ।

ସେଇ ଅଦୃଷ୍ଟ ଉଦ୍ଦେଶ୍ୟରେ ହାତଯୋଡ଼ିଲେ ଦିଲେଶ୍ୱର ।

ବିମଳ ମନେକଲେ–କିଏ ଜଣେ ଭିଆଇପି ଗେଷ୍ଟ୍ ଆସିଗଲେ କି ? କାଇଁ ନାହିଁ ତ ! ଜନସମାଗମ କମିଆସୁଚି ।

ବୁଢ଼ାଟା ଶୂନ୍ୟ ଆକାଶକୁ ପ୍ରଣାମ କରୁଚି । ଆଉ କି ବାସନା ଅପୂରଣ ରହିଲା ତା'ର ?

Digitized by PPRACHIN, SOA

ବାଦଲମାନଙ୍କ ଗତି ଭାରି ବିଚିତ୍ର । ବେଳେବେଳେ ଧାଏଁଧାଏଁ ଧପାଳିଥିବେ । ଆଉବେଳେକେ ସ୍ଥିର ହୋଇ, ଛତାଟେ ପରି, ଶୂନ୍ୟ ଆକାଶରେ ଓହଳି ରହିଥିବେ ।

ଗୋଟେ ନଡ଼ିଆଗଛରେ ବସି ବାବନ ବାଦଲମାନଙ୍କର ଖେଳ ଦେଖୁଥିଲା । ମହାବାତ୍ୟାରେ ବାଙ୍କିଯାଇଥିଲା ନଡ଼ିଆଗଛଟା । ସେଇଦିନୁ ଭୂମି ଉପରୁ ଦି'ଫୁଟ ଅଢ଼େଇଫୁଟ ଉଚ୍ଚତାରେ ସମାନ୍ତର ଭାବେ ନଇଁରହିଚି ଯେ ବେକ ସିଧା କରିପାରିନି । ଫଳଟିଏ ଫଳିଲେ ଗଛରେ ରହେନା । ନଡ଼ିଆଟେ ଭିତରେ ପାଣି ଝର ସୃଷ୍ଟିହୋଇଥିବ, ପିଲାଏ ଛିଡ଼ାଇନିଅନ୍ତି କଷି ପଇଡ଼ । ହାତପାଆନ୍ତାରେ ମୋଫତ୍ ଫଳ । ସୁଯୋଗ କିଏ ଛାଡ଼େ !

ସେଇ ବଙ୍କୁଲା ନଡ଼ିଆଗଛରେ ବାବନ ଅଧିକାଂଶ ସମୟ ବସେ । କେବେକେବେ ଲମ୍ବ ହୋଇ ଶୋଇଯାଏ ତା'ଉପରେ, ଦେହ ମେଲି । ସହରରେ ଆଠମାସ ରହି ଫେରିବା ପରେ ଗାଁଟା ଲାଗୁଚି ନୂଆନୂଆ । ବାଉଁଶ ଖଳାରେ ପାନ କୁଟୁକୁଟୁ ବାପା ଖିଙ୍କାରି ଉଠିଥିଲା, 'ତୋତେ ପରା ଦଲିଲ ଲିଖିନ ଶିଖିବା ପାଇଁ ପଠେଇଥିଲି, ଛାଟିପିଟି ହୋଇ ପଳେଇଆସିଲୁ କାହିଁକି ? ରାଧେମାଷ୍ଟର ଖାଇବା ପିଇବାରେଅସୁବିଧା କଲା ? ସେ ମୋତେ କାନେକାନେ କହିଥିଲା, ଜଣେ ଓକିଲ ପାଖେ ମୋହରିର ରଖାଇଦେବ । ତୋ' କପାଳ ଫିଟିଯାଇଥାଆନ୍ତା ରେ ।'

'ମୋହରିର ହୋଇ କ'ଣ କରିଥା'ନ୍ତି ?' ଅବଜ୍ଞା ଭଙ୍ଗୀରେ ବାବନ ଓଲଟ ପ୍ରଶ୍ନ କଲା ବାପକୁ ।

'ଧନ ଅରଜିଥା'ନ୍ତୁ । ବାହାଚୂଡ଼ା ହୋଇ ଘରସଂସାର କରିଥାଆନ୍ତୁ ।'

'ସବୁ ହବ । ଟିକେ ଧୈର୍ଯ୍ୟ ଧର ।'

Digitized by PPRACHIN, SOA

'କେତେ ଧୈର୍ଯ୍ୟ ଧରିବି ? ପାଞ୍ଚଥର ପରୀକ୍ଷା ଦେଇ ପ୍ଲସ୍‌ଟୁ ପାଶ୍ କରିପାରିଲୁନି ।'

'ତମର ଟଙ୍କା ଦରକାର । ତାଡ଼ା ତାଡ଼ା ନୋଟ୍ ଆଣି ଦେବି ।'

ଅବିଶ୍ୱାସ ଭଙ୍ଗୀରେ ବାବନକୁ ଅନେଇରହିଲା ତା' ବାପା ।

'ପୋତାଧନ ପାଇଲୁ କି ? ନା ଚୋରିଡକେଇତିରେ ମାତିଗଲୁଣି ?'

'ନା ନା, ସେସବୁ ନୁହଁ । ଟଙ୍କା ଧାଇଁଧାଇଁ ମୋ' ପାଦ ପାଖକୁ ଆସିବ ।'

ପିଲାଟା ସତରେ ବାତରା ହୋଇଗଲା । ବାବନ ଦେଖିଲା– ଘରେ ରହିଲେ ବାପା ଗେଜେଗେଜେ ହବ । ନଈକୂଳର ସେଇ ନଡ଼ିଆଗଛରେ ଘଡ଼ିଏ ବସିଗଲା ।

ମାଘମାସର ଗାଉଁଲି ମଧ୍ୟାହ୍ନ, ଉଡ଼ନ୍ତା ଧୂଳିରେ ଆଛନ୍ନ ଓ ଅପରିଛନ୍ନ । ମାଧ ପ୍ରଧାନର ନହୁଲି ବୋହୂ ସେବତୀ ଧୀରେଧୀରେ ଆସୁଚି । ସେବତୀ ତା' ସାଥିରେ ଅପରପ୍ରାଇମେରୀ ପଢୁଥିଲା । ଦି'ବର୍ଷ ହେବ ପ୍ରଧାନସାଇ ମାଧବକୁ ବାହାହେଇ ଆସିଚି ।

କେଡ଼େ ଛଟକୀ ଦେଖ, ଫେସନ ଶୋ'ର ମଡେଲ୍‌ମାନଙ୍କ ପରି ଡାହାଣ ପାଦ ଆଗକୁ ପକେଇ ଅଣ୍ଟା ନହକେଇ ଚାଲୁଚି ।

'ଏ ସେବତୀ ! କୁଆଡ଼େ ଯାଉଚୁ ?' ସେବତୀ ଅଟକିଗଲା ।

'ଦେଖିପାରୁନୁ, ପଖାଳ ନେଇ ଯାଉଚି ବିଲକୁ !'

'ସେଗୁରା ମୋତେ କହନା । ତୋ' ବର କାମସାରି ଦିନ ଗୋଟାଏରେ ଖାଇବ । ଏଇନା ବାରଟା ବାଜିଛି । ଇଆଡ଼େ ଛନଛନ ହୋଇ ଧାଇଁଛୁ ଆମ୍ବତୋଟା ଆଡ଼େ । ବିଲ ରହିଲାଣି ପଛରେ ।'

ସେବତୀ ମଥାରେ ପିତ୍ତ ଚହଲିଗଲା ।

'ରହ ରହ ଟୋକା । ଗାଁ ଲୋକଙ୍କୁ ଡାକି ନିଶାପ କରୁଚି, ଗାଁ ଝିଅ ବୋହୂଙ୍କୁ ରାସ୍ତାରେ ବେଇଜ୍ଜତ କରୁଚୁ । କି ନିଆଁ ଚୁଲିପାଠ କଲେଜରେ ପଢୁଥିଲୁ, ଭଦ୍ରାମି ଶିଖିପାରିଲୁନି ?'

Digitized by PPRACHIN, SOA

ବାବନ ଗଛ ଉପରୁ ଡେଇଁଲା । ଝାଡ଼ିଝୁଡ଼ି ଛିଡ଼ା ହେଲା । ଧୀରେ ଆଗେଇଗଲା । ସେବତୀ ଆଉ ତା' ଭିତରେ ତଫାତ୍ ଜମା ଦି'ହାତ ।

'ଯା' ଆମ୍ବତୋଟାକୁ । ଘନ କମାର ଛକିବସିଚି । ତା' ଲୁହାପିଟା ହାତରେ ତୋ' ଦିହକୁ ଦଳିମକଚି ଦେଲେ ଦରଜ କମିଯିବ ।'

ଛନଛନିଆ ଝିଅଟା ଗୋଟାପଣେ ଥରିଲା । ମାଘର ହେମାଳିଆ ବତାସ ସତ୍ତ୍ୱେ ଝରଝର ଝାଳରେ ଗାଧୋଇପଡ଼ିଲା । ବାବନ ମଉକା ପାଇ ତା'ହାତ ପାପୁଲି ଦୁଇଟାକୁ ମୁଠେଇ ଧରିଲା । ପାପୁଲି କମ୍ପୁଥାଏ ଭୂଇଁ ଉପର ଛଟପଟ କଉମାଛ ଭଳି ।

ପିଲାଙ୍କୁ କୁତ୍‌କୁତ୍ କଲାପରି ବାବନ ଆଙ୍ଗୁଳି ଚଳେଇଲା ପାପୁଲିରୁ ଧୀରେ ଧୀରେ କାଖମୂଳ ପର୍ଯ୍ୟନ୍ତ । ତାକୁ ଆଲିଙ୍ଗିଧରି ଆଗେଇନେଲା ମୋଟା ଆମ୍ବଗଛ ଉହାଡ଼କୁ ।

'ଅତରଛ ହ'ନା ବାବନ । ଗଛ କୋରଡ଼ରେ କଂସାଟା ଥୋଇଦିଏ ।'

ଖୋସଣି ଗଣ୍ଠି ପକଉପକଉ ସେବତୀ ନେହୁରା ହେଲା–'କାହାକୁ କହିବୁନି ବାବନ । ତୋତେ ଦିହ ଦେଇଚି । ଦିହଠୁ ବଳି ଆଉ କିଛି ବଡ଼ ଜିନିଷ ଗୋଟେ ସ୍ତ୍ରୀ ପାଖରେ ନଥାଏ ।'

'କହିଲୁ ସେବତୀ, ତୋ ବର ଦିହସୁଖ ଦିଏନା ?'

ଅକାଠୁଆ ସ୍ୱରରେ ସେବତୀ କହିଲା–

'କେବେକେମିତି ଅକାଳେସକାଳେ । ଦିନଯାକ ଖଟିବ । ରାତିସାରା ଶୋଇବ । ମୋର ପୁଣି ଭୋକ ଅଛି ନା ନାଇଁ ? ପେଟକୁ ଗଣ୍ଡେ ଖାଇବାକୁ ଦେଇଦେଲେ ହେଲା ?'

ଜଣେ ନାରୀଠୁ ଯୌବନ-ପୁଷ୍ପର ମଧୁ ପ୍ରଥମଥର ପାନକଲା ବାବନ, ସେଦିନ । ଶରୀରରେ ଖେଳିଯାଉଥାଏ ଗୋଟେ ମୃଦୁ ଉନ୍ମାଦନା ।

ଯା'ର ଦି'ଦିନ ପରେ ।

ଗୋବର ଲିପା ଉଚ୍ଚ ମାଟିପିଣ୍ଡାରେ ବସି ବାବନ ଶସ୍ତା ଡିଟେକ୍‌ଟିଭ୍ ନଭେଲ୍‌ଟାଏ ପଢୁଥାଏ । ବାପା ହେଁସ ଉପରେ ଘୁଙ୍ଗୁଡ଼ି ମାରିବାରେ ବ୍ୟସ୍ତ । ଅପରାହ୍ନ ତିନିଟା । ଶୁକ ସାମଲ ଗାଁ ଦାଣ୍ଡରେ ବୋବାଳି ଛାଡ଼ି ଦଉଡୁଥାଏ ।

Digitized by PPRACHIN, SOA

'ଶୁକ, ଶୁଣ୍ । କ'ଣ ହେଲା । କାନ୍ଦୁଚୁ କାହିଁକି ?'

'ବ୍ୟାଙ୍କ ଲୋନ୍‌ରେ ଗାଈଟେ କିଣିଥିଲି । ଦିଓଳି ପାଞ୍ଚଲିଟର କ୍ଷୀର ଦେଉଥିଲା । ଦେଶୀ ଗାଈ ହେଲେ ବି ଚଉକସ । ଗୁହାଳରେ ବାନ୍ଧିଥିଲି । ଗାଈ ନାହିଁ । ଘଣ୍ଟେକାଳ ଖୋଜିଖୋଜି ନୟାନ୍ତ ହେଲିଣି । ଗରିବ ଲୋକ । ବ୍ୟାଙ୍କ ଲୋନ୍ ଶୁଝିବି କେମିତି ?' ବାବନ କ୍ଷଣେ ତାକୁ ଚାହିଁଲା ।

'କସରା ରଙ୍ଗର ଗାଈ ନା ?'

'ହଁ ।'

'ବାଁପଟ ଶିଙ୍ଗଟା ଟିକେ ଛୋଟ ?'

'ବାବୁ, ହଁ ହଁ ।'

'କଂସେଇ ତାକୁ ବାନ୍ଧିନେଇଚି । ନଈକୂଳ ଖଜୁରୀଗଛରେ ଛନ୍ଦି, ନଦୀକୁ ଶୌଚ ହେବାକୁ ଯାଇଚି । ଦି'ଚାରିଜଣଙ୍କୁ ନେଇ ଶୀଘ୍ର ଯା । ଗାଁ ସୀମା ପାର ହୋଇଗଲେ ପତ୍ତା ପାଇବୁନି ।'

ଗାଈଟି ଉଦ୍ଧାର ହେଲା ।

କଂସେଇକୁ ଟାଙ୍କେ ଛେଚିଲେ ଗାଁଲୋକେ ।

ଶୁକ ସାମଲ ସଞ୍ଜକୁ ଲିଟରେ ସିଝାକ୍ଷୀର ଆଣି ଦେଇଗଲା । ବାପ ପୁଅ ଆତ୍ମା ଶାନ୍ତି କରି ପିଇଲେ ।

ଭୋବନି ସୋଇଁ ପୁଅ ଲୋକା ସୁରତ ରଙ୍ଗ କାରଖାନାରେ ମିସ୍ତ୍ରୀକାମ କରେ । ବେତନ ପାଞ୍ଚହଜାରକୁ ଓଭର୍ ଟାଇମ୍ ଚାରିହଜାର । ଯତ୍ନକରି ପଇସା ସମାଳେ । ନିଶା ପାଣି କରେନା । ଦାରୀବାଡ଼ି ଯାଏନା । ଘରେ ବଢ଼ିଲା ଭଉଣୀ । ଉଠାଇବାକୁ ହେବନା ? ବିନା ଯୌତୁକରେ ଆଜିକାଲି କୋଉ ଝିଅ ଉଠୁଚି ?

ଲୋକା ପଠାଇଥିବା ଚିଠି ଅନୁସାରେ କାଲି ସନ୍ଧ୍ୟା ସୁଦ୍ଧା ଗାଁରେ ସିଏ ପହଞ୍ଚିଯିବା କଥା । ରାତି ପାହି ସକାଳ ହେଲାଣି । ଲୋକାର ଦେଖା ଦର୍ଶନ ନାହିଁ । ଘରେ କାନ୍ଦବୋବାଳି ପଡ଼ିଚି । ଶୁକ ସାମଲ ଭୋବନି ସୋଇଁର ପଡ଼ୋଶୀ । କହିଲା–'ମଉସା ! ବାବନବାବୁଙ୍କୁ ପଚାରନ୍ତନି । ମୋ ଗାଈ ହଜିଥିଲା, ଠାବ କରିଦେଲେ ।'

ଉଚ୍ଚ ପିଣ୍ଡାରେ ବସି ବାବନ ଜିଭ ଛେଲୁଥାଏ ।

Digitized by PPRACHIN, SOA

ଭୋବନି, ତା' ସ୍ତ୍ରୀ, ଝିଅ, ସମସ୍ତେ ଯାଇ ପିଣ୍ଡା ତଳେ ହାଜର ହେଲେ ।

'ବାବନବାବୁ ! ରକ୍ଷାକର ।'

ନିମିଷକ ପାଇଁ ସେମାନଙ୍କୁ ଅନେଇଲା ବାବନ । ତା'ପରେ ତୁଣ୍ଡ ଖୋଲିଲା–'ତୁମ ପୁଅ ଠିକ୍ ସମୟରେ ଟ୍ରେନ୍ ଚଢ଼ିଚି । ପଲାସା ପାଖରେ ବର୍ଷା ଯୋଗୁ ଲାଇନ୍ ଦବିଯାଇଥିଲା । ଟ୍ରେନ୍ କିଛି ସମୟ ଅଟକି ରହିଲା । ବ୍ୟସ୍ତ ହ'ନା । ତୁମ ପୁଅ ଦି'ପହର ସୁଦ୍ଧା ପହଞ୍ଚିଯିବ ।'

ଲୋକା ଘରେ ପହଞ୍ଚୁପହଞ୍ଚୁ ମୁହଁହାତ ଧୋଇବ କ'ଣ, ଭୋବନି ତାକୁ ଘୋଷାଡ଼ିନେଲା ବାବନ ପାଖକୁ ।

ଲୋକା ଓଳଗି ହେଲା । ବାବନର ପାଦଧୂଳି ମଥାରେ ମାରିଲା । ପାଦ ପାଖେ ଥୋଇଦେଲା ପାଆଁଶ'ଏକଟଙ୍କା ।

ଏସବୁ ନାଟକ ଦେଖି ଜଳକା ହୋଇଯାଇଥାଏ ବାବନର ବାପା । 'ପୁଅରେ, ଏତେକଥା ଜାଣୁଚୁ କେମିତି ? ତୋ' ପାଖକୁ ଦୈବୀଶକ୍ତି ଆସିଚି କି ?' ପୁଅ ମୁରୁକିହସାଟିଏ ଦେଲା ।

ଶଶଧର ଭୋଇର ପ୍ରବଳ ମୁଣ୍ଡ ବିନ୍ଧୁଥିଲା । କବିରାଜୀ, ବିନ୍ଧାଛିଟିକା ଔଷଧ ଖାଇ ଖାଇ କମିଲାନି । ବାବନ ବାବୁଙ୍କ ପାଖକୁ ଆସିଲା । ବାବନ ମୁହୂର୍ତ୍ତେ ଅନେଇ କହିଲା–'ପେନ୍‌କିଲର୍ ଖାଇଲେ କ'ଣ ହେବ, ବ୍ରେନ୍‌ରେ ଟ୍ୟୁମର୍ ହୋଇଚି ! କଟକ ପଳେଇଯା, ସନାତନ ରଥଙ୍କ ପାଖକୁ । ଅପରେସନ୍ କରିଦେବେ । ଭାରି ଦୟାଳୁ । ଗରିବ ଲୋକ ଜାଣିଲେ ଅଳ୍ପ ଖରଚରେ ଚଳେଇଦେବେ ।'

ବଞ୍ଚିଗଲା ବିଚରା ଶଶଧର ।

ସୀତେଶ ସାଉର ସ୍ତ୍ରୀ–ଆଠବର୍ଷ ହେବ ବାହା ହେଇଚି ପାଖ ଗାଁରେ । ପିଲାଛୁଆ ହଉନି । ସଂପର୍କରେ ସେବତୀର ନଣନ୍ଦ ହେବ ।

ସେବତୀକୁ ଧରି ପିଣ୍ଡା କଡ଼େ ହାଜର୍ ।

'ଦୟାକର .ବାବନ ବାବା ! ଖାଲିକୋଳକୁ ପୂର୍ଣ୍ଣ କର ।'

'ମୁଁ ଡାକ୍ତର ବୈଦ୍ୟ, ନା ଭଗବାନ ?' ଖିଙ୍କାରିଉଠିଲା ବାବନ । ଅଳ୍ପ ସମୟ ଭିତରେ ସେ ବାବନ ବାବୁରୁ 'ବାବନ ବାବା' ହୋଇ ସାରିଥାଏ ।

Digitized by PPRACHIN, SOA

ସେବତୀ କଣେଇ କଣେଇ ଚାହୁଁଥାଏ ବାବନକୁ । ସେଇ ନୀରବ ଚାହାଣୀରେ ଥିଲା ଭାବ, ଭକ୍ତି, ଆତ୍ମଗର୍ବର ସନ୍ତୋଷ । ଏଇ ମୋ' ବାବନ । ଦିନେ ଥିଲା ଖେଳସାଥୀ । ମୋ' ଯୌବନକୁ ଛୁଇଁ ଦେହକୁ ଧନ୍ୟ କରିଦେଇଛୁରେ ବାବନ । ଏମିତି କିଛିଟା ଭାବ ସେବତୀର ସଲଜ୍ଜ ଓଠରେ ଚାପିହୋଇ ରହିଥିଲା ।

'ବାବନ ! କୃପାକର ମୋ' ନଣନ୍ଦକୁ ।' ସେବତୀ ମିନତି ଜଣାଇଲା ।

ପିଣ୍ଡା ଉପରୁ ବାବନର ବାପା ଗର୍ଜି ଉଠିଲା – 'ବାବନ କ'ଣ କହୁଚୁ, କହ ବାବନବାବା । ସେ କ'ଣ ତୁମଆମ ପରି ସାଧାରଣ ମଣିଷ ?'

ବୁଢ଼ାକୁ ବେଶୀ ବକିବାକୁ ନଦେଇ ବାବନ କହିଲା–'ସେବତୀ, ନଣନ୍ଦକୁ ନେଇ ସହରରେ ଭଲ ଡାକ୍ତରଙ୍କୁ ଦେଖା । ପିଲା କରେଇବାର କ୍ଷମତା ତା' ସ୍ୱାମୀର ଅଛି କି ନାଇଁ, ଅଥବା ସ୍ତ୍ରୀ ଦେହରେ କିଛି ଖୁଣ ଅଛି, ମୁଁ ସେକଥା କହିବାଟା ସୁନ୍ଦର ହବ ? ଭଗବାନଙ୍କୁ ଡାକ । ତାଙ୍କ ଉପରେ ଭରସା ରଖ । ସବୁ ଠିକ୍ ହୋଇଯିବ ।'

ଗାଁ ଲୋକଙ୍କ ଆଖିରେ ବାବନ ସର୍ବମୟ କର୍ତ୍ତା, ଭଗବାନଙ୍କ ପ୍ରତିରୂପ । ଗାଁର ଭଲମନ୍ଦ ସବୁ ଦାୟିତ୍ୱ ତା'ର ।

ସେ ଦେଖିଲା ଗାଁରେ ରହିବା ଆର୍ଥିକ ଦୃଷ୍ଟିରୁ ଲାଭଜନକ ନୁହେଁ । କଷି କଖାରୁଟାଏ, ଲାଉଫଡ଼ାଏ, ଅତିବେଶୀରେ ଚାରିହାତିଆ ଖୋର୍ଦ୍ଧା ନାଲି ଗାମୁଛା ଖଣ୍ଡେ କିଏକିଏ ଦେଇ ଯାଆନ୍ତି । ସେଇ ସୁରତ୍‌ଫେରନ୍ତା ଟୋକାଟା ଯାହା ଦେଇଥିଲା, ପାଆଁଶଏକ୍ ଟଙ୍କା । ବାକି ଯିଏ ଯାହା ଦଉ, କୋଡ଼ିଏ ଟଙ୍କାରୁ ଦାମୀ ଜିନିଷ ନୁହେଁ । ଗାଁ ଲୋକଙ୍କ ପାଖେ ଅଛି କଅଣ ଯେ ଦେବେ ! ସେ ସ୍ଥିର କଲା, ସହରକୁ ଯିବ । ବାପକୁ କହିଲା । ବାପର ଆଖି ଛଳଛଳ ହୋଇଗଲା–'ମା'ଟି ତୋ'ର ବର୍ଷଟେ ବଞ୍ଚିଥିଲେ, ଏ ଲୀଳାଖେଳା ଦେଖିଥାଆନ୍ତା । ହତଭାଗିନୀର ଭାଗ୍ୟରେ ନାହିଁ । ପୁଅରେ, ମୋତେ ସାଙ୍ଗରେ ନେଇ ଚାଲ୍ । ମୁଁ ଏଠି ପଡ଼ି କ'ଣ କରିବି ?'

'ନା ବାପା ! ଭିଟାମାଟି ଛାଡ଼ି ଯାଅନା । ମୁଁ ବହୁତ ଟଙ୍କା ଆଣିବି । ଏ ମାଟି ଘର ଭାଙ୍ଗି କୋଠା ତିଆରି କରିବା ।'

Digitized by PPRACHIN, SOA

ସ୍ୱର୍ଣ୍ଣିମ ସ୍ୱପ୍ନରେ ବୁଢ଼ାର ଆଖି ଉଜ୍ଜ୍ୱଳିଉଠିଲା ।

ବାବନ ଭୁବନେଶ୍ୱରକୁ ବାହାରିଲା । ରାଜଧାନୀର ଗଗନପବନରେ ଟଙ୍କା ଉଡୁଛି ।

ମହାରାଷ୍ଟ୍ରରେ ଡ୍ୟାନ୍ସ ବାର୍ ବନ୍ଦ୍ ହେବା ବେଳକୁ ଭୁବନେଶ୍ୱରରେ ଡ୍ୟାନ୍ସ ପବ୍ ଗଢ଼ିଉଠୁଚି ।

ଭଲିକି ଭଲି କୋଠା । ରକମକୁ ରକମ ରଙ୍ଗର ଗାଡ଼ି । ପ୍ରକାରକୁ ପ୍ରକାରେ ମଣିଷ । ଏ ଆଶ୍ରୟହୀନ ସହରରେ ବାବନ ପରି ଅପରିଚିତ ନିରାଶ୍ରୟକୁ କିଏ ବା ସ୍ଥାନ ଦେବ ! ଗୋଟେ ଝୁଙ୍କରେ ପଳେଇଆସିଲା ସିନା ।

ବଜାର, ବାଡ଼ି, ମଠ, ମନ୍ଦିର, ମସ୍‌ଜିଦ୍, ହାଟବାଟ, ଦି' ଦିନ କାଳ ବୁଲିଲା । ସହରଟାକୁ ଟିକେ ପରଖି ନିଏ । ପରିବାବିକାଳୀ ପରିବା କୁଢ଼ାଇବା ପୂର୍ବରୁ ଥାନଟିକୁ ଟିକେ ନିରେଖେ, ସଫାସୁତରା କରିଥାଏ ।

ଯାହା କିଛି ପଇସା ପକେଟ୍‌ରେ ଥିଲା, ସରିଆସୁଚି । ଲଜିଂଭଡ଼ା ତୁଟାଇ 'ଏୟାର୍‌ବ୍ୟାଗ୍‌ଟା ନେଇ ରାସ୍ତାରେ ପାଦଦେବା ବେଳକୁ ସେ କପର୍ଦ୍ଦକଶୂନ୍ୟ । ଅଧକପ୍ ଚା' ପିଇବା ପାଇଁ ମଧ ଟଙ୍କାଟେ ନାହିଁ । ସେ ଚାଲିଚାଲି ଷ୍ଟେସନ୍‌ଯାଏ ଗଲା । ପ୍ଲାଟ୍‌ଫର୍ମର ଗୋଟେ ସିମେଣ୍ଟ ବେଞ୍ଚ ଉପରେ ବସିଲା । କିଏ କାହିଁକି ନଜର ପକାଇବ ତା' ଉପରେ ! ଏତେବଡ଼ ରାଜଧାନୀରେ ସେ ଗୋଟେ ବାରବୁଲା । ସେ ଶୁଣିଥିଲା, ଭୁବନେଶ୍ୱର ମତଲବର ସହର । ବିନା ମତଲବରେ କିଏ କାହା ଘରକୁ ଯାଆନ୍ତି ନାହିଁ । ସେ ବି କଉ କମ୍ କି ? ସେ ବି ଆସିଚି ମତଲବର ସଉଦା ବିକିବା ପାଇଁ ।

ପେଟ ଭିତରୁ ଗୋଟେ ଦି'ଟା ହାବୁକା ଉଠି କେଞ୍ଚିପକାଇଲା । ଭୋକ ପ୍ରବଳ ହେଲାଣି । ତପସ୍ୱିନୀ ଏକ୍ସପ୍ରେସ୍ ପ୍ଲାଟ୍‌ଫର୍ମ ଭିତରକୁ ଢୁକୁଥାଏ । ଖୁବ୍ ଅଳ୍ପ ସଂଖ୍ୟକ ଯାତ୍ରୀ ଓହ୍ଲେଇଲେ । ସେମାନଙ୍କ ଭିତରେ ଥିଲେ ଜଣେ ଦୀର୍ଘକାୟ ପୁରୁଷ । ହାତରେ ଦାମୀ ବ୍ରିଫ୍ କେଶ୍ । ବାବନ ତାଙ୍କ ପଛେପଛେ ଲାଗିଲାଗି ହୋଇ ଚାଲିଲା । ଗେଟ୍ ବାହାରକୁ ଆସିବା ମାତ୍ରେ ଆଗକୁ ଝପଟିଯାଇ ପଥ ଓଗାଳିବା ଭଙ୍ଗୀରେ କହିଲା–'ସାର୍, ଦଶଟା ଟଙ୍କା ଦେବେ ? ଭାରି ଭୋକ ହଉଚି ।'

Digitized by PPRACHIN, SOA

'ମୋ' ପାଖରେ ପଇସା ନାହିଁ ।' କହି ଭଦ୍ରଲୋକ ଆଡ଼େଇଯିବାକୁ ଚେଷ୍ଟା କରୁଥିବା ବେଳେ ବାବନ ପୁଣି କହିଉଠିଲା–

'ମିଛ କହୁଛନ୍ତି କାହିଁକି ? ଆପଣଙ୍କ ପର୍ସରେ ହଜାରେ ସାତଶହ ତିରିଶ ଟଙ୍କା ପଚାଶ ପଇସା ଅଛି । ନ ଦେବେ ନାଇଁ । ଦେବାକୁ ଇଚ୍ଛା ନାଇଁ ବୋଲି କହିବେ, ମିଛ କହନ୍ତୁନି ।'

ଭଦ୍ରଲୋକ ଗୋଟେ କଡ଼କୁ ଯାଇ ପର୍ସ କାଢ଼ି ପଇସା ଗଣିଲେ । ତା'ପରେ ଆତଙ୍କିତ ଦୃଷ୍ଟିରେ ବାବନକୁ ଚାହିଁ ଦଶଟଙ୍କିଆ ନୋଟ୍‌ଟେ ତା' ଆଡ଼କୁ ଫିଙ୍ଗିଦେଇ ଏକପ୍ରକାର ଦୌଡ଼ିଦୌଡ଼ି ପଳାଇଲେ । ସେଇ ଦଶଟଙ୍କାରେ ବାବନ ଜଳଖିଆ ଷ୍ଟଲ୍‌ରୁ ପେଟପୂରା ପୁରି, ଘୁଗୁନି ଖାଇଲା ।

ବାବନ ନିଜକୁ ନିଜେ ଧିକ୍‌କାରିଲା । ସିଏ ଭିକ ମାଗିବା ପର୍ଯ୍ୟନ୍ତ ଗଲା ? ଗାଁରେ କେତେ ଆଦର, କେତେ ସମ୍ମାନ ପାଉଥିଲା । ଲୋକେ 'ବାବା ବାବା' କହି ପାଦଧୂଳି ନେଇ ସାଇତି ରଖୁଥିଲେ । ଧନରେ ଗରିବ ଲୋକଙ୍କ ମନର ଉଚ୍ଚତା ସହଜରେ ମାପିହୁଏନା । ପୁଣି ମନକୁ ବୁଝାଇଲା, ଏତେ ଅସ୍ଥିର ହେଲେ ଚଳିବ ? କୂଳରେ ଲାଗିବା ପାଇଁ କିଛି ସମୟ ତ ପୁଣି ଲାଗିବ ।

ସଚିବାଳୟ ପାଚେରୀ କଡ଼ରେ ଜ୍ୟୋତିଷ ଜଣେ ବସିଥା'ନ୍ତି । ମଥାରେ ତ୍ରିପୁଣ୍ଡ ଚନ୍ଦନ ରେଖା । ହଳଦିଆ ହାପ୍‌ସାର୍ଟ । ଗେରୁଆ ଧୋତି । ରୁଦ୍ରାକ୍ଷ ମାଳଟିଏ ବେକରେ । ଆଗକୁ ପାରିଦେଇଥା'ନ୍ତି ସାମୁଦ୍ରିକ ଶାସ୍ତ୍ରର ବିଭିନ୍ନ ପ୍ରତୀକ ଅଙ୍କିତ ରେଖାଚିତ୍ରସମ୍ବଳିତ କଳା ପାଲଟିଏ । ଗୋଟେ କଡ଼େ ଛୋଟ ବଡ଼ କିଛି ଜ୍ୟୋତିଷ ବହି ଆଉ କୋହିନୂର ପ୍ରେସ୍ ପାଞ୍ଜିଖଣ୍ଡେ ।

ଜଣେ ଯୁବକ ଠୁଙ୍କା ହୋଇ ବସି ହାତ ଦେଖାଉଥିଲା ।

ବାବନ ଯାଇ ଛିଡ଼ାହେଲା ।

ଜ୍ୟୋତିଷୀ କହୁଥା'ନ୍ତି, 'ଚାକିରି ମିଳିବ । ନ ମିଳିବ ବୋଲି ସେମିତି କିଛି ଦିଶୁନି ।'

'ସେଇ ଆଶାରେ ତ ମଣିଷ ବଞ୍ଚେ । ଗଲା ବର୍ଷ ପଲ୍ଲୀସଭା ମେମ୍ବରମାନଙ୍କୁ ଧରାଧରି କରିବା ସତ୍ତ୍ୱେ କିଛି ହେଲାନି ।'

Digitized by PPRACHIN, SOA

'ଏଥର ହବ ।'

'ସରକାରଙ୍କ ବିଚିତ୍ର ନୀତି ଦେଖନ୍ତୁ ନା ଜ୍ୟୋତିଷ ମହାଶୟ । ବି.ଏ.ବି.ଇଡ଼ି. ପାଶ୍ କଲି । ଶିକ୍ଷାକର୍ମୀ ନିଯୁକ୍ତିଟିଏ ପାଇଁ କେତେ ତେଲ ମାଲିସ୍ ! ମାସକୁ ଦେଢ଼ ହଜାର ବେତନ । ଠିକା ଚାକିରି । ବର୍ଷକ ପାଇଁ ।'

'ଆଶା ରଖନ୍ତୁ । ଏଥର ପାଇବେ । ପ୍ରତି ଶନିବାର ଶନିଙ୍କ ମନ୍ଦିରରେ ତେଲଦୀପ ଜାଳି ନଅଟି ଖସାଲଡୁ ଭୋଗ କରିବେ, ଚାକିରି ପାଇବା ଯାଏ । ଶନିଙ୍କ ଅଶୁଭ ଦୃଷ୍ଟି କଟିଯିବ ।'

ଜ୍ୟୋତିଷୀ ଠିକ୍ ଲକ୍ଷ୍ୟ ରଖିଥିଲେ, ଗୋଟେ ଅନାହୂତ ଯୁବକ ଛିଡ଼ାହୋଇ ତାଙ୍କ ବାର୍ତ୍ତାଳାପ ଶୁଣୁଚି । ଭାରୀ ଖରାପ ଲାଗୁଥିଲା । କିନ୍ତୁ ତଡ଼ିବେ କେମିତି ? ଇଏ ତାଙ୍କର ବାପ ଜେଜେବାପାର ଘରଅଗଣା ନୁହେଁ । ସରକାରୀ ରାଜରାସ୍ତା ।

'ଯାଅ ବାବୁ । ମନସ୍କାମନା ସିଦ୍ଧି ହେବ ।'

ବେକାରି ଯୁବକଟିର ଆଉ କିଛି କହିବା ଓ ଶୁଣିବା ପାଇଁ ଇଚ୍ଛା ଥିଲା ।

'କଥା କ'ଣକି ! ଘରେ ସେମିତି କିଛି ଅଭାବ ନାହିଁ । ବାପମାଆଙ୍କର ଏକମାତ୍ର ସନ୍ତାନ । ଦି' ଏକର ଜଳସେଚିତ ଜମି ଅଛି । ବାପା କହୁଛନ୍ତି, ଚାକିରି ପଛରେ ନ ଗୋଡ଼ାଇ ଚାଷ କର୍ । କେତେ ପ୍ରକାର ନୂଆ ନୂଆ ଅର୍ଥକରୀ ଫସଲ ବାହାରିଲାଣି । ଔଷଧୀୟ ବୃକ୍ଷ ଚାଷ କଲେ ଲକ୍ଷ ଲକ୍ଷ କମେଇବୁ । ଚାକିରି ଖାଲି ପଦମର୍ଯ୍ୟାଦା ପାଇଁ । କୋଉ ମାଷ୍ଟର୍ ରେଗୁଲାର୍ ସ୍କୁଲ୍ ଯାଉଚି ଯେ ମୁଁ ଯିବି ! ଚାଷ କାମକୁ ଚାଷ କାମ, ଶିକ୍ଷକତାକୁ ଶିକ୍ଷକତା । ରେବତୀ ବୋଲି ଗୋଟେ ଝିଅକୁ ଭଲ ପାଏ । ତା' ବାପା ଚାକିରିଆ ବର ଖୋଜୁଚି । ରେବତୀ ବରାବର ଲଗେଇଚି, କେମିତି ହେଲେ ଚାକିରିଟିଏ ହାତେଇନିଅ । ସେଇ ଆଶାରେ ମାସେ ହେଲା ରାଜଧାନୀରେ ପଡ଼ିଛି, ଧରାଧରି କରୁଚି ।'

'ଧରାଧରି କରୁଥାଅ । ଚାକିରି ପାଇବ, ରେବତୀକୁ ବି ପାଇବ ।'

ଯୁବକଟି ଏମିତିଆ ଆସ୍ତିସୂଚକ ଆଶ୍ୱାସନାଟିଏ ଜ୍ୟୋତିଷଙ୍କ ଠାରୁ ଆଶା କରୁଥିଲା । ଖୁସିରେ ପକେଟରୁ କୋଡ଼ିଏ ଟଙ୍କା ନୋଟ୍ ଖଣ୍ଡେ କାଢ଼ି ପ୍ରଣାମ ଜଣାଇ ଚାଲିଗଲା । ତା' ପାଦରେ ଥିଲା ଅଜସ୍ର ଧନ ଜିଣିଥିବାର ଦାମ୍ଭିକତା ।

Digitized by PPRACHIN, SOA

ଉତ୍ସାହ ଥିଲା, ଜୁଆଖେଳରେ ଲକ୍ଷେ ଟଙ୍କା ଜିତିଯିବାର ଉଲ୍ଲାସଠାରୁ କେତେ କାହିଁ ଅଧିକା ।

ବାବନ ରାଗିଉଠିଲା । ଜ୍ୟୋତିଷୀଗୁଡ଼ା ଠକିଠାକି ପଇସା ରୋଜଗାର କରୁଛନ୍ତି । ନିଜକୁ ସମାଳି ନ ପାରି କହିପକାଇଲା–'ଜ୍ୟୋତିଷ ବାବୁ ! ମିଛ କାହିଁକି କହିଲେ ? ଗଲା ମାଘ ଦଶମୀରେ ରେବତୀ ବାହା ହୋଇଗଲା ଗ୍ରାମସେବକ ରାଧାରମଣଙ୍କୁ । ପନ୍ଦରଦିନ ହୋଇଗଲାଣି । ତା'ମାନେ ଆପଣ ଲୋକଙ୍କୁ ଠକାଉଛନ୍ତି ?'.

ସେ ଭାବୁଥିଲା, ତା'ର ଚମତ୍କାରିତାରେ ଜ୍ୟୋତିଷ ମୁଗ୍ଧ ହୋଇ ତାକୁ ପାଖରେ ବସେଇବ । ପାର୍ଟନରସିପ୍‌ରେ ବେପାର ଚଳେଇନେବେ ଫିଫ୍‌ଟୀଫିଫ୍‌ଟୀ ଅନୁପାତରେ ବେଶ୍ କିଛି କାଳ, ବାବନକୁ ଗୋଟେ ରାହା ମିଳିବା ପର୍ଯ୍ୟନ୍ତ ।

ଫଳ ବିପରୀତ ହେଲା । ମୁଗ୍ଧ ହେବା ପରିବର୍ତ୍ତେ ଜ୍ୟୋତିଷୀ କ୍ଷୁବ୍ଧ ହେଲେ... 'କିହୋ, ତମର ଏତେ ଚିନ୍ତା କୋଉଥିପାଇଁ ? ଅନ୍ୟମାନଙ୍କ ପ୍ରାଇଭେଟ୍ କଥା ଶୁଣୁଚ, ଲଜ୍ଜା ନାଇଁ ? କାହିଁକି ଠିଆ ହେଇଚ, ଶୁଣେ ? ହାତ ଦେଖାଇବ ? ବସ ।'

ବାବନ ପ୍ରବଳ ଭାବେ ତାତିଗଲା ।

'ମୋ' ହାତ ଦେଖିବ ? ତମ ହାତ ମୁଁ ଦେଖି ସାରିଚି । ରାସ୍ତା କଡ଼ରେ ବସି ମିଛ ସତ କହି ଲୋକଙ୍କୁ ଠକୁଚ । ପାଞ୍ଚ ଦଶ କମଉଚ ! ସେଣେ ତମ ସ୍ତ୍ରୀ କଂସାବାସନ, ଗାଇବାଛୁରୀ ବନ୍ଧା ପକାଇ ରାତିରାତି ଅପେରା ଦେଖୁଚି । ଦଶରାତି ହୋଇଗଲାଣି । ଅପେକ୍ଷା କରିଚି, ତମେ ଟଙ୍କା ପଠାଇଲେ, ସେ ସବୁ ମୁକୁଳାଇବ ।'

ଜ୍ୟୋତିଷୀ ହାଁ କରି ଅନେଇଲେ । କାଳେ ସେ ତାକୁ ଆକ୍ରମଣ କରିବେ, ବାବନ ଦୌଡ଼ି ଦୌଡ଼ି ପ୍ରାଣଭୟରେ ପଳାଇଲା ।

ବିଧାନସଭା ଫାଟକ ପାଖରେ ତା'ର ପାଦ ଅଟକିଗଲା ।

ସଶସ୍ତ୍ର ପ୍ରହରୀମାନଙ୍କର ମେଳା ।

Digitized by PPRACHIN, SOA

କ୍ଷଣେ ଛିଡ଼ା ହୋଇ ଏପଟସେପଟ ଚାହୁଁଥାଏ । ବେୟୋନେଟ୍ ଧାରୀ ଜଣେ ପ୍ରହରୀ ଆଗେଇଆସି ଧମକାଇଲେ- 'ଏ ଟୋକା ! ଭିତରେ ପଶିବା ମସୁଧା କରୁଚୁ ? ଢୋ'କିନା ଗୁଳିଟେ ଫୁଟିଲେ ସେଇଠି ଟଳିପଡ଼ିବୁ । ବିଧାନସଭା ବୈଠକ ଚାଲିଚି, ଜାଣି ପାରୁନୁ ?'

ନିରୀହ ଭାବେ ବାବନ ପ୍ରହରୀଟିକୁ ଅନାଇଲା । କହିଲା-'ଭାଇ, ତମର ସୁନାବେଡ଼ାରୁ ଆସିବାକୁ ଇଛା ନ ଥିଲା । ହେଲେ, ସେମାନେ କ'ଣ ଶୁଣିଲେ !'

ଅବିଶ୍ୱାସୀ ଦୃଷ୍ଟିରେ ପ୍ରହରୀ ଚାହିଁରହିଲେ । 'ଗୋଟେ କଥା କହୁଚି । ତୁମ ପୁଅ ଛ' ମାସିଆ ପରୀକ୍ଷାରେ ଫେଲ୍ ହୋଇଯାଇଚି । ଗଣିତ, ଇଂରାଜୀ, ଭୂଗୋଳ, ବିଜ୍ଞାନ ଚାରୋଟି ବିଷୟରେ ପାସ୍ ମାର୍କରୁ କମ୍ ରଖିଚି । ତୁମେ କିନ୍ତୁ ଫେରିଗଲା ପରେ ଗାଳିମନ୍ଦ କରିବନି । ପିଲାଟି ଭଲ । ହେଲେ, ପାଠ ଧରିପାରୁନି । ଟିଉସନ୍‌ଟେ ଦିଅ । କେତେ ବା ଖର୍ଚ୍ଚ ! ଆଜିକାଲି ବେକାର ଶିକ୍ଷିତ ପଲପଲ ବୁଲୁଛନ୍ତି ।

'ଦିନରାତି ସରକାରୀ ସୁରକ୍ଷାରେ ମାତିଲ । ଭବିଷ୍ୟତକୁ ଟିକେ ଦେଖ ।'

ବାବନ ଆଉ ଦି'ଧାଡ଼ି ଯୋଡ଼ିଦେଲା ।

ସାଥୀ ପ୍ରହରୀମାନେ ଲକ୍ଷ୍ୟ କରୁଛନ୍ତି, ସିଏ କ'ଣ ଟୋକାଟା ସାଙ୍ଗେ ଗପୁଚି । ସେଠି ନରହି ଦଶଟଙ୍କାଟେ ବାବନକୁ ବଢ଼େଇଦେଇ ପହରା ସ୍ଥାନକୁ ଫେରିଗଲେ ,। ବାବନ ରାସ୍ତାକଡ଼କୁ ହଟିଆସିଲା ।

ପ୍ରହରୀମାନେ ନିଜ ନିଜ ଭିତରେ କିଛି ଆଲୋଚନା କରୁଛନ୍ତି । ସମୟେ ସମୟେ ତା' ଆଡ଼କୁ ଦୃଷ୍ଟିନିକ୍ଷେପ କରୁଛନ୍ତି । କିଛି ସମୟ ବ୍ୟବଧାନରେ ଆଉ ଜଣେ ପ୍ରହରୀ ତା' ଆଡ଼କୁ ଅଗ୍ରସର ହେଲେ... 'କହି ପାରିବ, ମୋ ଜମିବାଡ଼ି ମାମଲାଟା କେତେଦୂର ଗଲା ?'

ପ୍ରହରୀଙ୍କର ଉତ୍ସୁକ ପ୍ରଶ୍ନ । ବାବନ ଟିକେ ଚାହିଁ କହିଲା- 'ତହସିଲ୍‌ଦାର ସତର ତାରିଖକୁ ଶୁଣାଣି ଧାର୍ଯ୍ୟ କରିଛନ୍ତି ।'

ହେ ଭଗବାନ ! ପ୍ରହରୀ ଯେମିତି ଆକାଶରୁ ଖସିପଡ଼ିଲେ । ଆସେମ୍ବ୍ଲି ସରିବ ବାଇଶରେ । ତା' ଆଗରୁ ଛୁଟି ମିଳିବ ? ଅସମ୍ଭବ । ଆଜି ସନ୍ଧ୍ୟାରେ ଗାଁ ପି.ସି.ଓ.କୁ ଟେଲିଫୋନ୍ କରିବାକୁ ହେବ । ତାରିଖଟିଏ ନେଇଯିବେ ।

Digitized by PPRACHIN, SOA

ହାଜର୍ ନହେଲେ ଏକତରଫା ଶୁଣାଣିରେ କେସ୍ ଡିସ୍‌ମିସ୍ ହୋଇଯାଇପାରେ ।'

ସେ ପ୍ରହରୀ ବି ଗଣିଦେଲେ ଦଶ ।

ଦୁଇଟା ପାଞ୍ଚ ଟଙ୍କିଆ କଏନ୍ ।

ସିଏ ସ୍ଥାନ ତ୍ୟାଗ କଲାପରେ ତୃତୀୟ ପ୍ରହରୀ ଆସିଲେ ।

'ବାବୁ ! କହିପାରିବ, ସାନଭଉଣୀ ବାହାଘର ପାଇଁ କିଛି ପ୍ରସ୍ତାବ ଆସିଲାଣି ?'

'ତିନୋଟି ପ୍ରସ୍ତାବ ଆସିଥିଲା । ଜଣକ ପରିବାର ଝିଅ ଦେଖି ପସନ୍ଦ କରିଯାଇଛନ୍ତି । ତୁମେ ଗଲେ ଫାଇନାଲ୍ କରିବ ।'

ପ୍ରହରୀଙ୍କର ଛାତି ଖୁସିରେ ଫୁଲିଉଠିଲା । ସେ ବି ଦେଲେ ଦଶଟଙ୍କା ଦକ୍ଷିଣା ।

ଚତୁର୍ଥ ପ୍ରହରୀ ଆସିଲେ । ତାଙ୍କର ପ୍ରଶ୍ନ- 'ସ୍ତ୍ରୀଙ୍କୁ ସନ୍ଦେହ କରୁଚି । କହିଲ ଦେଖି ଏ ସନ୍ଦେହ ସତ୍ୟ ନା ଅମୂଳକ ।'

'ଅମୂଳକ । ତୁମ ସ୍ତ୍ରୀ ପତିବ୍ରତା । ଖୋଲାମେଲା ପ୍ରକୃତିର ବୋଲି ସନ୍ଦେହ ଆସୁଚି । ସହଜେ ଲୋକଙ୍କ ସାଙ୍ଗେ ମିଶିଯାଆନ୍ତି । ତୁମ ସ୍ତ୍ରୀ ଅସତୀ ନୁହଁ, ତୁମ ସାନଶାଳୀ ଅସତୀ । ସ୍ୱାମୀ ଅଫିସ୍ ଗଲା ପରେ ପଡ଼ୋଶୀ ବୈଷ୍ଣବ ବାବୁଙ୍କ ସାଙ୍ଗେ ରଂଗରସ କରୁଚି ।'

ପ୍ରହରୀ କିଛି ଖୁସି ହେଲେ, କିଛି ମନ ଦୁଃଖ କଲେ । କ୍ଷଣକେ ମନବୋଧ ଚଉତିଶା ପଢ଼ିନେଲେ । ମୋ' ସ୍ତ୍ରୀ ତ ସତୀ, ଶାଳୀ ଦୋଚାରୁଣୀ ହେଲେ ମୋର କି ଗଲା ? ସ୍ତ୍ରୀର ଚରିତ୍ର ସ୍ୱାମୀ ପାଇଁ ଗଣ୍ଠିଧନ । ତା' ସ୍ୱାମୀ ଫ୍ରି ଛାଡ଼ିଚି । ତା କଥା ସେ ବୁଝୁ । ମନଟା ହାଲ୍‌କା ହୋଇଗଲା । ଏଣିକି ନିର୍ଦ୍ୱନ୍ଦ୍ୱରେ ବାହାରେ ଡ୍ୟୁଟି ବଜେଇ ପାରିବ ।

ଦଶଟଙ୍କା ଉପହାର ଦେଇ ଚାଲିଯିବା ପରେ ପହଁଚିଲେ ପଂଚମ ପ୍ରହରୀ । ସେ କିଛି ପ୍ରଶ୍ନ କରିବା ପୂର୍ବରୁ ବାବନ ପଚାରିଲା- 'ଭାଇ ତୁମେମାନେ ଏଠି ଛିଡ଼ାଛିଡ଼ା କ'ଣ କରୁଚ ?'

'ଆଇନଶୃଙ୍ଖଳା ରକ୍ଷା କରୁଚୁ । ଯାବତୀୟ ବିଶୃଙ୍ଖଳା ହଲ୍ ଭିତରେ । ମୁଥ ମରାମରି, ଚଉକୀ ଫିଙ୍ଗା । ଟେବୁଲ ଭଙ୍ଗା, ମାଇକ୍ରୋଫୋନ୍ ଉପୁଡ଼ା ।

Digitized by PPRACHIN, SOA

ଲକ୍ଷଲକ୍ଷ ଟଙ୍କାର ଜାତୀୟ ସଂପତ୍ତି ନଷ୍ଟ । ବାଚସ୍ପତି ମହୋଦୟ ପରା ତିନିଜଣ ଏମ୍.ଏଲ୍.ଏ.ଙ୍କୁ ଜୋରିମାନା କରିଛନ୍ତି ଷାଠିଏହଜାର ଟଙ୍କା ଲେଖାଏଁ । ଆଗକୁ ଇଲେକ୍‌ସନ୍ । ଆସେମ୍ବ୍ଲି ଭିତରେ ଗରମାଗରମ । ଏ ସରକାରକୁ ଲାଜ ନାହିଁ, କୁଆଡ଼େ ସଂଖ୍ୟା ଗରିଷ୍ଠ !'

ବାବନ ଅବାକ୍ ହେଲା । ପ୍ରହରୀଟି ସରକାର ବିରୁଦ୍ଧରେ ଗପୁଚି ? ନକ୍ସଲାଇଟାଏ ହବ ପରା । ପୁଲିସ୍ ବେଶ ପକାଇଚି ।

ପ୍ରହରୀ ଜିଜ୍ଞାସା କଲେ- 'ଚିଠିଟିଏ ଗାଁକୁ ଦେଇଥିଲି, ସ୍ତ୍ରୀ ପାଇଲେ କି ନାହିଁ ?'

'ଚିଠି କେବଳ ପାଇନାହାନ୍ତି, ତିନି ପୃଷ୍ଠାର ଉତ୍ତର ମଧ୍ୟ ଲେଖି ପଠାଇଛନ୍ତି ।'

ପ୍ରହରୀ ଲାଜେଇଗଲେ- ଏ ସର୍ବଜ୍ଞ ପୁରୁଷ ଯଦି, କହିଦେବେ, କ'ଣ କ'ଣ ଲେଖିଚି ଯୁବତୀ ସୁକାମିନୀ ।

'ଭାଇ, ତମେ ଅଣହେଳା କରୁଚ । ଚିଠିପତ୍ର ଦବାରେ ମୋଟେ ରେଗୁଲାର ନୁହଁ । ପୋଷ୍ଟକାର୍ଡ଼ରେ ଦି' ଧାଡ଼ି ଲେଖି ପଠାଇ ଦଉନ କାହିଁକି ? ନୂଆ ବାହାହୋଇଥିବା ଯୁବତୀମାନେ ଅଭିମାନୀ ହୁଅନ୍ତି । ସୁକାମିନୀ ଉତ୍ତମା ରମଣୀ । ଶାଶୁ ତାକୁ ମୋଟେ ଦେଖିପାରୁନି । ମା' କଥାରେ ଜମ୍ମା ଗୁରୁତ୍ୱ ଦେବନି ।' ସେ ପ୍ରହରୀଟି ମଧ୍ୟ ଦଶଟଙ୍କା ଦେଲେ ।

ବଡ଼ବାବୁ ଦୂରରୁ ଥାଇ ନଜର ରଖୁଥାଆନ୍ତି, ଜଣକ ପରେ ଜଣେ ସେ ଟୋକା ପାଖକୁ ଯାଇ ଫୁସର୍‌ଫାସୁର୍ ହୋଇ ହସିହସି ଫେରିଆସୁଛନ୍ତି । କି ରହସ୍ୟ ! ବାଡ଼କଡ଼ର ସେ ଟୋକାଟା କି ଏମିତି ଦିବ୍ୟଜ୍ଞାନ ଦେଉଚି ? ସିପେହୀ ଜଣେ କହିଲା- 'ସାର୍ ! ଜ୍ଞାନୀ ପୁରୁଷ । ଆପଣ ଯାଇ ପଚାରୁ ନାହାନ୍ତି କିଛି ? ଆପେ ଆପେ ଜାଣିଯିବେ ।'

ବଡ଼ବାବୁ ଆସିଲେ । ପ୍ରଶ୍ନ କଲେ-'ଘରୁ ବାହାରିବା ବେଳେ ସ୍ତ୍ରୀଙ୍କୁ ଭୟଙ୍କର ଜର ହୋଇଥିଲା, ଏବେ କିପରି ଅଛନ୍ତି ?'

'ଅବନୀ ଡାକ୍ତର କଥା ଜାଣିନାହାନ୍ତି ସାର୍ ! ଦେବଦୈବ୍ୟ ଅଶ୍ୱିନୀ କୁମାର । ଆପଣ ବଉଦ ଛାଡ଼ିବା ପରଦିନ ଜର ଉତ୍ତୁରିଗଲା । ସଂପୂର୍ଣ୍ଣ ସୁସ୍ଥ

Digitized by PPRACHIN, SOA

ଅଛନ୍ତି । ଆଜି ସକାଳେ ଆପଣଙ୍କ ଶଶୁର, ଶାଳୀ ବଲାଙ୍ଗୀରରୁ ଆସି ପହଁଚିଲେ । ଆପଣଙ୍କ ସ୍ତ୍ରୀ ବୁଲାବିକାଳୀଠାରୁ ସତୁରୀ ଟଙ୍କାରେ ଗୋଟାଏ କିଲୋ ମହାନଦୀ ମଧୁର ଚିଙ୍ଗୁଡ଼ି କିଣିଲେ । ଦୁଇ ଭଉଣୀ ମିଶି ଚିଙ୍ଗୁଡ଼ିରୁ ଚୋପା ଛଡ଼ାଇଛନ୍ତି ।' ବଡ଼ ବାବୁ ସ୍ୱସ୍ତିର ନିଶ୍ୱାସ ମାରି ପଚାଶ ଟଙ୍କା ନୋଟ୍‌ଟେ ବଢ଼େଇଦେଲେ ।

ପାଞ୍ଚ ପ୍ରହରୀ, ଜଣକା ଦଶ ଦଶ, ପଚାଶ । ବଡ଼ ବାବୁ ପଚାଶ । ସମୁଦାୟ ଶହେ । ରାଜଧାନୀରେ ପ୍ରଥମ ଦିନର ରୋଜଗାର ଶହେ ଟଙ୍କା ।

ଆଉ ସେଠି ରହିବାକୁ ଇଚ୍ଛା ହେଲାନି । ଭୋକ ଲାଗୁଚି । ଆଗକୁ ପାଦ ବଢ଼େଇଲା । ପଛରୁ କିଏସବୁ ଡାକୁଥିଲେ । ଶୁଣିଲାନି ।

ପ୍ରିୟା ହୋଟେଲ୍‌କୁ ଯାଇ ଗୋଟେ ପେପରରୋଷ୍ଟ୍ ଦୋଷା, ପ୍ଲେଟେ ଉପମା, ଯୋଡ଼େ ଉଲିଗାରି ଗିଳିପକାଇଲା । ଆହୁରି ପଚାଶ ଟଙ୍କା ବଳିଚି । ରାତି ଖାଇବା, ସକାଳ ଜଳଖିଆ ଖର୍ଚ୍ଚ ଚଳିଯିବ । କାଲିକୁ ପୁଣି ଦେଖାଯିବ ।

ସେ ରାତିଟା କଟାଇଲା ରେଲଓ୍ୱେ ଷ୍ଟେସନ ବାରଣ୍ଡାରେ । ଏୟାର୍‌ବେଗ୍ ମୁଣ୍ଡତଳେ ଦେଇଦେଲା ।

ପରଦିନର ଶୁଭ୍ରସକାଳ ଓହ୍ଲେଇଆସିଲା ରାଜଧାନୀ ଛାତିରେ ।

ଗାଁରେ ଥିବା ବେଳେ ଲୋକେ ତା' ପାଖକୁ ଛୁଟୁଥିଲେ । ଗ୍ରାହକ ଖୋଜିବାର ହୀନସ୍ତା ନଥିଲା । ଭୁବନେଶ୍ୱରରେ ରହିବା ପାଇଁ ଦିନକୁ ଅନ୍ତତଃ ପକ୍ଷେ ଶହେଟଙ୍କା ଦରକାର । ବିନା ମତଲବରେ ଏଠି କିଏ କାହାକୁ କାଣି କଉଡ଼ିଏ ଦିଏ ନାହିଁ ।

ପୁଣି ପହଁଚିଲା ଗତକାଲିର ସେଇ ଜ୍ୟୋତିଷୀ ପାଖରେ । ଜ୍ୟୋତିଷୀ ତାକୁ ଦେଖି ମୁହଁ ଭୁରୁଣ୍ଡା କଲାନାହିଁ । ଉଠିଆସି ହାତଧରି ନେଇ ପାଖ ଅଖାରେ ବସାଇଲା ।

'ତମେ ବି ମୋ ପରି ଜ୍ୟୋତିଷ ? ହାତ ନଦେଖି କୋଷ୍ଠୀ ଗଣନା ନକରି ଏତେ କଥା କହିଯାଉଚ !'

'ମୁଁ ଜ୍ୟୋତିଷୀ ନୁହେଁ ।'

'ଯୋଗୀ ନା ଜ୍ଞାନୀ ପୁରୁଷ ?'

Digitized by PPRACHIN, SOA

'ତା ବି ନୁହଁ ।'

'ତେବେ ତମେ କିଏ ?'

'ମୁଁ ବାବନ ମହାରଣା । ତୁମ ପରି ଜଣେ ସାଧାରଣ ମଣିଷ ।'

ନିଜ ପରିଚୟ ଦେବା ପାଇଁ ସର୍ବଜ୍ଞାନୀ ସଂକୋଚ କରୁଛନ୍ତି ବୋଧେ ।

ଜ୍ୟୋତିଷ ଆଉ ବାଧ କଲେନି ।

ବାବନ ଆରମ୍ଭ କଲା- 'ବଡ଼ଭାଇ ! ବେପାର କେମିତି ଚାଲିଚି ?'

'କି ବେପାର.... । ଆଜିକାଲି କିଏ ଜ୍ୟୋତିଷଶାସ୍ତ୍ରର ମର୍ଯ୍ୟାଦା ବୁଝୁଚି ? ଆଗେ ଖାନଦାନୀ ଅବଧାନ ଥିଲେ । ପାନ ଗୁଆ ଦେଇ ତାଙ୍କୁ ଘରକୁ ନିମନ୍ତ୍ରଣ କରାଯାଉଥିଲା । ସେମାନେ ଜାତକ ଗଣନା କରୁଥିଲେ । ଏଠି ଆମ ପାଖକୁ ଆସୁଚି କିଏ ? ସେଇ ଫୁଟ୍‌ପାଥ୍ ଷ୍ଟାଣ୍ଡାର୍ଡ଼ର ଲୋକ । କେତେ ଦେବେ ଆଉ ? ଅତି ବେଶୀରେ ପାଞ୍ଚ ଦଶ ।'

ଜଣେ ବୟସ୍କ ଗରାଖ ଆସିଲେ । ମଝିରେ ମଝିରେ ସେ ଜ୍ୟୋତିଷଙ୍କ ପାଖକୁ ପରାମର୍ଶ ନେବା ପାଇଁ ଆସନ୍ତି । ପୁରୁଣା ଜ୍ୟୋତିଷ ପାଖରେ ନୂଆ ଟୋକାଟିଏ ଦେଖି କୌତୁହଳ ଦମନ ନକରି ପାରି ପଚାରିଲେ- 'ମହାପ୍ରୁ, ଚେଲାଟିଏ ରଖିଲେଣି କି ?'

'ନା ନା, ପତ୍ରୀବାବୁ । ସେ କାହିଁକି ଚେଲା ହେବେ ? ସେ ବାବନ ମହାପ୍ରୁ । ଆଜି ସେ ଆପଣଙ୍କ ପ୍ରଶ୍ନର ଉତ୍ତର ଦେବେ ।'

ପତ୍ରୀବାବୁ ନମସ୍କାରଟିଏ ପକେଇଲେ ବାବନ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ । ଗଳା ସଫା କରି କହିଲେ-' ନାତିଟାର କାଶ ହେଲାଣି ଆଜିକୁ ମାସେ ହବ । ଯେତେ ଔଷଧ ଦେଲେ ଭଲହେଉନି । ତା' ଜାତକଟା ଆଣିଚି, ଦେଖିବେ ? କିଛି ଗ୍ରହରିଷ୍ଟ ଥିବ ।'

'ନା, ଜାତକ ଥାଉ । ନାତି ନାଁ ତ୍ରୈଲୋଚନ ନା ? ଠାକୁରଘରେ ପଶି ଦୁଇଟି ଲେଖା ଦେଶୀ ପାଚିଲା କଦଳୀ ଲୁଚେଇଲୁଚେଇ ପ୍ରତିଦିନ ଖାଉଚି । କାଶ ଭଲ ହେବ କେମିତି ?' ପ୍ରଶ୍ନକର୍ତ୍ତା ଚମକିଗଲେ । ନାତିର ନାଁ କହିଦେଲେ ! ରୋଗର କାରଣ ବି ଜଣେଇଦେଲେ । !! ଅଦ୍‌ଭୂତ ଦିବ୍ୟଦ୍ରଷ୍ଟା ।

Digitized by PPRACHIN, SOA

'ଠାକୁର ଘରେ କଦଳୀ ରଖନ୍ତୁ ନାହିଁ । ଆଲମୀରାରେ ଚାବି ପକାଇ ରଖନ୍ତୁ । କାଶ ଆପେଆପେ ଭଲ ହୋଇଯିବ । କାଢ଼ନ୍ତୁ ଏଗାର ଟଙ୍କା ।'

ଟଙ୍କା ରଖି ଭଦ୍ରଲୋକ ବିଦାୟ ନେଲେ ।

ବିଧବା ତରୁଣୀ ଜଣେ ଆସିଲେ । ପାପୁଲି ବଢ଼େଇଲେ, 'ଦେଖିଲେ ଟିକେ ମୋ ଭାଗ୍ୟରେ ପୁର୍ନବିବାହ ଯୋଗ ଅଛି କି ନା ?'

ଜ୍ୟୋତିଷୀ ଲେନ୍‌ସ୍ ପକାଇ ରେଖାଗୁଡ଼ିକ ତନଖି କରୁଥିଲେ, ବାବନ କହିଉଠିଲା, 'ଶିଶିରବାବୁଙ୍କୁ ବାହାହବା ପାଇଁ ଚାହୁଁଛନ୍ତି ତ, ଯିଏ ଲିଫ୍‌ଟ ଇରିଗେସନ ଅଫିସ୍‌ରେ କାମ କରନ୍ତି ? କେତେଥର ସିଏ ବାହାହେବେ ? ସ୍ତ୍ରୀ ତାଙ୍କର ଗାଁରେ ଅଛି । ଗାଁ ନାଁ ନଳୀପୁର । ମାର୍ଶାଘାଇରୁ ତିନି କିଲୋମିଟର ଦୂର ।' ଅଳ୍ପବୟସ୍କା ବିଧବା ଝିଅଟା ଭେଁ କିନା କାନ୍ଦିପକାଇଲା ।

'ହେ ଭଗବାନ ! ସଇତାନଟା ମୋ'ର ସର୍ବନାଶ କରିବାକୁ ବସିଥିଲା ।'

ବାବନ କହିଲା- 'ସଠିକ୍ ଉତ୍ତର ପାଇଲ, କାଢ଼ ଏକୋଇଶ ଟଙ୍କା । ଯାଅ ।' ରୋଜଗାର ହେଲା ଏକୋଇଶି ଟଙ୍କା । ଜ୍ୟୋତିଷ ଆବାକାବା ହୋଇ ଅନେଇରହିଥିଲେ ।

ବାବନ ପ୍ରତି ତାଙ୍କର ଭୟଭୟ ଭାବ ଆସୁଥିଲା । କିଛି ଗୋଟେ କହିବା ପାଇଁ ସାହସ ହେଉ ନଥାଏ । ଟୋକାଟା ସବୁଲୋକଙ୍କ ଗୁମର ଜାଣିଚି ?

ରେସିଂ ସାଇକେଲ୍‌ରେ ଜଣେ ଯୁବକ ଆସି ସେଠି ଅଟକିଲେ ।

'ଖଡ଼ି ପକାଇ କହିଲେ, ମୁଁ ଝିଅଟିଏକୁ ଭଲପାଉଚି, ତା ସଂଗେ ବାହାଘର ହୋଇପାରିବ ନା ନାଇଁ ?'

ଜ୍ୟୋତିଷୀ ଖଡ଼ି ସିଲଟ ବାହାର କରି ନକ୍ସା ଆଙ୍କୁ ଆଙ୍କୁ ପଚାରିଲେ- 'ଗୋଟେ ଫୁଲର ନାଁ କୁହ ।'

'ଗୋଲାପ ।'

ଜ୍ୟୋତିଷୀ ଦ୍ୱିତୀୟ ପ୍ରଶ୍ନ କରିବା ପୂର୍ବରୁ ବାବନ କହିଲା- 'ସୁଶ୍ରୀକୁ ଭଲପାଉଚ ପରା ? ସିଏ ଇନ୍ଦିରାଗାନ୍ଧୀ ପାର୍କ ଫାଟକ ପାଖରେ

Digitized by PPRACHIN, SOA

ଠେଲାଗାଡ଼ିବାଲାଠୁ ଗୁପ୍‌ଚୁପ୍ ଖାଉଚି । ସେ ଯେଉଁ ପିଲାକୁ ବାହା ହବ ବୋଲି ଠିକ୍ କରିଛି, ସିଏ ବି ସେଇଠି । ଦୁହେଁ ଗୁପ୍‌ଚୁପ୍ ଖୁଆଖୋଇ ହଉଚନ୍ତି । ଯାଅ ଦେଖିବ ।'

ଯୁବକ ସାଇକେଲ୍ ଷ୍ଟାଣ୍ଡ୍ ଉଠାଇବା ବେଳକୁ ବାବନ ପାଟିକଲା- 'ଏକ ମିନିଟ୍, ବାବୁ ! ଏକତିରିଶ ଟଙ୍କା ଦକ୍ଷିଣା ଦେଇଯାଅ ।'

ଜ୍ୟୋତିଷୀ ଦେଖିଲେ, ଗ୍ରାହକକୁ ଗ୍ରାହକ ଦଶଟଙ୍କା କରି ରେଟ୍ ବଢ଼ାଉଚି ବାବନ । 'ବାବନ ମହାପ୍ରୁ ! ଏମିତି ଘଣ୍ଟାକୁ ଘଣ୍ଟା ରେଟ୍ ବଢ଼ାଇଲେ ଦାତା ଦେଇପାରିବେ ?'

'ଦାତା ପକେଟ୍‌କୁ ଚାହିଁ ରେଟ୍ କଷୁଚି ବଡ଼ଭାଇ । ତମେ ମୋଟେ ବ୍ୟସ୍ତ ହୁଅନା ।' ଜଣେ ମଳିମୁଣ୍ଡିଆ ଲୋକ ଆସିଲା । ତା' ସାଇକେଲ୍‌ଟା ଚୋରିହୋଇ ଯାଇଚି, ଏକନମ୍ବର ହାଟ ପାଖରୁ ।

'ଯା ଦେଖିବୁ, ପୁରୁଣା ବସ୍‌ଷ୍ଟାଣ୍ଡ ପାଖ ସାଇକେଲ୍ ରିପ୍ୟାରିଂ ସପ୍‌ରେ ଚୋର ତୋ ସାଇକେଲ୍ ଚକାରେ ପ୍ୟାଚ ପକଉଚି । ସାତଟଙ୍କା ଦକ୍ଷିଣା ଦେଇ ଯା ।'

ଲୋକଟା ବାବନ ହାତରେ ସାତଟଙ୍କା ଧରେଇ ଚଳନ୍ତା ଟେମ୍ପୋକୁ ଡେଇଁପଡ଼ି ଉଦ୍ଦିଷ୍ଟ ସ୍ଥାନ ଉଦ୍ଦେଶ୍ୟରେ ବାହାରିଗଲା ।

'ଦେଲ ବଡ଼ଭାଇ, କୋଡ଼ିଏଟା ଟଙ୍କା । ମିଲ୍‌ଟାଏ ଖାଇଦେଇ ଆସେ । ଭୋକରେ ହଂସା ଉଡ଼ିଲାଣି ।'

ଜ୍ୟୋତିଷୀ ସହର୍ଷେ କୋଡ଼ିଏଟଙ୍କା ବଢ଼େଇଦେଲେ ।

ଭାତ, ଡାଲି, ଆଳୁବଡ଼ି ବେସର ତରକାରି, ଶାଗଭଜା, ବଡ଼ିଚୁରା, ଏମିତି ଗ୍ରାସେ ଚଢ଼େଇଦେଲା ବାବନ ।

ଉପରଓଳି ଆଉ ସେ ରାସ୍ତାକଡ଼ ଜ୍ୟୋତିଷ ପାଖରେ ବସିବାକୁ ଇଚ୍ଛା ହେଲାନି । ଏ ଖୁଚୁରା ବେପାରରେ ଲାଭ ନାଇଁ । ଗୋଟେ କୃଷ୍ଣଚୂଡ଼ା ଗଛ ତଳେ ଘାସ ଉପରେ ଶୋଇପଡ଼ିଲା । ହାୱା ବହୁଥାଏ ମୃଦୁମୃଦୁ । ବିନା ପ୍ରଚେଷ୍ଟାରେ ନିଦ ଆସିଗଲା ।

ନିଦ ଭାଙ୍ଗିଲା ବେଳକୁ ରାସ୍ତାକଡ଼ ମର୍କୁରି ଆଲୁଅଗୁଡ଼ା ଜଳିସାରିଥିଲା । ରଙ୍ଗିନ ରାଜଧାନୀର ସଭ୍ୟମଣିଷଗୁଡ଼ିକୁ ଦେଖୁ ଦେଖୁ ତା' ଆଖି ଆଗରେ

Digitized by PPRACHIN, SOA

ଝଲସିଉଠିଲା ସେବତୀର ଅନାବୃତ୍ତ ଯୌବନ । ଦେହଟା ଶିର୍‌ଶିରେଇ ଉଠିଲା । ନା । ସଂଯମ । ବ୍ରହ୍ମଚର୍ଯ୍ୟ । ନା଼ରେ ବାବନ ! ସେଆଡ଼େ ମନ ଦେ' ନା । ତୋ'ର ଦରକାର ଟଙ୍କା । ପ୍ରଚୁର ଟଙ୍କା । ଟଙ୍କା ନ ଥିଲେ ସମାଜରେ ପରିଚୟ ନଥାଏ । ବାପାକୁ କହି ଆସିଚି, ମାଟିଘର ଭଙ୍ଗା ହୋଇ କୋଠା ତିଆରି ହବ । ସେ କ'ଣ ଅଧୁରା ରହିଯିବ ?

ସେ ଧୀରେଧୀରେ ଚାଲିଲା । ସେଦିନର ବିଧାନସଭା ବୈଠକ ସରିଯାଇଥାଏ, କିଛି ସମୟ ଆଗରୁ । ଧାଡ଼ିଧାଡ଼ି ଗାଡ଼ି ଆସେମ୍ଲି ହତାରୁ ବାହାରୁଥାଏ । କେଉଁ କେଉଁ ଗାଡ଼ିରେ ନାଲିବତି ।

ବାବନ ଭାବିଲା, ଏତେବଡ଼ ରୋହୀ ଭାକୁର ଥାଉଥାଉ ସେ ପୋଲୁହ ଘାଣ୍ଟି କେରାଣ୍ଡିଗଡ଼ିସା ଅଣ୍ଡାଳୁଚି !

କାଲିଠାରୁ ସେ ଉପାର୍ଜନର ଧାରା ବଦଳେଇଦେବ । ଗୋଟାଏ ଚନ୍ଦ୍ର ଆଲୁଅକୁ ଲକ୍ଷେ ତାରା ସରି ନୁହନ୍ତି ।

ଏଇଟା କମାଣି ବୟସ । ଏତିକିବେଳେ ଜୀବନକୁ ବାଗେଇ ନ ଦେଲେ ପଛରେ ହତାଶ ହେବାକୁ ପଡ଼ିବ ।

ପକେଟ୍‌ରେ ହାତ ମାରିଲା । ଟଙ୍କାଟେ ପଡ଼ିଚି, ଉଣେଇଶ ଟଙ୍କାର ମିଲ୍ ଖାଇବା ପରେ ।

ଜ୍ୟୋତିଷୀ ବାପୁଡ଼ା ଆସ୍ଥାନ ଉଠେଇ ପଳେଇଯାଇଥିବ । ରାତି ହେଲାଣି ।

ଟଙ୍କାଟାକର ଚଣା କିଣି ଖାଇଦେଲେ ଚଳିବ । ଗୋଟେ ରାତିର କଥା ।

ବାସର ଘରର ଫୁଲଶଯ୍ୟା ଥିଲା ଅଭ୍ୟର୍ଥନା କକ୍ଷର ଆଲୋକ ସଜ୍ଜାଠାରୁ ଅଧିକ ଆକର୍ଷଣୀୟ । ରଜନୀଗନ୍ଧା, ପଦ୍ମ, ଗୋଲାପର ମଣ୍ଡଣି । ଛାଗ ଶିଶୁଟିଏ ବଧ ଭୂମିକୁ ଯିବାର ବାଧବାଧକତାରେ ଭଗ୍ନମନା ସୁଶୋଭନ କୋଠରୀ ଭିତରେ ପଶି କବାଟ ଆଉଜାଇ ଦେଲେ ।

Digitized by PPRACHIN, SOA

ପଲଙ୍କ ଉପରେ ଜଗିବସିଥିଲେ ବାସକସଜ୍ଜା ନବବଧୂ ବିନ୍ଦୁଛାୟା ।

ସ୍ୱାମୀ ଆସିବା ଦେଖି ଉଠିପଡ଼ି ପାଦରୁ ଧୂଳି ନେଇ ସୀମନ୍ତରେ ସ୍ପର୍ଶ କଲେ ।

'ବିନ୍ଦୁ ! ତମେ ଆଧୁନିକା । ଏ ସବୁ କ'ଣ କରୁଚ ?'

'ମା କହିଥିଲେ, ଇଏ ହେଉଚି ସ୍ୱାମୀ ନିକଟରେ ସ୍ତ୍ରୀର ପ୍ରଥମ ଆତ୍ମନିବେଦନ ।'

ଶୋଭନ ବିନ୍ଦୁଙ୍କ ହାତଧରି ପଲଙ୍କ ଉପରେ ବସାଇଲେ । ନିଜେ ମଧ ବସିଲେ ।

'ବାପାଙ୍କର ଏଭଳି ନିଷ୍ପତ୍ତିକୁ ମୁଁ ମାନିନେଇପାରୁନି । ଗୁରୁଜନମାନଙ୍କୁ ପ୍ରତିବାଦ କ'ଣ କରି ହୁଏ ? ତେବେ ମଧୁଯାମିନୀ ବିତାଇବା ପାଇଁ ତୁମକୁ ଆଉ କେତୋଟି ଦିନ ଅପେକ୍ଷା କରିବାକୁ ପଡ଼ିବ । ବୁଢ଼ୀ ମା'ର ମରଣଶଯ୍ୟା ଉପରେ ମଧୁଚନ୍ଦ୍ରିକା ପାଳନ କରିବାର ଗୁଗ୍ରଣ ମାନସିକତା ଅନ୍ତତଃ ମୋର ନାହିଁ ।'

'ତୁମେ ବୋଧେ ଜାଣିପାରିନା, ତୁମଠାରୁ ବେଶୀ ଆଘାତ ମୋତେ ଲାଗିଚି । ପିତୃ ଦେବ ଭବୋ । ମାତୃଦେବ ଭବୋ । ଇଏ ହେଉଚି ଆମର ସଂସ୍କୃତି । ଯେଉଁ ମୂଳକୁ ଆଶ୍ରୟ କରି ବଢ଼ିଉଠିଚି ଏତେ ବଡ଼ ପରିବାର ବୃକ୍ଷ, ସେ ଚେର ଉପୁଡ଼ିବାରେ ଆମେ ଦୁଃଖ କରନ୍ତେ କ'ଣ, ମଉଜ ମଜ୍‌ଲିସ୍‌ରେ ମାତିରହିଲେ ? ସେଥିରେ ମୁଁ ଜଣେ ଭାଗୀଦାର । ନିଜକୁ ନିଜେ କ୍ଷମା କରିପାରୁନି । ଆମର ଶୁଭ ମିଳନ ଦିନରେ ନିୟତିର ଇଏ କି ବିକୃତ ଅଭିଶାପ !'

ନବଦମ୍ପତିଙ୍କ ଚକ୍ଷୁପତାରେ ଅଶ୍ରୁର ସଜଳ ରେଖା । ଶ୍ୱେତପଦ୍ମର ନରମ ପାଖୁଡ଼ାଟିଏ ପରି ବିନ୍ଦୁଛାୟାଙ୍କ ପାପୁଲିରେ ମୃଦୁ ଚୁମ୍ବନଟିଏ ଆଙ୍କି ଦେଇ ସୁଶୋଭନ କହିଲେ- 'ଶୋଇଯିବା, ଭାରି କ୍ଳାନ୍ତ ଲାଗୁଚି । ଶୁଭରାତ୍ରି ।'

ଭୋର୍ ବେଳକୁ ଅଶାନ୍ତ କ୍ରନ୍ଦନ କୋଳାହଳରେ ନବଦମ୍ପତି ଜାଗିଉଠିଲେ । ଏ ଶୋକ ଆକସ୍ମିକ ନୁହେଁ, ପୂର୍ବକଳ୍ପିତ । ବୈଠକଖାନାରେ ଖଟ ଉପରେ ବୁଢ଼ୀ ମା' ଶୋଇଛନ୍ତି । ମଥା ପାଖରେ ଜଳୁଚି ଗୋଛାଏ ଅଗରବତୀ । ସୁଗନ୍ଧିର ତୀବ୍ର ବାସ୍ନାରେ ଖଣ୍ଡମଣ୍ଡଳ ଆଚ୍ଛନ୍ନ । ବାପା ଚଟାଣ ଉପରେ କାନ୍ଦିକାନ୍ଦି ଗଡ଼ୁଛନ୍ତି । ମା' ପିଲାଙ୍କ ପରି ବୋବାଳି ଛାଡ଼ୁଛନ୍ତି । ଉର୍ମିଳା କାନ୍ଦୁଚି । ତା' ବର ମୁହଁ ଶୁଖାଇ ଛିଡ଼ା ହୋଇଛନ୍ତି ।

Digitized by PPRACHIN, SOA

ଏ ନିରୁତ୍ତାପ କୃତ୍ରିମ ଦୃଶ୍ୟ, ସୁଶୋଭନଙ୍କୁ ଅସହ୍ୟ ଲାଗୁଥିଲା । କାନ୍ଦ ବୋବାଳିରେ ସାଇପଡ଼ିଶା ଗଦା ହୋଇପଡ଼ିଲେଣି । 'ମା' ଚାଲିଗଲେ ରାତି ଚାରିଟାରେ;' ଦିଲେଶ୍ୱରବାବୁ କାନ୍ଦିକାନ୍ଦି ଜଣଜଣଙ୍କୁ କହୁଥାନ୍ତି ।

ଜନ୍ମିତ ସନ୍ତାନ ଜନନୀ ସଂପର୍କରେ ଏତେ ବେଶୀ ମିଥ୍ୟାଳାପ କରିପାରେ ?

ବୁଢ଼ୀ ଶୋଇଚି ଗୋଟେ ପତଳା ଶୁଖିଲା ସଜନାଛୁଇଁ ପରି । ବିନ୍ଦୁ ମାନସ ଚକ୍ଷୁରେ ଫେରିଯାଉଥିଲେ ଅର୍ଦ୍ଧଶତାବ୍ଦୀର ଆହୁରି ପଛକୁ । ବହଳ ଶୁଭ୍ର ଭ୍ରୂଲତା ଦୁଇଟି ତଳେ କୋଟରଗତ ଦୁଇ ଚକ୍ଷୁ ନିଷ୍ପ୍ରଭ, ସ୍ଥିର । କଳା କଜ୍ଜଳ ଔଜଲ୍ୟରେ ଏ ଦୁଇଟି ହୁଏତ ସେତେବେଳେ ଥିବ ସ୍ନିଗ୍ଧ, ଲୋଭନୀୟ । ଚଞ୍ଚଳ କଟାକ୍ଷରେ କୁଢ଼େଇଦେଉଥିବ କେତେ ସହସ୍ର ବଣମଲ୍ଲୀ । ହତଶ୍ରୀ ଏ ଯୌବନ, ଦିନେ ଉଦ୍ଦାମ ହୋଇଉଠିଥିବ । ତନୁବଲ୍ଲରୀରେ ଫୁଟୁଥିବ ପଞ୍ଚ କୁସୁମ– କୁଢ଼କୁଢ଼ ଫୁଲ ଯୋଗାଇଦେଇଥିବ କନ୍ଦର୍ପଙ୍କୁ, ପୁଷ୍ପଶରରେ ଗୁଂଥିବା ପାଇଁ । ଆଜିର ଗତାୟୁ ବୁଢ଼ୀଟି ନବବଧୂ ବେଶରେ ସଜାଇଥିବ ନିଜକୁ । ନିଟୋଳ ଓଠ ଦୁଇଟିକୁ ଚୁମି ଚୁମି ତା'ର ନବବିବାହିତ ସ୍ୱାମୀ ବାସର ଘରେ ଝରାଇଦେଇଥିବ ମଧୁ ମଦିରାର ଝରଝର ବର୍ଷା । ଦେହକୁ ଦେହ ଯୋଡ଼ି ସେମାନେ ଶପଥ ନେଇଥିବେ- ଆମେ ବଢ଼ାଇ ଚାଲିବା ଏ ବଂଶଲତିକା । ପ୍ରଖର କରିଦେବା ମାନବ ସଭ୍ୟତାର ଆଗାମୀ ସ୍ରୋତ ।

ଆଜି ସେସବୁ ନିଶ୍ଚିହ୍ନ । ଜନ୍ମ ଜନ୍ମାନ୍ତରର ସାଥୀ ବୋଲି ହାତ ଧରିଥିଲେ ଯେଉଁ ବରେଣ୍ୟ ସ୍ୱାମୀ, ସେ ବାହୁଡ଼ି ଗଲେଣି କେତେକାଳୁ । ନିଷ୍ଠୁର, ଉଦାସୀନ ଦାୟାଦ ହାତରେ ସମର୍ପି ଦେଇଯାଇଥିବେ ତାଙ୍କ ଜୀବନ-ସହଚରୀକୁ । ପରଲୋକରେ ଅପେକ୍ଷା କରିଥିବେ ବର୍ଷ ବର୍ଷ ଧରି ପ୍ରିୟତମାର ଆଗମନକୁ । ଚାରୋଟି ଦିନ ତଳେ ଯେତେବେଳେ ଶ୍ୱଶୁରାଳୟରେ ପାଦ ଥାପିଥିଲେ ବିନ୍ଦୁଛାୟା, ବୁଢ଼ୀ ସେତେବେଳେ ସ୍ୱାଭାବିକ ଥିଲେ । ବିଛଣାରୁ ଉଠିପାରୁ ନଥିଲେ ବି ପାଖରେ ବସେଇ ଗେଲ କରିଥିଲେ । କଅଁଳେଇ କହିଥିଲେ- 'ନାତୁଣୀବୋହୂ ! ମୋର ଆଉ କେଇଟା ବା ଦିନ । ଶାଶୁଶଶୁର ତୋ'ର ବୁଢ଼ାବୁଢ଼ୀ ହୋଇଆସିଲେଣି । କାଳର କବଳରେ ସମସ୍ତେ ଦିନେ ଚାଲିଯିବେ । କେହି ରହିବେନି । ଏଇଟା ସଂସାରର ନିୟମ । ମା' ତୁ

Digitized by PPRACHIN, SOA

ଗୃହଲକ୍ଷ୍ମୀ । ଏ ଘର ତୋ'ର । ସ୍ୱାମୀ ସଂସାରକୁ ଆୟତ୍ତରେ ରଖିବୁ ।' ବାୟୁ ତରଙ୍ଗରେ ହଜିଯାଇଥିବା ସେଇ ଅବିନାଶୀ ଶବ୍ଦ କେତୋଟି ବାରମ୍ବାର ଗୁଞ୍ଜରିତ ହେଉଚି ତାଙ୍କ କାନ ପାଖରେ । ପାଟିରେ ଶବ୍ଦ ଫୁଟୁ ନଥିଲା, କିନ୍ତୁ ଆଖିରେ ଅବାରିତ ଲୁହଧାରା ।

ସୁଶୋଭନଙ୍କର ମନେପଡୁଥିଲା ଶୈଶବ କାଳ । ଗାଁକୁ ଗଲେ ଜେଜେମାର ପାଦ ତଳେ ଲାଗୁ ନଥିଲା । ପ୍ରକାରେ ପ୍ରକାରେ ସୁଆଦିଆ କୋଳି ସଂଗ୍ରହ କରି ଆଣୁଥିବେ । ମଣ୍ଡାପିଠା, ଆରିଷା ପିଠା, ସୁଜିକାକରା ତିଆରି କରି ନାତିକୁ କୋଳରେ ବସାଇ ବଳେଇବଳେଇ ଖୁଆଉଥିବେ । ନାତି ସହରକୁ ଫେରିଆସିବା ଦିନ ସେ କି ମର୍ମଭେଦୀ କାନ୍ଦଣା ! ପ୍ରତିଦାନରେ ସେ ବି ସେତେବେଳେ ଭୋ ଭୋ ହୋଇ କାନ୍ଦୁଥିଲେ । ଜେଜେମା ନାତି ପରସ୍ପରକୁ କୁଣ୍ଢେଇ ଧରି ବାହୁନୁଥିବେ । ସେମାନଙ୍କୁ ବିଚ୍ଛିନ୍ନ କରିବା କାଠିକର ପାଠ । ସବୁକୁ ଆଜି ପୋତିପକାଇଚି ସମୟର ନିର୍ମମ ବାଲୁଚର ।

ମାଲଭାଇମାନେ ଆସିଗଲେ । ବାଉଁଶର କୋକେଇ ବାନ୍ଧିଲେ । ହେଁସ ପାରିଦେଲେ । ଫୁଲମାଳ ଗୁନ୍ଥିଲେ । ତକିଆଟିଏ ସଜାଇ ରଖିଲେ । ବୁଢ଼ୀର ହେମାଳ ନିଷ୍ପ୍ରାଣ ଦେହଟାକୁ ଚନ୍ଦନପାଣିରେ ଗାଧୋଇ ଦେଲେ । ଶବ ଶୋଭାଯାତ୍ରା ଚାଲିଲା । ଧଳା ଫରଫର ସଫା ଲୁଗାଟିଏ ବୁଢ଼ୀକୁ ପିନ୍ଧାଇଛନ୍ତି । କପାଳରେ ହରି ତିଳକ । ମଥା ପାଖରେ ତୁଳସୀଗଛର କୁଣ୍ଡୁଆ । ଧୁମ୍ ଧାମରେ ଜ୍ଞାତିକୁଟୁମ୍ବ ଚାଲିଛନ୍ତି, ମରଣ ସାଥିରେ ବୁଢ଼ୀକୁ ବାହା କରାଇଦେବେ । ନାତି ଚାଲିଚି ଆଗେଆଗେ ମଶାଲ ଧରି ।

ସତ୍ୟନଗର ଶ୍ମଶାନରେ ଜଳିଉଠିଲା ଚିତାଗ୍ନି । ଶ୍ମଶାନ, କ୍ଷଣକ ପାଇଁ ହେଉ ପଛେ, ମଣିଷକୁ ଦାର୍ଶନିକ କରିଦିଏ ।

ବିନା ଶରୀରରେ ଶରୀରର ଉତ୍ପତ୍ତି ହୁଏ ନାହିଁ ।

ଏ ଶରୀର ଉତ୍ପନ୍ନ କରିଥିଲା ଦିଲେଶ୍ୱରଙ୍କୁ ।

ଦିଲେଶ୍ୱରଙ୍କଠାରୁ ଊର୍ମିଳା ଆଉ ସୁଶୋଭନ ।

ସେ ଦୁଇଟି ଜୀବ ଏବେ ଯୁଗ୍ମ, ଏକାକୀ ନୁହନ୍ତି ।

ସେମାନେ ସୃଷ୍ଟି କରିବେ ଆଉ କିଛି ଶରୀର ।

Digitized by PPRACHIN, SOA

ଯେତେବେଳେ ପୁରାତନ ଶରୀରର ଆଉ ପ୍ରୟୋଜନ ରହିବ ନାହିଁ, ସେ ଶରୀର ଟଳିଯିବ, ବାତ୍ୟାରେ ଉପୁଡ଼ିଥିବା ବୁଢ଼ା ବରଗଛଟେ ପରି । ଏହା ହିଁ ସଂସାରର ଅନିତ୍ୟ ଲୀଳା । ଅନିତ୍ୟକୁ ନିତ୍ୟ ମଣି ମଣିଷ ଯେତେବେଳେ ଉଦ୍ଦାମ ହୋଇଉଠେ, ସୃଷ୍ଟିର ସଂତୁଳନରେ ଆସେ କିଛି କିଛି ବିଘଟନ । 'ରାମ ନାମ ସତ୍ୟ ହାୟ', ଏ ସତ୍ୟକୁ ମଣିଷ ଜାଣି ଜାଣି ପାସୋରିଯାଏ ।

ହିନ୍ଦୁ ବିଧିବିଧାନ ରୀତିରେ ପ୍ରେତକର୍ମ ଚାଲିଲା । ପ୍ରତି ରାତିରେ ସୁଶୋଭନ, ବିନ୍ଦୁଛାୟା ଗୋଟିଏ ବିଛଣାରେ ପାଖାପାଖି ଶୋଉଥିଲେ । କିନ୍ତୁ କାହାରି ଶରୀରରେ ଉତ୍ତାପ ନଥିଲା । କିଛି ଦିନ ତଳେ ଜଳିଥିବା ନିଆଁ ଆଜି ପାଉଁଶ ତଳେ ।

ସକାଳ ବେଳା ବିନ୍ଦୁ ଜଳଖିଆ ତିଆରି କରି, ଟିଫିନ୍‌ରେ ମଧ୍ୟାହ୍ନ ଭୋଜନ ଭରି ହସିହସି ସ୍ୱାମୀଙ୍କୁ ବିଦାୟ ଦିଅନ୍ତି । ବ୍ୟାଙ୍କ୍ କାମରେ ଝନଝଟ୍ ବେଶୀ । ହିସାବ ଟାଲି ନ କଲା ପର୍ଯ୍ୟନ୍ତ ଘରକୁ ଫେରିବା ସମ୍ଭବ ହୁଏନା । କେତେବେଳେ ରାତି ସାତ, କେବେ ଆଠ । ସ୍ୱାମୀ ସ୍ତ୍ରୀ ଉଦାସ ନୟନରେ ବାଲକୋନିରେ ବସି ରାତ୍ରିର ରାଜଧାନୀକୁ ଅନେଇରହିଥାଆନ୍ତି ।

ବିନ୍ଦୁଛାୟା ଭାବୁଥାଆନ୍ତି, ସଂସାରରେ ଦେହକୁ ନେଇ କେତେ ଖେଳ । ଦେହକୁ କେନ୍ଦ୍ର କରି ରଚିତ ହୁଏ ଇତିହାସ । ଯୁଦ୍ଧକ୍ଷେତ୍ରରେ ବାଜିଉଠେ ରଣଭେରୀ । ପୁରୁଷ ଦେହର ସ୍ୱାଦ ହାତପାଆନ୍ତାରେ ପାଇ ବି ସେଇ ଅନାସ୍ୱାଦିତ ଗନ୍ଧରେ ସେ ତ ଆକୁଳ ହୋଇପଡୁନାହାନ୍ତି । ସ୍ୱାମୀଙ୍କ ମଧୁର ସାହଚର୍ଯ୍ୟ ପାଖରେ ଦେହର ଭୂମିକା କେତେ ଗୌଣ ! ସନ୍ନ୍ୟାସିନୀମାନଙ୍କର କ'ଣ ଦେହର ଦାହ ନ ଥାଏ ? ଦେହର ଆକର୍ଷଣ ଥିଲେ ସେମାନେ ବ୍ରହ୍ମଚାରିଣୀ ବ୍ରତ ସ୍ୱଇଚ୍ଛାରେ ବରି ନେଇଥାନ୍ତେ କାହିଁକି ?

ବିନ୍ଦୁ କ୍ରମେ ଅନୁଭବ କଲେ ଶାରିରୀକ ଉତ୍ତେଜନା ବୋଲି ଯାହାକୁ କୁହାଯାଏ, ସିଏ ଶରୀରରେ ନଥାଏ, ଥାଏ ମନରେ । ମନ ଅନୁକୂଳ ହେଲେ, ଦେହ କୁଦିପଡ଼େ ଶୃଙ୍ଗାର ଭୂମିକୁ ।

ମାସେ ବିତିଗଲା ଏଇମିତି ।

ଦିଲେଶ୍ୱର ପ୍ରାତଭ୍ରମଣରେ ଯାଆନ୍ତି । ପରିବା କିଣିଆଣନ୍ତି । ବଗିଚା କାମ କରନ୍ତି ।

Digitized by PPRACHIN, SOA

କାମବାଲୀ ବାସନ ସଫା, ଘରଧୁଆ ଆଦି ଇତରକାମ କରେ ।

ସୁରେଖା ବିନ୍ଦୁଛାୟାଙ୍କ ପାଖେପାଖେ ଥାଆନ୍ତି । ଯେଉଁ ଘରକୁ ସେ ଏତେ କାଳ ଚଳେଇଆସୁଥିଲେ, ଧୀରେଧୀରେ ସେ ଦାୟିତ୍ୱ ବୋହୂକୁ ହସ୍ତାନ୍ତର କରିବାକୁ ପଡ଼ିବ । ସୁଶୋଭନ ବ୍ୟାଙ୍କ୍ ଯାଆନ୍ତି । ଅବସର ସମୟରେ ବିନ୍ଦୁ ସାଙ୍ଗରେ ଗପ କରନ୍ତି– ଫିକ୍‌ସନ୍, ନ ହେଲେ ଫିଲସଫୀ ପଢ଼ନ୍ତି ।

ଶରୀରର କ୍ଷତ ଉପଶମ କରେ ଔଷଧ । ମନର କ୍ଷତକୁ ଧୀରେ ଧୀରେ ଲିଭାଇଦିଏ ସମୟ ।

ଶୋଭନଙ୍କ କ୍ଷୋଭ ହେଲା, ସେ ବିନ୍ଦୁ ପ୍ରତି ଅବିଚାର କରୁଛନ୍ତି । ମଧୁବାସରର ମାଧୁର୍ଯ୍ୟ ଗୋଟେ ଅପ୍ରୀତିକର ସିଦ୍ଧାନ୍ତ ଯୋଗୁ ପାଣିଚିଆ ହୋଇ ଯାଇଥିଲା । ସଂସାର କେଉଁ କଥାକୁ ଗଣ୍ଠି ପକାଇ ଧରେନା । ତା' ହୋଇଥିଲେ ସମୟ ଗତିଶୀଳ ନ ହୋଇ ସ୍ଥାଣୁ ହୋଇଯାଆନ୍ତା । ସୁଶୋଭନ କହିଲେ– 'ବିନ୍ଦୁ, ଆଜି ରାତିରେ ଆମେ ମଧୁଚନ୍ଦ୍ରିକା ପାଳନ କରିବା ।'

ସେଇ ରାତି ବିନ୍ଦୁଙ୍କ ଦେହର ଭାଓଲିନ୍‌ରେ ଶୋଭନ ଝରାଇ ଦେଲେ କେତେ ରାଗରାଗିଣୀର ମର୍ମସ୍ପର୍ଶୀ ମୂର୍ଚ୍ଛନା ।

ବାବନ ଠିକ୍ କରିଥିଲା, ସେ ଆଉ ଖୁଚୁରା ବେପାର କରିବନି । ଯେଉଁ ପୋଖରୀରେ ବଡ଼ବଡ଼ ମାଛ ଥିବେ, ସେଠି ଜାଲ ପକାଇବ ।

ସେ ଏମ୍.ଏଲ୍.ଏ. କଲୋନି ଆଡ଼େ ମୁହାଁଇଲା ।

ପ୍ରଥମ କ୍ୱାଟର୍ସର କମ୍ପାଉଣ୍ଡ କାନ୍ଥରେ ନାମଫଳକ ଲାଗିଥିଲା– ଭାଗ୍ୟବର୍ଦ୍ଧନ ବଳବନ୍ତ ରାୟ । ଏମ୍.ଏଲ୍.ଏ, ଫତେଗଡ଼ । ଏଇଠୁ କାର୍ଯ୍ୟାରମ୍ଭ କଲେ କ୍ଷତି କ'ଣ ?

ଫାଟକ ଖୋଲି ପଶିଲା । ଲୋକାରଣ୍ୟ । ସାମ୍ନା ବାରଣ୍ଡାରେ ସତରଂଚି ଉପରେ ଚକାମାଲି ପକେଇ ବସିଛନ୍ତି ପଚାଶ କି ଷାଠିଏ ଲୋକ । ସେ

Digitized by PPRACHIN, SOA

ଗୋଟେ ଜାଗା ବାହାର କରି ବସିଲା । ମୁଖ୍ୟ ଦରଜାଟି ଭିତରୁ ବନ୍ଦ । ଅଧଘଣ୍ଟା ହୋଇଗଲା । କେହି ବାହାରକୁ ଆସୁନାହାନ୍ତି କି ପ୍ରତୀକ୍ଷିତ ମଣିଷମାନଙ୍କ ଭିତରୁ ଜଣେ ହେଲେ ଭିତରକୁ ପଶିବାର ଦେଖାଯାଉନି । ସେମାନଙ୍କ ଭିତରେ କିନ୍ତୁ ଉଦ୍‌ବିଗ୍ନତା ନଥିଲା । ପରସ୍ପର ଭିତରେ ଗ୍ରାମ୍ୟ ରାଜନୀତି ଆଲୋଚନା କରୁଥିଲେ । ବି.ଡି.ଓ. କେମିତି ତାଙ୍କ କଥା ନ ଶୁଣି ବିରୋଧୀ ଦଳ ପିଲାଙ୍କୁ ଜବ୍ କଣ୍ଟ୍ରାକ୍ଟ ଦେଉଛି, ଖୋଳା ସରିଥିବା ପୋଖରୀକୁ ଆଉଥରେ ଖୋଳାଇବାର ମିଥ୍ୟା ଭାଉଚର ତିଆରି ହୋଇଚି, ଇନ୍ଦିରା ଆବାସ ବଣ୍ଟନରେ କିପରି ପାତରଅନ୍ତର । ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକ ଘର ନପାଇ ପଞ୍ଚାୟତ ସମିତି ଚେୟାରମ୍ୟାନ୍‌ର ଦୁଇପୁଅ ଦୁଇଟି ଘର ପାଇ ଭଡ଼ା ଲଗେଇଚନ୍ତି । ଗ୍ରାମ୍ୟ ବିଦ୍ୟୁତ୍‌କରଣ ଯୋଜନା ତାଙ୍କ ଗାଁରେ କିପରି ଅଧାପନ୍ତରିଆ ହୋଇ ପଡ଼ିଚି । ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା, ଚାଉଳରେ ହେରଫେର୍ । ଖାଦ୍ୟ ପାଇଁ କାମ ଯୋଜନାର ଚାଉଳ ମିଲ୍ ମାଲିକ ଚୋରାରେ କିଣିନେଉଚି । ଏଲ୍.ସି. ନ ମିଳିବାରୁ ଠିକାଦାରମାନେ ବର୍ଷ ବର୍ଷ ଧରି ପାଉଣା ପାଉନାହାନ୍ତି ଇତ୍ୟାଦି ଇତ୍ୟାଦି । ଯେଉଁ ଲୋକଟା ବେଶୀ ପାଟି କରୁଥିଲା, ବାବନ ତା' ମୁହଁକୁ ଚାହିଁଲା । ବୃଦ୍ଧ ଟାଉଟର୍‌ଟେ ।

'ବାବୁ, ଟିକେ ଶୁଣିବେ ?'

ବାବନ ତାଙ୍କୁ ଟାଣିନେଲା ହତା ଭିତର ପଣସଗଛ ମୂଳକୁ ।

'ମଉସା ! ଏତେ ଜୋର୍ ବକ୍ତୃତା ମାରୁଛନ୍ତି ଯେ ଆପଣଙ୍କ ଦଖଲରେ ସାତଏକର ଜଳସେଚିତ ଜମି ବେନାମୀରେ ନାହିଁ ? ଦି'ଟା ଗାଁରେ ଯୋଡ଼ାଏ ରକ୍ଷିତା ରଖି ତାଙ୍କ ଜରିଆରେ ମହାଜନୀ ସୁଧ କାରବାର ଚଳାଇ ନାହାନ୍ତି ? ଏଆଡ଼େ ବି.ପି.ଏଲ୍. କାର୍ଡ଼ ହୋଲ୍‌ଡର !'

ଦରବୁଢ଼ା କୁଜି ନେତା ଜଣକ ଫିକା ପଡ଼ିଗଲେ । ବଡ଼ କଷ୍ଟରେ କହିଲେ-'ଆପଣ କିଏ, ମହାଶୟ ? କାହିଁକି ଏଠିକି ଆସିଛନ୍ତି ?'

'ଏମ୍.ଏଲ୍.ଏ. ସାହେବଙ୍କୁ ଦେଖା କରିବା ପାଇଁ ।'

'ଏଠି ବସିଲେ କ'ଣ ହେବ ? ଦେଖା ପାଇବେ ? ପଛପଟ ଦରଜାକୁ ଯାଇ ଚେଷ୍ଟା କରନ୍ତୁ ।'

ବାବନ ସୁରାଗ ପାଇଗଲା ।

Digitized by PPRACHIN, SOA

ପଛପାଖ ପ୍ରବେଶପଥରେ ଆଗପଟ ଭଳି ଏତେ ଲୋକ ନ ଥିଲେ ବି ଦଶ ପନ୍ଦର ଜଣରୁ କମ୍ ହେବେନି । ଗ୍ରୀଲ୍ କବାଟ ଭିତରୁ ଚାବି ପକାଇ ଷ୍ଟୁଲ୍ ଉପରେ ଟୋକାଟିଏ ବସିଚି । କାନ୍ଥ କଣ୍ଟାରେ ଗୁଡ଼ାଏ ଚିର୍କୁଟି କାଗଜ ସୂତାରେ ଗୁନ୍ଥାହୋଇ ଝୁଲୁଚି । ପ୍ରତୀକ୍ଷିତ ଲୋକ ହାତଗଳାଇ ଖଣ୍ଡିଏଲେଖା ଆଣି ନିଜର ନାମ, ଦର୍ଶନର ଅଭିପ୍ରାୟ ଆଦି ଲେଖି ସେ ପିଲାକୁ ଦେଉଛନ୍ତି, ସ୍ଲିପ୍ ଯାଉଚି ଭିତରକୁ । କେତେବେଳେ କାହାର ଡାକ ଆସିଲେ, ଗ୍ରୀଲ୍ କବାଟ୍ ଖୋଲା ହେଉଚି । ସେ ପଶିଗଲେ ପୁଣି ଚାବି ପଡୁଚି ।

ବାବନ ଗୋଟେ କାଗଜରେ ଲେଖିଲା- 'ଶ୍ରୀ ବାବନ ମହାରଣା ।' ପିଲାଟାକୁ ବଢ଼େଇ ଦେଲା । ସ୍ଲିପ୍ ଚାଲିଗଲା ଅନ୍ଦର ମହଲକୁ । ଦଶମିନିଟ୍ ଭିତରେ ସ୍ଲିପ୍ ଫେରିଆସିଲା । ଦେଖା ହୋଇପାରିବ ନାହିଁ ।

ସେଇ କାଗଜ ପଛପଟେ ବାବନ ଲେଖିଲା–'ଆପଣଙ୍କ ନିର୍ବାଚନ ସଂବଧରେ କଥା ଅଛି । ଦେଖା ନ ହେଲେ ଆପଣଙ୍କର କ୍ଷତି । ପୁନଶ୍ଚ ମୁଁ ଆସିବି ନାଇଁ ।'

ତତ୍‌କ୍ଷଣାତ୍ ସ୍ଲିପ୍ ଫେରିଆସିଲା ଓ ଧଡ଼ କରି ଗ୍ରୀଲ୍ କବାଟ ଖୋଲିଗଲା । ବାବନକୁ ବଡ଼ ହଲ୍ ଭିତରକୁ ଠେଲିଦେଇ ପରିଚାରକ କବାଟ ଆଉଜାଇ ଦେଲା ।

ସୋଫା ଉପରେ ବସିଥିଲେ ଶ୍ରୀମାନ ବଳବନ୍ତରାୟ । କୁଂଚକରା ଶାନ୍ତିପୁରୀ ଧୋତି ଉପରେ ଗିଲକରା ଫିନ୍‌ଫିନ୍ ପଂଜାବି । ମୋଟା ନିଶ, ବେକରେ ଚଉଡ଼ା ସୁନାଚେନ୍ । ତିନୋଟି ଆଙ୍ଗୁଠିରେ ତିନି ରକମ ପଥରର ସୁନାମୁଦି ।

ପୂର୍ବରୁ ବାବନ ଏପରି ପ୍ରଭାବଶାଳୀ ଗ୍ରାହକଙ୍କର ମୁହାଁମୁହିଁ ହୋଇ ନଥିଲା ।

ଏମ୍.ଏଲ୍.ଏ. ସାହେବ ଅବଜ୍ଞାରେ ଅନେଇଥିଲେ ଇସ୍ତ୍ରୀ ନଥିବା ରଂଗଛଡ଼ା ଫୁଲପ୍ୟାଣ୍ଟ୍ ଆଉ ମଇଳା ସାର୍ଟ ପିନ୍ଧିଥିବା ଏକୋଇଶି ବାଇଶ୍ ବର୍ଷର ଯୁବକକୁ ।

'କ'ଣ, କୁହ ।'

'ବସିବାକୁ କହିବେନି ?' ସାହସ ସଂଚୟ କରି ବାବନ କହିଲା ।

Digitized by PPRACHIN, SOA

'ବସ । ହେଲେ, ଶୀଘ୍ର କାମ ସାର ।'

'ଆସନ୍ତା ନିର୍ବାଚନରେ ଦଳୀୟ ଟିକେଟ୍ ପାଇ ଆପଣ ଫତେଗଡ଼ରୁ ନିର୍ବାଚନ ଲଢୁଛନ୍ତି ।'

'ହୁଁ, କୁହ ।'

'ଆପଣଙ୍କ ଜିଲ୍ଲାର ଦଳୀୟ ସଭାପତି ଚାହୁଁଛନ୍ତି, ଆପଣ ହାରିଯାଆନ୍ତୁ ।'

'ସେଥିରେ ତାଙ୍କର ସ୍ୱାର୍ଥ ?'

'ସେଇ ନିର୍ବାଚନ ମଣ୍ଡଳୀରୁ ଆପଣ ତିନି ତିନି ଥର ଜିତିଲେଣି । ଥରେ ହାରିଗଲେ ଆପଣଙ୍କ ଭାବମୂର୍ତ୍ତି ନଷ୍ଟ ହୋଇଯିବ । ତା'ପର ନିର୍ବାଚନକୁ ସେ ଦଳୀୟ ଟିକେଟ୍ ପାଇବେ ।'

'ଯାହା କହୁଛ, କିଛି ପ୍ରମାଣ ଅଛି ତୁମ ପାଖରେ ?'

'ଜରୁର୍ ! ଠୋସ୍ ପ୍ରମାଣ ନ ଥିଲେ ବାବନ ମହାରଣା କଥା କହେନା ।'

ବଳବନ୍ତରାୟ ସଳଖହୋଇ ବସିଲେ । ଇଏ ତ ଆର୍ନ୍ତଘାତୀ କାର୍ଯ୍ୟକଳାପ । ବାବନ ପୁଣି ଆରମ୍ଭ କଲା–'ଗତକାଲି ଆପଣ ଫତେଗଡ଼ ଯାଇଥିଲେ । ନିର୍ବାଚନ ସଭାରୁ ଫେରିବା ପରେ ଜିଲ୍ଲା ସଭାପତି ଧରେଇ ଦେଲେ ତିନିଲକ୍ଷ ଟଙ୍କା । ଆପଣଙ୍କୁ ଦେବା ପାଇଁ କିନ୍ତୁ ସେ ପ୍ରାଦେଶିକ ସଭାପତିଙ୍କ ପାଖରୁ ନେଇଥିଲେ ପାଞ୍ଚଲକ୍ଷ ।'

'ବାକି ଦି' ଲକ୍ଷ ?'

ଆଶ୍ଚର୍ଯ୍ୟ ହୋଇ ପ୍ରଶ୍ନ କଲେ ଜନନେତା ।

'ଦି'ଲକ୍ଷ ଦେଇଛନ୍ତି, ଆପଣଙ୍କ ବିରୋଧୀ ପ୍ରାର୍ଥୀଙ୍କୁ । ତାଙ୍କୁ ସେ ଜିତେଇବାକୁ ଚାହୁଁଛନ୍ତି ଆପଣା ସ୍ୱାର୍ଥରେ, ଦଳୀୟ ସ୍ୱାର୍ଥକୁ ପଛରୁ ଛୁରିକାଘାତ କରି ।'

ଛିଡ଼ା ହୋଇପଡ଼ିଲେ ଦୀର୍ଘକାୟ ସୁପୁରୁଷ ।

'ଆପଣ ଏଇଠି ବସିଥାନ୍ତୁ । ମୁଁ ପ୍ରାଦେଶିକ ସଭାପତିଙ୍କୁ ଦେଖାକରି ଆସେ ।' ପଦାକୁ ଆସି ସିଏ ଗର୍ଜନ କଲେ- 'ସମସ୍ତଙ୍କୁ କହିଦିଅ । ଆଜି କାହାରି ସଙ୍ଗେ ଦେଖା ହୋଇପାରିବ ନାହିଁ । କାଲି ସକାଳେ ଆସିବେ ।'

Digitized by PPRACHIN, SOA

ସ୍ୱର ନରମ କରି କହିଲେ- 'ଭିତରେ ଯୋଉ ବାବୁ ବସିଛନ୍ତି, ତାଙ୍କୁ ଚା' ଜଳଖିଆ ଦିଅ ।'

ବାବନ ପେଟପୂରା ଜଳଖିଆ ଖାଇ ତୃପ୍ତ ହେଲା ।

ଫୁଲ୍ ସ୍ପିଡ୍‌ରେ ଏୟାର୍ କଣ୍ଡିସନର୍ ଚାଲିଚି ।

କେତେବେଳେ ସୋଫା ଉପରେ ଘୁମେଇପଡ଼ିଚି ବାବନ ମହାରଣା । ଘଣ୍ଟେ କି ଦେଢ଼ଘଣ୍ଟା ପରେ ନିଦ ଅଚାନକ ଭାଙ୍ଗିଗଲା । ବଳବନ୍ତରାୟ ତାଙ୍କୁ ହଲାଇଚାଲିଛନ୍ତି । ସେ ବିଳିବିଳେଇ ଉଠିଲା । ପ୍ରଥମେ ଦେଖିଲା, ସେ କୋଉଠି ଅଛି । ପାଟିରୁ ଲାଳଗଡ଼ି ସୋଫା ବାଡ଼ାର ଅରାଏ ଓଦା ହୋଇଗଲାଣି ।

'ପଣ୍ଡିତ୍‌ଜୀ ! ଆପଣ ଖାଣ୍ଟି ସତକଥା କହିଦେଇଛନ୍ତି । ପ୍ରାଦେଶିକ ସଭାପତିଙ୍କୁ ସଫା ଶୁଣାଇଦେଇ ଆସିଲି, ଏପରି ଚାଲିଲେ, ନିର୍ବାଚନରୁ ଓହରିଯିବି । ସେ କାହାକୁ ଠିଆ କରଉଛନ୍ତି, କରାନ୍ତୁ । ସଭାପତି ରାଜି ହୋଇଗଲେ, ଦଳୀୟ ପାଣ୍ଠିରୁ ଯାହା ଖର୍ଚ୍ଚ ପାଇଁ ଯିବ, ସିଧାସଳଖ ମୋତେ ଦେବେ । ଜିଲ୍ଲା ସଭାପତିଙ୍କ ଜରିଆରେ ନୁହେଁ ।' ଗଳଦ୍‌ଘର୍ମ ବଳବନ୍ତରାୟ ଏ.ସି. ସନ୍ନିକଟ ସୋଫାରେ ବସିପଡ଼ିଲେ । ନିଜର ନୂଆ ନୂଆ ପରିଚୟରେ ଘାବରେଇଯାଉଥିଲା ବାବନ ।

ବାବନରୁ ବାବନବାବୁ ।

ବାବନବାବୁରୁ ବାବନ ବାବା ।

ବାବନ ବାବାରୁ ବାବନ ମହାପ୍ରୁ ।

ବାବନ ମହାପ୍ରୁରୁ ପଣ୍ଡିତଜୀ ।

ପଣ୍ଡିତ ଜୀ' ସଂବୋଧନଟି ଭଲ ଶୁଭୁଚି, ଭଲ ଲାଗୁଚି ମଧ୍ୟ ।

ଏମ୍.ଏଲ୍.ଏ. ସାହେବ ବେଲ୍ ମାରିଲେ । ଫୁର୍ବେ ଟୋକାଟି ହଲ୍ ଭିତରେ ପଶିଲା ।

'ପି.ଏ.ଙ୍କୁ ଡ଼ାକ ।'

ପି.ଏ. ସାହେବ ଆସିଲେ ।

Digitized by PPRACHIN, SOA

'ଶୁଣନ୍ତୁ, ଇଏ ଆମର ପଣ୍ଡିତ୍‌ଜୀ ! ତାଙ୍କ ପାଇଁ ଗୋଟେ ରୁମ୍ ସଫା କର । ରଜତ୍ ଟେଲର୍ ମାଷ୍ଟରକୁ ଡକାଅ । ଦୁଇଟା ସାଫାରୀ ସୁଟ୍ ବନାଇ ଦେବ ।'

ବାବନର ମତାମତ ନ ନେଇ ଏତେଗୁଡ଼ାଏ ସିଦ୍ଧାନ୍ତ ମନକୁମନ ନେଇଗଲେ ।

'ପଣ୍ଡିତଜୀ ! ଆପଣ ଏଠି ରହିଲେ କିଛି ଅସୁବିଧା ହେବ ?'

'ଏମ.ଏଲ୍.ଏ ସାହେବ ! ମୁଁ ବାରବୁଲା ଜୀବ । କୁଆଡ଼େ ଯିବି, କେତେବେଳେ ଆସିବି ।'

'ଆପଣଙ୍କ ଗତିବିଧିରେ ପା'ବନ୍ଦୀ ଲଗାଇବା ଭଳି ଔଦ୍ଧତ୍ୟ କେବେ କରିବିନି । ଆସ୍ଥାନଟା ଏଇଠି ରହୁ । ଯେତେବେଳେ ଯୁଆଡ଼େ ଇଚ୍ଛା ଆପଣ ଯିବେ ।'

ଗୋଟେ ବହଳ ଗଦିଢଙ୍କା ପଲଙ୍କ । ଫୁଲ୍‌ଫୁଲିଆ ବେଡ୍‌ସିଟ୍ । ନରମ ତକିଆ । ଗୋଡ଼ ରଖିବା ପାଇଁ ଗୋଲ୍ ମାଣ୍ଡି । ରୁମ୍ ସ୍ପ୍ରେ ସିଂଚନରେ କୋଠରୀ ବାସ୍ନାୟିତ । ଛୋଟ କଲର୍ ଟିଭିଟେ ଷ୍ଟାଣ୍ଡ୍ ଉପରେ । କାନ୍ଥ ଆଲମୀରାରେ ଧଳା ଧୋତି, ଲୁଙ୍ଗି, ଗେଞ୍ଜି, ଚଡ଼ି ।

ଫିଲ୍‌ଟରରେ ବିଶୋଧିତ ପାନୀୟ ଜଳ । ରାଜକୀୟ ସୁବନ୍ଦୋବସ୍ତ । ବାଃରେ ବାବନ । ଦିନ ଗୋଟାକରେ ସେ କଳିନେଲା ନିଜର ମର୍ଯ୍ୟାଦା । ସକାଳେ ପରିପୂର୍ଣ୍ଣ ଜଳଖିଆ । ଅପରାହ୍ଣରେ ରାଜସିକ ଖାଦ୍ୟ । ରାତିରେ ଘିଆଘିଅ ପରଟା ସାଙ୍ଗକୁ ମାଂସଝୋଳ, ନ ହେଲେ ଅଣ୍ଡା ତରକାରି । ଚା, କଫି, ଯେତେଥର ପିଇପାରିବ ।

ଏମ୍.ଏଲ୍.ଏ. ଦୁଇଦିନ ପାଇଁ ନିର୍ବାଚନମଣ୍ଡଳୀ ଗସ୍ତରେ ଗଲେ । ବାବନ ଏ ଦୁଇଦିନ କେବଳ ଖାଇବ ଆଉ ଶୋଇବ ।

ରାଜଧାନୀରେ ପାଦ ଦେବା ଦିନଠୁ ରାତିଏ ଭଲ ନିଦ ବି ହୋଇନି ।

Digitized by PPRACHIN, SOA

ଦିଲେଶ୍ୱରଙ୍କ ପରିବାରରେ ସବୁକିଛି ସ୍ୱାଭାବିକ ହୋଇଯାଇଥିଲା ।

ମାତୃବିୟୋଗଜନିତ ଦୁଃଖ ଫିକାପଡ଼ିସାରିଥିଲା ।

ପୁଅ ବାହାଘରର ଆନନ୍ଦ କଲ୍ଲୋଳରେ ମଧ୍ୟ ଭଟ୍ଟା ଆସିଥିଲା ।

ସକାଳଟି ଥିଲା ରବିବାରର ସକାଳ । ବେପରୁଆ, ଫୁର୍ତ୍ତିବାଜ ।

ସୁଶୋଭନ ନିଜେ ରୋଷେଇରେ ଲାଗିଯାଇଥିଲେ ।

ଦଶବାରଟି 'ବି ଗ୍ରେଡ୍' ମାନେ ମଝିଲା ସାଇଜ୍ ଚିଙ୍ଗୁଡ଼ି ଚୋପାଛଡ଼ାଇ ଧୋଇଧାଇ ଆଣିଲେ ବିନ୍ଦୁଛାୟା । ବାଗ୍‌ଦା ଚିଙ୍ଗୁଡ଼ି । ଧଳା ଫରଫର ମସ୍ତକବିହୀନ ଗଣ୍ଡିରେ ନୀଳ ଲାଞ୍ଛିଟିଲେଖା ଲାଖିଥାଏ ।

ଗୋଟାଏ ଚାଇନା କ୍ଲେ ବାଉଲ୍‌ରେ କିଛି ନୁଡୁଲ୍‌ସ୍ ସିଝା ହୋଇ ରଖାଯାଇଥାଏ । ଚିଙ୍ଗୁଡ଼ି ଦେହରେ ଗୋଟେ ଗୋଟେ ନୁଡୁଲ୍‌ସ୍ ଖିଅକୁ ସୂତାପରି ପାଖକୁ ପାଖ ସଯତ୍ନରେ ଗୁଡ଼ାଉଥିଲେ ସୁଶୋଭନ ।

'ବିନ୍ଦୁ ! କିଛି କର୍ଣ୍ଣ ଫ୍ଲାଓ୍ୱାର୍ ପାଉଡର୍, ବେକିଙ୍ଗ୍ ପାଉଡର୍, ମସଲା ଗୁଣ୍ଡ ସଜାଡ଼ି ରଖ ।'

ଗୋଟିକୁ ଗୋଟି ସବୁ କାଚ ପ୍ଲେଟ୍‌ରେ ରଖା ହେଲା ।

'ଚୁଲି ଜାଳ । କଡ଼େଇ ବସାଇ ତେଲ ଗରମ କର ।'

ଖାନ୍‌ସମା ସୁଶୋଭନ । ହେଲ୍‌ପର ବିନ୍ଦୁଛାୟା । ଆଜି ଶୋଭନ ଗୋଟାଏ ନୂଆ ନନ୍‌ଭେଜ୍ ଆଇଟମ୍ ପରିବାର ଲୋକଙ୍କୁ ପରଷିବେ ।

'ଭୁଲିଗଲି । ଚାଇନିଜ୍ ସଲ୍‌ଟ୍ ଟିକେ ଆଣିଲ ।' ପୁଣି ମନେପଡ଼ିଗଲା ସୁଶୋଭନଙ୍କର । 'ବିନ୍ଦୁ ! ପ୍ଲିଜ୍ । କିଛି ଗୁଣ୍ଡଲୁଣ, ହଳଦୀଗୁଣ୍ଡ ଆଣ ।'

ରୋଷେଇରେ ଅଭ୍ୟସ୍ତ ନ ଥିଲେ ଏମିତି ଭୁଲ୍‌ଭଟ୍‌କା ହୁଏ ।

ସ୍ୱାଦିଷ୍ଟ ଖାଦ୍ୟ ତିଆରି କରିବା ପାଇଁ ଦରକାର ଯଥେଷ୍ଟ ସମୟ ଆଉ ଧୈର୍ଯ୍ୟ । ଗ୍ୟାସ୍ ଫ୍ଲେମ୍‌ରେ ବସିଥିବା କଡ଼େଇରେ ତେଲ କଡ଼କଡ଼ ଫୁଟିଗଲାଣି । ଭୁରିଭୁରି ଭଉଁରୀ ଖେଳୁଚି । ପାଉଡର, ମସଲା ଗୋଳା ଚିଙ୍ଗୁଡ଼ିକୁ ଗୋଟେ ପରେ ଗୋଟେ ତତଲା ତେଲରେ ଛାଡ଼ିଲେ । କ୍ଷୁଧାକୁ ଉତ୍ତେଜିତ କଲାଭଳି ବାମ୍ଫଉଠିଲା କଡ଼େଇରୁ । ଗୋଟେ ପଟେ ଲାଲ ହେବା ବେଳକୁ ଆରପଟ ଓଲଟାଇଦେଲେ କାଠ ଚଟୁରେ ।

ଡୋର୍ ବେଲ୍ ବାଜିଲା, ନାମହୀନ ଚଢ଼େଇର ମଧୁର କୂଜନ ଧ୍ୱନିରେ ।

Digitized by PPRACHIN, SOA

'ବିନ୍ଦୁ ! ଦେଖିଲ, କିଏ ଆସିଛନ୍ତି !' ବିନ୍ଦୁ ଚାଲିଗଲେ । କିଛି ସମୟପରେ ଫେରିଆସି କହିଲେ- 'କିଏ ଜଣେ ତୁମକୁ ଖୋଜୁଛନ୍ତି । ବସେଇ ଦେଇ ଆସିଚି ।'

'ମାଛଗୁଡ଼ା କଡ଼େଇରୁ ବାହାର କରି ଯାଉଚି ।'

ନୀଳ ରଙ୍ଗର ସଫାରୀ ସୁଟ୍ ପିନ୍ଧି ଜଣେ ଯୁବକ ଅପେକ୍ଷା କରିଥିଲେ ।

'ଆପଣ ସୁଶୋଭନ ବାବୁ ?'

'ହଁ ।'

'ବଡ଼ ବିପଦରେ ପଡ଼ିବା ପାଇଁ ଯାଉଛନ୍ତି ।'

'ବିପଦ ? ମାନେ ?'

'କାଲି ଷ୍ଟ୍ରଂଗ୍ ରୁମ୍‌କୁ ଯିବାବେଳେ ଡ୍ରୟାର ଚାବି ସାଥିରେ ନ ନେଇ ଚାଲିଗଲେ । ସେଇ ମଉକାରେ ସିନିୟର୍ ଆସିଷ୍ଟାଣ୍ଟ୍ ରଣଜିତ୍ ବ୍ଲାଂକ୍ ବ୍ୟାଙ୍କ୍ ଡ୍ରାଫ୍ଟ ବହିଟା କାଢ଼ିଆଣିଚି । ଜାଲ୍ ଡ୍ରାଫ୍ଟ ତିଆରି କରି ଲକ୍ଷ ଲକ୍ଷ ଟଙ୍କା ଠକିନେବ ।'

ସୁଶୋଭନ ବିବ୍ରତ ହୋଇପଡ଼ିଲେ ।

'ଥୟ ଧରନ୍ତୁ । ବହିଟା ଚେମ୍ବର ବାହାରକୁ ନେଇପାରିନି । ତରବରରେ କାନ୍ଥକଡ଼ ର୍ୟାକ୍‌ର ଫୋଲ୍‌ଡର ଫାଇଲ୍ ସନ୍ଧିରେ ଗୁଞ୍ଜି ଦେଇଚି ।'

ଶୋଭନ ଡାକ ଛାଡ଼ିଲେ ।

'ବିନ୍ଦୁ !'

ବିନ୍ଦୁଛାୟା ଆସିଲେ ।

'ବ୍ୟସ୍ତ ଜଣାପଡୁଚ । କ'ଣ ହେଇଚି ?'

'କିଛି ନାଇଁ । ବ୍ୟାଙ୍କ୍‌ରେ ଜରୁରି କାମଟାଏ ପଡ଼ିଲା । ଯାଉଛି ଗାଡ଼ି ନେଇ । ଅଧଘଣ୍ଟାରେ ଫେରିଆସିବି । ତୁମେ ଟିକେ ବସିଥାଅ ପ୍ଲିଜ୍ ।'

'ରବିବାରରେ ବ୍ୟାଙ୍କ୍ କାମ ?'

ଉତ୍ତର ନ ଦେଇ ସୁଶୋଭନ ଝଡ଼ପରି ବାହାରିଗଲେ ।

'ଆପଣ ତାଙ୍କୁ କ'ଣ କହିଲେ ? ସେ ଦୌଡ଼ି ପଳେଇଲେ ।'

'ଜରୁରି ସୂଚନାଟିଏ ଦେଇଚି । ସେପରି କିଛି ଭୟଙ୍କର କଥା ନୁହେଁ ।'

ଆଗନ୍ତୁକ ଉତ୍ତର ଦେଲେ ।

Digitized by PPRACHIN, SOA

ଦୁହେଁ ନୀରବ । ଯୁବକ ଜଣକ ତନ୍ନତନ୍ନ କରି କୋଠରୀଟିକୁ ପରଖୁଥାଆନ୍ତି, ଘୂର୍ମନ୍ତ ଦୃଷ୍ଟି ଘୁରାଇ ।

'ମା ! ତୁମେ ଭାଗ୍ୟବତୀ । ଖୁବ୍ ଭଲ ସ୍ୱାମୀ ଜଣେ ପାଇଚ । କିନ୍ତୁ ତୁମ ଶଶୁର ଅର୍ଥପାଗଳ । ଟଙ୍କା ଛଡ଼ା ଆଉ କିଛି ବୁଝନ୍ତି ନାଇଁ । ଶାଶୁ ତୁମର ନିରୀହ, ସରଳ, ଅଥଚ ବୋକା ।'

ବିନ୍ଦୁ ଆଗକୁପଛକୁ ଅନଉଥାଆନ୍ତି, କାଳେ ଶାଶୁଶଶୁର ଶୁଣି ପକାଇବେ ?

'ଏ ସବୁ ସତ୍ତ୍ୱେ ତୁମ ଘରଟି ମୋତେ ଭଲ ଲାଗୁଚି । ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ମନରେ ଟିପେ ମଇଳା ନାହିଁ । ଏଇ ନୀତି ବଜାୟ ରଖିବ । ପ୍ରାୟ ଦୁଇବର୍ଷ ତଳେ ସୁଶୋଭନବାବୁ ସନ୍ଥ ରମ୍ୟକ୍‌ନାଥଙ୍କ ପାଖରୁ ଦୀକ୍ଷା ନେଇଥିଲେ । ସୁବିଧା ହେଲେ ତୁମେ ଦୀକ୍ଷା ନେଇଯାଅ । ରମ୍ୟକ୍‌ନାଥ ଉଚ୍ଚକୋଟୀର ଯୋଗୀ । ମୁଁ ଭବିଷ୍ୟତ କଥା ଜାଣେନା । ତେବେ ତୁମର ଅଲୌକିକ ଐଶ୍ୱର୍ଯ୍ୟ ପ୍ରାପ୍ତି ଯୋଗ ଅଛି । ଏହା ଜନ୍ମଗତ ସଂସ୍କାର ଯୋଗୁ ସଂଭବ ହେବ । ସ୍ୱାମୀଙ୍କୁ ଚେତେଇଦେବ, ଏଡ଼େ ଅମୂଲ୍ୟ ନିଧି ପାଇ ଉପଯୋଗ କରୁନାହାନ୍ତି କାହିଁକି ? ଗୁରୁ ନିର୍ଦ୍ଦେଶିତ ସାଧନ ଭଜନ ନ କରିବା ଗୁରୁଦ୍ରୋହ ଅପରାଧ ସହ ସମାନ ।'

ଆଗନ୍ତୁକ ଯିବାପାଇଁ ଉଠିଲେ ।

'ବସନ୍ତୁନା ଟିକେ । ସେ ଫେରିଆସିଲେ ଯିବେ ।'

'ନା, ମୋତେ ଯିବାକୁ ହେବ । କପେ ଚା, ତିନୋଟି ଟଙ୍କା ଦିଅ । ଆଉଥରେ ଆସିବି ।'

ସୁଶୋଭନ ଖୁସି ମନରେ ଫେରିଲେ ।

'ବଡ଼ ବିପଦରୁ ରକ୍ଷା ପାଇଗଲି । ମୋର ଜଣେ କ୍ଲର୍କ ବ୍ୟାଙ୍କ୍ ଡ୍ରାଫ୍ଟ ବହିଟା ଚୋରେଇନେଇଥିଲା । ମିଳିଗଲା । ନହେଲେ କି ଅବସ୍ଥା ଯେ ହୋଇଥାନ୍ତା ! ବ୍ୟାଙ୍କ୍ ଚାକିରି କ୍ୟାରିଅର୍‌ରେ ନାଲି ଦାଗଟିଏ ପଡ଼ିଗଲେ, କେତେ ତଳ ଲୋକ କାନ୍ଧରେ ଚଢ଼ି ଉପରକୁ ଚାଲିଯିବେ । ଆଚ୍ଛା ବିନ୍ଦୁ ! ଭଦ୍ରଲୋକ ଗଲେ କୁଆଡ଼େ ? ମୋତେ ଏଇ ସୂଚନା ଦେଇ ସେ ମସ୍ତବଡ଼ ବିପଦରୁ ଉଦ୍ଧାର କରିଦେଲେ ।'

ବିନ୍ଦୁଛାୟା ସ୍ତମ୍ଭୀଭୂତ ହୋଇଯାଇଥିଲେ ।

Digitized by PPRACHIN, SOA

'କହୁନ ଯେ, କୁଆଡ଼େ ଗଲେ । ବସେଇ ରଖି ପାରିଲନି ?'

'ରାଜିହେଲେନି । କହିଯାଇଛନ୍ତି, ଆଉଥରେ ଆସିବେ ।'

'କିଛି ଟଙ୍କା ପଇସା ଦେଲ ?'

'କପେ ଚା' ଓ ତିନୋଟି ଟଙ୍କା ମାଗିଲେ ।'

'କିଏ ସେ ଆଶ୍ଚର୍ଯ୍ୟ ପୁରୁଷ ?'

'ଦେବଦୂତ ନିଶ୍ଚୟ ।'

ଖିଆପିଆ ସାରି ଶୀତଳ ଅପରାହ୍ନରେ ସ୍ୱାମୀ ସ୍ତ୍ରୀ ବସି ଖୁସିଗପ କରୁଥିବା ବେଳେ ବିନ୍ଦୁ ମୁହଁ ଫୁଲେଇ କହିଲେ– 'ମୋ'ଠାରୁ କଥାଟିଏ ଲୁଚାଇ ରଖିଚ ।'

'କି କଥା ? ତୁମ ପାଖରେ ମୋର ଗୋପନୀୟ ବୋଲି କିଛି ନାହିଁ ।'

'ତୁମେ ଦୁଇବର୍ଷ ତଳେ ଦୀକ୍ଷା ନେଇଥିଲ ସ୍ୱାମୀ ରମ୍ୟକନାଥଙ୍କ ପାଖରୁ ।'

ସୁଶୋଭନ ଲାଜେଇଗଲେ ।

'ଏ ଘରକୁ ଆସିବା ଦିନରୁ ତୁମକୁ କେବେ, ପୂଜା ଆରାଧନା କରିବାର ଦେଖିନି ।.ଜାଣିଚନା, ଗୁରୁ ନିର୍ଦ୍ଦେଶିତ ସାଧନ ଭଜନ ନ କରିବା ଗୁରୁଦ୍ରୋହ ?'

'କିଏ ଏସବୁ କହିଲେ ? ସେଇ ଦେବଦୂତ... ?'

'ହଁ ।'

'ସଂସାରୀ ମଣିଷର ପାର୍ଥିବ ଆକର୍ଷଣ ଆଧ୍ୟାତ୍ମିକ ଅନ୍ୱେଷାକୁ ଜାଳିପୋଡ଼ି ନଷ୍ଟ କରିଦିଏ । ବିନ୍ଦୁ ! ଏହା ଖାଣ୍ଟି ସତ ।'

'ଗୋଟେ ଅନୁରୋଧ ରଖିବ ?'

'କୁହ ।'

'ସ୍ୱାମୀଜୀଙ୍କ ପାଖରୁ ଦୀକ୍ଷା ନେବାପାଇଁ ମୋତେ ଅନୁମତି ଦିଅ ।'

'ଏ ତ ଖୁବ୍ ଭଲ ପ୍ରସ୍ତାବ ।'

ରାତିରେ ବିନ୍ଦୁଙ୍କୁ ନିଦ ଆସିଲାନି । ସ୍ୱାମୀଙ୍କୁ କୋଳେଇଧରି ଶୋଇବାକୁ ଇଚ୍ଛା ହେଲାନି । ମନ ଉଚାଟିତ ହେଉଥାଏ ।

ଶୋଭନ ବେଡ୍‌ସାଇଡ୍ ଲାଇଟ୍ ଲଗାଇ ମୋଟା ଇଂରାଜୀ ବହିଟେ ପଢୁଥିଲେ । ବିନ୍ଦୁ ସୁଇଚ୍ ଚିପି ଲାଇଟ୍ ଲିଭାଇଦେଲେ । ଶୋଭନ ମୋତେ

Digitized by PPRACHIN, SOA

ରାଗ କଲେନି । ସେ ଧରିନେଲେ, ବିନ୍ଦୁ ତାଙ୍କ ସହ ଏକାନ୍ତ ହେବାପାଇଁ ଇଚ୍ଛା କରୁଛନ୍ତି ।

ସ୍ୱାମୀଙ୍କ ଚିବୁକ୍‌ରେ ଦୁଇଟି ହାଲ୍‌କା ଚୁମା ଦେଇ ପଚାରିଲେ–

'ତୁମ ଗୁରୁଙ୍କ ବିଷୟରେ କିଛି କୁହ ।'

'ରମ୍ୟକନାଥଙ୍କ ସଂପର୍କରେ ବିଶେଷ କିଛି ଜାଣିନାହିଁ । ଯେତିକି ଜଣା ଅଛି, କହୁଛି । ଆର୍.ସି. ମହଲା ଭୋପାଳରେ ଷ୍ଟେଟ୍‌ବ୍ୟାଙ୍କର ଆର୍.ଏମ୍. ଥିଲେ । ବଡ଼ କ୍ରୁର ପ୍ରକୃତିର ମହଲା ସାହେବ । ମାର୍କେଟରୁ ଜୀବନ୍ତ କୁକୁଡ଼ା ମଗାଇ ନିଜେ କଚ୍‌କଚ୍ କରି କାଟିବେ । ଦେବଦେବୀ ମନ୍ଦିର ଯିବା, ଧାର୍ମିକ ପର୍ବପର୍ବାଣି ପାଳନ କରିବା ପରିବାର ଲୋକଙ୍କ ପାଇଁ ନିଷିଦ୍ଧ । ମିଷ୍ଟର ମହଲା ନିର୍ମମ ଥିବାରୁ କେହି ପ୍ରତିବାଦ କରିବାର ସାହସ ଜୁଟେଇପାରୁ ନଥିଲେ । ଶନିବାରରୁ ରବିବାର, ସପ୍ତାହର ପ୍ରତ୍ୟେକ ଦିନ ପ୍ରବଳ ଆମିଷ ଭକ୍ଷଣ । ଦିନେ ଜଣେ ବନ୍ଧୁ ଶିବ ପାର୍ବତୀ ଗଣେଶ ଛବି ଥିବା ସୁନ୍ଦର କ୍ୟାଲେଣ୍ଡରଟିଏ ଭେଟି ଦେଲେ । ମହଲା ସାହେବ ତାକୁ ଟିକିଟିକି ଚିରି ଡଷ୍ଟବିନ୍‌ରେ ପକାଇଦେଲେ ।'

'କାହା କଥା କହୁଚ ? ତୁମ ଗୁରୁଙ୍କ କଥା ପଚାରୁଚି ।'

'ଇଏ ମୋ ଗୁରୁଙ୍କର ପୂର୍ବାଶ୍ରମ ଜୀବନ । ଦିନେ ଆର୍.ସି. ମହଲା ଅଫିସିଆଲ୍ ଟୁର୍‌ରେ ଅମରକଣ୍ଟକ ଯାଇଥିଲେ । ଖାଇପିଇ ରାତିରେ ଶୋଇଲେ । ସକାଳେ ମିଳିଲେ ମୃତାବସ୍ଥାରେ । କାଳସର୍ପ ଦଂଶନରେ ଶରୀର ନୀଳ ପଡ଼ିଯାଇଥାଏ । ଶବ ସ୍ଥାନାନ୍ତର କରିବା ପାଇଁ ଆମ୍ବୁଲାନ୍ସରେ ଲଦାହେବା ପାଇଁ ଯାଉଚି, ସନ୍ନ୍ୟାସୀ ଜଣେ ପହଞ୍ଚିଲେ, କହିଲେ–'ଏ ମରିନାହିଁ । ପ୍ରାଣସତ୍ତାର କିଛି ଅବଶେଷ ରହିଚି । ମନ୍ତ୍ରପୂତ ଜଳ ନିଅ । ଘଣ୍ଟାକୁ ଘଣ୍ଟା ମୁହଁ ଆଉ ଆଖିରେ ଛାଟିବ । ପାଟି ଯେତେବେଳେ ଖୋଲିବ, ପାଟିରେ କିଛି ଜଳ ଢାଳିଦେବ । ଗରଳ ଭକ୍ଷଣକାରୀ ଶିବ୍‌ଜୀ ଏହାକୁ ରକ୍ଷା କରିବେ । ତିନିଘଣ୍ଟା ଭିତରେ ଚେତା ଫେରିପାଇବ ।' ସନ୍ନ୍ୟାସୀ ଚାଲିଗଲେ ।

ଡାକ୍ତର ଘୋଷଣା କରିସାରିଥିଲେ ମୃତ ।

ଆଉଥରେ ତାଙ୍କୁ ଡକାହେଲା । ଈଷତ୍ ବିରକ୍ତିଭାବ ପ୍ରକାଶ କରି ଡାକ୍ତର କହିଲେ– 'ମଲାମଣିଷ ବଞ୍ଚିବା କଥା କୋଉଠି କେବେ ପୃଥିବୀ

Digitized by PPRACHIN, SOA

ଇତିହାସରେ ଦେଖିଛନ୍ତି ? ଇସାମସୀହାଙ୍କ ପୁନରୁତ୍‌ଥାନ କବିର କଳ୍ପନା, ଭକ୍ତମାନଙ୍କର ଆଶ୍ୱାସନା । ଯଦି ବଞ୍ଚିଉଠିଲେ, ପରବର୍ତ୍ତୀ ଜୀବନରେ କ'ଣ କ'ଣ କଲେ ? ସେ ବିଷୟରେ ଇତିହାସ ନୀରବ । ବାବାଜୀ, ବୈଷ୍ଣବମାନଙ୍କ କଥାରେ ବିଶ୍ୱାସ କରୁଛନ୍ତି ? ଏମାନେ ଠକ, ନିର୍ଘାତ ଠକ । ମୁଁ ନିଜେ ବୋକା ବୋଲି ଆଉଥରେ ମୃତଦେହ ପରୀକ୍ଷା କରିବା ପାଇଁ ଯାଉଚି ।'

'ଡାକ୍ତର ଜାଣିଥିଲେ, ଇଏ ଏକପ୍ରକାର ନିଷ୍ଫଳ ଅଭିନୟ । ହୃତ୍‌ସ୍ପନ୍ଦନ ସ୍ଥିର । ନାଡ଼ୀ ଗତିହୀନ । ଆଗତ ନିର୍ଗତ ବାୟୁପ୍ରବାହ ବନ୍ଦ୍ । ପ୍ୟାଡ୍‌ଟି ଖୋଲିଲେ ।

'ଗୋଟେ ଡେଥ୍ ସାର୍ଟିଫିକେଟ୍ ଲେଖିସାରିଚି । ଆଉ ଗୋଟେ ଲେଖି ଦେଉଚି । ହି ଇଜ୍ ଡେଡ୍, ଡେଡ୍, ଡେଡ୍ । ନାଲି କାଳିରେ ଲେଖୁଚି । ହାତକାଟି ଲେଖୁଚି– ଦେହରେ ଅଣୁମାତ୍ର ପ୍ରାଣସତ୍ତା ନାହିଁ । ଆଜିକାଲି ରାସ୍ତାକଡ଼ର ଲୋକ ବି ଡାକ୍ତର । ଭିକମଗା ବାବାଜୀ ଜୀବନ ଫେରେଇ ଆଣିବ ? ଫୁଃ ।'

'ଅତିଶୟ କ୍ରୋଧରେ ଡାକ୍ତର ଫେରିଗଲେ । ମହଲା ସାହେବଙ୍କର ଜଣେ ସହକର୍ମୀ କହିଲେ–'ଅମରକଣ୍ଟକ ଅଞ୍ଚଳରେ ଅଲୌକିକ ସାଧୁମାନେ ବିଚରଣ କରନ୍ତି ବୋଲି ଶୁଣିବାକୁ ମିଳେ । ସନ୍ନ୍ୟାସୀଙ୍କ ନିର୍ଦ୍ଦେଶ ପାଳିଲେ କ୍ଷତି କ'ଣ ?'

'ମହଲାଙ୍କର ମୃତ ଶରୀରକୁ ଫେରାଇଆଣି ଗେଷ୍ଟ୍‌ହାଉସ୍ ବିଛଣାରେ ଶୁଆଇଦିଆଗଲା ।

'ପାଣି ସିଞ୍ଚିଲେ । ଘଣ୍ଟାଏ ପରେ ଓଠ ଥରିଲା । ଘେରିବସିଥିବା ବ୍ୟାଙ୍କ କର୍ମଚାରୀମାନଙ୍କର କି ଆନନ୍ଦ ! ଦେହର ରଙ୍ଗ ଧୀରେଧୀରେ ବଦଳୁଥାଏ । ଦ୍ୱିତୀୟ ଘଣ୍ଟା ବେଳକୁ ଆଖିପତା ହଲିଲା । ଶରୀରର ବର୍ଣ୍ଣ ସ୍ୱାଭାବିକ । ତୃତୀୟ ଘଣ୍ଟାରେ ପାଟି ଖୋଲିଲା । ଅବଶିଷ୍ଟ ଜଳ ପିଆଇ ଦେଲେ ।

'ସୁସ୍ଥ ମଣିଷ ନିଦରୁ ଉଠିବା ପରି ଆର୍.ସି. ମହଲା ଉଠି ବସିଲେ ।

'ସବୁ ଶୁଣିଲେ ଟିକିନିଖି । ପଦୁଟେ କଥା ବି କହିଲେନି ।

'ଭୋପାଳ ଫେରିଆସିଲେ । ବ୍ୟାଙ୍କ ଯାଉଥା'ନ୍ତି, ଫେରୁଥାଆନ୍ତି । ଖୁବ୍ କମ୍ କଥାବାର୍ତ୍ତା କରନ୍ତି ।

Digitized by PPRACHIN, SOA

'କିଛିକାଳ ବିତିଯିବା ପରେ ସ୍ତ୍ରୀଙ୍କୁ କହିଲେ– 'ମୁଁ ମରିସାରିଥିଲି । ବିଶ୍ୱାସ କରୁଚ ?'

'ହଁ । ଡାକ୍ତରଙ୍କ ରିପୋର୍ଟ ସେୟା କହୁଚି ।'

'ମୁଁ ମରିଯାଇଥିଲେ ତୁମେ ବିଧବା ହୋଇଥାଆନ୍ତ । ସେ ଦୁଃଖରୁ ଭଗବାନ ତୁମକୁ ବଞ୍ଚାଇଦେଲେ ।'

'ଶିବ୍‌ଜୀଙ୍କ କରୁଣା ।'

'ପ୍ରତିଦାନରେ ତୁମକୁ କିଛି ଦେବାକୁ ହେବ ।'

'ସ୍ତ୍ରୀ ବଲବଲ କରି ଚାହିଁଲେ ।

'ମୋତେ ସନ୍ନ୍ୟାସ ନେବାର ଅନୁମତି ଦିଅ ।'

'କିଛି କହିବା ପାଇଁ ସ୍ତ୍ରୀଙ୍କ ପାଖେ ଭାଷା ନଥିଲା ।

'ଗୋଟିଏ ବୋଲି ପୁଅ ତାଙ୍କର । ଲଣ୍ଡନରେ ସସ୍ତ୍ରୀକ । ସ୍ୱାମୀ ସ୍ତ୍ରୀ ଦୁହେଁ ଡାକ୍ତର ।

'ଭି.ଆର୍.ଏସ୍. ନେଇଗଲେ ଆର୍.ସି. ମହଲା । ମୋଟା ଅଙ୍କର ଟଙ୍କା ମିଳିଲା । ସ୍ତ୍ରୀଙ୍କ ନାଁରେ ଫିକ୍‌ସଡ୍ ଡିପୋଜିଟ୍ ରଖିଦେଲେ । ମାସକୁ ମାସ ମିଳୁଥିବା ସୁଧର ପରିମାଣ ସ୍ୱଚ୍ଛନ୍ଦରେ ଚଳିବା ପାଇଁ ଯଥେଷ୍ଟ । ଖଣ୍ଡିଏ ଧୋତି ପିନ୍ଧି, ଧଳା ଚାଦର ଘୋଡ଼ିହୋଇ ନିରୁଦ୍ଦିଷ୍ଟ ହୋଇଗଲେ ମହଲା ସାହେବ, ଅସୀମର ସନ୍ଧାନରେ । ଇପ୍‌ସିତ ଗୁରୁଙ୍କୁ ପାଇଲେ । ହିମାଳୟ କୋଳରେ ତପସ୍ୟା କଲେ କେତେ ବର୍ଷ । ଫେରିଆସିଲେ ଜନପଦକୁ ଅନ୍ୟ ଏକ ମଣିଷର ବ୍ୟକ୍ତିତ୍ୱ ନେଇ ।'

'ଏଭଳି ଦୁର୍ଲ୍ଲଭ ଗୁରୁଙ୍କୁ ପାଇଲ କେଉଁଠି ?'

'ଆମ ବ୍ୟାଙ୍କର ଅନେକ ଅଫିସର ତାଙ୍କର ଦୀକ୍ଷା ନେଇଛନ୍ତି । ମୁଁ ମଧ୍ୟ ନେଇଗଲି ।'

'ଦୀକ୍ଷା ନେଲ । ଗୁରୁଙ୍କୁ ଭୁଲିଗଲ ?'

'ଅଣହେଳା ହୋଇଯାଇଚି ।'

'କେବେ ପୁଣି ତାଙ୍କ ଦେଖା ମିଳିବ ?'

Digitized by PPRACHIN, SOA

'ଭୁବନେଶ୍ୱର ଶିଷ୍ୟମାନେ ତମାଣ୍ଡୋ ପାଖରେ ଜାଗା କିଣି ଆଶ୍ରମ ତିଆରି କରିଛନ୍ତି । ଆସନ୍ତା ଗୁରୁପୂର୍ଣ୍ଣିମାରେ ସ୍ୱାମୀଜୀ ଆସି ଉଦ୍‌ଘାଟନ କରିବେ ।'

'ତମେ ନିଶ୍ଚୟ ଯିବ । ମୋତେ ବି ନେଇଯିବ ସାଥିରେ ।'

ନିର୍ବାଚନ ପ୍ରଚାର ତୋଫାନୀ ଗସ୍ତ ପରେ କ୍ଲାନ୍ତ ହୋଇ ଫେରିଥିଲେ ଭାଗ୍ୟବର୍ଦ୍ଧନ ବଳବନ୍ତରାୟ ।

ଦିନ ଦଶଟାକୁ ଉଠିଲେ । ବାରଣ୍ଡା ବେତଚୌକିରେ ବସି ଚା' ପିଉଥାଆନ୍ତି, ବାବନ ଯାଇ ଆଉଗୋଟେ ଚୌକିରେ ବସିଲା ।

'ଏମ୍.ଏଲ୍.ଏ. ସାହେବ ! କେମିତି ଚାଲିଚି ନିର୍ବାଚନ ପ୍ରଚାର ।'

'କି କଷ୍ଟ, କହନ୍ତୁ ନା । ରାଜନୀତିବାଲାଙ୍କ ଜୀବନ, ଜୀବନ ନୁହେଁ । ଗାଁ ଗାଁ ବୁଲି ପରିବାରକୁ ପରିବାର ଦେଖା କରିବାକୁ ପଡୁଚି । ଅନେକ ଗାଁକୁ ଗାଡ଼ି ଯିବାଭଳି ରାସ୍ତା ନାହିଁ । ଚାଲିଚାଲି ଯା' ଦଶପନ୍ଦର କିଲୋମିଟର, ବିଲର ହିଡ଼େହିଡ଼େ ।'

'ଲୋକମାନଙ୍କର ପ୍ରତିକ୍ରିୟା ।'

'ପ୍ରତିକ୍ରିୟା ? ମାରାତ୍ମକ ପଣ୍ଡିତଜୀ, ମାରାତ୍ମକ । ସ୍ୱାଧୀନ ଭାରତର ମଣିଷମାନେ ଅତିରିକ୍ତ ଧୂର୍ତ୍ତ । ଗୋଟେ ଗୋଟେ ନିର୍ବାଚନ ସେମାନଙ୍କ ପକ୍ଷେ ଫସଲ ଅମଳ ବେଳା । ବୁଦ୍ଧିଜୀବୀ ଲୋକେ କହୁଛନ୍ତି, ରାଜନୀତି ଲୋକେ ଟଙ୍କା ବାଣ୍ଟୁଛନ୍ତି, ଟଙ୍କା ନ ନେଲେ ଭୋଟ୍ ଦେବେନି ଯେ !'

'କେତେ ଟଙ୍କା ବାଣ୍ଟିବେ ?'

'ପାରୁ ପର୍ଯ୍ୟନ୍ତ । ଲୋକେ ସେଇ ଗୋଟିଏ ଘୋଷା ଶିଖିଛନ୍ତି- ଇନ୍ଦିରା ଆବାସ ପାଇଁ ଦି'ହଜାର ଟଙ୍କା ଲାଞ୍ଚ ଦେଇଚୁ । ଉଚ୍ଚବାଚ ନାହିଁ । ସତ କି ମିଛ ପରୀକ୍ଷା କରିବାକୁ ସମୟ କାହିଁ ? ଦେ ଦି'ହଜାର ତାକୁ, କ୍ଷତିପୂରଣ

Digitized by PPRACHIN, SOA

ବାବଦକୁ । ଆଉ ପାଆଁଶ ଅଧିକା ରଖ, ଭୋଟ୍ ଦେବୁ । କେବଳ ସେତିକି ନୁହେଁ, ପ୍ରତି ଘର ଟଚ୍ ନ କଲେ କହିବେ–ସେ ଆମକୁ ପଦେ ହେଲେ କହିନି । ତାକୁ କାହିଁକି ଭୋଟ୍‌ଦେବୁ ?'

'ଆପଣ ଯେତିକି ଟଙ୍କା ଦେଉଛନ୍ତି, ଆପଣଙ୍କ ପ୍ରତିଦ୍ୱନ୍ଦ୍ୱୀ ବିଳାସ ସେଠ ତା'ଠାରୁ ଅଧିକ ଟଙ୍କା ବାଣ୍ଟୁଛି । ଏ ପରିସ୍ଥିତିରେ ନିର୍ବାଚନ ଜିତିବା ଆପଣଙ୍କ ପକ୍ଷେ ସହଜସାଧ୍ୟ ନୁହେଁ । ଲୋକେ କ'ଣ କହୁଛନ୍ତି ଜାଣନ୍ତି, ସିଏ ତିନିଥର ଭୋଟ୍‌ରେ ଜିତିଲାଣି, କ'ଣ ଦେଶଟାକୁ ଓଲଟାଇ ପକାଇଲା ? ଗୋଟେ ନୂଆ ଲୋକକୁ ସୁଯୋଗ ଦିଆଯାଉ ।'

'ଯାହା ଭାଗ୍ୟରେ ଥିବ । ମୋ' ପ୍ରଚେଷ୍ଟାରେ ତ୍ରୁଟି ନାହିଁ ।'

ବଳବନ୍ତରାୟ ବିମର୍ଷ ଦେଖାଗଲେ ।

'ଆପଣଙ୍କୁ ରଣନୀତି ବଦଳାଇବା ପାଇଁ ପଡ଼ିବ ।' କ'ଣ ସେ ପରିବର୍ତ୍ତିତ ରଣନୀତିର ରୂପରେଖ, ବାବନ କହିଲା ନାହିଁ । ପଣ୍ଡିତଜୀଙ୍କୁ ପଚାରିବାର ସାହସ ମଧ୍ୟ ବଳବନ୍ତରାୟଙ୍କର ନଥିଲା ।

ଏମ୍.ଏଲ୍.ଏ. ସାହେବ ମଧ୍ୟାହ୍ନ ଭୋଜନ ପରେ ଦୁଇଘଣ୍ଟା ଚଉକସ୍ ଶୁଅନ୍ତି । ଆଜି ନିଦ ଆସୁନି । ନାବ ବୁଡ଼ିବାକୁ ବସିଚି । କ'ଣ କରିବେ ? ଥଳକୂଳ ଦିଶୁନାଇଁ । ଏ ଆଟବାଟ, ଲୋକବାସ ସବୁ ଉଭେଇଯିବ ? ଗାଁର ଭାଗଚାଷୀଙ୍କ ଦୟା ଉପରେ ନିର୍ଭର କରି ଚଳିପାରିବେ ?

ଥରକୁ ଥର ବିଛଣାରୁ ଉଠି ଗିଲାସେ ପରେ ଗିଲାସେ ଥଣ୍ଡାପାଣି ପିଉଥାଆନ୍ତି । ବାବନ ବେଡ୍‌ରୁମ୍‌କୁ ପଶିଗଲା ।

'ଆସନ୍ତୁ ପଣ୍ଡିତଜୀ ! ଖଟ ଉପରେ ବସନ୍ତୁ ।' ବାବନ ବସିଲା । କିଛିକ୍ଷଣ ନୀରବ ରହିବା ପରେ ପାଟି ଖୋଲିଲା–'ବିଳାସ ସେଠ୍ ଥିଲା କେଉଁଝର ଅଞ୍ଚଳର କୁଖ୍ୟାତ ଖଣି ମାଫିଆ । ସେଠି ଥିବା ବେଳେ ସୁନ୍ଦରୀ ହରିଜନ ଯୁବତୀ ଗୋଟିକୁ ଭଲପାଇ ରେଜେଷ୍ଟ୍ରୀ ବିବାହ କଲା । ବୁଦ୍ଧି ସାହସ ଖଟାଇ ଟନ୍‌ଟନ୍ ଲୁହାପଥର ଚୋରା ଚାଲାଣ କରି କୋଟିକୋଟି ଟଙ୍କା କମାଇଲା । ଗାଁକୁ ଫେରିଆସିଲା । ପ୍ରକାଣ୍ଡ କୋଠା ତିଆରି କଲା । କୁଳୀନ ଘରର ଝିଅଟିଏ ବିବାହ କରି ନାରୀ ସଙ୍ଗମରେ ନିଜକୁ କୃତାର୍ଥ ମଣିଲା । ଭୁଲିଗଲା, ଦିନେ ଭଲପାଇ ବିବାହ କରିଥିବା ପରିଣୀତା ସ୍ତ୍ରୀର ଦୁର୍ଦ୍ଦଶା ।

Digitized by PPRACHIN, SOA

ପ୍ରଥମେ କିଛି କିଛି ଟଙ୍କା ପଠାଉଥିଲା । ତା'ପରେ ବନ୍ଦ । ବିଚାରି ଚଳିବ କେମିତି ? ପୁଅଟିଏ ସ୍କୁଲ୍‌ରେ ପାଠ ପଢୁଚି । ଠିକାଦାର ପାଖରେ ପଥର ବୋହି ଖର୍ଚ୍ଚ ତୁଲାଉଚି । ନିରୀହ ଝିଅର ଦୌଡ଼ କେତେ ? ମନେମନେ ପ୍ରତିଶୋଧ ନେବାର ସୁଯୋଗ ଖୋଜୁଚି । କାଲି ସକାଳେ ଦି'ତିନିଜଣଙ୍କୁ ସାଙ୍ଗରେ ନେଇ ବାହାରିଯାଆନ୍ତୁ । ସେ ଝିଅକୁ ଲକ୍ଷେ ଟଙ୍କା ଦେଇଦେବେ । ପ୍ରତିବଦଳରେ ନେଇଆସିବେ ମ୍ୟାରେଜ୍ ସାର୍ଟିଫିକେଟ୍, ବିବାହ ବେଳର କେତେଟା ଫଟୋ । ସ୍ଥାନୀୟ ଥାନାରେ ବିଳାସ ବିରୁଦ୍ଧରେ ଏଫ୍.ଆଇ.ଆର୍. ଦାଖଲ କରାଇଦେବେ । ତା'ର ଗୋଟେ ଲେଖାଁ ନକଲ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପୋଲିସ୍ ମହାନିର୍ଦ୍ଦେଶକ, ମୁଖ୍ୟ ନିର୍ବାଚନ କମିଶନର, ମହିଳା କମିଶନ, ଅନୁସୂଚିତ ଜାତି ବର୍ଗ କମିଶନଙ୍କ ପାଖକୁ ପଠାଇବେ । ଏଠି ଆସି ସାମ୍ବାଦିକ ସମ୍ମିଳନୀ ଡକାଇବେ । ନିର୍ବାଚନ ବେଳେ ମିଡିଆବାଲା ଛକି ବସିଥା'ନ୍ତି । ପ୍ରତ୍ୟେକ ଖବରକାଗଜର ପ୍ରଥମ ପୃଷ୍ଠାରେ ଛପାହୋଇଯିବ ଯୁଗ୍ମ ଫଟୋ ସହିତ ବିବାହ ପ୍ରମାଣପତ୍ରର ନକଲ । ଘଣ୍ଟାକୁ ଘଣ୍ଟା ସେଇ ନିଉଜ୍ ଟି.ଭି. ଚ୍ୟାନେଲ୍‌ରେ ପ୍ରସାରିତ ହେବ । ଝିଅଟିର ନାଁ ବୈଦେହୀ । ଘର ବଡ଼ବିଲଠାରୁ ପାଞ୍ଚକିଲୋମିଟର ବାଘଛାଉଣୀ ଗାଁ ।'

ବଳବନ୍ତରାୟ ଏତେ ଖୁସି ହୋଇଗଲେ, ଯେମିତି ଦମ୍ ବନ୍ଦ ହୋଇଯିବ । ପଣ୍ଡିତଜୀଙ୍କ ପାଦଧୂଳି ନେବାକୁ ବସିଥିଲେ, ବାବନ ଘୁଞ୍ଚିଗଲା ।

ଯୋଜନା ମୁତାବକ ସବୁ କାର୍ଯ୍ୟକାରୀ ହେଲା ।

ପୋଲିସ୍ ଆରେଷ୍ଟ ଭୟରେ ବିଳାସ ସେଠ୍ ଗାଁ ଛାଡ଼ି ଫେରାର ହୋଇଗଲେ । ବିରୋଧୀ ଦଳ କର୍ମୀମାନେ ହତାଶ ହୋଇ ଗଞ୍ଜେଇ ଖାଇ ବୁଲିଲେ ।

ବହୁ ଭୋଟ୍ ବ୍ୟବଧାନରେ ନିର୍ବାଚନ ବୈତରଣୀ ପାର୍ ହେଲେ ଭାଗ୍ୟବର୍ଦ୍ଧନ ବଳବନ୍ତରାୟ ।

ଚାରିଚାରିଥର କ୍ରମାଗତ ଗୋଟିଏ ନିର୍ବାଚନମଣ୍ଡଳୀରୁ ଜିତି ଆସିବାର ଗୌରବ ତାଙ୍କୁ ମିଳିଲା । ସେ ରାଜ୍ୟ କ୍ୟାବିନେଟ୍‌ରେ ସ୍ଥାନ ପାଇଲେ । ଶ୍ରମ ବିଭାଗର ମନ୍ତ୍ରୀ । ତନ୍‌ଛନ୍ ନୂଆ ପଞ୍ଜାବି ପାଇଜାମା ପିନ୍ଧି ବାବନ ସ୍ୱତନ୍ତ୍ର ଅତିଥି ଭାବେ ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେଲା ।

ଉତ୍ସବ ସରିବା ପରେ ଇଚ୍ଛା ହେଲା ରାଜଭବନରୁ ବାହାରି ପାଦରେ ଚାଲିଚାଲି ଆଉଥରେ ରାଜଧାନୀଟାକୁ ବୁଲିବୁଲି ଦେଖିବ ।

Digitized by PPRACHIN, SOA

ରାସ୍ତାକଡ଼ରେ ସେ ଜ୍ୟୋତିଷୀଟା ଆଣ୍ଠୁରେ ମୁହଁ ଯାକି ବସିଥାଏ । ବେପାର ମାନ୍ଦା କି କ'ଣ । ବାବନ ଛିଡ଼ା ହେଲା । ଜ୍ୟୋତିଷ ଦୋଦୋଚିହ୍ନା ହୋଇ ଧାଇଁଆସିଲେ ।

'ବାବନ ମହାପ୍ରୁ ! ତମେ ? ଅହୋ ଭାଗ୍ୟ । ବେଶ୍ ଭଲରେ ଅଛ ଦେଖୁଚି ।'

'ଈଶ୍ୱରଙ୍କ କୃପା ।'

'ଆସ ଭାଇ, ଟିକେ ବସିବା ।'

ବାବନ ପାଇଁ ପାଲଟିଏ ପାରିଦେଲେ ।

'ବଡ଼ଭାଇ ! ଧନ୍ଦା କେମିତି ଚାଲିଚି ?'

'ଫୁଟ୍‌ପାଥିଆ ଜ୍ୟୋତିଷଙ୍କ ଭାଗ୍ୟରେ ଯାହା ଥାଏ । ଏଡ଼େବଡ଼ ନିର୍ବାଚନ ସରିଗଲା । ଜଣିଏ ନେତା ମୋ'ପାଖକୁ ଆସିଲେ, ନା ଡକେଇଲେ । ଆଜିକାଲି ହାଏଫାଏ ଫାଇବ୍‌ଷ୍ଟାର୍ ଜ୍ୟୋତିଷମାନଙ୍କ ଯୁଗ ।'

'ଏତେ ଲୋକଙ୍କ ଭାଗ୍ୟଗଣନା କରୁଚ, ନିଜ ଭାଗ୍ୟ ବଦଳାଇ ପାରୁନ ?'

'ଭାଗ୍ୟକୁ କିଏ ବଦଳାଇ ପାରିବ ? ମୋ କକ୍‌ରଥନା କଥା କୁହନା । ବେପାର ଯେମିତି ଦେଖୁଚ । ସ୍ତ୍ରୀଟିଏ ଆଣିଲି ଘର ସମ୍ଭାଳିବା ପାଇଁ, ତା' କଥା ନ କହିଲେ ଭଲ । ଚରିତ୍ର ଖରାପ ନୁହେଁ । ସ୍ୱଭାବ ଖରାପ । ରଙ୍ଗ ରାସ ନାଟରେ ମନ । ଅପେରା ଦେଖିବ । ବସ୍ ଚଢ଼ି ପାଖ ଟାଉନ୍‌କୁ ସିନେମା ଦେଖିଯିବ । ତା'ର ବା କି ଦୋଷ ? କୋଳରେ ଛୁଆଟିଏ ଥିଲେ, ସଂସାରରେ ମଜିଯାଆନ୍ତା । କାକବନ୍ଧ୍ୟା । ସନ୍ତାନସମ୍ଭବା ହେବା ଲକ୍ଷଣ ନାହିଁ ।'

'ଗାଁରେ ରହି ଶାଗମୁଗ ବେପାର କରୁନ ?'

'ଦିହକ ବିତିଗଲା ଅନ୍ୟର ହାତ ଦେଖି, କୋଷ୍ଠୀ ଗଣନା କରିକରି । ଏବକୁ ସେ କାମ ପାରିବି ? ଯାହା ମିଳୁଚି, ପେଟକୁ ଗଣ୍ଡେ, ପିଠିକୁ ଖଣ୍ଡେ । ମୋ ଦୁଃଖରେ ଦୁଃଖୀ ହୁଅନା ବାବନ ମହାପ୍ରୁ । ଅଣଷଠୀ ବର୍ଷର ପରମାୟୁ ମୋର ଏମିତି ଏମିତି ବିତିଯିବ । ତମ ଖବର କ'ଣ ? ପତ୍ରୀବାବୁ ତିନି ଚାରିଥର ତୁମକୁ ଖୋଜି ହତାଶ ହୋଇ ଫେରିଲେଣି । ଭଲ ବେଳାରେ ଆସିଚ । ଏଇ ସମୟରେ ସେ ମାର୍କେଟ୍ କରିବାକୁ ଆସନ୍ତି । ଭେଟ ପଡ଼ିଯିବ ।'

Digitized by PPRACHIN, SOA

ପତ୍ରୀବାବୁ ଏ ରାସ୍ତାରେ ଯିବାବେଳେ କଣେଇକଣେଇ ଚାହିଁକିନା ଯାଆନ୍ତି । କାଳେ ବାବନର ଦେଖା ମିଳିଯିବ । କିଛି ସମୟ ବା'ଦେ ପତ୍ରୀବାବୁ ସେବାଟେ ଯାଉଯାଉ କେଁ କିନା ସାଇକେଲ୍‌ର ବ୍ରେକ୍ କଷିଦେଲେ ।

'କି ଯୋଗରେ ଆଜି ରାତି ପାହିଥିଲା । ଜୁହାର ବାବନ ମହପ୍ରୁ ! କ'ଣ ପବନରେ ମିଳାଇଯାଇଥିଲେ କି ?'

'ମୋ' ଖୋଜ୍‌ଖବର ମୁଁ ନିଜେ ଜାଣେନା, ଆପଣ କୋଉଠୁ ଖବର ପାଇଥାନ୍ତେ ? ସନ୍ଦେହ ବିମୋଚନ ପ୍ରସଙ୍ଗ କ'ଣ କହନ୍ତୁ ।'

'ପୁଅଟା ମାସକୁ ପୁଳାପୁଳା ଟଙ୍କା ଆଣୁଚି । ମୋର ସନ୍ଦେହ, ବୋହୂ ସେଥିରୁ କିଛି ବାପଘରକୁ ପଠେଇଦେଉଚି ।'

'ସନ୍ଦେହ କରିବାର କାରଣ ?'

'ପ୍ରତିମାସରେ ବୋହୂ ନିଜେ ପୋଷ୍ଟଅଫିସ୍ ଯାଇ ମନିଅର୍ଡ଼ର କରୁଚି ।'

'କିଛି ଧାର୍ମିକ ଅନୁଷ୍ଠାନ, ଅନାଥାଶ୍ରମକୁ ସାଧ୍ୟମୁତାବକ କିଛି ଅର୍ଥ ସେ ଦାନ କରିଆସୁଛନ୍ତି । ଆପଣଙ୍କ ପୁଅ ସେସବୁ ଜାଣନ୍ତି । ପୁଅକୁ ପଚାରି ଦେଇଥିଲେ କଥା ସରିଥା'ନ୍ତା । ପତ୍ରୀବାବୁ ! ମଣିଷ ଦୁଃଖ ପାଇବାର ଅନେକ କାରଣ ଭିତରୁ ଗୋଟିଏ ହେଲା ଅନ୍ୟକୁ ସନ୍ଦେହ କରିବା ।'

'କଥା ତା'ହେଲେ ଏମିତି !'

'ଆଉ କେମିତି ବୋଲି ଭାବି ରାଗ ଗରଗର ହୋଇଗଲେ ? ସଂସାରୀ ମଣିଷ ନିଜ ଉପାର୍ଜନରୁ କିଛି ଧର୍ମାର୍ଥେ ବ୍ୟୟ କରିବା ଦରକାର ।'

'କେତେ ଦକ୍ଷିଣା ଦେବି ବାବନ ମହାପ୍ରୁ ?'

'ମୋତେ ନୁହେଁ, ଆପଣଙ୍କ ପୁରାତନ ମହାପ୍ରୁଙ୍କୁ ତାଙ୍କର ୟୁଜୁଆଲ୍ ଫି' ଦେଇ ଯାଆନ୍ତୁ ।'

ପତ୍ରୀବାବୁ ବୁଢ଼ା ମାଙ୍କଡ଼ ପରି ଖପ୍ କିନା ଡେଇଁ ସାଇକେଲରେ ବସି ଅଦୃଶ୍ୟ ହୋଇଗଲେ ।

ଉଭୟେ ବାବନ ଆଉ ଜ୍ୟୋତିଷ ଫେଁ କିନା ହସିଦେଲେ ।

'ବୁଢ଼ାର ଆୟୁଷ କେତେ ଗଣନା କରିଚ ?'

Digitized by PPRACHIN, SOA

'ବୁଢ଼ା ଭାରି ଚତୁର । ପୁଅ, ବୋହୂ, ନାତି– ଏମାନଙ୍କ କୋଷ୍ଠୀ ଦେଖେଇବ । ନିଜ କଥା କେବେ ପଚାରିବନି ।'

'ଅମରବର ପାଇଚି ·କି ଆଉ ?'

'ସେୟା ବୋଧେ ଭାବୁଚି ।'

ବାବନ ବୁଲାବୁଲି କରି ଫେରିବା ବେଳକୁ ଏମ୍.ଏଲ୍.ଏ. କ୍ୱାଟର୍ସଟା ଲୋକଗହଳିରେ ପରିପୂର୍ଣ୍ଣ । ଯାହାକୁ କହନ୍ତି, ତିଳ ପକାଇବାକୁ ଜାଗା ନଥାଏ । ବହୁ କଷ୍ଟରେ ଭିଡ଼ କାଟି ନିଜ କୋଠରୀ ପର୍ଯ୍ୟନ୍ତ ଆସିବାକୁ ଲାଗିଲା ପନ୍ଦର ମିନିଟ୍ ।

ପରବର୍ତ୍ତୀ ଦୁଇଦିନର କଥା କୁହନା । ଫୁଲତୋଡ଼ା, ମିଠା ପ୍ୟାକେଟ୍‌ରେ ଗୋଟିଏ ରୁମ୍‌ର ଅଧାଅଧି ଭର୍ତ୍ତି ହୋଇଗଲା ।

ଭିଡ଼ ଧୀରେଧୀରେ ପାତଳ ହେଲା ।

ମନ୍ତ୍ରୀ ସାହେବ ନିଜେ ଆସିଲେ ପଣ୍ଡିତଜୀଙ୍କ କୋଠରୀକୁ । ହାତରେ ଜରିଗୁଡ଼ା ପ୍ୟାକେଟ୍‌ଟିଏ ।

'ପଣ୍ଡିତ୍‌ଜୀ ! ଆପଣଙ୍କ ଆଶୀର୍ବାଦ ନ ପାଇଥିଲେ ଏତେ ସୌଭାଗ୍ୟ ମିଳିନଥାଆନ୍ତା । ନିର୍ବାଚନ ଖର୍ଚ୍ଚ ପାଇଁ ଯାହା ମିଳିଥିଲା, ଅନେକ କିଛି ବଳିଚି । ଆମେ ଯେଉଁ ରୀତିରେ କାମ୍ପେନ ଆରମ୍ଭ କଲେ, ସେଥିରେ ବିରୋଧୀ ପକ୍ଷ ଛତ୍ରଭଙ୍ଗ ଦେଇ ପଳାୟନ କଲେ । ମଇଦାନ ସାଫ୍ ହୋଇଗଲା । ଲକ୍ଷେ ଟଙ୍କା ଆପଣଙ୍କ ପାଇଁ ଆଣିଚି । ରଖିବେ । ମନା କରିବେନି ।' ଜରିଗୁଡ଼ା ଟଙ୍କା ପ୍ୟାକେଟ୍‌ଟି ଖଟ ଉପରେ ରଖିଦେଲେ ।

'ମନ୍ତ୍ରୀ ସାହେବ...'

ବଳବନ୍ତରାୟ ବାଧାଦେଲେ ।

'କେବେ କିଛି ମାଗିନି । ଯାହା ଦେଇଛନ୍ତି ଆପଣାଛାଏଁ । ଅନୁରୋଧଟିଏ କରିବି, ରଖିବେ ? ମୋତେ ଭାଗ୍ୟବର୍ଦ୍ଧନ ବୋଲି ଏବେଠାରୁ ସମ୍ବୋଧନ କରିବେ ।'

'ମୁଁ ଭାବୁଥିଲି, ଦୁଇ ଚାରିଦିନ ଗାଁଆଡ଼େ ଯାଇ ବୁଲାବୁଲି କରି ଆସନ୍ତି । ଘରେ ବୁଢ଼ା ବାପା ଏକା ।'

Digitized by PPRACHIN, SOA

'ଯାଆନ୍ତୁ, କିଏ ମନା କଲା । ଟାକ୍ସିଟିଏ କରିଦେବି । ପାଞ୍ଚଦିନ, ଛଅଦିନ, ଯେତେ ଦିନ ଦରକାର, ରଖିବେ । ଯେବେ ଇଛା ହେବ, ଫେରିବେ ।'

ଧଳା ଆମ୍ବାସାଡର କାର୍‌ଟିଏ ବାବନ ଘରପିଣ୍ଡା ପାଖରେ ଲାଗିବାକ୍ଷଣି, ପ୍ରଥମେ ଗଦା ହୋଇଗଲେ ଥୋଡ଼େ ଲଙ୍ଗଳା ପିଲା । କ୍ରମେ ମିଣିପେ ଗାଡ଼ି ଚାରିପଟେ ଘେରିଗଲେ ।

'ବାବନବାବା ! ଗାଡ଼ିଟିଏ କିଣିଲନା ?' ଶୁକ ସାମଲ ପଚାରିଲା ।

'ମୁଁ କିଏ, ଗାଡ଼ି କିଏ ! ଭଡ଼ା ଗାଡ଼ି ।'

ଟଙ୍କା ବିଡ଼ାଟି ବାପାଙ୍କୁ ଧରେଇଦେଇ ବାବନ କହିଲା–'ଇଟା ପୋଡ଼ାର ବ୍ୟବସ୍ଥା କର । ତମ ରହିବା ପାଇଁ ବଖରେ ଘର ରଖି ବାକି ଭାଙ୍ଗି ପକାଇ ନିଅଁ ଖୋଳିଦିଅ ।'

ବାପା ଆଖିରୁ ଆନନ୍ଦାଶ୍ରୁ ଝରିଚାଲିଥାଏ । ଲକ୍ଷେ ଟଙ୍କା ! ଏତେ ଟଙ୍କା ସ୍ୱପ୍ନରେ ବି ଦେଖି ନଥିଲା ।

'ଆହୁରି ଦେବି । କାମ ଆରମ୍ଭ କର । ଭଲ ଘରଟିଏ କର । ବାସ ବେଶ ନଥିଲେ ମଣିଷକୁ ପଚାରେ କିଏ ?'

ପରଦିନ କିଏ କିଏ ଆସିଲେ, ମୁଣ୍ଡିଆ ମାରିଲେ । ସୁଖଦୁଃଖ ପଚାରିଲେ ।

ନିରୋଳା ଦେଖି ଦି'ପହରକୁ ଆସିଲା ସେବତୀ । କେହି କୋଉଠି ନଥାନ୍ତି ।

'ବାବନ ବାବା ! ଜୁହାର । ତମ କଥା ସତ ହେଲା । ନଣନ୍ଦର ତିନିମାସ ଗର୍ଭ ହୋଇଚି । ଡାକ୍ତର ପରୀକ୍ଷା କରି ଔଷଧ ଲେଖିଦେଲେ; ଖାଇଲା ।'

'ଶୁଭ ଖବର । ମିଠେଇ ଦେ ।'

'ମିଠେଇ କ'ଣ, ଯାହା ମାଗିବ ତାହା ଦେବି । ମୋ' ପାଖରେ ତୁମ ପାଇଁ ଅଦେୟ କିଛି ନାହିଁ ।'

ସେବତୀ ଧରିନେଇଥିଲା, ଗାଁବାଲାଙ୍କ ଭିତରେ ବାବନ ଉପରେ ତା'ର ବେଶୀ ଅଧିକାର ।

'ଯା ଛୋପରୀ ! ପଳେଇଯା । ତିନିଜଣ କିଏ ଏଆଡ଼କୁ ଆସୁଛନ୍ତି ।'

Digitized by PPRACHIN, SOA

ଆଷାଢ଼ ୨୯ ଦିନ, ଗୁରୁବାର । ଗୁରୁପୂର୍ଣ୍ଣିମା । ଜୁଲାଇ ୧୩ । ସକାଳୁ ସୁଶୋଭନ ଜଳଖିଆ ଖାଇଲେ ସିନା, ବିନ୍ଦୁଛାୟା ଜଳ ମଧ୍ୟ ସ୍ପର୍ଶ କଲେନାହିଁ । ସ୍ୱାମୀଜୀଙ୍କ ଦର୍ଶନ ପରେ ଯାହା କିଛି ।

ନିରାଡ଼ମ୍ବର ଭାବେ ମଣ୍ଡପଟି ସଜା ହୋଇଥାଏ । ବାଲି ଉପରେ ଦରି ପଡ଼ିଥାଏ । କିଛି ଭକ୍ତ, ଶିଷ୍ୟ ସପରିବାର ଗହଳି କରୁଥା'ନ୍ତି । ସ୍ୱାମୀଜୀ ବସିବା ପାଇଁ ପେଣ୍ଡାଲ୍‌ଟିଏ ତିଆରି କରି ଗାଲିଚା ବିଛା ଯାଇଥାଏ । ସାମ୍ନାରେ ଛୋଟ ଡେସ୍କଟିଏ । ତା' କଡ଼ରେ ମାଇକ୍ରୋଫୋନ୍ ।

ନିର୍ଦ୍ଧାରିତ ସମୟରେ କିଛି ଶିଷ୍ୟଶିଷ୍ୟା ସ୍ୱାମୀ ରମ୍ୟକନାଥଙ୍କୁ ଶଙ୍ଖଧ୍ୱନି କରି ପାଛୋଟି ଆଣିଲେ ।

ମଞ୍ଚରେ ପ୍ରତିଷ୍ଠିତ ଦାରୁ ବିଗ୍ରହରେ ମାଲ୍ୟାର୍ପଣ ପରେ ସ୍ୱାମୀଜୀ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ ଆଶ୍ରମ ଉଦ୍‌ଘାଟନ କଲେ । ଉପସ୍ଥିତ ସମସ୍ତଙ୍କ ଅଞ୍ଜଳିରେ ଜଣେ ସ୍ୱେଚ୍ଛାସେବକ କିଛିକିଛି ସୁଗନ୍ଧିତ ପୁଷ୍ପ ଦେଇଗଲେ । ସମସ୍ତ ଶ୍ରଦ୍ଧାଳୁ ଦଣ୍ଡାୟମାନ ଅବସ୍ଥାରେ ଗୁରୁ ବନ୍ଦନା କଲେ ।

'ବନ୍ଦେହଂ ସଚ୍ଚିଦାନନ୍ଦଂ ଭେଦାତୀତଂ
ଜଗତଗୁରୁମ୍
ନିତ୍ୟଂ ପୂର୍ଣ୍ଣ ନିରାକାରଂ ନିର୍ଗୁଣ
ସର୍ବସଂସ୍ଥିତମ୍ ।
ପରାତ୍ପରଂ ପରଂ ଧ୍ୟେୟଂ
ନିତ୍ୟମାନନ୍ଦ କାରଣମ୍
ହୃଦୟାକାଶ ମଧ୍ୟସ୍ଥଂ
ଶୁଦ୍ଧ ସ୍ଫଟିକଂ ସନ୍ନିଭମ୍ ।
ନିତ୍ୟ ଶୁଦ୍ଧଂ ନିରାଭାସଂ ନିର୍ବିକାରଂ
ନିରଂଜନମ୍
ନିତ୍ୟ ବୋଧଂ ଚିଦାନନ୍ଦଂ ଗୁରୁଂ
ବ୍ରହ୍ମ ନମାମ୍ୟହମ୍ ।'

Digitized by PPRACHIN, SOA

ଗୁରୁ ବନ୍ଦନା ସରିବା ପରେ ଗୋଟିଏ ଧାଡ଼ିରେ ସଭିଏଁ ଛିଡ଼ାହୋଇ ଜଣକ ପରେ ଜଣେ ଗୁରୁଚରଣ ପ୍ରାନ୍ତରେ ପୁଷ୍ପାର୍ପଣ କଲେ ।

ବିନ୍ଦୁ ବିମୋହିତ ହୋଇଯାଉଥିଲେ । କି ଅପରୂପ ତେଜକାନ୍ତି ! ମନୁଷ୍ୟ ନୁହନ୍ତି । କୈଳାସ ଧାମରୁ ସ୍ୱୟଂ ମହେଶ୍ୱର ଆସି ବିରାଜମାନ କରିଛନ୍ତି ।

ସ୍ୱାମୀଜୀ କ୍ଷୁଦ୍ର ଉଦ୍‌ବୋଧନୀଟିଏ ଦେଲେ–

'ନିର୍ବିକାର ପରମାତ୍ମା ପରଂବ୍ରହ୍ମ ସଚରାଚର ପରିପୂର୍ଣ୍ଣ ହୋଇ ରହିଛନ୍ତି । ତାଙ୍କୁ ବାଦ୍ ଦେଲେ ଯାହା କିଛି ଦୃଶ୍ୟରୂପ ଦୃଷ୍ଟି ପଥାରୁଢ଼ ହୁଏ, ସେ ସକଳ ଭ୍ରମ, ଅଷ୍ଟଧା ପ୍ରକୃତିର ଖେଳ ଏହି ଭ୍ରମ ବା ମାୟା । ଅଷ୍ଟଧା କହିଲେ ପଞ୍ଚ ମହାଭୂତ–କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ ସହିତ ଯୁକ୍ତ ତ୍ରିଗୁଣ–ସତ୍ତ୍ୱ, ରଜ ଓ ତମ । ଜ୍ଞାନୀଗଣ ନିଜକୁ ଏଥିରୁ ପୃଥକ୍ କରିରଖନ୍ତି । ଦେହାଭିମାନ, କର୍ମାଭିମାନ, ଆତ୍ମାଭିମାନ, ଜ୍ଞାନାଭିମାନ, ମୋକ୍ଷାଭିମାନ ଆଦି କେବଳ ଭ୍ରମରୂପ । ସାଂସାରିକ ପଦାର୍ଥ ମିଥ୍ୟା ବୋଲି ଗ୍ରହଣ କରି ମଧ୍ୟ ତା'ରି ସଂଗ୍ରହରେ ଯତ୍ନଶୀଳ ହେବା ଘୋରତର ଭ୍ରମ । ଫଳପ୍ରାପ୍ତି ପ୍ରତି ସର୍ବଦା ନଜର ରଖିବା ହେତୁ ଈଶ୍ୱରଙ୍କ ପ୍ରତି ଆକର୍ଷଣ ଶିଥିଳ ହୋଇଯାଏ । ସେଥିପାଇଁ ଶ୍ରୀମଦ୍ ଭଗବତ ଗୀତାରେ ନିଷ୍କାମ କର୍ମ କଥା ବାରମ୍ୱାର କୁହାଯାଇଚି । ଶ୍ରୀ ଭଗବାନଙ୍କୁ ବଶ କରିବା ପାଇଁ ନିଷ୍କାମ ଭକ୍ତି ଶ୍ରେୟସ୍କର ମାର୍ଗ । ନିଷ୍କାମ ଭକ୍ତି ଦ୍ୱାରା ଭକ୍ତ ଅସୀମ ସାମର୍ଥ୍ୟ ପ୍ରାପ୍ତ ହୁଏ । ଭଗବାନ ନିଜର ଅନନ୍ୟ ଭକ୍ତକୁ ସ୍ୱୟଂ ସଦ୍‌ବୁଦ୍ଧି ପ୍ରଦାନ କରନ୍ତି ।'

ଜଣେ ଶିଷ୍ୟ ଛିଡ଼ାହୋଇ ପ୍ରଶ୍ନକଲେ–'ଗୁରୁଦେବ ! ଯଦି ବ୍ରହ୍ମ ନିର୍ବିକାର, ନିର୍ଗୁଣ, ନିରାଧାର, ତେବେ ତାଙ୍କଠାରୁ ମାୟା କିପରି ସୃଷ୍ଟି ହେଲା ?'

ସ୍ୱାମୀଜୀ ଉତ୍ତର ଦେଲେ–'ତୁମେ ରାସ୍ତାରେ ଯିବା ବେଳେ ଛାଇଟିଏ ପଡୁନାହିଁ ? ସେ ଛାଇ କ'ଣ ତୁମେ ? ତୁମେ ସେ ଛାଇ ସୃଷ୍ଟି କରିଚ ? ମାୟା କେବଳ ଈଶ୍ୱରଙ୍କର ଛାୟା ?'

ଆଉଜଣେ ପ୍ରଶ୍ନକଲେ–'ସକଳ ଯଦି ମାୟା, ତେବେ ସଂସାରରେ ସ୍ଥାୟିତ୍ୱ ବୋଲି କିଛି ନାହିଁ ?'

'ଅଛି । ସତ୍ୟ କେବଳ ତୁମେ । ଅସଲି ତୁମେ । ଦେହ ନୁହେଁ ମନ, ବୁଦ୍ଧି ଅହମିକାର ନୁହେଁ । ତୁମର ଅନ୍ତରାତ୍ମା ହିଁ ସତ୍ୟ । ସେ ହିଁ ପରମାତ୍ମାଙ୍କର ପ୍ରତିବିମ୍ୱ ।'

Digitized by PPRACHIN, SOA

ବିନ୍ଦୁଛାୟା ଇଚ୍ଛା କରୁଥିଲେ, ସୁଶୋଭନ କିଛି ପ୍ରଶ୍ନ କରନ୍ତେ । ବେଶ୍ କିଛିକାଳ ହେବ ସେ ଦୀକ୍ଷା ନେଲେଣି । କିନ୍ତୁ ଶୋଭନ ଅନ୍ୟମନସ୍କ ଭାବେ ଏଣେତେଣେ ଚାହୁଁଥିଲେ ।

ଆଉକେହି ପ୍ରଶ୍ନ ନ କରୁଥିବା ଦେଖି ବିନ୍ଦୁ ଉଠିପଡ଼ି ପଚାରିଲେ– 'ଜଗତ ମିଥ୍ୟା ହେଲେ ମଧ୍ୟ ସତ୍ୟ ପରି ଦେଖାଯାଏ । ବ୍ରହ୍ମ ସତ୍ୟ ହେଲେ ମଧ୍ୟ ମିଥ୍ୟା ପରି ପ୍ରତୀୟମାନ ହୁଅନ୍ତି ?'

'ଭଲ ପ୍ରଶ୍ନଟିଏ ପଚାରିଚ । ଏସବୁ ମାୟାର ଖେଳ । ସତ୍ୟର ମୁଖ ଆଚ୍ଛାଦିତ ଥିବାରୁ ସେ ଦୃଶ୍ୟମାନ ହୁଅନ୍ତି ନାହିଁ । ସେହିପରି ରଜ୍ଜୁରେ ସର୍ପର ଭ୍ରମ ଉତ୍ପନ୍ନ ହୁଏ । ଜଳରେ ତରଙ୍ଗ ଉଠେ । ସୂର୍ଯ୍ୟକିରଣ ହେତୁ ମୃଗତୃଷ୍ଣା ଦୃଷ୍ଟିଗୋଚର ହୁଏ । କଳ୍ପନାରେ ସ୍ୱପ୍ନର ସୃଷ୍ଟି ହୁଏ । ସେହି ପ୍ରକାରେ ବ୍ରହ୍ମଙ୍କର ଛାୟା ମାୟା ସତ୍ୟ ଭାବରେ ପ୍ରତୀତ ହୁଅନ୍ତି ।'

ଆଲୋଚନା ସମାପ୍ତ ହେଲା । ସ୍ୱାମୀଜୀ ନିର୍ଦ୍ଦେଶ ଦେଲେ–'ପ୍ରସାଦ ପ୍ରସ୍ତୁତ ରହିଚି । ସମସ୍ତେ ଯାଅ । ସେବନ କର ।'

ଗୋଟିଗୋଟି କରି ସମସ୍ତେ ଉଠିଲେ । ଏହିଅବସରରେ ବିନ୍ଦୁଛାୟା ସ୍ୱାମୀଜୀଙ୍କ ନିକଟକୁ ଯାଇ ପ୍ରଣାମ କଲେ ।

'ଗୁରୁଦେବ ! କୃପାବହି ମୋତେ ଦୀକ୍ଷା ପ୍ରଦାନ କରିବେ ?'

ରମ୍ୟକନାଥ ବିନ୍ଦୁଙ୍କର ମଥାକୁ ଆଉଁସିଦେଲେ ।

'ମୁଁ କେତେକାଳୁ ତୁମ ପାଇଁ ଅପେକ୍ଷା କରିଚି ମା' । କାଲି ସକାଳ ନଅକୁ ଆସ । ଏ ପର୍ଯ୍ୟନ୍ତ କିଛି ଖାଇନ । ଖାଇନିଅ ।'

ପଂକ୍ତି ଭୋଜନରେ ବସି ବିନ୍ଦୁଛାୟା ସ୍ୱାମୀଜୀଙ୍କର ମଧୁର ସ୍ପର୍ଶର ଅନୁଭବକୁ ମନେପକାଉଥିଲେ । ତାଙ୍କର ପ୍ରତିଟି କେଶ ଭିତରେ ଯେମିତି ପ୍ରବାହିତ ହେଉଥିଲା ବିଦ୍ୟୁତ୍ ତରଙ୍ଗର ଚିନ୍‌ଚିନ୍ କମ୍ପନ ।

ବିନ୍ଦୁଛାୟା ଶାଶୁଶଶୁରଙ୍କ ଅନୁମତି ନେଲେ । ସ୍ୱାମୀଙ୍କର ସହଯୋଗ ପୂର୍ବରୁ ପାଇସାରିଥିଲେ । ଗୋଟିଏ ଛୋଟ ପରିଚ୍ଛନ୍ନ କୋଠରୀରେ ତକ୍ତପୋଷ ଉପରେ ସ୍ୱାମୀ ରମ୍ୟକନାଥ ବସିଥିଲେ । ତଳେ ଆସନ ଦୁଇଟି ବିଛାହେଲା ।

ଶାସ୍ତ୍ରାନୁମୋଦିତ ବିଧିରେ ସ୍ୱାମୀଜୀ ବିନ୍ଦୁଛାୟାଙ୍କୁ ଦୀକ୍ଷା ପ୍ରଦାନ କଲେ । ଧ୍ୟାନ କରିବା ବେଳେ ମେରୁଦଣ୍ଡ ସିଧାକରି ଗ୍ରୀବା ସଳଖ ରଖି ବସିବା ପାଇଁ

Digitized by PPRACHIN, SOA

ସୂଚେଇ ଦେଲେ । କେଉଁ ଆସନ, କିପରି ମୁଦ୍ରାରେ ବସିବ, ଦେଖାଇ ଦେଇସାରିବା ପରେ କହିଲେ–'ଏବେ ତୁମେ ଦୁହେଁ ଧ୍ୟାନରେ ବସ ।'

ସୁଶୋଭନ ଆଖିବୁଜି ବସିଲେ । କେତୋଟି ମିନିଟ୍ ଭିତରେ ମନ ଚଞ୍ଚଳ ହୋଇଉଠିଲା । ମନ ସ୍ଥିର କରିବାକୁ ଚେଷ୍ଟା କଲେ । ନା, ମନ ନବେକିଲୋମିଟର ସ୍ପିଡ୍‌ରେ ଧାଉଁଥିବା ଟ୍ରେନ୍ ପରି ଅସ୍ଥିର, ଦୋଳାୟମାନ ହେଉଛି । ବହୁ ଆୟାସ ସତ୍ତ୍ୱେ ପନ୍ଦର ମିନିଟ୍‌ରୁ ବେଶୀ ବସିପାରିଲେ ନାହିଁ । ସେ ଆଖି ଖୋଲି ଦେଖିଲେ, ବିନ୍ଦୁଛାୟା ନିଶ୍ଚଳ ହୋଇ ବସିଛନ୍ତି ।

ସ୍ୱାମୀଜୀଙ୍କର ଚକ୍ଷୁ ମଧ୍ୟ ମୁଦ୍ରିତ । କୋଠରୀ ଭିତରର ଗମ୍ଭୀର ପରିବେଶ ସହ୍ୟ କରିବା ସୁଶୋଭନଙ୍କ ପକ୍ଷେ ସହଜ ନଥିଲା । ସେ ବାହାରକୁ ଆସିଲେ । ମୁକ୍ତ ହାୱାରେ ଆଶ୍ରମ ଚାରିପଟେ ବୁଲିଗଲେ । ରାସ୍ତାକଡ଼ ପାନଦୋକାନରୁ ଥଣ୍ଡା ପାନୀୟଟିଏ ପିଇଲେ । ଏ ଭିତରେ ପଇଁଚାଳିଶ ମିନିଟ୍ ଅତିକ୍ରାନ୍ତ । ବିନ୍ଦୁ ତାଙ୍କୁ ଅପେକ୍ଷା କରୁଥିବେ ନିଶ୍ଚୟ ।

କିନ୍ତୁ ବିନ୍ଦୁ ଗୋଟାଏ ପାଷାଣ ମୂର୍ତ୍ତି ପରି ବସିରହିଥିଲେ ।

ମୃଦୁ ମୃଦୁ ହସୁଥିଲେ ସ୍ୱାମୀଜୀ ।

'ବ୍ୟାଙ୍କ୍ ଯିବା ସମୟ ହୋଇଗଲାଣି । ବ୍ୟସ୍ତ ହେଉଚ ।' ଏତିକି କହି ସ୍ୱାମୀଜୀ ମଧ୍ୟମାଙ୍ଗୁଳିରେ ବିନ୍ଦୁଛାୟାଙ୍କ କପାଳ ସ୍ପର୍ଶ କଲେ । ବିନ୍ଦୁ ଚମକି ପଡ଼ିଲେ । ଧ୍ୟାନ ଭାଙ୍ଗିଗଲା ।

'କି ସୁନ୍ଦର ସ୍ୱପ୍ନ ଦେଖୁଥିଲି, ଗୁରୁଦେବ ! ଏତେ ସହଳ ଉଠାଇ ଦେଲେ ?'

'କି ସ୍ୱପ୍ନ ଦେଖୁଥିଲ ମା' ?'

'ଶୂନ୍ୟ, ମହାଶୂନ୍ୟ, ଅନ୍ତରୀକ୍ଷ । ଗ୍ରହ, ନକ୍ଷତ୍ର କି ବିଚିତ୍ର ଛନ୍ଦରେ ଘୂରୁଛନ୍ତି । ଘୂର୍ଣ୍ଣନରୁ ପ୍ରତିଧ୍ୱନିତ ହେଉଚି ଓଁକାର ଧ୍ୱନି । ସେଇ ଅନ୍ତରୀକ୍ଷରେ ମୁଁ ଭାସିଭାସି ଯାଉଚି ଗ୍ରହରୁ ଗ୍ରହାନ୍ତର, ନକ୍ଷତ୍ରରୁ ନକ୍ଷତ୍ର । ହୀରାଖଣି ପରି ଲମ୍ବିଯାଇଚି ନିହାରିକା ପରେ ନିହାରିକା ।'

'ମା' । ଏକାଥରେ ଏତେ ମିଠା ଖାଇଦେଲେ ଅରୁଚି ହେବ । କାଲି ସନ୍ଧ୍ୟାକୁ ଆସ ।'

ପରବର୍ତ୍ତୀ ସନ୍ଧ୍ୟାକୁ ବ୍ୟଗ୍ର ହୋଇ ଅପେକ୍ଷା କଲେ ବିନ୍ଦୁଛାୟା ।

Digitized by PPRACHIN, SOA

ଶୋଭନ ବ୍ୟାଙ୍କରୁ ଫେରିଲା ପରେ ଫ୍ରେସ୍ ହେଲେ । ସାମାନ୍ୟ ଜଳଯୋଗ ପରେ କାର୍ ନେଇ ଆଶ୍ରମକୁ ବାହାରିଲେ ।

ରମ୍ୟକନାଥ ଏକା ବସିଥିଲେ । ସନ୍ଧ୍ୟା ପୂର୍ବରୁ ସମସ୍ତ ଗହଳ ଚହଳ ତୁଟାଇଦେଇଥିଲେ । ଆଉ କାହାରିକୁ ସେଦିନ ପାଇଁ ସାକ୍ଷାତ ଦେବାର ଅନୁମତି ନଥିଲା ।

'ବସ ମା', ବସ । ଶୁଣ, ଭଗତି ଭଗତ ଭଗବନ୍ତ ଗୁରୁ ନାମ ରୂପ ବପୁ ଏକ୍ । ଇନ୍‌କେ ପଦ ବନ୍ଦନ କିୟେଁ ନାଶେ ବିଘ୍ନ ଅନେକ୍ । ଭକ୍ତି, ଭକ୍ତ, ଭଗବାନ, ଗୁରୁ ଗୋଟିଏ ବିନ୍ଦୁରେ ଅବସ୍ଥାନ କରନ୍ତି । କବୀର ଦାସ କହିଛନ୍ତି, 'ଗୁରୁ ଗୋବିନ୍ଦ ତୋ ଏକ୍ ହୈ ଦୂଜା ବହୁ ଆକାର ।' ସ୍ୱାମୀଜୀ ମୌନ ହୋଇ ଆଖି ବୁଜିଦେଲେ । ଆଉ କାଳେ କିଛି କହିବେ ବୋଲି ବିନ୍ଦୁଛାୟା ଚାହିଁରହିଥିଲେ । ହଠାତ୍ ଲକ୍ଷ୍ୟ କଲେ, ତକ୍ତପୋଷ ଶୂନ୍ୟ । ସ୍ୱାମୀଜୀ ନାହାନ୍ତି । ଧୀରେ ଧୀରେ ଦାନାବାନ୍ଧୁଚି ଉଜ୍ଜ୍ୱଳ ଜ୍ୟୋତିକଣା । ଗୋଟିଏ ଡିମ୍ବାକୃତି ଆଲୋକ ପିଣ୍ଡ ଉଦ୍‌ଭାସିତ ହୋଇଉଠିଲା ସ୍ୱାମୀଜୀ ବସିଥିବା ସ୍ଥାନରେ । ପାଉଁଶିଆ ନୀଳରଙ୍ଗମିଶା ସେଇ ଆଲୋକମଣ୍ଡଳ ତୀବ୍ରଗତିରେ ଘୂରୁଥିଲା ନିଜ କେନ୍ଦ୍ର ଚାରିପଟେ ।

ବିନ୍ଦୁଛାୟା ଧ୍ୟାନମଗ୍ନ ହୋଇପଡ଼ିଲେ । ସ୍ୱାମୀଜୀଙ୍କ ଦ୍ୱାରା ତାଙ୍କର କପାଳ ସ୍ପର୍ଶରେ ଧ୍ୟାନ ଭଗ୍ନ ହେଲା ।

'ଗୁରୁଦେବ ! ଏ ସୁଖ ପାର୍ଥିବ ସୁଖଠାରୁ କେତେ ଊର୍ଦ୍ଧ୍ୱରେ !'

'କ'ଣ ପ୍ରତ୍ୟକ୍ଷ କଲ ?'

'ବିଭିନ୍ନ ବର୍ଣ୍ଣର ଜ୍ୟୋତିପିଣ୍ଡ ।'

'ଏହାକୁ ଜ୍ୟୋତିଦର୍ଶନ କୁହାଯାଏ । ଆଧ୍ୟାତ୍ମିକ ସାଧନାର ପ୍ରାଥମିକ ସ୍ତର ।'

ସୁଶୋଭନ ପାଖରେ ବସିଥିଲେ ମଧ୍ୟ ଛକପକ ହେଉଥାଆନ୍ତି ।

'ତୁମ ବରକୁ ଧ୍ୟାନର ମଧୁ ଚଖାଇଦିଅ ।' ହସିହସି କହିଲେ ସ୍ୱାମୀଜୀ ।

ବିନ୍ଦୁଛାୟା ଲାଜରେ ଜଡ଼ସଡ଼ ହୋଇଗଲେ ।

'ମୁଁ ତାଙ୍କୁ କ'ଣ ଶିଖାଇବି ? ସେ ମୋ'ଠାରୁ ସିନିୟର୍ ।'

'ଭଗବାନଙ୍କୁ ଆସ୍ତିକର ଦୃଷ୍ଟି ନେଇ ଦେଖିବାକୁ ଚେଷ୍ଟା କର । ବେଦରେ ତାଙ୍କୁ ପରଂବ୍ରହ୍ମ କୁହାଯାଇଚି । ପୁରାଣ କହୁଚି, ସେ ସର୍ବେଶ୍ୱର ।

Digitized by PPRACHIN, SOA

ଯୋଗୀମାନେ ତାଙ୍କୁ କହନ୍ତି ସାକ୍ଷାତକାର । ଉପନିଷଦରେ ସେ ବିଶ୍ୱରୂପ, ବିଶ୍ୱର କାରଣ । ପ୍ରାଣୀର ଶରୀରରେ ସେ ବାସ କରନ୍ତି । ତାଙ୍କ ବିନା ଶରୀର ଜଡ଼ ପଦାର୍ଥ । ତାଙ୍କରି ଶକ୍ତିରେ ପ୍ରାଣୀ ସଂଚାଳିତ ହୁଏ । ସେ ଇଚ୍ଛାଶକ୍ତି, କ୍ରିୟାଶକ୍ତି, ଜ୍ଞାନଶକ୍ତି ତ୍ରିଧାରାରେ ବିରାଜିତ । ଏ ସମସ୍ତର ସ୍ଥିତି ଓଁକାରରେ । ସେ ଓଁକାରକୁ ଜପ କର । ସାଂସାରିକ ପାପ ସ୍ପର୍ଶ କରିପାରିବ ନାହିଁ ।'

'ଗୁରୁଦେବ ! ଜୀବନ୍ମୁକ୍ତ କ'ଣ ?'

'ଯୋଗବାଶିଷ୍ଟରେ ଦୁଇଟି ସଂଜ୍ଞା ଅଛି–ଜୀବନ୍ମୁକ୍ତ ଓ ବିଦେହ ମୁକ୍ତ । ଗୀତାରେ ତାଙ୍କୁ କହାଯାଇଛି, ସ୍ଥିତପ୍ରଜ୍ଞ । ବେଦରେ ଶ୍ରୋତ୍ରିୟ ବ୍ରହ୍ମନିଷ୍ଠ । ପୁରାଣରେ ଅତି ବର୍ଣ୍ଣାଶ୍ରମୀ । ଯୋଗବାଶିଷ୍ଟରେ ଏହାର ଜଟିଳ ବ୍ୟାଖ୍ୟା ରହିଚି । ସରଳ ଭାବରେ ଏତିକି କହିଲେ ବୁଝିବ, ଯିଏ ଅନ୍ତର ଭିତରେ ଏକମାତ୍ର ରସ ଆତ୍ମତତ୍ତ୍ୱରେ ପରିପୂର୍ଣ୍ଣ, ସେ ଜୀବନ୍ମୁକ୍ତ । ଶରୀର ଥିବା ପର୍ଯ୍ୟନ୍ତ ସେ ଜୀବନ୍ମୁକ୍ତ । ଶରୀର ପାତ ହେଲେ ବିଦେହମୁକ୍ତ । ଏ ସବୁ ଉଚ୍ଚ ସ୍ତରର କଥା ।'

ମନ୍ତ୍ରୀପଦ ପାଇବା ପରେ ଭାଗ୍ୟବର୍ଦ୍ଧନ ବଳବନ୍ତରାୟଙ୍କୁ ଜନପଥରେ ବଡ଼ ଘରଟିଏ ମିଳିଲା । ରେସିଡେନ୍ସ ଅଫିସ୍‌ରେ ଅନେକ ଷ୍ଟାଫ୍ ଯୋଗ ଦେଲେ । ବଳବନ୍ତରାୟ କେବେହେଲେ ନିଜ ପରିବାର ଲୋକଙ୍କୁ ଭୁବନେଶ୍ୱରରେ ରଖୁ ନ ଥିଲେ । ବସ୍ତୁତଃ ଏଡ଼େ ବଡ଼ ଘରଟି ଧର୍ମଶାଳା ପରି ବ୍ୟବହୃତ ହେଉଥିଲା । ନିଜ ଏରିଆରୁ ଲୋକ ଆସିଲେ ଦରିପାରି ଶୋଇଯାଆନ୍ତି । ଭାତ ଡାଲ୍‌ମା ଖାଇ କାମ ସାରି ଗାଁକୁ ଫେରିଯାଆନ୍ତି ।

ଏ ଭିତରେ ଫୁଟ୍‌ପାଥିଆ ଜ୍ୟୋତିଷଙ୍କ ସାଙ୍ଗରେ ବାବନର ଭେଟ ହୋଇଗଲା ।

'ବଡ଼ଭାଇ ! ନମସ୍କାର ।'

'ବିପଦରେ ପଡ଼ିଚି ବାବନ ମହାପ୍ରୁ ! ସାହାଯ୍ୟ କରିପାରିବ ?'

Digitized by PPRACHIN, SOA

'କି ବିପଦ ? କହିଲ ।'

'ହଜାରଟା ଟଙ୍କା ସାହାଯ୍ୟ କରିପାରିବ ?'

'ହଠାତ୍ ଟଙ୍କାର କି ଦରକାର ?'

'କିସ କହିବି, ସ୍ତ୍ରୀଟା ଗାଁ ଲୋକଙ୍କ ପାଖରୁ ଦଶ କୋଡ଼ିଏ କରି ଗୁଡ଼ିଏ ହାତଉଧାରି କରିପକେଇଚି । ହଜାରେ ଟଙ୍କା ପାଖାପାଖି ହେବ । ଲୋକେ ଆସି ଗାଳିଗୁଲଜ କରୁଛନ୍ତି । ବ୍ୟସ୍ତହୋଇ ଚିଠି ଲେଖିଚି, ଟଙ୍କା ପଠାଇବା ପାଇଁ ।'

'ତମେ ସତରେ ଅଭେକା ଲୋକ । ସ୍ତ୍ରୀଟିକୁ ଆଣି ପାଖରେ ରଖ ।'

'ସେୟା କରିବି । ମାଣେ ଜମି, ଗାଈ ବାଛୁରୀ ହଳେ ପାଇଁ କାହିଁକି ସେଠି ପଡ଼ିରହିବ ? ଯାହା ତ ମିଳୁଚି ଧାନ ଚାଉଳ, କ୍ଷୀର ଦହି, ଛାଡ଼ !'

'କାଲି ତୁମ ଆସ୍ଥାନ ପାଖରେ ଟଙ୍କା ଦେଇଆସିବି ।'

ବାବନର କଥା ମାନି ଜ୍ୟୋତିଷୀ ନିଜ ସ୍ତ୍ରୀକୁ ଗାଁରୁ ଆଣି ନିଜ ପାଖରେ ରଖିଲେ । ଦିନେ ବାବନ ଚିନାବାଦାମ ଖାଇଖାଇ ଚଟି ଘୋଷାରି ଚାଲିଥିଲା । ଜ୍ୟୋତିଷୀ ଧାଇଁଆସିଲେ- 'ବାବନ ମହାପ୍ରୁ ! ଆଜି ଆମ ଘରଆଡ଼େ ଚାଲ । ଭାଉଜଙ୍କୁ ଦେଖିଆସିବ ।'

'ଭାଉଜ କ'ଣ ଖାଇବାକୁ ଦେବେ ?'

'ଭଲ ସରୁଚକୁଳି କରେ । ତା' ସାଥିରେ ମୁଗଡାଲି ଡାଲମା ।'

'ବାଃ । ଇଏ ତ ମୋର ପ୍ରିୟ ଖାଦ୍ୟ । ଚାଲ ଚାଲ ।'

ବାବନ ଦେଖିଲା, ଜ୍ୟୋତିଷୀ ଆଉ ତା' ସ୍ତ୍ରୀ ଭିତରେ ବୟସର ତାରତମ୍ୟ ଅନେକ । କଷି ଆମ୍ବଟିଏ ତୋଟାରୁ ଗୋଟେଇଆଣିଲା ପରି ।

'ଇଏ ବାବନ ମହାପ୍ରୁ ! ବୁଝିଲ ରାଜଲକ୍ଷ୍ମୀ ।'

ରାଜଲକ୍ଷ୍ମୀ ଓଳଗି ହେଲେ ।

'କ'ଣ କରୁଚ ଭାଉଜ ? ମୋତେ ମୁଣ୍ଡିଆ ମାରୁଚ । ମୋ ଆଈଷ ଊଣା କରିବ ନା କ'ଣ ? ରାଜଲକ୍ଷ୍ମୀ ନାଁଟି ଭାରୀ ସୁନ୍ଦର । କିଏ ଦେଇଚି ?'

ଜ୍ୟୋତିଷୀ କହିଲେ ଖୁସ୍ ହୋଇ- 'ମୁଁ ଦେଇଚି, ତା' ବାପଘର ନାଁ ଥିଲା ଖୁଲଣାସୁନ୍ଦରୀ ।'

'ହେଲା ଯେ, ଗରିବ କୁଡ଼ିଆରେ ରାଜଲକ୍ଷ୍ମୀ ।'

Digitized by PPRACHIN, SOA

'ଧନ କଥା ମାର୍ ଗୋଲି । ଚେହେରାଟି ରାଜଲକ୍ଷ୍ମୀ ପରି ହୋଇଚି ନା ନାଇଁ, କହିଲ ?'

ଲାଜରେ ଘର ଭିତରକୁ ପଳାଇଲେ ଗୃହବଧୂ ।

ବଖରାଏ ଆଜ୍‌ବେଷ୍ଟସ୍ କୋଠରୀ । ବାରଣ୍ଡାରେ ତାଟିଘେରା ରୋଷେଇ ଘର । ଦଶଫୁଟ୍ ଦୂରରେ ମ୍ୟୁନିସିପାଲିଟି ଟ୍ୟାପ୍ । ସେଇଟା ପବ୍ଲିକ୍ ବାଥ୍‌ରୁମ୍ । ସମସ୍ତଙ୍କ ପାଇଁ । ବାଡ଼ିପଟ ଅମରୀବଣକୁ ଯାଇ ମଳମୂତ୍ର ତ୍ୟାଗ କରିବ । ଘର ଭିତରେ ସପ ପାରି ଜ୍ୟୋତିଷ ବାବନକୁ ନେଇ ବସାଇଲେ । ତାଟିଘେରା ରୋଷେଇଘରେ ରାଜଲକ୍ଷ୍ମୀ ଟୁନ୍‌ଟାନ୍ କରୁଥାନ୍ତି । ମଝିରେ ଚେଁ ଚାଁ ଶବ୍ଦ । ବୋଧେ ସରୁଚକୁଳି ତିଆରି କରୁଛନ୍ତି ।

ଚଟାଣର ସିମେଣ୍ଟ୍ ପଲସ୍ତରା ଉଠିଗଲାଣି । ଏଡ଼େ ଏଡ଼େ ଗାଡ଼ । ଇଟା କାନ୍ଥରେ ମୂଳରୁ ପ୍ଲାଷ୍ଟରିଂ କରାହୋଇନି । ତେଣୁ ପଲସ୍ତରା ଛାଡ଼ିବା ପ୍ରଶ୍ନ ଉଠୁନି ।

'ଏ ଆବୁଡ଼ାଖାବୁଡ଼ା ମେଜିଆରେ କେମିତି ଶୋଉଚ ହେ ! ବସ୍ତେ ସିମେଣ୍ଟ୍ ଦି' ବସ୍ତା ଗୋଡ଼ି ଆଣି ପାରୁନ ?'

'ଘର ମାଲିକକୁ କେତେଥର କହିଥିବି ।'

'ଛାଡ଼, ସିଏ ଭଡ଼ା ନେଇ ଜାଣେ । ଭଡ଼ାଦାରଙ୍କ ସୁବିଧା ଅସୁବିଧାରେ ତା'ର କି ଗଲା ! କାଲି ମୁଁ ମୂଲିଆ ମିସ୍ତ୍ରୀ ଯୋଗାଡ଼ କରି ପଠେଇଦେଉଚି । ବାରଣ୍ଡା ସେପଟକୁ ଇଟା ଯୋଡ଼ି ଛୋଟ ଗାଧୁଆ ଘରଟେ ବି ବନେଇ ଦେବ ।'

କୃତଜ୍ଞତାରେ ଜ୍ୟୋତିଷଙ୍କ ଆଖି ଛଳଛଳ ହୋଇଉଠିଲା ।

ଦୁଇଟି ଷ୍ଟିଲ୍ ଟ୍ରେରେ ଚକୁଳି ଡାଲ୍‌ମା, ଦୁଇଟି କାଚ ଗ୍ଲାସ୍‌ରେ ପାଣି ଥୋଇ ରାଜଲକ୍ଷ୍ମୀ ପୁଣି ଚକୁଳି କରିବାକୁ ଗଲେ । ଗରମ ଗରମ ଚକୁଳିରେ ସିନା ଟେଷ୍ଟ । ପୁଳାଏ ଚକୁଳି ଡାଲ୍‌ମାରେ ଗୋଳେଇ ଚାକୁଳଉଥିବା ଅବସ୍ଥାରେ ବାବନ ପଚାରିଲା–'କାକବନ୍ଧ୍ୟା ବୋଲି କିଏ କହିଲା, ତମ ଶାସ୍ତ୍ର ? ଭଲ ଶାସ୍ତ୍ର ସାଧୁଚ ହେ ବଡ଼ଭାଇ !'

ଜ୍ୟୋତିଷ ବୋକା ପରି ଅନେଇଲେ ।

'ଛୋଟ ଅପରେସନ୍‌ଟିଏ କରିଦେଲେ ସବୁ ଠିକ୍‌ଠାକ୍ ହୋଇଯିବ । ଗର୍ଭାଧାନ ହେବ । ମୁଁ ଜଣେ ଗାଇନିକ୍ ଡାକ୍ତରଙ୍କ ପାଖକୁ ଟେଲିଫୋନ୍ କରାଇଦେବି । ଦେଖା କରିବ ।'

Digitized by PPRACHIN, SOA

ସେଦିନ ଜ୍ୟୋତିଷୀ ଘରୁ ଫେରିଲା ବେଳେ ବାବନ ଭାବୁଥିଲା, କେତେ ଦୁଃଖୀ ଅଛନ୍ତି ଏ ସଂସାରରେ । ଲୋକ ଗୋଟିଏକୁ ଦୁଃଖ ଗୋଟିଏ । ପିଲାବେଳୁ କଥାଟିଏ ବାପା ଶିଖାଉଥିଲେ- ଯେତେବେଳେ ଦୁଃଖ ଆସିବ, ନିଜକୁ ଅନ୍ୟ ସହ ତୁଳନା କରିବୁ । ଦୁଃଖ କମିଯିବ । ସୁଖ ବେଳେ ନିଜକୁ କାହା ସହିତ ତୁଳନା କରିବୁ ନାହିଁ, କଲେ ସୁଖ ସୁଖ ଭଳି ଲାଗିବ ନାହିଁ ।

ମନ୍ତ୍ରୀତ୍ୱ ଲାଭ ପରେ ଭାଗ୍ୟବର୍ଦ୍ଧନ ପ୍ରାୟତଃ ବ୍ୟସ୍ତ ରହୁଛନ୍ତି । କ୍ୟାବିନେଟ୍ ର୍ୟାଂକ୍ ପାଇଥିବାରୁ ସବୁ କ୍ୟାବିନେଟ୍ ମିଟିଂରେ ତାଙ୍କର ଉପସ୍ଥିତି ଅନିବାର୍ଯ୍ୟ । ଲୋକପ୍ରିୟ ସରକାର ସର୍ବନିମ୍ନ ମଜୁରି ବୃଦ୍ଧି ପାଇଁ ଚିନ୍ତା କରୁଛନ୍ତି । ଦାୟିତ୍ୱ ଶ୍ରମବିଭାଗର । ବିଭିନ୍ନ ରାଜ୍ୟରୁ କୁଶଳୀ, ଅଣକୁଶଳୀ କାରିଗରଙ୍କ ପାଇଁ ଧାର୍ଯ୍ୟ ମଜୁରି ହାର ସଂଗ୍ରହ କରାଯାଉଚି । ପ୍ରାଇସ୍ ଇଣ୍ଡେକ୍ସ ତନ୍ନତନ୍ନ କରି ପରୀକ୍ଷା କରାହେଉଚି । ଦୁଇଆଡ଼କୁ ନଜର ଦେବା ପାଇଁ ପଡୁଚି । ଗୋଟିଏ ପଟେ ଶ୍ରମଜୀବୀଙ୍କ ସ୍ୱାର୍ଥ, ଅନ୍ୟ ଦିଗରେ ମଜୁରୀ ବୃଦ୍ଧି ହେତୁ ରାଜ୍ୟ ବଜେଟ୍ ଉପରେ ପ୍ରଭାବ । ଅନେକ ନିର୍ମାଣ କାର୍ଯ୍ୟ ପୂର୍ତ୍ତ, ଜଳସେଚନ, ଗ୍ରାମ୍ୟ ଉନ୍ନୟନ ବିଭାଗ ତଦାରଖରେ ସଂପନ୍ନ ହେଉଚି । ଏତଦ୍ ବ୍ୟତୀତ ଲୋକଙ୍କର ଆଶା ଆକାଶଛୁଆଁ । ମନ୍ତ୍ରୀମାନେ କାଉଁରୀ କାଠି ସ୍ପର୍ଶରେ ଯେମିତି ରାଜ୍ୟଟାକୁ ହଠାତ୍ ସୁନା କରିଦେବେ ! ସବୁ ଦାୟିତ୍ୱ ସରକାରଙ୍କର, ଲୋକଙ୍କର କିଛି କରିବାର ନାହିଁ ! ସେମାନଙ୍କୁ ଡାକିହାକି କାମ ଯୋଗାଇ ଦିଆଯିବ । ରିହାତି ଦରରେ ମିଳିବ ଚାଉଳ, ଗହମ, କିରୋସିନି ।

ସେ ଏମ୍.ଏଲ୍.ଏ ଥିଲାବେଳେ କର୍ତ୍ତବ୍ୟ ଥିଲା, କିନ୍ତୁ ଦାୟିତ୍ୱ ନଥିଲା । ମନ୍ତ୍ରୀତ୍ୱର କଣ୍ଟାଖଚିତ ମୁକୁଟ ମଥାରେ ପିନ୍ଧିବା ପରେ ଜଣାପଡୁଚି, ମନ୍ତ୍ରୀପଦ ବେକାର ଝାମେଲା । ଗତକାଲିର ସହଯୋଗୀ ବନ୍ଧୁମାନେ ସରକାରୀ ନିଷ୍ପତ୍ତିକୁ ଆଳ କରି ଆକ୍ରମଣ କରିବା ପାଇଁ ପଛଘୁଞ୍ଚା ଦେଉନାହାନ୍ତି । ଏହି ବ୍ୟସ୍ତତା ଭିତରେ ପଣ୍ଡିତଜୀଙ୍କ ସହ ସାକ୍ଷାତର ସୁଯୋଗ କମିଆସୁଚି । ଅବଶ୍ୟ ତାଙ୍କର ଅଯତ୍ନ ହେଉନି । ତାଙ୍କୁ ଅଣଦେଖା କରିବାର ଦୁଃସାହସ ଷ୍ଟାଫମାନେ କରିବେ ନାହିଁ । ମନ୍ତ୍ରୀଙ୍କ ଉଆସକୁ ଆସିବା ପରେ ବାବନର ମନେହେଉଚି, ଅଧସ୍ତନ କର୍ମଚାରୀମାନେ ତାକୁ ସଂଦିଗ୍ଧ ଦୃଷ୍ଟିରେ ଦେଖୁଛନ୍ତି । ସେଇ ଯୋଡ ଟୋକା ମକରା, ଏମ୍.ଏଲ୍.ଏ ଙ୍କ ସହ ପ୍ରଥମ ଦେଖା କରିବା ପାଇଁ ଆସିଲାବେଳେ ଷ୍ଟିଲ୍

Digitized by PPRACHIN, SOA

ଷ୍ଟୁଲ୍ ଉପରେ ବସି ଚିରକୁଟ୍ ସଂଗ୍ରହ କରୁଥିଲା, ଯିଏ ବଳବନ୍ତରାୟଙ୍କ ପାଖେ ରହିବା ଦଶବର୍ଷ ପାଖାପାଖି ହୋଇଯିବ, ବାବନକୁ ଜମା ସୁନଜରରେ ଦେଖୁନଥିଲା । କେତୋଟି ଦିନ ତଳର ମଫସଲି ଗାଉଁଲି ଟୋକାଟା, କି ମନ୍ତ୍ର ଫୁଙ୍କୁଚି ରାଜନେତାଙ୍କ କାନରେ ଯେ ବସିବସି ରାଜ ଅଏସ୍ ଭୋଗ କରୁଚି ।

ସେ ସବୁକୁ ବାବନର ପରବାଏ ନଥିଲା । ମନ୍ତ୍ରୀ ତାକୁ ଛାଡ଼ି ରହିପାରିବେ ନାହିଁ । ସେ ଚାଲିଗଲେ, ମୁଣ୍ଡପିଟି ଦେବେ । ସେ ମୋତେ ଏଠି ରଖେଇଛନ୍ତି, ନହେଲେ ମୋର କି ଗରଜ । ମୋତେ କ'ଣ କାମ ଊଣା ହେବ, ନା ରୋଜଗାର କମିଯିବ ?

ମନ୍ତ୍ରୀ ପ୍ରାଇଭେଟ୍ ସେକ୍ରେଟାରୀଙ୍କୁ ଡାକି ଚେତାଇଦେଇଛନ୍ତି–'ପଣ୍ଡିତଜୀ ଯେତେବେଳେ ଯାହା କହିବେ, ତତ୍କ୍ଷଣାତ୍ କାର୍ଯ୍ୟକାରୀ ହେବ । ସେ ଯେପରି ଅସନ୍ତୁଷ୍ଟ ନ ହୁଅନ୍ତି । ସିଏ ମୋତେ ସବୁକଥା କହିବା ସଂଭବ ନୁହେଁ । ମୁଁ ବିଭିନ୍ନ କାର୍ଯ୍ୟରେ ବ୍ୟସ୍ତ ରହୁଚି ।'

ସେଇ ଭରସାରେ ବାବନ ଜ୍ୟୋତିଷକୁ କହିଦେଇ ଆସିଚି, ମେଜିଆ ମରାମତି ହେବ । ଛୋଟ ଗାଧୁଆଘରଟେ ତିଆରି ହେବ । ଗରିବ ଘରେ ସୁନାର ପଦ୍ମଫୁଲଟେ । ଲୋଭୀ ଲୋକଙ୍କର ନଜର ପଡ଼ିବହିଁ ପଡ଼ିବ । ତାକୁ ଅଖା ଘୋଡ଼େଇ ରଖିବ କ'ଣ, ସେ ତନୁତନିମା ସରକାରୀ ପାଇପ୍ ତଳେ ଘଷିମାଜି ହେଉଚି । ସହଜରେ ଝିଅଟା ଆଖିରେ ମଉଜ ମଜ୍‌ଲିସ୍‌ର ସ୍ୱପ୍ନ । କେତେ ସମୟ ଲାଗିବ ଲୋକଙ୍କୁ ତା' ମନ ଚହଲେଇ ଦେବା ପାଇଁ ! ଇଏ ବସି ଆଉ କାହାର ହାତ ଦେଖୁଥିବ, ତେଣେ ତା' ଭାରିଯାର ହାତ ଦେଖୁଥିବ, ଆଉଜଣେ ବିଟ ପୁରୁଷ । ରାଜଧାନୀରେ ଉଦ୍ରବେଶୀ ବାଘଙ୍କ ସଂଖ୍ୟା କମ୍ ନୁହେଁ । ଏମାନଙ୍କୁ ଚିହ୍ନଟ କରି ନନ୍ଦନକାନନରେ ଆଉ ଗୋଟେ ବାଘ ଖୁଆଡ଼ କରି ରଖିବା ଉଚିତ୍ । ଖବରକାଗଜରେ ଏମିତି କେତେ ସମ୍ବାଦ ବାହାରୁଚି । ବାବନ ସେମିତି ଖବରଟେ ପଢୁଥିଲା । ଖୋର୍ଦ୍ଧା ପାଖ ଗାଁଟିଏ । ସ୍ୱାମୀ ଦିଅର ଅଷ୍ଟପ୍ରହରୀ ଦେଖିଯାଇଛନ୍ତି । ଶଶୁର ଶାଶୁ ନଥାନ୍ତି । ନବବଧୂଟି ଠାକୁର ଘରେ ସନ୍ଧ୍ୟା ଦେଉଥିଲା । ମଳାଶୁର ପହଁଚି ତାଙ୍କୁ ସେଠାରୁ ଟେକିନେଇ ବଳାତ୍କାର କଲେ ।

Digitized by PPRACHIN, SOA

ସ୍ୱାମୀଜୀ ଭୁବନେଶ୍ୱର ଆଶ୍ରମରେ ମାସେ ରହିବେ । କୌଣସି ଗୋଟିଏ ସନ୍ଧ୍ୟା ମିସ୍ କରିବାକୁ ବିନ୍ଦୁଛାୟାଙ୍କର ଇଚ୍ଛା ନ ଥିଲା । ଦିନସାରା ଶିଷ୍ୟ ଜିଜ୍ଞାସୁମାନଙ୍କର ଯିବାଆସିବା ଲାଗିଥାଏ । ସନ୍ଧ୍ୟା ପାଞ୍ଚଟା ବେଳେ ସ୍ୱାମୀଜୀ ସାଧନ କକ୍ଷରେ ଏକା ରହନ୍ତି ଦୁଇଘଣ୍ଟା । ତା'ପରେ କାହାରିକୁ ସେ ଦେଖା ଦିଅନ୍ତି ନାହିଁ । ଶୋଭନ, ବିନ୍ଦୁଛାୟାଙ୍କ ପାଇଁ ସ୍ୱାମୀଜୀ ସନ୍ଧ୍ୟା ସାତ୍ ସମୟ ନିର୍ଦ୍ଧାରିତ କରିଛନ୍ତି ।

କେତୋଟି ଦିନର ବା ପରିଚୟ ! ଏତେ ପ୍ରଗାଢ଼ ସ୍ନେହରେ ସ୍ୱାମୀଜୀ ସେମାନଙ୍କୁ ବାନ୍ଧି ରଖିଛନ୍ତି । ଇଏ ଲୌକିକ ବନ୍ଧନ ନୁହେଁ, ସ୍ୱର୍ଗୀୟ ସଂପର୍କ, ସ୍ନେହର ବିରଳ ଦୃଷ୍ଟାନ୍ତ ।

ଦିଲେଶ୍ୱର ବୋହୂ ଇଚ୍ଛାରେ ବାଧା ଦେଉନଥିଲେ । ପ୍ରଥମତଃ ବଡ଼ ଲୋକର ଝିଅ । ଦ୍ୱିତୀୟରେ ଖରାପ କାମ ତ କିଛି କରୁନି, ପରମାର୍ଥ ଚିନ୍ତନ କରୁଚି । ତାଙ୍କର ଅର୍ଥଚିନ୍ତା ସରିନି । ଅର୍ଥ ଭାବନା ସରିଲେ ସିନା ପରମାର୍ଥ ଚିନ୍ତା । ଯୌତୁକ ପାଇଥିବା ଟଙ୍କାଗୁଡ଼ା ଟି.ଡ଼ି.ଆର୍.ରେ ଅଛି । ସୁଧରୁ ଅନେକ ଆୟକର କଟିବ । ତାକୁ ଆଣି ସ୍ମଲ୍‌ସେଭିଂସ୍‌ରେ ରଖିଲେ ସୁବିଧା ହେବ ବୋଲି ଜଣେ ଏଜେଣ୍ଟ୍ କହୁଥିଲେ । ଏଥିରେ ଟି.ଡ଼ି.ଏସ୍. ଝମେଲା ନାହିଁ । ଚନ୍ଦ୍ରଶେଖରପୁରରେ ମିଳିଥିବା ଜମିରେ କିଛି ନଡ଼ିଆଗଛ, ସାଗୁଆନ ଲଗାଇବାକୁ ହେବ । ଭଲ ଚାରା କେଉଁଠାରେ ମିଳୁଛି, ବୁଝିବା ପାଇଁ ପଡ଼ିବ । ପୁଅ ବ୍ୟାଙ୍କ୍ କାମରେ ବ୍ୟସ୍ତ । ତା' ସାଙ୍ଗକୁ ନୂଆ ବୋହୂଟାର ଭଲମନ୍ଦ ଦେଖାରଖା କରୁଚି । ତାକୁ ସମୟ କାହିଁ ?

ଆଉ ଶାଶୁ ସୁରେଖାଙ୍କ କଥା ଛାଡ଼ । ସରଳ ଲୋକ, ଯାହା ବୁଝାଇଲେ– ବୁଝିଯିବେ ।

ଶୋଭନ ଓ ବିନ୍ଦୁ ଉଭୟେ ସ୍ୱାମୀଜୀଙ୍କର ଚରଣ ସ୍ପର୍ଶ କଲେ ।

Digitized by PPRACHIN, SOA

ବେଶ୍ ପ୍ରଫୁଲ୍ଲିତ ଥିଲେ ସ୍ୱାମୀ ରମ୍ୟକନାଥ ।

ଓଁକାର ସ୍ତବନ ଆରମ୍ଭ କରିଦେଲେ-

'ଓଁକାର୍ ବିନ୍ଦୁ ସଂଯୁକ୍ତ
ନିତ୍ୟ ଧ୍ୟାୟନ୍ତି ଯୋଗୀନଃ
କାମଦଂ ମୋକ୍ଷଦଂ ଚୈବ
ଓଁକାରାୟ ନମୋନମଃ ।
ଯସ୍ୟ ସ୍ମରଣ ମାତ୍ରେଣ
ମାନବଃ ଶ୍ରଦ୍ଧୟାନ୍ୱିତ
କଳ୍ପତେ ବ୍ରହ୍ମାଭୂୟାୟ
ଓଁ କାରାୟ ନମୋ ନମଃ
ଓଁକାର ଧ୍ୟାୟତୋ ନିତ୍ୟଂ
ବ୍ରହ୍ମଜ୍ଞାନଂ ପ୍ରଜାୟତେ
ଜପାସ୍ତୁ ଜାୟତେ ମୁକ୍ତିଃ
ଓଁକାରାୟ ନମୋନମଃ ।'

ରମ୍ୟକନାଥ ବନ୍ଦନା ଗାନ ପରେ ହାତଯୋଡ଼ି ପ୍ରଣାମ କଲେ । ତା'ପରେ କହିଲେ 'ଐତେରୀୟ ବ୍ରାହ୍ମଣରେ କୁହାହୋଇଚି, 'ଓଁ' ମାଧମରେ ପରମାତ୍ମା ପରଂବ୍ରହ୍ମଙ୍କୁ ପ୍ରଣାମ ନିବେଦନ କରାଯାଏ । କଠୋପନିଷଦରେ ବର୍ଣ୍ଣିତ ଅଛି, ଯମରାଜ ନଚିକେତାଙ୍କୁ ବ୍ରହ୍ମବିଦ୍ୟା ଶିକ୍ଷା ଦେଲା ବେଳେ କହିଥିଲେ, ଏ ହେଉଛନ୍ତି ଅକ୍ଷର ବ୍ରହ୍ମ । ଶ୍ରେଷ୍ଠ ଆଲମ୍ବନ, ପରମଆଧାର । ଛାନ୍ଦୋଗ୍ୟ ଉପନିଷଦ କହେ-'ଓଁ' ପରମାତ୍ମାଙ୍କର ପ୍ରତୀକ । ସମସ୍ତ ସ୍ଥାବର ଜଙ୍ଗମ ଆଦି ପ୍ରାଣୀମାନଙ୍କର ରସ ହେଉଛି ପୃଥିବୀ । ପୃଥିବୀର ରସ ଜଳ, ଜଳର ରସ ଔଷଧି (ଅନ୍ନ) । ଔଷଧିର ରସ ମନୁଷ୍ୟ । ମନୁଷ୍ୟର ରସ ବାଣୀ ।

'ବାଣୀର ସାର ଓଁକାର । ଶବ୍ଦକୁ ଅକ୍ଷର ଅବିନାଶୀ କୁହାଯାଏ କାହିଁକି, ଜାଣିଚ ? ମହାପ୍ରଳୟରେ ଚାରି ମହଭୂତ କ୍ଷିତି, ଅପ୍, ତେଜ, ମରୁତ ବିଲୀନ ହୋଇଯାଏ । କେବଳ ଥାଏ ବ୍ୟୋମ, ଶୂନ୍ୟ ଆକାଶ, ଯାହାର ବିଲୋପ ନାହିଁ । ସେହି ଆକାଶରେ ଯୁଗଯୁଗ ଧରି ଉଚ୍ଚାରିତ ପ୍ରଣବଧ୍ୱନି ସଂଚିତ ହୋଇ ରହେ ।'

Digitized by PPRACHIN, SOA

ସ୍ୱାମୀଜୀଙ୍କର ପ୍ରାଞ୍ଜଳ ବ୍ୟାଖ୍ୟା ଭିତରେ ଧ୍ୟାନସ୍ଥ ହୋଇପଡ଼ିଥିଲେ ବିନ୍ଦୁଛାୟା । ଆଉ ସୁଶୋଭନ ? ସେ ବି ଆଖିବୁଜି ବସିଥିଲେ । ସ୍ତ୍ରୀଙ୍କୁ ଆଶ୍ରମକୁ ନେବାଆଣିବାରେ ତାଙ୍କର ପଛଘୁଞ୍ଚା ନାହିଁ । ବରଂ ସେ ଆଗ୍ରହୀ । ମାତ୍ର ଏଠାରେ ଯେଉଁ ଦୁଇଟି ଘଣ୍ଟା.... । ସ୍ୱାମୀଜୀଙ୍କ ଭାଷା ତାଙ୍କ ପାଇଁ ଥିଲା ସାହିତ୍ୟ ପଢୁଥିବା ଛାତ୍ର କ୍ଷେତ୍ରରେ କେମେଷ୍ଟ୍ରିର ଫର୍ମୁଲା । ସେ କିଛି ହେଲେ ଆନନ୍ଦ ନେଇ ପାରୁ ନଥିଲେ । ଏହି ଅସହାୟତା ତାଙ୍କୁ ବିବ୍ରତ କରୁଥିଲା । ଆଖିବୁଜି ଏକାଗ୍ର ହେବାକୁ ଚେଷ୍ଟା କଲେ, ଦୁନିଆଯାକର ଚିନ୍ତା ମାଡ଼ିଆସୁଥିଲା । ଆସନ୍ତା କାଲି ଗାଡ଼ି ଫ୍ରି ସର୍ଭିସ୍‌ର ଶେଷ ତାରିଖ । ଅଡିଟ୍ ପାର୍ଟି ଆସି ଲୋନ୍ ଏକାଉଣ୍ଟ୍ ଅଡିଟ୍ କରୁଛନ୍ତି । ହାଫ୍‌ମାର୍ଜିନ୍ ମେମୋ ଗୋଛାଏ ଗଦା ହେଲାଣି । ସେ ସବୁ ଅଡ଼ିଟ୍ ସରିବା ପୂର୍ବରୁ କମ୍ପ୍ଲାଏ ନ କଲେ, ରିପୋର୍ଟରେ ଚଢ଼ିଯିବ । ଦୁଇ ତିନିଜଣ ଜମାକାରୀ ଓଭର୍ ଡ୍ରଏଆଲ୍ କରିପକାଇଛନ୍ତି, ଖବର ଦେବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଆସିନାହାନ୍ତି । ଏମିତି ନାନା ଅନାବନା ଚିନ୍ତା ଆସିଯାଏ । ମନ ଗୋଟେ ଚଗଲା ଛୁଆ । ସ୍ଥିର ହୋଇ ରହିବାକୁ ଚାହେଁନା । କିଛିନା କିଛି ଦୁଷ୍ଟାମି କରୁଥାଏ ।

ଘଣ୍ଟାଏ ପରେ ବିନ୍ଦୁଛାୟା ଆଖି ଖୋଲି କହିଲେ- 'ଗୁରୁଦେବ ! ମହାଶୂନ୍ୟରେ ଦର୍ଶନ କଲି ଆପଣଙ୍କର ଜ୍ୟୋର୍ତିମୟ ରୂପ । ସେ ତେଜଛଟାରେ ନିଷ୍ପ୍ରଭ ହୋଇଯାଉଛନ୍ତି ସୂର୍ଯ୍ୟଚନ୍ଦ୍ର ।'

ଆଶୀର୍ବାଦ କଲେ ସ୍ୱାମୀଜୀ-'ଧୀରେଧୀରେ ବ୍ରହ୍ମସାଧନା ପଥରେ ଅଗ୍ରସର ହୁଅ । ଘରକୁ ଫେରିବା ସମୟ ହୋଇଗଲାଣି ।'

କେଶରୀ ଟକିଜ ପାଖ ବଂଗାଳୀ ମିଠା ଦୋକାନରେ ଏଇ ସମୟକୁ ଗରମଗରମ ମାଲପୁଆ ଛଣା ହୁଏ । ସୁଶୋଭନ ଗାଡ଼ିଟା ସେ ଆଡ଼େ ଘୁରାଇଲେ । ପତର ଠୋଲାରୁ ଚିରୁଡ଼ାଏ ରସ-ସରସର ମାଲପୁଅ ପାଟିରେ ପୂରେଇ ବିନ୍ଦୁ କ୍ଷୁଦ୍ର ଭୋଜନକକ୍ଷ ଆଡ଼କୁ ଠାରିଦେଲେ ।

ଶୋଭନ ଏପଟସେପଟ ଅନେଇ କିଛି ବୁଝିପାରିଲେନି ।

'କ'ଣ କହୁଚ ? ଠାରିଲେ କ'ଣ ବୁଝିହେବ ?'

ମାଲପୁଆ ଖଣ୍ଡକ ଗିଳିସାରି ଗଳା ସଫା କରି ବିନ୍ଦୁ କହିଲେ–'ତୁମକୁ ଯେଉଁ ଭଦ୍ରଲୋକ ବ୍ୟାଙ୍କ୍ ଡ୍ରାଫ୍ଟ ଚୋରି ବିଷୟରେ ସୂଚେଇଦେଇଥିଲେ, ସିଏ ସେଠି ବସି ଜଳଖିଆ ଖାଉଛନ୍ତି ।'

Digitized by PPRACHIN, SOA

ବାବନଙ୍କୁ ରାବିଡ଼ି ଭଲ ଲାଗେ । ଇଚ୍ଛା ହେଲେ ମଝିରେମଝିରେ ଆସି ଗିନାଏ ଲେଖା ଖାଇଦିଏ । ସୁଶୋଭନ ଟେବୁଲ ପାଖରେ ଛିଡ଼ା ହୋଇ ନମସ୍କାର କଲେ ।

'ଶୋଭନ ବାବୁ ! ଆପଣ ..... ।'

'ସେଦିନ ଅଚାନକ ଖସିଆସିଲେ । ଆଜି ଛାଡ଼ିବିନି । ସାଙ୍ଗରେ ଆମ ଘରକୁ ନେଇଯିବି ।'

ସେତେବେଳକୁ ବିନ୍ଦୁ ଆସିଯାଇଥିଲେ । ମଥା ନୁଆଇଁ ନମସ୍କାର ଜଣାଇଲେ । ବାବନ ଯିବାପାଇଁ ମନା କରି ପାରିଲାନି । ଲୋକାଚାର ତ ଅଛି ।

ଦିଲେଶ୍ୱର, ସୁରେଖା ଘର ଭିତରକୁ ବାବନଙ୍କୁ ପାଛୋଟି ନେଲେ ।

'ମା ! ଦୀକ୍ଷା ନେଇଗଲ ? ଭଲ କରିଚ । ସଂସାରର ଏ ଗହଳି ଭିତରେ ତୁମେ ସ୍ୱାମୀ ସ୍ତ୍ରୀ ଦି'ଜଣ ନିଆରା ପ୍ରାଣୀ । ଏ ଭଳି ଭଲଲୋକଙ୍କ ସଂଖ୍ୟା ଦିନକୁ ଦିନ କମିଯାଉଚି । ଅହେତୁକ ଭାବେ ଆପଣମାନଙ୍କ ପ୍ରତି ମୋ'ର ଶ୍ରଦ୍ଧାଭାବ ଆସିଯାଇଚି ।'

କୃତଜ୍ଞତା ଜଣାଇବା ଛଳରେ ସୁଶୋଭନ କହିଲେ- 'ମସ୍ତବଡ଼ ବିପଦରୁ ମୋତେ ଉଦ୍ଧାର କରିଦେଲେ । ଆପଣ ନ ଥିଲେ.....'

ବାବନ ବାଧା ଦେଲା ।

'ସେମିତି କହନ୍ତୁନି । କୋଟି କୋଟି ଲୋକ ବିପଦରେ ପଡ଼ୁଛନ୍ତି । ସମସ୍ତଙ୍କୁ ସତର୍କ କରାଇବାର ସାମର୍ଥ୍ୟ ମୋ ପାଖରେ ଅଛି ? ଆପଣଙ୍କ ମଥା ଉପରେ ଗୁରୁଙ୍କର ଅଭୟ ହସ୍ତର ଆଢୁଆଳ ନ ଥିଲେ, ମୁଁ କାହିଁକି ବୁଲୁବୁଲୁ ଆପଣଙ୍କ ଘର ପାଖରେ ପହଁଚିଥାଆନ୍ତି, କାହିଁକି ବା ଖେୟାଲ୍ ଆସିଥାନ୍ତା ଏ କଥାଟି ଚେତେଇ ଦେବାପାଇଁ ? କେହି କାହାକୁ ସାହାଯ୍ୟ କରନ୍ତିନି, କେହି କାହାର କ୍ଷତିର କାରଣ ବି ନୁହନ୍ତି । ସମସ୍ତେ ଗୋଟିଏ ଲେଖା ମାଧ୍ୟମ ।'

'ଆମକୁ କିଛି ଉପଦେଶ୍ ଦିଅନ୍ତୁ ।' ବିନ୍ଦୁଛାୟା ଅନୁରୋଧ କଲେ ।

'ମୋ ପାଖରେ କିଛି ନାହିଁ, ମା' । ତୁମକୁ ଦେବି କ'ଣ ? ତୁମ ଗୁରୁ ଅକଳନ୍ତି ରତ୍ନ ଭଣ୍ଡାରର ମାଲିକ, ଯେତେ ପାରିବ, ଲୁଟିନିଅ ।'

ସ୍ୱାମୀ ସ୍ତ୍ରୀ ଦୁହେଁ ଅଧୈର୍ଯ୍ୟ ହୋଇପଡ଼ୁଥିଲେ ।

Digitized by PPRACHIN, SOA

ଏତେ ଆପଣାର, ଅଥଚ ଏତେ ଅପରିଚିତ । ‘ ଆପଣ ନିଜର ସାମାନ୍ୟ ପରିଚୟ ହେଲେ ଦିଅନ୍ତୁ ।’

ସୁଶୋଭନ କହିଲେ ।

‘ମୋତେ ଆପଣ ଅତିବେଶୀ ଗୁରୁତ୍ୱ ଦେଉଛନ୍ତି । ସେ ସବୁର ଯୋଗ୍ୟ ମୁଁ ନୁହେଁ । ମୋ ନାଁ ଶ୍ରୀ ବାବନ ମହାରଣା, ଆପଣମାନଙ୍କଠାରୁ ଯଥେଷ୍ଟ ନିମ୍ନସ୍ତରର ମଣିଷ । ବାବନ ବୋଲି ଡାକିଲେ ଖୁସି ହୁଅନ୍ତି । ଆପଣମାନଙ୍କୁ ଅସହଜ ଲାଗିବ । ବାବନବାବୁ ବୋଲି ସମ୍ବୋଧନ କରିପାରନ୍ତି ।’

ଭଟ୍ଟାଚାର୍ଯ୍ୟବାବୁ ଏହି ସମୟରେ ପହଁଚିଗଲେ । ସାଙ୍ଗରେ ସ୍ତ୍ରୀ, ପୁଅ ଓ ଝିଅ । କାଲି ଝିଅର ଜନ୍ମଦିନ । ନିମନ୍ତ୍ରଣ କରିବା ପାଇଁ ଆସିଛନ୍ତି ।

ସୁଶୋଭନ ପରିଚୟ କରାଇଦେଲେ- ‘ଇଏ ବାବନ ବାବୁ । ଆମର ଅତି ଅନ୍ତରଙ୍ଗ । ଆଉ ଏ ହେଉଛନ୍ତି....’

ବାବନ କଥା ଛଡ଼େଇନେଇ କହିଲା- ‘ଶ୍ରୀ ଗୋବିନ୍ଦ ଭଟ୍ଟାଚାର୍ଯ୍ୟ । ଶୋଭନ ବାବୁଙ୍କ ସାଙ୍ଗେ ଏକା ବ୍ୟାଙ୍କ୍‌ରେ କାମ କରନ୍ତି । ଭଟ୍ଟାଚାର୍ଯ୍ୟ ବାବୁ ବାଙ୍କୁଡ଼ାର ଲୋକ, ତାଙ୍କ ସ୍ତ୍ରୀ ବାଉଦପୁରର ଝିଅ । ସ୍ୱାମୀ ବେଶୀ ବଙ୍ଗାଳୀ, ଅଳ୍ପ ଓଡ଼ିଆ । ସ୍ତ୍ରୀ ବେଶୀ ଓଡ଼ିଆ, ଅଳ୍ପ ବଙ୍ଗାଳୀ ।’

‘ଆରେ ସୁଶୋଭନ ! ତୁମେ ମୋ’ ବିଷୟରେ ସବୁକଥା ଏ ମହାଶୟଙ୍କୁ କହିଦେଇଚ ! କେମିତି ଜାଣିଲ, ମୋର ଆସିବାର ଅଛି ।’ କିଭଳି ଉତ୍ତର ଦେବେ ସୁଶୋଭନ ଖୋଜି ପାଉନଥିଲେ ।

ଗୋବିନ୍ଦବାବୁଙ୍କ ପୁଅକୁ ପାଖକୁ ଡାକି ବାବନ କୋଳରେ ବସାଇଲା ।

‘ବାବା ! ତୁମ ସ୍କୁଲ୍ କାନ୍ଥ ପାଖରେ ଉଇହୁଙ୍କାଟେ ଅଛି । ତୁମେ ସେଠାକୁ ପରିଶ୍ରା କରିବା ପାଇଁ ଯାଉଚ । ଆଉ ଯିବନି । ସେ ହୁଙ୍କାରେ ନାଗ ସାପଟିଏ ବସା ବାନ୍ଧି ରହିଚି ।’

ପୁଅ ନୀରବରେ ସମ୍ମତି ଦେଇ ଉଠିଗଲା ।

‘ଅଂଜଳିକା ! ଏ ଆଡ଼େ ଆସ ।’

ଝିଅଟି ପାଖକୁ ଗଲା ।

‘ଏବେ ତମେ ଟିକେ ବଡ଼ ହେଲଣି । ସୋନୀ ଜୈନ ବୋଲି ଯେଉଁ ଝିଅଟି ତୁମ ସାଙ୍ଗରେ ପଢୁଚି, ତା’ ସହିତ ମିଶିବନି । ସେ ତୁମକୁ ଖରାପ କଥା ଶିଖାଉଚି ନା ?’ ଝିଅଟି ହଁ ମାରିଲା ।

Digitized by PPRACHIN, SOA

ବାବନ ଉଠି ଛିଡ଼ାହେଲା ।

'ଆପଣମାନେ ଗପସପ କରନ୍ତୁ । ମୁଁ ଚାଲିଲି । ସମସ୍ତଙ୍କୁ ନମସ୍କାର ।'

ଝଡ଼ପରି ବାହାରିଗଲା ବାବନ ମହାରଣା ।

ଗୋବିନ୍ଦ ଅଭିଭୂତ ହୋଇ ପଚାରିଲେ- 'ଏପରି ଆଶ୍ଚର୍ଯ୍ୟଜନକ ଭଦ୍ରଲୋକଙ୍କୁ କେଉଁଠୁ ଠାବ କଲ ?'

'ତାଙ୍କ ବିଷୟରେ କିଛି ଜାଣିନୁ । ସେ ଏମିତି ଆସନ୍ତି, ଆଉ ଯାଆନ୍ତି ।' ବିନ୍ଦୁଛାୟା ମନ୍ତବ୍ୟ ଦେଲେ ।

ସେଠ ନାଗରମଲ୍ ମନ୍ତ୍ରୀଜୀଙ୍କର ଜିଗିରି ଦୋସ୍ତ । ଦୁହେଁ ଏକାଠି ବି.ଜେ.ବି. କଲେଜରେ ପଢୁଥିଲେ । ସେଇଦିନୁ ଦୋସ୍ତି ବଜାୟ ରହିଛି । ମନ୍ତ୍ରୀତ୍ୱର ବିଜୟ ଉତ୍ସବ ପାଳନ ବେଳେ ନାଗରମଲ ଭୁବନେଶ୍ୱରରେ ନଥିଲେ । ସମୁଦିଙ୍କ ସାନପୁଅ ବାହାଘରରେ ଯୋଗଦେବାକୁ ଯୋଧପୁର ଯାଇଥିଲେ । ଫେରିବା ବାଟରେ ଦିଲ୍ଲୀରୁ ଯୋଗାଡ଼ କରିଥିଲେ ବିଦେଶୀ ଦାମୀ ସ୍କଚ୍ ବୋତଲଟିଏ ।

ବଳବନ୍ତରାୟଙ୍କ ଶୟନ କକ୍ଷରେ ଦୁଇସାଙ୍ଗ ବସି ଟିକେ ଟିକେ ପିଉଥାନ୍ତି, ଗୋଟେ ଗୋଟେ ମସଲାଗୋଳା, ତେଲଭଜା କୁମ୍ଭୋ କାଜୁବାଦାମ ପାଟିରେ ପକାଉଥାଆନ୍ତି ।

ଛୁଟିଦିନ । ଦୁହେଁ ଫ୍ରି ମୁଡ୍‌ରେ ଥାଆନ୍ତି ।

'ବାବୁ ନାଗରମଲ ! ତୁମ ସେଠାନୀ କେମିତି ଅଛନ୍ତି ?'

'ଚର୍ବି ବଢ଼ିଯାଉଚି, ଯୋଗ କରୁଚି ।'

'ଝିଅଟା କି ପତଳା ଥିଲା କହିଲୁ । ତାକୁ କାନ୍ଧରେ ବସେଇ ଝରକାବାଟେ ବୋହି ଆଣି ନଥିଲୁ !'

'ସେସବୁ ମନେ ପକାଇଲେ ପୁରୁଣା ମୋଗ୍‌ଲେ ଏ ଆଜମ୍ ଫିଲମ୍ ଦେଖିବା ଭଳି ଲାଗୁଚି ।'

Digitized by PPRACHIN, SOA

'ତୋ' ଶ୍ୱଶୁର ଏବେ ତୋତେ ସମ୍ମାନ ଦେଉଛନ୍ତି ନା !'

'ସେ କହନ୍ତି, ମୁଁ ତାଙ୍କର ସବୁଠାରୁ ଯୋଗ୍ୟ ଜ୍ୱାଇଁ ।'

'ଆଉ ସେତେବେଳେ ଅପୋଜ୍ କରୁଥିଲେ ? ଆମେ ହିମ୍ମତ ଦେଇ ନ ଥିଲେ ତୁ ପ୍ରେମ୍ ଶହୀଦ୍ ବନି ଯାଇଥାଆନ୍ତୁ ।'

ବାବନ ରୁମ୍ ଭିତରକୁ ପଶିଆସିଲା ।

'ସେଠଜୀ, ଆପଣଙ୍କ ଘରେ ଇନ୍‌କମ୍ ଟାକ୍ସ ରେଡ୍ ଚାଲିଚି । ଶୀଘ୍ର ଯାଆନ୍ତୁ ।' ଅଧା ପିଇଥିବା କାଚ ପାତ୍ରଟିକୁ ରଖିଦେଇ ନାଗରମଲ ବାହାରିଗଲେ । ଗାଡ଼ିରେ ବସି ଠିକ୍ କଲେ, କ'ଣ କରିବେ । ଡ୍ରାଇଭରକୁ କହିଲେ- ଦୋକାନ ଆଡ଼େ ଯିବା ପାଇଁ । ଘରେ ରେଡ୍ ଯେତେବେଳେ ହେଉଚି, ଦୋକାନ ଆଗପଟେ ବି ଷ୍ଟାଫ୍ ଛକିଥିବେ । ସାପ୍ତାହିକ ଛୁଟି ଦିନ ଥିବାରୁ ଦୋକାନ ବନ୍ଦ୍ ଅଛି । ପଛପଟ ଗୋଦାମରୁ, ଟ୍ରକଟିଏ ପଶିବା ଓ ବାହାରିବା ପାଇଁ ସ୍ୱତନ୍ତ୍ର ରାସ୍ତାଟିଏ ଅଛି । ବାଟରୁ ଗୁମାସ୍ତା ପାଖରୁ ଚାବି ସଂଗ୍ରହ କରି ଗୋଦାମରେ ସୁରକ୍ଷିତ ଦୁଇ ନମ୍ବର ଖାତା ପୁଳାକ ନେଇ କୁଆଖାଇ ପାଣି ଭିତରେ ଫିଙ୍ଗିଦେଲେ । ଟାକ୍ସବାଲା ହତୋତ୍ସାହିତ ହୋଇ ଫେରିଲେ । ସେମାନେ ଯାହା ଆଶା କରିଥିଲେ, ବିଶେଷ କିଛି ମିଳିଲା ନାହିଁ । ଦୁଇଦିନ ପରେ ନାଗରମଲ ହସହସ ମୁହଁରେ ଆସିଲେ ।

'ପଣ୍ଡିତଜୀ ! ଖାତାଗୁଡ଼ିକ ଧରା ପଡ଼ିଥିଲେ ପାଞ୍ଚ କୋଟି ଟଙ୍କା ଡିମାଣ୍ଡ୍ ହୋଇଥାଆନ୍ତା । ଆପଣଙ୍କ ପାଇଁ ସାମାନ୍ୟ ଭେଟି ପାଞ୍ଚ ଲକ୍ଷ ଟଙ୍କା ଆଣିଚି, ରଖନ୍ତୁ ।'

ବାବନ ଭାବିଲା, ଗାଁରେ ବାପାକୁ ଲକ୍ଷେ ଦେଇଆସିଥିଲା । ବାକୀ ଦୁଇଲକ୍ଷ ହେଲେ ଛୋଟ ସୁନ୍ଦର ଘରଟିଏ ହୋଇପାରିବ । ବଳକା ତିନି ଲକ୍ଷ ବାପା ନାଁରେ ପୋଷ୍ଟ ଅଫିସ୍‌ରେ ଡିପୋଜିଟ୍ କରିଦେବ । କାରଟିଏ ଯୋଗାଇ ଦେଲେ ନାଗରମଲ । ଗାଁଲୋକ ଦେଖିଲେ, ଭଲିକିଭଲି ଗାଡ଼ି ଚଢ଼ି ବାବନବାବା ଆସୁଛନ୍ତି, ଗଲାଥର ଧଳା ଆମ୍ବାସାଡର, ଏଥର ଜାମୁକୋଳି ରଙ୍ଗର ସାଂଟ୍ରୋ କାର୍ । ଗାଁଲୋକେ ଗହଳି ଲଗାଇଲେ । ବାବନ ଗାଁର ଗର୍ବ, ଗୌରବ ।

ଶୁକ ସାମଲ ପଚାରିଲା-'ବାବା ! ତମେ ଏତେ ବଡ଼ ମହାତ୍ମା, କାହିଁ ଖବରକାଗଜରେ ଫଟୋ ଖଣ୍ଡେ କି ବିବରଣୀ ଟିକେ ବାହାରୁ ନାଇଁ ? ସେଇ ଲୋଭରେ ଚା' ଦୋକାନକୁ ଯାଇ ଖବରକାଗଜଟା ଓଲଟେଇପକାଏ । ତମ

Digitized by PPRACHIN, SOA

ବିଷୟରେ ବିନ୍ଦୁବିସର୍ଗ ନଥାଏ । ତମେ ତ ସାଧାରଣ ମଣିଷ ନୁହଁ ଯେ ଖ୍ୟାତି ଅପଖ୍ୟାତିରେ ଉଠିବପଡ଼ିବ । ଆମ ଗାଁଟା ଖାଲି ବିଖ୍ୟାତ ହୋଇଯାଆନ୍ତା ।' ବାବନ ଚୁପ୍ ଥାଏ । ଏଇ ଅପୋଗଣ୍ଡମାନଙ୍କୁ ବୁଝାଇବାର କିଛି ମାନେ ନାହିଁ ।

ବେଳକାଳ ଉଣ୍ଡି ସେବତୀ ତା'ଠାରୁ ବୟସରେ ସାନ ଗୋଟେ ଝିଅକୁ ଧରି ପହଁଚିଲା । ଖଣ୍ଡେଦୂରରେ ଛିଡ଼ାହୋଇ ସେମାନେ ହସାହସି ହେଉଥାଆନ୍ତି । ବାବନ ଡାକିଲା ।

'ହଇବେ ସେବତୀ ! ତୁ କ'ଣ ମୋ' ଏଜେଣ୍ଟ୍ ? ଯେତେବେଳେ ଆସୁଚି, ଗୋଟେ କାହାକୁ ସାଙ୍ଗରେ ଧରି ହାଜର ହଉଛୁ !'

'ବାବା । ପିଲାଟାର ପେଟରେ ଘା' ହୋଇଚି ବୋଲି ଡାକ୍ତର କହୁଚି ।' ନିରୀହ ଭାବ ଦେଖାଇ ସେବତୀ କହିଲା । କେବଳ ବାହାରକୁ ଥିଲା ଭୟଭୟ ଭାବ । ଭିତରେ କାହିଁରୁ କ'ଣ ଦମ୍ଭ, ବାବନ ଗୋଟାପଣେ ତା'ରି ।

'ଘା ହେଇନିରେ । କୃମି ଚରୁଛନ୍ତି । ଗୋଟେ ପାକଳ ନଡ଼ିଆ ଆଣି କୋରିପକାଇବ । ତାକୁ କନାରେ ଚିପୁଡ଼ି ରସ ବାହାର କରିବ । ବେଶୀ ବାହାରିବନି । ଚାମୁଚେ ଖଣ୍ଡେ ବାହାରିବ । ତାକୁ ପିଇଦବ । କୃମି ସବୁ ମରି ଝାଡ଼ା ସାଙ୍ଗେ ବାହାରିଯିବେ । ପନ୍ଦର ଦିନ ପରେ ଆଉ ଗୋଟେ ନଡ଼ିଆ ରସ ଖାଇବ । ଯା' ।'

ସେବତୀ ଆଖିଠାରରେ କ'ଣ କହିଲା, ଝିଅଟି ଅପେକ୍ଷା ନ କରି ଚାଲିଗଲା ।

'ବାବନବାବା ! ମୋ ଉପରେ ରାଗିଚ ? ଏମିତି ଦୁର୍‌ଦୁର୍ ମାର୍‌ମାର୍ କଥା କହୁଚ !'

'ନାଇଁରେ ମୁଁ ରାଗିବି କାହିଁକି ? ଓଲଟି ତୁ ମୋ ଉପରେ ରାଗିବା କଥା ।'

'ତମେ ମଣିଷ ନୁହଁ, ଦେବତା । ଦେବତାର ସେବା କଲେ ସ୍ୱର୍ଗଲାଭ ହୁଏ ।'

ବାବନ ହଠାତ୍ ବିଷାଦିତ ହୋଇଗଲା । କେତେ ସରଳବିଶ୍ୱାସୀ ଏ ଝିଅଟି ! ଏଇପରି ସରଳ ବିଶ୍ୱାସର ସୁଯୋଗ ନେଇ ବାବା ବୋଲାଉଥିବା କେତେ ସାଧୁ ଝିଅବୋହୂଙ୍କର ସର୍ବସ୍ୱ ଲୁଣ୍ଠନ କରୁଛନ୍ତି ।

'ଆଚ୍ଛା କହ ସେବତୀ ! ଦେବତା ବଡ଼ ନା ଗୁରୁ ବଡ଼ ?'

'ଗୁରୁ । ଆମେ ସ୍କୁଲ୍‌ରେ ଗୁରୁ ଦିବସ ଦିନ ଗାଉ ନ ଥିଲେ, ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର.... ଗୁରୁ ସାକ୍ଷାତ୍ ପରଂବ୍ରହ୍ମ.....'

Digitized by PPRACHIN, SOA

'ଗୁରୁ ତ ଗୁରୁ, ପତି ହେଲେ ପରମଗୁରୁ । ସ୍ୱାମୀ ବ୍ୟତୀତ ଆଉ କାହା ପାଖକୁ ଯିବୁ ନି । ସତ୍ୟ କର ।'

'ସତ୍ୟ କଲି ।'

ବାବନ ବୁଝିପାରିଲା, ପୁଣ୍ୟପ୍ରାପ୍ତି ଆଶାରେ ସ୍ୱର୍ଗଲାଭର ଅଦୃଶ୍ୟ ସୁଖଲୋଭରେ ସେବତୀ ବାରମ୍ବାର ଉପଯାଚିକା ଭାବେ ତା' ପାଖରେ ଆଶ୍ରୟ ଲୋଡୁଥିଲା ।

ସ୍ୱାମୀଜୀ କହିଚାଲିଥିଲେ- 'ଏଇ ପୁଣ୍ୟଭୂମି ଭାରତବର୍ଷରେ କେତେ ମୁନିଋଷି, ସାଧୁସନ୍ଥ, ସାଧକ ସାଧିକା ଜନ୍ମ ନେଇ ଆଧ୍ୟାତ୍ମିକ ପରମ୍ପରାକୁ ପୁଷ୍ଟ କରି ଯାଇଛନ୍ତି । ବାଲ୍ମୀକି, ବ୍ୟାସଦେବଙ୍କ ପରେ ଆଉ କେହି କିଛି ନୂଆ କଥା ଲେଖିବାର, କହିବାର ନାହିଁ । ଏହି ଦୁଇ ମହାମୁନି ସତ୍ୟର ପ୍ରକୃତ ସ୍ୱରୂପ ଉପଲବ୍ଧି କରି ଜିଜ୍ଞାସୁମାନଙ୍କ ପାଇଁ ପରିବେଷଣ କାର୍ଯ୍ୟ ସଂପନ୍ନ କରିଛନ୍ତି । ସେଥିପାଇଁ କୁହାହୋଇଚି, ବ୍ୟାସଙ୍କ ପରେ ଯାହା ଲେଖା ସବୁ ଅନୁକୃତି । ତଥାପି ସାହିତ୍ୟ, ଆଧ୍ୟାତ୍ମିକ ରଚନା ଲେଖା ଚାଲିଛି, ଯୋଗୀ ସାଧକମାନଙ୍କର ଅମୃତମୟୀ ଉଦ୍‌ବୋଧନର ବିରାମ ନାହିଁ । ଗ୍ରାମରେ ଅଷ୍ଟପ୍ରହରୀ ହୁଏ ଦେଖିଥିବ । ସେଇ ଗୋଟିଏ ଘୋଷା ମହାମନ୍ତ୍ର- ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ ହରେ ହରେ । ହରେ ରାମ ହରେ ରାମ ରାମ ରାମ ହରେ ହରେ । ଆକର୍ଷଣ କରୁଥିବାରୁ ସେ କୃଷ୍ଣ । ହୃଦୟରେ ରମଣ କରୁଥିବାରୁ ସେ ରାମ । କୀର୍ତ୍ତନିଆ ଦଳ ଯେତେବେଳେ ମହାମନ୍ତ୍ରର ଉତ୍ତାଳ ଧ୍ୱନିରେ ଖଣ୍ଡମଣ୍ଡଳ ପ୍ରକମ୍ପିତ କରୁଥାନ୍ତି, କ୍ଷଣକ ପାଇଁ ହେଲେ ମଧ୍ୟ ତୁମର ମନ ଉଦ୍‌ବେଳିତ ହୁଏନାହିଁ ? ନିତିଦିନିଆ ଶୁଣା ସେଇ ଭାଷା । ଭାଷାରେ ନୂତନତା ନ ଥାଏ । କ'ଣ ପାଇଁ ନାମ ସଂକୀର୍ତ୍ତନଟି ଏତେ ମଧୁର ଲାଗେ ? ଭାଷା ପୁରୁଣା ହୋଇପାରେ, କିନ୍ତୁ ନୂଆନୂଆ ଆବେଗ ସଂଯୋଜିତ ହୁଏ ପ୍ରତିଟି ଲହର ଉଲ୍ଲାସରେ ।

Digitized by PPRACHIN, SOA

'ମା' ବିନ୍ଦୁଛାୟା, ପରମ ସାଧିକା ଆନନ୍ଦମୟୀଙ୍କ ବିଷୟରେ କିଛି ହେଲେ ଶୁଣିଥିବ । ଆନନ୍ଦମୟୀ ଥିଲେ ତୁମ ପରି ଜଣେ ଗୃହିଣୀ । ଲୌକିକ ଶିକ୍ଷା ନଥିଲା, କିନ୍ତୁ ତାଙ୍କୁ ବେଦାନ୍ତର ସ୍ୱରୂପ କୁହାଯାଏ । ତାଙ୍କ କଥାଗୁଡ଼ିକ କେଡ଼େ ମିଠା ! ଯେମିତି ଛୋଟଛୋଟ କବିତାଗୁଡ଼ିଏ ।

'ସେ କହୁଥିଲେ- ଶରୀର ଗୋଟିଏ ବାଦ୍ୟଯନ୍ତ୍ର । ଯେ ଯେପରି ଭାବରେ ଆଘାତ କରିବ, ସେହିପରି ଶବ୍ଦ ଆସିବ । ଏ ଶରୀର ପୁତ୍ତଳିକା, ଯେମିତି ଖେଳାଇବ, ସେ ସେମିତି ଖେଳିବ ।

'ବ୍ରହ୍ମ ଅନୁଭୂତି କ'ଣ ? ଏହାର ଅର୍ଥ ଈଶ୍ୱରଙ୍କୁ ଲାଭ କରିବା । ସେ ଅନୁଭବକୁ ଭାଷାରେ ପ୍ରକାଶ କଲେ, ଖଣ୍ଡିତ ହୋଇଯିବ । ବ୍ରହ୍ମ ଖଣ୍ଡ ନୁହନ୍ତି, ଅଖଣ୍ଡ । ଜୀବ ମାତ୍ରେ ହିଁ ଶିବ । ବନ୍ଧନରେ କବଳିତ ଥିବାରୁ ସେ ଜୀବ । ଭଗବାନ ଅଖଣ୍ଡ ଜଳପ୍ରବାହ, ସେ ପ୍ରବାହର ଅଗଣିତ ଢେଉ ଜୀବସମୂହ ।

'ଓଦା କାଠରେ ନିଆଁ ଧରେ ନା । ଶୁଖାଇ ଦେଲେ ହୁତ୍‌ହୁତ୍ ହୋଇ ଜଳେ । ମନକୁ ଓଦା କରେ କାମନା, ବାସନା । ସେ ସବୁ ହଟାଇ ଦିଅ। ମନ ଶୁଖିଲା ହୋଇଯିବ । ଆଧ୍ୟାତ୍ମିକ ବହ୍ନି ଜଳିଉଠିବ ।

'ସର୍ବପ୍ରକାର କର୍ମ ଓ ଭାବର ସମାଧାନ ହେଉଚି ସମାଧି । ଏହା ଜ୍ଞାନ ଓ ଅଜ୍ଞାନର ଅତୀତ ଅବସ୍ଥା ।

'ଗୋଟିଏ ଦେଶରେ ଥିଲେ ଜଣେ ରାଜା । ଅତ୍ୟନ୍ତ ପ୍ରତିପତ୍ତିଶାଳୀ । ଧନ ଐଶ୍ୱର୍ଯ୍ୟ ଭୋଗ କରୁଥିଲେ ଅବଶ୍ୟ, ମନରେ କିନ୍ତୁ ଶାନ୍ତି ନଥିଲା । ସର୍ବଦା ରହୁଥିଲେ ଅଶାନ୍ତ ଚିତ୍ତ । ଅଶାନ୍ତ ଭାବ ଦୂରକରିବା ପାଇଁ କୁଳଗୁରୁଙ୍କୁ ଆମନ୍ତ୍ରଣ କରି ମନ୍ତ୍ରଦୀକ୍ଷା ନେଲେ । ମନ୍ତ୍ର ଜପ, ପୂଜା ଆରାଧନାଦି ଚାଲିଲା । ତେବେ ଶାନ୍ତି ଆସିଲାନି । କୁଳଗୁରୁଙ୍କୁ ଡକାଇ ଚରମବାଣୀ ଶୁଣାଇଲେ, ସାତଦିନ ଭିତରେ ମୋ ମନୋରାଜ୍ୟରେ ଶାନ୍ତ ଭାବ ନ ଆଣିପାରିଲେ ସପରିବାର ମୃତ୍ୟୁଦଣ୍ଡରେ ଦଣ୍ଡିତ ହେବ । ଅବୁଝା ରାଜା କୁଳଗୁରୁଙ୍କ ପାଇଁ ଆତଙ୍କର କାରଣ ହେଲେ । ତାଙ୍କୁ ବୁଦ୍ଧି ଉପାୟ ଦିଶିଲା ନାହିଁ । ଛଅଦିନ ଦୁଃଶ୍ଚିନ୍ତାରେ ବିତିଗଲା । ସେହି ସନ୍ଧ୍ୟାରେ ତାଙ୍କର ମୂର୍ଖ ବାଲୁଙ୍ଗା ପୁଅଟି ଘରକୁ ଫେରି ଦେଖିଲା, ରୋଷେଇବାସ ହୋଇନାହିଁ । ବାପା, ମା' ମୃତ୍ୟୁଭୟରେ ଶିହରିତ । ସବୁ ଶୁଣିଲା । କହିଲା-'ବାପା ! ମୋତେ

Digitized by PPRACHIN, SOA

ରାଜଦରବାରକୁ ଆସନ୍ତା କାଲି ନେଇଯାଅ । ମୁଁ ରାଜାଙ୍କୁ ଶାନ୍ତିର ଉପାୟ ବତାଇଦେବି ।' କୁଳଗୁରୁ ପୁଅକୁ ନେଇ ରାଜାଙ୍କ ସମୀପରେ ଉପସ୍ଥିତ ହୋଇ କହିଲେ– ମୋ'ରି ଏ ପୁଅ ଶାନ୍ତିର ରହସ୍ୟ ଜଣାଇଦେବ । ରାଜା ବିଦ୍ରୂପମିଶା ସ୍ୱରରେ ପ୍ରଶ୍ନ କଲେ, 'ଗୁରୁପୁତ୍ର ! ଶାନ୍ତିର ପନ୍ଥା ବତାଇ ନପାରିଲେ ପରିଣତି କ'ଣ ହେବ, ଜାଣିଚ ?' 'ପ୍ରାଣଦଣ୍ଡ' –ସେ ଦୁର୍ମତି ପୁତ୍ରଟି ନିର୍ଭୀକ ଭାବେ ଉତ୍ତର ଦେଲା । ଯୁବକର ଏ ଦାମ୍ଭିକତାରେ ରାଜା ବିସ୍ମିତ ହେଲେ । ଯୁବକ କହିଲା–'ମହାରାଜ ! ମୁଁ ଯେଉଁପରି କାର୍ଯ୍ୟ କରିବାକୁ କହିବି, ସେପରି କଲେ ଶାନ୍ତି ପାଇବେ ।' ଶାନ୍ତି ଅନ୍ୱେଷୀ ଅସ୍ଥିର ରାଜା ତତ୍‌କ୍ଷଣାତ୍ ରାଜି ହୋଇଗଲେ । ତିନିହେଁ ଅଗ୍ନାଅଗ୍ନି ବନସ୍ତକୁ ଗଲେ । ଗୁରୁପୁତ୍ର ପ୍ରଥମେ ରାଜାଙ୍କୁ ଗୋଟିଏ ଗଛରେ ବାନ୍ଧିଦେଲା । ତା'ପରେ ନିଜ ବାପାଙ୍କୁ ଆଉ ଗୋଟେ ଗଛରେ ବାନ୍ଧିଲା । ଏଥର ସେ ବୃକ୍ଷଶାଖାରେ ବସି ମନମଉଜରେ ଗୀତ ଗାଇବାକୁ ଲାଗିଲା । ବନ୍ଧନମୁକ୍ତ କରିବା ପାଇଁ ରାଜା ଯେତେ ଚିତ୍କାର କଲେ ମଧ ସେ ଭ୍ରୁକ୍ଷେପ କଲାନାହିଁ । ରାଜା କୁଳଗୁରୁଙ୍କୁ ମିନତି କଲେ– 'ଗୁରୁଦେବ ! ମୋତେ ମୁକ୍ତ କରାନ୍ତୁ ।' କୁଳଗୁରୁ ଅସହାୟ ଭାବ ପ୍ରକଟ କରି କହିଲେ–'ମୁଁ ନିଜେ ବନ୍ଧନରେ ପଡ଼ିଚି, ଆପଣଙ୍କୁ କିପରି ମୁକୁଳାଇବି ?' ରାଜାଙ୍କର ସମସ୍ତ ଚିତ୍କାର, ନିବେଦନ, ଆଦେଶ ବ୍ୟର୍ଥ ହେଲା । ତା'ପରେ ତାଙ୍କର ଚୈତନ୍ୟୋଦୟ ହେଲା । ବନ୍ଧନରେ ଥିବା ଜୀବ ଶାନ୍ତି ପାଇବ କିପରି ? ସେ ରାଜ୍ୟପାଟ ପରିତ୍ୟାଗ କରି ସନ୍ନ୍ୟାସବ୍ରତ ଆଚରି ଶାନ୍ତି ଅନ୍ୱେଷଣରେ ଅରଣ୍ୟକୁ ଚାଲିଗଲେ ।

'ଗଳ୍ପଟି କହିସାରି ଆନନ୍ଦମୟୀ କହିଲେ–'ସମସ୍ତେ ସଂସାର ଛାଡ଼ି ଜଙ୍ଗଲକୁ ଯିବାକଥା କହୁନାହିଁ । ତା'ହେଲେ ସଂସାର ଉଚ୍ଛନ୍ନ ହୋଇଯିବ । ସ୍ତ୍ରୀ, ପୁତ୍ର, କନ୍ୟା, ପିତାମାତା, ସବୁରି ଭିତରେ ଈଶ୍ୱରଙ୍କୁ ଦର୍ଶନ କର । ଏଇ ଜଗତ ଈଶ୍ୱରପୂର୍ଣ୍ଣ । ତୁମର ଦୁର୍ବଳ ମନରେ ସଂସାର ପ୍ରତି ଯେଉଁ ଧାରଣା, ତାହା ପରିତ୍ୟାଗ କର । ମାୟାର ବନ୍ଧନ ତୁଟିଯିବ ।

'ଭଲପାଇଲେ, ପାଇବାର ଆକୁଳତା ଜାଗେ । ଭଲପାଇବା ସମସ୍ତରୀୟ ମନୁଷ୍ୟ ମନୁଷ୍ୟ ପକ୍ଷେ ସମ୍ଭବ । ଉଚ୍ଚ ବା ନିମ୍ନବର୍ଗର ବ୍ୟକ୍ତିକୁ ଭୟ ଅଥବା ଦୟା ପ୍ରଦର୍ଶନ କରାଯାଇପାରେ । ସେଥିପାଇଁ ଆନନ୍ଦମୟୀ ମା' ମନୁଷ୍ୟ ଭିତରେ ଈଶ୍ୱର ଦର୍ଶନର ସହଜ ମାର୍ଗ ଚେତାଇଦେଇଯାଇଛନ୍ତି ।

Digitized by PPRACHIN, SOA

'ପ୍ରକୃତ ଭକ୍ତ ଭଗବାନଙ୍କୁ ନିଜର କରିଥାଏ । ସାଧକ ଚଣ୍ଡୀଦାସ ଶ୍ରୀ ଚୈତନ୍ୟଙ୍କ ପୂର୍ବସୂରୀ । ଗୋଟିଏ ପଦାବଳୀରେ ସେ ଲେଖିଛନ୍ତି–'ପୀରତି ରତନ କରିବ ଯତନ, ଯଦି ସମାନ ସମାନ ହୟ ।' ବାଳଗୋପାଳଙ୍କ ସାଥୀମାନେ ଯେତେବେଳେ ତାଙ୍କ କାନ୍ଧରେ ଚଢ଼ି ଶିକାରୁ ସରଲବଣୀ ଲୁଟୁଥିଲେ, ସେମାନଙ୍କୁ କୃଷ୍ଣ ରାଜପୁତ୍ର ଭଳି ଲାଗୁନଥିଲେ । ସେମାନେ ତାଙ୍କୁ ନିଜ ସମାସ୍କନ୍ଧ ଭାବରେ ଧରିନେଇଥିଲେ । ଚୈତନ୍ୟ ଚରିତାମୃତରେ ଲେଖା ଅଛି–'ତୁମି କୋନ ବଡ଼ ଲୋକ, ତୁମି ଆମି ସମ ।' ପୁଣି ସେଇ ଚରିତାମୃତରେ ଅଛି, ଭଗବାନ କହୁଛନ୍ତି–'ଆମାରେ ଈଶ୍ୱର ମାନେ ଆପନାରେ ହୀନ । ତା'ର ପ୍ରେମବଶ ଆମି ନା ହୟ ଅଧୀନ ।' ଏହା ହୀନ ଭକ୍ତି । ଏହାକୁ 'ଶିଥିଳ ପ୍ରେମ' କୁହାଯାଏ । ତୁଳସୀ ଦାସ କହିନାହାନ୍ତି, ହରି ସର୍ବତ୍ର ପରିବ୍ୟାପ୍ତ ହେଲେ ମଧ୍, ପ୍ରେମ ଦ୍ୱାରା ପ୍ରକଟିତ ହୁଅନ୍ତି !! ଚଣ୍ଡୀ ଦାସ ମଧ ସେକଥା କହିଛନ୍ତି–'ବ୍ରହ୍ମାଣ୍ଡ ବ୍ୟାପିୟା ଆଛୟେ ଯେ ଜନ କେହି ନା ଦେଖିୟା ପାରେ, ପ୍ରେମର ପୀରତି ଯେ ଜନ ଜାନୟେ ସେହସେ ପାୟତେପାରେ ।' ସେଇ ପରମ ବୈଷ୍ଣବ ମହାନ ମାନବବାଦୀ କବି ଚଣ୍ଡୀ ଦାସ ନିର୍ଦ୍ଦେଶ ଦେଇଗଲେ–'ଚଣ୍ଡୀଦାସ କହେ ଶୁନ୍ ହେ ମାନୁଷ ଭାଇ ସବାର ଉପର ମାନୁଷ ସତ୍ୟ ତାହାର ଉପରେ ନାଇ ।'

'ମା' ବିନ୍ଦୁ ! ସର୍ବଭୂତ, ସ୍ଥାବର ଜଂଗମ, ଚେତନ, ଅଚେତନ ସବୁ ଭିତରେ ଈଶ୍ୱର ଦର୍ଶନ ପାଇଁ ଚେଷ୍ଟା କରିବ । ସାଧୁ, ସନ୍ଥ, ବାବାଜୀ, ବୈଷ୍ଣବ ଦେଖିଲେ ନମସ୍କାରଟିଏ କରିବ । ଆମେ ଜାଣୁନା କିଏ ଢ଼ଙ୍ଗ, କିଏ ଶକ୍ତିଶାଳୀ ସାଧକ । ବିଜୟକୃଷ୍ଣ ଗୋସ୍ୱାମୀ ମହାଶୟ ଗଞ୍ଜିକାସେବୀ ସାଧୁବେଶଧାରୀ ନିଶାସକ୍ତମାନଙ୍କୁ ପ୍ରବଳ ଘୃଣା କରୁଥିଲେ । ଥରେ ବୁଦ୍ଧଗୟା ଭ୍ରମଣରେ ଥିବା ସମୟରେ ଦେଖିଲେ, ବରଗଛ ଛାଇରେ ଜଣେ ତେଜସ୍ୱୀ ସାଧୁ ଗଞ୍ଜେଇ ଦମ୍ ଟାଣୁଛନ୍ତି । ଗୋସ୍ୱାମୀଙ୍କୁ ଦେଖିବା ମାତ୍ରେ ସେଇ ସାଧୁ ବସିବା ପାଇଁ ଆସନ ଦେଲେ । ସାଧୁଙ୍କ ଗଞ୍ଜେଇ ଟାଣିବାର ସମାପ୍ତି ନଥାଏ । ଧୂଆଁର କୁଣ୍ଡଳୀ ସୃଷ୍ଟି କରୁଥାଆନ୍ତି । ଗୋସ୍ୱାମୀଜୀ ରୁଷ୍ଟ ମନରେ କହିଲେ– 'ଗଞ୍ଜିକା ସେବନ ଦ୍ୱାରା ଚିତ୍ତ ବୃତ୍ତି ସ୍ଥିର ହୁଏ ? ନା ସାଧନ ଭଜନରେ ଏହା କିଛି ସହାୟକ ହୁଏ ?' ସାଧୁ ହସିହସି ଚେଲାକୁ ଆଦେଶ ଦେଲେ– 'ଦଶଟି ଗଞ୍ଜେଇ କଳି ଗୋଟିଏ ଚିଲମରେ ଭର୍ତ୍ତିକର ।' ଶିଷ୍ୟ ଗୋଟେ

Digitized by PPRACHIN, SOA

ପରେ ଗୋଟେ କଲି ଖୁନ୍ଦିବାରେ ଲାଗିଲା । ସାଧୁ ଚିଲମରେ ନିଆଁ ଲଗାଇ କସ୍ କରି ଧୂଆଁ ଛାଡ଼ିଲେ । ନିର୍ଗତ ଧୂମରେଖାକୁ ଲକ୍ଷ୍ୟ କରିବା ପାଇଁ ବିଜୟକୃଷ୍ଣଙ୍କୁ ନିର୍ଦ୍ଦେଶ ଦେଲେ । ବିଜୟକୃଷ୍ଣ ଗୋସ୍ୱାମୀଜୀ ନିରୀକ୍ଷଣ କରି ଦେଖିଲେ, ଧୂମ କୁଣ୍ଡଳୀଗୁଡ଼ିକ ଦଶମହାବିଦ୍ୟାର ଗୋଟିଏ ଗୋଟିଏ ଧୂୟାମିତ ରୂପ ନେଉଚି ।

'ପୁରୀରେ ବିଭିନ୍ନ ରଙ୍ଗଢଙ୍ଗର ବାବାଜୀ, ସନ୍ନ୍ୟାସୀମାନଙ୍କୁ ଦେଖିବ । ବାହ୍ୟ ବେଶଭୂଷାରୁ ସେମାନଙ୍କ ମହିମା କଳନା କରିବା ସମ୍ଭବ ନୁହେଁ । ବିଂଶଶତାବ୍ଦୀ ପ୍ରାରମ୍ଭରେ ପୁରୀ ସ୍ୱର୍ଗଦ୍ୱାରରେ ଦେଖିବାକୁ ମିଳିଲେ ଜଣେ ଅଜ୍ଞାତ ସାଧୁ । ଦୀର୍ଘ ବଳିଷ୍ଠ ଶରୀର । ଜଟିଳ ଜଟାଭାର ମସ୍ତକରୁ ଲମ୍ବିଯାଇଥାଏ, ଯେମିତି ମହାଦେବଙ୍କ ଶିରରୁ ଝରିଯାଉଚି ତ୍ରିଧାରା-ପତିତପାବନୀ ଗଙ୍ଗା । ବପୁବନ୍ତ ଗୌରବର୍ଣ୍ଣ ସନ୍ନ୍ୟାସୀ ସମ୍ପୂର୍ଣ୍ଣ ଉଲଗ୍ନ ରହୁଥିଲେ । ଦୁଇ ଚାରିଜଣ ଶ୍ରଦ୍ଧାଳୁ ଭକ୍ତ ମହାତ୍ମାଙ୍କର ସେବାଯତ୍ନ କରୁଥା'ନ୍ତି । ଦିବସବ୍ୟାପୀ ଧ୍ୟାନସ୍ଥ, ସମାଧିସ୍ଥ ରହିବା ପରେ ସାୟଂବେଳାରେ ଗ୍ରହଣ କରୁଥିଲେ ଏକସେର କ୍ଷୀର ଓ ଦୁଇଟି ପଇଡ଼ର ଜଳ । ନିକଟରେ ରହୁଥିବା ଗୋପାଳ ବାବାଙ୍କୁ କ୍ଷୀର ଯୋଗାଉଥିଲେ । ଗୋଟିଏ ଫୁଲମାଳ ଗୁନ୍ଥି ବାବାଙ୍କ ବେକରେ ଝୁଲାଇ ପ୍ରଣାମ ନିବେଦନ କରୁଥିଲା । ଗୋପାଳଟିର ପୁଅର ନାମ ବଂଶୀଧର, ସେ ଥିଲା ଜନ୍ମାନ୍ଧ ।

'ଦିନେ ପିଲାଟି ବାବାଙ୍କ ପାଦତଳେ ପଡ଼ି ନିବେଦନ କଲା—'ବାବା ! ଆପଣ ସ୍ୱୟଂ ଭଗବାନ । ମୁଁ ଜନ୍ମରୁ ଅନ୍ଧ । ଅନ୍ଧ ମଣିଷ ପାଇଁ ସଂସାର ଅନ୍ଧକାର । କୃପା କରନ୍ତୁ ।'

'କୃପାସ୍ନିଗ୍ଧ ଦୃଷ୍ଟିରେ ଲଙ୍ଗୁଳିବାବା ଅନାଇଦେଲେ । ଜନ୍ମାନ୍ଧ ଦୃଷ୍ଟିଶକ୍ତି ଫେରିପାଇଲା । ବାବାଙ୍କର ଅଲୌକିକ ମହିମା ପ୍ରଚାରିତ ହେବାରୁ ଜନସମାଗମ ବୃଦ୍ଧି ପାଇଲା । ଲୋକସଂସର୍ଗରୁ ଦୂରରେ ରହିବା ଇଚ୍ଛାରେ ଯୋଗୀ ଶ୍ରୀଲୋକନାଥ ନିକଟସ୍ଥ ବାଲିବନ୍ତକୁ ଉଠିଆସିଲେ । ଜନଶ୍ରୁତି କହେ ଯେ ପରମପାବନ ଇନ୍ଦ୍ରଦ୍ୟୁମ୍ନ ନୃପତି ଶ୍ରୀମନ୍ଦିର ନିର୍ମାଣ କରାଇସାରି ମନସ୍ଥ କଲେ, ସ୍ୱୟଂ ବ୍ରହ୍ମଦେବ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ କରିବେ । ବ୍ରହ୍ମାଙ୍କୁ ନିମନ୍ତ୍ରଣ କରିବା ପାଇଁ ବ୍ରହ୍ମଲୋକରେ ଉପସ୍ଥିତ ହେଲେ । ଧ୍ୟାନସ୍ଥ ବ୍ରହ୍ମଦେବଙ୍କ ଧ୍ୟାନଭଗ୍ନ ପ୍ରତୀକ୍ଷାରେ ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକରେ ଥିବାବେଳେ ଯୁଗଯୁଗ

Digitized by PPRACHIN, SOA

ବିତିଗଲା । ସଦ୍ୟ ନିର୍ମିତ ମନ୍ଦିରଟି ବାଲି ଆବରଣରେ ପୋତିହୋଇଗଲା । ଗାଲମାଧବଙ୍କ ଅଶ୍ୱଖୁରାରେ ନୀଳଚକ୍ର ବାଜିବାରୁ ସେ ବାଲି ଖୋଳାଇଲେ । ସୁନ୍ଦର ମନ୍ଦିର ଦୃଷ୍ଟିସମ୍ମୁଖକୁ ଆସିଲା । ସେହି ଖୋଳାଯାଇଥିବା ବାଲି ଗଦା ହୋଇଥିବା ସ୍ଥାନଟି ବାଲିବନ୍ତ । ଏପରି ବାଲି ପାହାଡ଼ ପୁରୀ ସାଗର ସୈକତରେ କୁତ୍ରାପି ପରିଦୃଷ୍ଟ ହୁଏନା । ଏସବୁ କିମ୍ବଦନ୍ତୀର କଥା । ସେହି ବାଲିବନ୍ତରେ ଦୀର୍ଘ ଅର୍ଦ୍ଧଶତାବ୍ଦୀ ବ୍ୟାପୀ ଲୀଳାଖେଳା କରି ଲଙ୍ଗୁଳିବାବା ୧୯୬୧ରେ ଦେହରକ୍ଷା କଲେ । ବୟସ ତାଙ୍କର କେତେ ହୋଇଥିଲା, କେହି ଜାଣେନା । ତିନିଶହ ବର୍ଷରୁ ନିଶ୍ଚିତ ଭାବେ ଅଧିକ । ତାଙ୍କର ଅଲୌକିକ ମହିମା ବିସ୍ତାରିତ କଲେ ରାତି ପାହିଯିବ । ଏବେ ସେ ବାଲିବନ୍ତରେ ପ୍ରତିଷ୍ଠିତ 'ଅଦ୍ୱୈତ ବେଦାନ୍ତ ଆଶ୍ରମ ।' କେବେ ପୁରୀ ଗଲେ ମହାଜ୍ଞାନୀଙ୍କୁ ପ୍ରଣାମ ନିବେଦନ କରିଆସିବ । ସନ୍ନ୍ୟାସୀଙ୍କ ସମାଧି ମନ୍ଦିରରେ ସ୍ଥାପିତ ହୋଇଚି ମାର୍ବଲର ପୂର୍ଣ୍ଣାବୟବ ବିଗ୍ରହ । ଏକଦା ସେ ବ୍ୟବହାର କରୁଥିବା ବ୍ୟାଘ୍ରଛାଲ, କମଣ୍ଡଳୁ, କଠଉ ସୁରକ୍ଷିତ ହୋଇ ରହିଛି । ସେ ପରମ ବେଦାନ୍ତୀ । ତୋତାପୁରୀ ମହାରାଜ ବୋଲି ଅନୁମାନ କରିବା କଥା । ସନ୍ନ୍ୟାସୀ ଏ ପରିଚୟକୁ ସ୍ୱୀକାର କରିନାହାନ୍ତି, ଅସ୍ୱୀକାର ମଧ କରିନାହାନ୍ତି । ସିଏ ରାମକୃଷ୍ଣ ପରମହଂସଙ୍କୁ ବ୍ରହ୍ମବିଦ୍ୟା ସାଧନ ଦୀକ୍ଷା ପ୍ରଦାନ କରିଥିଲେ । ଏହି ସନ୍ନ୍ୟାସୀ କଠୋର, ମିତଭାଷୀ ଏବଂ ସାଧନର ଏତେ ଉଚ୍ଚସ୍ତରରେ ପ୍ରତିଷ୍ଠିତ ଥିଲେ ଯେ ସେ କହୁଥିଲେ ଆଦିଶଙ୍କର ସମାଧିର ଅନୁଭବ ପାଇ ନାହାନ୍ତି, ପରମହଂସ ରାମକୃଷ୍ଣ ମା' କାଳୀଙ୍କର ଜଣେ ଭକ୍ତ । ଆଉ ବିବେକାନନ୍ଦ ବେଦାନ୍ତର ଜନୈକ ପ୍ରଚାରକ ।

'ଚତୁର୍ଦ୍ଧାମ ଭିତରେ ଶ୍ରେଷ୍ଠ ହେଉଛି ପୁରୁଷୋତ୍ତମକ୍ଷେତ୍ର-ପୁରୀ । ଅନ୍ୟ ତୀର୍ଥମାନଙ୍କରେ ନିର୍ଦ୍ଦିଷ୍ଟ ଦେବଦେବୀଙ୍କୁ ଆରାଧନା କରାଯାଏ । ପୁରୀ ପୀଠରେ ପରଂବ୍ରହ୍ମ ଦାରୁରୂପରେ ବିରାଜିତ । ସେ ଦାରୁବ୍ରହ୍ମ ଭାବେ ଉପାସିତ । ଶ୍ରୀଜଗନ୍ନାଥ ବୈଦିକ କନ୍‌ସେପ୍ଟ । ଶ୍ୱେତାଶ୍ୱେତ ଉପନିଷଦ ବ୍ରହ୍ମସ୍ୱରୂପ ବିଚାର କରିବାକୁ ଯାଇ କହେ–'ଅପାଣି ପାଦୋ ଜବନୋ ଗ୍ରହୀତା, ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ, ସେ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତିବେତା, ତମାହୁର ଗ୍ର୍ୟଂ ପୁରୁଷ ମହାନ୍ତମ୍ ।' ଅର୍ଥାତ୍ ତାଙ୍କର ହାତ ନାହିଁ କି ପାଦ ନାହିଁ, ଅଥଚ ତୀବ୍ର ଗ୍ରହଣଶୀଳତା ଅଛି । ବିନା ଚକ୍ଷୁରେ ସେ ଦେଖନ୍ତି । କାନ

Digitized by PPRACHIN, SOA

ନଥାଇ ଶୁଣନ୍ତି । ସବୁ ତାଙ୍କର ଜ୍ଞାତ, କିନ୍ତୁ ସେ ସବୁରି ଅଜ୍ଞାତ । ସେ ହେଉଛନ୍ତି ସର୍ବଶ୍ରେଷ୍ଠ ପୁରୁଷ, ପରମାତ୍ମା ପରଂବ୍ରହ୍ମ ।

'ମା ! ଯେତେବେଳେ ମନରେ କ୍ଷୀଣମାତ୍ର ଗ୍ଳାନି ଆସିବ, ପୁରୀ ଚାଲିଯିବ । ଶ୍ରୀବିଗ୍ରହଙ୍କ ଦୃଷ୍ଟିରେ ଚକ୍ଷୁ ମିଳାଇ ଚାଲିଆସିବ । ନିମିଷକର ଦୃଷ୍ଟିପାତ ଯଥେଷ୍ଟ । ଗ୍ଳାନି ଧୋଇହୋଇଯିବ ।

'ସଂସାର କରିଚ । କେତେ କର୍ମ ଅପକର୍ମରେ ଆପେଆପେ ଜଡ଼ିତ ହୋଇଯିବ । ସନ୍ନ୍ୟାସୀ ପାଖରେ କର୍ମ ଅକର୍ମ କିଛି ନାହିଁ । ସଂସାରରେ ଶତ ଝଡଝଞ୍ଜାର ସମ୍ମୁଖୀନ ହେବା ପାଇଁ ପଡ଼ିବ । ସମୁଦ୍ର କୂଳରେ ଘର କରିଥିଲେ, ବାଲି ଉଡ଼ିଆସି ଘରଭିତରେ ଧୂଳିର ଆସ୍ତରଣ ଜମିଯାଏ । ସେହିପରି ଆତ୍ମାରେ ଜମିଥିବା ଅପକର୍ମର ଧୂଳିଦାଗ ସାଧନ ଜପ ଦ୍ୱାରା ନିର୍ମଳ ହୋଇଯିବ ।

'ମୋହମୁଦ୍‌ଗର ଗ୍ରନ୍ଥିକାରେ ଆଦିଶଙ୍କର ସାଂସାରିକ ଜୀବର ଜୀବନକୁ ନଳିନୀ ଦଳଗତ ଜଳ ଜଳଗତ ତରଳ ଅର୍ଥାତ୍ ପଦ୍ମପତ୍ରରେ ଥିବା ଜଳ ପରି ଜୀବନ ଅସ୍ଥିର, ଚପଳା ବୋଲି କହିଛନ୍ତି ।

'ସଂସାର ରୂପୀ ଭବସମୁଦ୍ର ପାର୍ ହେବା ପାଇଁ ସତ୍‌ସଙ୍ଗ ଆଶ୍ରୟଦାୟୀ ନୌକା । ସତସଂଗର ପ୍ରଭାବ କେତେ ବେଶୀ, ତାହାର ବ୍ୟାଖ୍ୟା ନିଷ୍ପ୍ରୟୋଜନ । ମନକୁ ସ୍ଥିର କରିବା ପାଇଁ ସାଧୁସଂଗ କରିବ । ସାଧୁମାନଙ୍କ ସାନିଧ ମାନସିକ ପ୍ରେରଣା ଦିଏ । କଳସୀ କଣ୍ଠରେ ରସିଟିଏ ବନ୍ଧା ହୋଇଥିଲେ, ଜଳରେ ଡୁବିଲେ ମଧ୍ୟ ଉଠିଆସେ । ସନ୍ଥର ଆଶ୍ରୟ ନେଲେ, ପାପର ଜଳଉଭଁରୀରେ ବୁଡ଼ିଯାଇଥିଲେ ମଧ୍ୟ ସେ ଡୁବିଯିବା ପାଇଁ ଦେବେନାହିଁ । ଉପରକୁ ଉଠାଇ ଆଣିବେ । ସନ୍ଥ ମହାପୁରୁଷ ମଣିଷର ମନ ଭିତରେ ଥିବା ମଇଳା ସଫା କରି, ଚିତ୍ତଶୋଧନ କରି, ବୁଦ୍ଧିର ଜଡ଼ତାନାଶପୂର୍ବକ ସତ୍ୟରୂପୀ ଜଳସିଞ୍ଚନ ଦ୍ୱାରା ମନର ଉଷର ପ୍ରାନ୍ତରକୁ ଚାଷ ଉପଯୋଗୀ କରନ୍ତି । ନିର୍ମଳ ଜଳ୍ ବର୍ଜ୍ୟବସ୍ତୁ ସଂସ୍ପର୍ଶରେ ପ୍ରଦୂଷିତ ହୋଇଥାଏ । କୁସଙ୍ଗ ମନ ସେହିପରି ବିକାରଗ୍ରସ୍ତ ହୋଇଥାଏ । ଯେଉଁଠାରେ ନାସ୍ତିଭାବ, ଶ୍ରୀଗୁରୁ, ଶ୍ରୀଭଗବାନଙ୍କର ନିନ୍ଦା ରଟନା ହେଉଥାଏ, ସେ ସ୍ଥାନରେ କ୍ଷଣେ ମାତ୍ର ରହିବ ନାହିଁ । ଚାଣକ୍ୟ ନୀତି ଅନୁସାରେ ସର୍ପ ମଣିଭୂଷିତ

Digitized by PPRACHIN, SOA

ହେଲେ ମଧ୍ୟ ସେ ଭୟଙ୍କର ପ୍ରାଣୀକୁ କିଏ କ'ଣ କୋଳାଗ୍ରତ କରେ ? ସେହପରି ଦୁର୍ଜନ ବ୍ୟକ୍ତି ଯେତେ ଜ୍ଞାନର ଅଧିକାରୀ ହୋଇଥାନ୍ତୁ ପଛକେ, ତାଙ୍କୁ ପରିତ୍ୟାଗ କରିବା ନିତାନ୍ତ ଆବଶ୍ୟକ ।' ସ୍ୱାମୀ ରମ୍ୟକନାଥ ମୌନ ହେଲେ । ଦୀର୍ଘ ସମୟ ଧରି ସ୍ୱାମୀଜୀଙ୍କର ଏହି ଅମୃତମୟ ବାଣୀ ବିନ୍ଦୁଛାୟା ତନ୍ମୟ ହୋଇ ଶୁଣୁଥିଲେ ।

'ବୁଝିଲ ମା'? ଅନେକ କଥା କହିବା ପାଇଁ ଇଚ୍ଛା ହେଲା । ଯାହା ମନକୁ ସ୍ପର୍ଶ କଲା, କହିଗଲି । ଆସନ୍ତାକାଲି ସକାଳେ କେନ୍ଦ୍ରୀୟ ଆଶ୍ରମ ଋଷିକେଶକୁ ଫେରିଯିବି ।'

ବିନ୍ଦୁଛାୟାଙ୍କ ଛାତିରେ ଓଜନଦାର ପଥରଟିଏ ଲଦି ହୋଇଗଲା ପରି ଲାଗିଲା । କେତେ ସହଳ ଦୀର୍ଘ ମାସଟିଏ କଟିଗଲା । ଅତିନ୍ଦ୍ରୀୟ ମୋହାଚ୍ଛନ୍ନ ଅବସ୍ଥାରେ ଯେମିତି ଦିନପରେ ଦିନ ବିତିଯାଉଥିଲା । ସ୍ୱାମୀଜୀ ଚାଲିଯିବା ପରେ ସବୁ ଲାଗିବ, ଖାଲିଖାଲି । ଏକାଏକା । ମନୋବେଦନା ଗୁରୁ ବୁଝି ପାରୁଥିଲେ । କହିଲେ–'ଯେଉଁଠି ଯେତେବେଳେ ବି ଆଖିବୁଜିବ, ତୁମ ଗୁରୁଦେବଙ୍କ ଜ୍ୟୋର୍ତିମୟ ରୂପର ଦର୍ଶନ ପାଇବ ।

'ସକାଳ ଓ ସନ୍ଧ୍ୟାର ନିର୍ଦ୍ଦିଷ୍ଟ ସମୟରେ ଧ୍ୟାନ ଜପ କରିବ । ସମୟାନୁବର୍ତ୍ତିତାରେ ବ୍ୟତିକ୍ରମ ଯେପରି ନ ହୁଏ । ତୁମର ଗୁରୁ, ଏବଂ ଇଷ୍ଟ ଦେବଦେବୀ ସେଇ ନିର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ହୁଅନ୍ତି । ସେମାନେ ବିଳମ୍ବ କରନ୍ତି ନାହିଁ । ସେମାନଙ୍କୁ ଅପେକ୍ଷା କରାଇବା କ'ଣ ସ୍ପୃହଣୀୟ ହେବ ?'

'ଗୁରୁଦେବ ! ପୁଣି କେବେ ଦର୍ଶନ ମିଳିବ ?'

'ଆସନ୍ତା ଫଗୁ ପୂର୍ଣ୍ଣମୀକୁ ବୃନ୍ଦାବନ ଯିବି । ସେଠାରୁ ସିଧା ଭୁବନେଶ୍ୱର ପ୍ରୋଗ୍ରାମ୍ ।' ଶୋଭନ ଓ ବିନ୍ଦୁ ଗୁରୁଦେବଙ୍କୁ ପ୍ରଣାମ ଜଣାଇଲେ ।

ଶିଷ୍ୟଶିଷ୍ୟାଙ୍କୁ ବିଦାୟ ଦେଲାବେଳେ ଗୁରୁ କହିଲେ- 'ମା' ବିନ୍ଦୁଛାୟା ! ସ୍ୱାମୀଙ୍କୁ ସଙ୍ଗସୁଖରୁ ବଞ୍ଚିତ କରିବ ନାହିଁ । ଭରା ଯୌବନରେ ଉଦାସୀ ହେବାକୁ ଦିଅନା । ପରିପୂର୍ଣ୍ଣ ସଂସାରଟିଏ କର । ସେ ସଂସାର ଭିତରକୁ ପରମ ପ୍ରେମମୟ ଶ୍ରୀ ଭଗବାନଙ୍କୁ ଡାକିଆଣ ।'

ଶୋଭନ ପଦାକୁ ଆସି ଘଡ଼ି ଦେଖିଲେ, ରାତି ଏଗାରଟା ଦଶ ।

Digitized by PPRACHIN, SOA

ପ୍ରଧାନମନ୍ତ୍ରୀଙ୍କ ଦପ୍ତରରୁ ସର୍ବଭାରତୀୟ ଶ୍ରମମନ୍ତ୍ରୀ ସମ୍ମେଳନ ପାଇଁ ନିମନ୍ତ୍ରଣ ପତ୍ରଟିଏ ଭାଗ୍ୟବର୍ଦ୍ଧନ ବଳବନ୍ତରାୟଙ୍କ ପାଖରେ ପହଁଚିଲା ।

ମନ୍ତ୍ରୀ କହିଲେ–'ପଣ୍ଡିତଜୀ ! ମୋ' ସାଥିରେ ଚାଲନ୍ତୁ, ଦିଲ୍ଲୀ ବୁଲିଆସିବେ ।'

ସତ କହିବାକୁ ଗଲେ, ବାବନ ଏତେ ବାଗ୍ ବିଚାର କରେ ସିନା ଓଡ଼ିଶା ବାହାରକୁ କେବେ ଯାଇନି । ବାହାରକୁ ଯିବା ତ ବଡ଼ କଥା, ଥରେ ହେଲେ ସେପର୍ଯ୍ୟନ୍ତ ସେ ରେଳଯାତ୍ରା କରି ନଥିଲା ।

ମନ୍ତ୍ରୀ ପି.ଏସ୍.ଙ୍କୁ କହିଲେ– 'ବିଦୁରଥ ବାବୁ ! ପଣ୍ଡିତଜୀ ମୋ ସହିତ ଦିଲ୍ଲୀ ଯିବେ । ତାଙ୍କ ପାଇଁ ଗୋଟେ ପ୍ଲେନ୍ ଟିକେଟ୍ ଟ୍ରାଭେଲ୍ ଏଜେଣ୍ଟ ଜରିଆରେ କରାଇଦିଅନ୍ତୁ । ଏଜେନ୍‌ସୀକୁ କହିବେ, ମୋ ବ୍ୟକ୍ତିଗତ ନାଁରେ ବିଲ୍ ପଠାଇଦେବେ ।'

ବାବନର ବସ୍ ଚଢ଼ାରୁ ଏକାବେଳକେ ପ୍ରମୋଶନ ହେଲା ବିମାନଯାତ୍ରାକୁ । ଧନ୍ୟ ବାଁବନ ! ଆହାରେ କପାଳ !

ବାବନର ଗୋଟେ ବଡ଼ ଗୁଣ, ନିଜ ଦୁର୍ବଳତା କେବେ ପଦାରେ ପକାଏନା । ଯାହା ଜାଣି ନଥିବ, ନ ଜାଣିଥାଉ, ନିଜ ଅଜ୍ଞତା ପ୍ରକାଶ କରେନା । ସବୁ ପରିସ୍ଥିତିରେ ସୁନ୍ଦର ଭାବେ ନିଜକୁ ସଜାଡ଼ି କାମ ଚଳାଇନିଏ । ଦେଖିବା ଲୋକ ତାରିଫ୍ କରନ୍ତି । ଧରିନିଅନ୍ତି, ସେ ଜଣେ ସର୍ବଜ୍ଞାତା ମହାପୁରୁଷ ।

ଓଡ଼ିଶାଭବନରେ ମନ୍ତ୍ରୀ ଭି.ଆଇ.ପି. ସୁଟ୍‌ରେ ରହିଲେ । ବାବନ ମହାରଣାଙ୍କ ଅବସ୍ଥାନ ପାଇଁ ସାମାନ୍ୟ ବ୍ୟବଧାନରେ ସଂରକ୍ଷିତ ଥିଲା ଶୀତତାପ ନିୟନ୍ତ୍ରିତ କୋଠରୀଟିଏ । ମନ୍ତ୍ରୀ ସମ୍ମେଳନରେ ଯୋଗଦେବା ପାଇଁ ବାହାରିଯିବା ପରେ, ବାବନ ମହାରଣା ଦିଲ୍ଲୀ ସହର ବୁଲିବାହାରିଲେ ।

Digitized by PPRACHIN, SOA

ଓଡ଼ିଶା ଭବନ ପଛପଟେ ଜଣେ ଓଡ଼ିଆ ଲୋକ ପାନଦୋକାନ କରିଛନ୍ତି । ସେଠୁ ଚାରୋଟି ମିଣ୍ଟୋଫ୍ରେସ୍ କିଣିଲା । ସକାଳେ ପେଟପୂରା ପରଟା ସନ୍ତୁଳା ଖାଇନେଇଚି । ଓଡ଼ିଶା ଭବନ କାର୍ମଚାରୀମାନଙ୍କଠାରୁ ବୁଝି ନେଇଥିଲା, କନର୍ଟପ୍ଲେସ୍ ପୁରୁଣା ମାର୍କେଟ୍ ଏରିଆ ବ୍ରିଟିଶ୍ ଅମଳର ।

ରାଜଧାନୀ ଦିଲ୍ଲୀ ସହ ଭୁବନେଶ୍ୱରକୁ ତୁଳନା କରି ହୁଏନା । ଏଠି ଲୋକ ହାଓ୍ୱାରେ ଉଡ଼ନ୍ତି । ସମସ୍ତେ ଫେଶନେବଲ୍ । କନର୍ଟ ପ୍ଲେସ୍ ମାର୍କେଟ୍ କମ୍ପ୍ଲେକ୍ସ ସାମନାରେ ଚଉଡ଼ା ବାରଣ୍ଡା ଧାରରେ ଥିବା ଗୋଟେ ପିଲାର୍ ପାଖେ ସୁବେଶିନୀ ମହିଳା ଜଣେ ଛିଡ଼ା ହୋଇ କାହାଁ ସହିତ ମୋବାଇଲ୍‌ରେ କଥା ହେଉଥିଲେ । ଛୋଟ ସ୍କାର୍ଟଟା ଜଙ୍ଘକୁ ପୂରା ଘୋଡ଼ାଇ ପାରୁନଥିଲା । ଢିଲା ବ୍ଲାଉଜ୍‌ଟା ଗୋରା ଦେହକୁ ବେଶ୍ ମାନୁଥିଲା । ଗୋଡ଼ ପେଣ୍ଡା ଦୁଇଟା ଦେଖା ଯାଉଥିଲା ପାଲିସ୍ ଆଉ କମନୀୟ । କଟକର ମାଟି କାରିଗରମାନେ ଯେମିତି ଦୁର୍ଗାମାତାଙ୍କ ଜଙ୍ଘ, ଗୋଡ଼ ଦୁଇଟାକୁ ଘଷିଘାଷି ଚିକ୍‌କଣ, ସବଳ କରିଦେଇଥାନ୍ତି ।

'ମ୍ୟାଡାମ୍ ! ଆପଣଙ୍କ ବେଗ୍ ଭିତରେ ବିଛାଟିଏ ଅଛି ।'

ବାବନ ପାଟିକଲା ।

'ହ୍ୱାଟ୍ ?' ଭଦ୍ରମହିଳା ଭର୍ତ୍ସନା କଲେ । ବାବନ କଥା ସେ ବୁଝିପାରୁ ନ ଥିଲେ ।

'ବିଛା....ବିଛା..... ଆଇ ମିନ୍ କଙ୍କଡ଼ାବିଛା ।'

ବୁଝାଇବା ପାଇଁ ବାବନ ଚେଷ୍ଟା କରୁଥିଲା ।

'ହ୍ୱାଟ୍ ଇଜ୍ ଦ୍ୟାଟ୍ ବିଛା ?'

ପରସ୍ପର ଭାଷା ବୁଝିପାରୁ ନ ଥିବା ଜଣେ ଆଧୁନିକ ଯୁବତୀ ସହ ମଧ୍ୟବିତ୍ତ ଯୁବକର ଉଚ୍ଚବାଚ ପଥଚାରୀମାନଙ୍କର କୌତୁହଳ ସୃଷ୍ଟି କରୁଥିଲା । ଜେ.ଏନ୍.ୟୁ.ରେ ପି.ଜି. କରୁଥିବା ଜଣେ ଓଡ଼ିଆ ଛାତ୍ର ଯାଉଥିଲେ । ସେ ବାବନକୁ ପଚାରିଲେ- 'କଅଣ ହୋଇଚି ?'

'ସେ ଝିଅ ବେଗ୍‌ରେ ଗୋଟେ କଙ୍କଡ଼ାବିଛା ଅଛି, କହିଲେ ବୁଝୁ ନାହାନ୍ତି ।'

ଛାତ୍ର ଜଣକ ବୁଝାଇ ଦେଲେ-'ମ୍ୟାଡାମ୍ ! ଦେଆର ଇଜ୍ ଏ ସ୍କର୍-ପିଅନ୍ ଇନ୍‌ସାଇଡ଼୍ ୟୁୟର ବ୍ୟାଗ୍ ।'_

Digitized by PPRACHIN, SOA

ଆତଙ୍କିତ ଭଦ୍ରମହିଳା ବେଗ୍‌ଟିକୁ ଫିଙ୍ଗିଦେଲେ ।

ଛାତ୍ରଜଣକ ବ୍ୟାଗ୍ ଖୋଲିବା ସ୍ଥାନରେ ପରସ୍ପର ଯୋଡ଼ିହୋଇଥିବା ପିତ୍ତଳ ଗୋବ ଦୁଇଟାକୁ ଟାଣି ବ୍ୟାଗ୍‌ଟାକୁ ଝାଡ଼ିଦେଲେ । ତା' ଭିତରୁ ଖସିପଡ଼ିଲା ଛୋଟ ଗୋଲ୍ ଆଇନା, ଓଠ ପାଲିସ୍, କିଛି କରେନ୍ସି, କ୍ରେଡିଟ୍ କାର୍ଡ୍, ଗର୍ଭନିରୋଧ ବଟିକା । ସର୍‌ସର୍ ହୋଇ ବାହାରିଗଲା ଲମ୍ବା କଙ୍କଡ଼ାବିଛାଟେ ।

ଯୁବତୀ ଜିନିଷଗୁଡ଼ାକୁ ସାଉଁଟି ବେଗ୍‌ରେ ପୂରାଇଲା ପରେ ଆଶ୍ଚର୍ଯ୍ୟ ଦୃଷ୍ଟିରେ ବାବନକୁ ଚାହିଁଲେ ।

'ହି ଇଜ୍ ଏ ମ୍ୟାନ୍ ଉଇଥ୍ ଥାର୍ଡ଼ ଆଏ । ହି ସେଭ୍‌ଡ ମି ଫ୍ରମ୍ ଏ ଡିଜାଷ୍ଟର୍ । କମ୍...... କମ୍ ଉଇଥ୍ ମି ।'

ବାବନ ଇଂଲିଶ୍ ବୁଝୁଥିଲା । ଖଣ୍ଡି ଖଣ୍ଡି ଇଂଲିଶ୍ କହିପାରନ୍ତା । ଲାଜ ଲାଗୁଥିଲା । କିଛି ଦୂର ପାର୍କିଂ ପ୍ଲେସ୍‌ରେ ଥିଲା ଧୂସର ମାରୁତି ଅଲ୍‌ଟୋ ଗାଡ଼ିଟା । ଦୁଆର ଖୋଲି ଯୁବତୀ ଡ୍ରାଇଭିଂ ସିଟ୍‌ରେ ବସିଲେ । ପାଖ ସିଟ୍‌ରେ ବସିଲା ବାବନ ।

ଯୁବତୀଙ୍କ ନାମ ସଲୋନୀ ଅରୋରା, ଗୋଟେ ମଲ୍‌ଟି ନାସନାଲ୍ କମ୍ପାନୀର ଏକ୍‌ଜିକ୍ୟୁଟିଭ୍ ଡାଇରେକ୍ଟର । ଯମୁନାବିହାରରେ ଫ୍ଲାଟ୍ କିଣି ଏକା ଏକା ରହୁଥିଲେ । ଅବିବାହିତା ।

'ଜେଣ୍ଟଲ୍ ମ୍ୟାନ୍..... ଏନି ଡ୍ରିଙ୍କ୍‌ସ ?'

'ନୋ .... ନୋ ଡ୍ରିଙ୍କ୍‌ସ ।'

'ହୋୟାର୍ ଡୁ ୟୁ ଷ୍ଟେ ?'

'ଓଡ଼ିଶା ଭବନ, ଚାଣକ୍ୟପୁରୀ ଏରିଆ ।'

'ଉଇଲ୍ ୟୁ ପ୍ରିଫର୍ କୋଲଡ୍ କଫି ?'

'ୟେସ୍ ।'

କଫିଟା ସ୍ୱାଦଯୁକ୍ତ ହୋଇଥିଲା ।

'ଆଇ ହାଵ୍ ଗଟ୍ ଏ ସ୍ମଲ୍ ପ୍ରବ୍‌ଲେମ୍ । ହ୍ୱାଟ୍ ସାଲ୍ ଆଇ କଲ୍ ୟୁ ?'

'ବାବନ ।'

Digitized by PPRACHIN, SOA

'ୟେସ୍ ମିଷ୍ଟର ବାବନ । ଆଇ ହାଭ୍ ଆନ୍ ଆଫେୟର୍ ଉଇଥ୍ ମାଇ ବସ୍ । ହି ଆସ୍ୟୁରସ୍ ମ୍ୟାରେଜ୍......'

'ନୋ । ଡୋଣ୍ଟ ମ୍ୟାରୀ ହିମ୍ । ହି ହାଜ୍ କିଲ୍‌ଡ ହିଜ୍ ୱାଇଫ୍ ।'

'ହାଓ ?'

'ବାଏ ସ୍ଲୋ ପଏଜନ୍ ।'

'ବଟ୍ ହ୍ୱାଏ ?'

' ହି ଇଜ୍ ଏ ଡ଼ିବଚ ।'

'ଇଜ୍ ଇଟ୍ ସୋ ?'

'ୟେସ୍.......ସେଣ୍ଟ୍ ପରସେଣ୍ଟ୍ ୟେସ୍ ।'

'ଆଇ ଉଇଲ୍ ଚେକ୍ ଅପ୍ ।'

ବାବନଠାରୁ ତା'ରୁମ୍ ନମ୍ବର ଟିପି ରଖି ଚାଣକ୍ୟପୁରୀରେ ତାକୁ ଛାଡ଼ି ଦେଇ ଆସିଲେ । ପରଦିନ ସକାଳୁ ସକାଳୁ କଲିଂବେଲ୍ ବାଜିଲା । ନିଦ ମଳମଳ ଆଖିରେ ବାବନ କବାଟ ଖୋଲିଲା । ବେହେରା କହିଲେ- 'ଜଣେ ପଞ୍ଜାବୀ ଝିଅ ଲାଉଂଜ୍‌ରେ ଆପଣଙ୍କୁ ଅପେକ୍ଷା କରୁଛନ୍ତି ।'

ବାବନ ଦାନ୍ତ ବ୍ରଶ୍ କରି ଆସିଲା ।

'ମିଷ୍ଟର ବାବନ ! ୟୁ ଆର୍ ଗ୍ରେଟ୍ ! ମାଇଁ କନ୍‌ଫିଡ଼େଲସିଆଲ୍ ସୋର୍ସ ସେଜ୍ ଦ୍ୟାଟ୍ ହ୍ୱାଟ୍ ଇଉ ହାଭ ଟୋଲ୍ଡ ଇଜ୍ କରେକ୍ଟ । ପ୍ଲିଜ୍ କିପ୍ ଇଟ୍ ।' ଗୋଟେ ଫୁଲୁକା ଧଳା ଲଫାଫା ବାବନ ହାତରେ ଧରେଇ ଦେଇ ମିସ୍ ଅରୋରା କରମର୍ଦ୍ଦନ କଲେ ।

ରୁମ୍‌ରେ ବାବନ ପ୍ୟାକେଟ୍‌ଟି ଖୋଲିଲା । ପାଞ୍ଚଶହ ଟଙ୍କିଆ ନୋଟ୍ ବଣ୍ଡଲ୍‌ଟିଏ । ପଚାଶ ହଜାର । ବାବନ ଚମକି ପଡ଼ିଲା । ଏଇ ଛୋଟ ତଥ୍ୟ ବଦଳରେ ଏତେ ଟଙ୍କା । ସେ ଜାଣିନଥିଲା, ଏଠି ମାସକୁ ତନିଲକ୍ଷ ବେତନ ସାଙ୍ଗକୁ ଅନ୍ୟାନ୍ୟ ପର୍କ ଉପଭୋଗ କରୁଥିବା ଏକ୍‌ଜିକ୍ୟୁଟିଭ୍‌ମାନଙ୍କ ପାଇଁ ପଚାଶ ହଜାର ବଡ଼କଥା ନୁହେଁ ।

ଦିଲ୍ଲୀ..... ମାଇଁ ସୁଇଟ୍ ଦିଲ୍ଲୀ......ଦିଲ୍ଲୀ ଡ଼ାର୍ଲିଂଗ ।

ଇଂରେଜୀ ରାଇମ୍ ଗାଇବା ପରି ବାବନ ଜୋର୍ ପାଟିରେ ସୁର୍ ଧରିଥିଲା ।

Digitized by PPRACHIN, SOA

ବଳବନ୍ତରାୟ ରୁମ୍ ଭିତରକୁ ପଶି ଆସିଲେ ।

'ପଣ୍ଡିତଜୀ ! ଭାରୀ ଖୁସି ଜଣାପଡୁଛନ୍ତି । ମୁଁ ଆଜମୀର୍ ଯାଉଚି । ସେଠି ବଡ଼େପୀରଙ୍କ ଦରଘାରେ ଚଦର ଚଢ଼େଇବି । ମୋ ସାଙ୍ଗରେ ଆସନ୍ତୁ ।'

'ଆପଣ ଯାଆନ୍ତୁ । ମୁଁ ଏଠି ଟିକେ ବୁଲାବୁଲି କରେ ।'

'ଦିଲ୍ଲୀ ଭଲ ଲାଗୁଚି ?'

'ଖୁବ୍ ଭଲ । ମୁଁ ଭାବୁଚି ଏଇଠି ରହିଯିବି । ଆଉ ଭୁବନେଶ୍ୱର ଫେରିବିନି ।'

ବାବନ ସୁନେଲୀ ସ୍ୱପ୍ନ ଦେଖୁଥିଲା, ତା' କାରବାର ପାଇଁ ଦିଲ୍ଲୀ ପ୍ରଶସ୍ତ କ୍ଷେତ୍ର ।

ବଳବନ୍ତରାୟ ଆଶଙ୍କିତ ହୋଇ କହିଲେ- 'ସେମିତି କଥା ତୁଣ୍ଡରେ ଧରନ୍ତୁନି । ଆପଣ ପାଖରେ ନ ଥିଲେ ମୁଁ ଅସହାୟ ହୋଇଯିବି । ସାରା ଜୀବନ ଆପଣଙ୍କୁ ନିକଟରେ ପାଏ । ମୁଁ ମନ୍ତ୍ରୀ ଥାଏ ବା ନଥାଏ । ଯେକୌଣସି ଅବସ୍ଥାରେ ମଧ ମୋ ପାଖରେ ଆପଣଙ୍କର ହତାଦର ହେବନି ।'

ବାବନ ହଠାତ୍ ଅନ୍ୟମନସ୍କ ହୋଇପଡ଼ିଲା, 'ଏ ଭଳି ପ୍ରତିଶ୍ରୁତି ଦେବାର ତାକତ୍ ମୋର ନାହିଁ । କାହା ଭାଗ୍ୟରେ କ'ଣ ଲେଖାଅଛି ସେ କଥା ଭାଗ୍ୟ ନିୟନ୍ତା କେବଳ ଜାଣେ । ସବୁଦିନ ଆଲୁଅ ନଥାଏ । ସବୁଦିନ ବି ନ ଥାଏ ଅନ୍ଧାର । ବ୍ୟସ୍ତ ହୁଅନ୍ତୁନି । ମୁଁ ଆପଣଙ୍କ ସାଙ୍ଗରେ ଭୁବନେଶ୍ୱର ଫେରିଯିବି ।'

'ସତରେ ଡ଼ରି ଯାଇଥିଲି । ମ୍ୟାନେଜର୍‌ଙ୍କୁ କହି ଦେଉଚି, ଟାକ୍ସିଟାଏ ବନ୍ଦୋବସ୍ତ କରିଦେବେ। ଆପଣ ବୁଲାବୁଲି କରିବେ ।'

ବିଦାୟ ନେଇ ଭାଗ୍ୟବର୍ଦ୍ଧନ ଆଜମୀର ଅଭିମୁଖେ ଚାଲିଲେ ।

ବାବନ ନିଜକୁ ନିଜେ ଆତ୍ମବିଶ୍ଳେଷଣ କଲା । କେତେ ଟଙ୍କା ପାଇଲେ ସେ ଖୁସିହେବ ? କେତୋଟି ଦିନରେ ଲକ୍ଷଲକ୍ଷ ଟଙ୍କା ସେ ରୋଜଗାର କରିସାରିଲାଣି । ଅର୍ଥ ଯଦି ଆପେ ଆପେ ଆସୁଚି, ସେ ଅପସରି ଯିବ କାହିଁକି ? ତେବେ ଆଗପରି ଟଙ୍କା କମାଇବାରେ ତା'ର ସେତେ ଆଉ ଆଗ୍ରହ ନାହିଁ । ଯାହା ଆସୁଚି ଯଥେଷ୍ଟ । ଆଶାତୀତ । ଭାଗ୍ୟବର୍ଦ୍ଧନ ମଣିଷ ହିସାବରେ ଯାହା ହୁଅନ୍ତୁ, ତା' ପ୍ରତି ଅଛି ତାଙ୍କର ଅଗାଧ ଶ୍ରଦ୍ଧା ଆଉ ଭରସା । ବାବନର ବାକ୍ୟ ବେଦରଗାର । ଆଜିର ଯୁଗରେ କାମ ସରିଗଲେ କିଏ କାହାକୁ ପଚାରେ ? ଅଥଚ ଏ ଲୋକଟା ଆତ୍ମିକ ବନ୍ଧନରେ ବାନ୍ଧି ରଖିବାକୁ ଚାହୁଁଛି ସାରା ଜୀବନ । ସେଥିରେ କ'ଣ କେବଳ ସ୍ୱାର୍ଥପରତା ଅଛି ? ରାଗ ଅନୁରାଗର ରତିଏ ବି ନାହିଁ ?

Digitized by PPRACHIN, SOA

ଯାଯାବର ଜୀବନଟିଏ ବିତେଇ ଦେବା ପାଇଁ ବାବନ ସ୍ଥିର କରିଥିଲା । ସେ ସହରରୁ ସହର ଘୂରି ବୁଲିଥାଆନ୍ତା । ସେ ସମସ୍ତଙ୍କୁ ଜାଣୁଥା'ନ୍ତା, କେହି ତା' ବିଷୟରେ ଜାଣିପାରୁ ନଥାନ୍ତେ । କାହା ପାଖରେ ନଥା'ନ୍ତା ତା'ର ଖୋଜଖବର । ସେହି ହିସାବ ଭୁଲ୍ ହୋଇଗଲା ସେଦିନ– ଯେଉଁଦିନ ପ୍ରଥମେ ସେ ଭାଗ୍ୟବର୍ଦ୍ଧନଙ୍କୁ ସାକ୍ଷାତ କରିଥିଲା । ତା'ର କୌଣସି ମତାମତ ନ ନେଇ ସେ ଚିରସ୍ଥାୟୀ ବନ୍ଦୋବସ୍ତର ପଘା ଖଣ୍ଡିଏ ବଢ଼ାଇଦେଲେ ।

ବାବନ ପୁଣି ଭାବିଲା, ମଣିଷ ଜୀବନରେ ଅଛି କ'ଣ ? କେବଳ ଶୂନ୍ୟତା ଆଉ ଅସ୍ଥିରତା । କେତେବେଳେ ବେଗଗାମୀ ଘୂର୍ଣ୍ଣିଟାଏ ଜୀବନ ଢେ଼ଉକୁ ଏପଟ ସେପଟ କରିଦିଏ, ଆଉ ବେଳେକେ ସବୁ ଫାଙ୍କା । ପତ୍ରଟିଏ ବି ହଲେନା । ଯାହା ପ୍ରାପ୍ତି ନିଶ୍ଚୟ ମିଳିବ । ଯାହା ମିଳିବାର ନୁହେଁ, ତାହାରି ପଛରେ ଧାଇଁ ଧାଇଁ ମଣିଷ କେବଳ ହନ୍ତସନ୍ତ ହେବା ସାର ହୁଏ ।

ବାପାଙ୍କୁ ଗଲାଥର ଟଙ୍କା ବଣ୍ଡଲ୍‌ଟିଏ ଦେବାବେଳେ ସେ ଖୁସିରେ ଗଦଗଦ ହୋଇଗଲେ ।

'ପୁଅ ! ସହରରେ କେଉଁଠି ରହୁଚୁ, ଠିକଣା ଦେ, କେତେବେଳେ କି ଦରକାର ପଡ଼ିବ ।'

'ଦରକାର ସମୟରେ ଆସି ପହଞ୍ଚିଯିବିନି ।'

'ସେକଥା ସତ ଯେ, ପୁଅରେ, ତିନି ଭୁବନର କେଉଁ କଥା ତୋତେ ଅଛପା ଅଛି ?'

ସବୁ ବୋପାମାନେ ଏମିତି । ପୁଅ ରୋଜଗାରିଆ ଦେଖିଲେ, ସବୁ ଦୁଃଖକଷ୍ଟ ଭୁଲିଯାଆନ୍ତି । ଯେତେବେଳେ ସେ ବେକାର ହୋଇ ବୁଲୁଥିଲା, ଏଇ ବାପା ତାଙ୍କୁ କମ୍ ଝିଙ୍ଗାସୁ ନଥିଲେ ।

ଭୁବନେଶ୍ୱରରେ ପ୍ଲେନ୍ ଲ୍ୟାଣ୍ଡିଂ କଲାବେଳକୁ ଅପରାହ୍ନ ଦୁଇଟା ପନ୍ଦର । ବାବନର ମୁଣ୍ଡ ଧକ୍‌ଧକ୍ ହେଉଥାଏ । କାନ ଦି'ଟା ଭାଏଁଭାଏଁ କରୁଥାଏ । ପୂର୍ବରୁ କେବେ ବ୍ୟୋମଯାନରେ ବସିନଥିଲା । ବିମାନ ସେବା ସଂସ୍ଥା ପକ୍ଷରୁ ଯେତିକି ଖାଦ୍ୟ ପରିବେଷିତ କରାଯାଇଥିଲା, ସେତିକି ତା' ପାଇଁ ଥିଲା ଯଥେଷ୍ଟ । ବାବନଟା ସ୍ୱଳ୍ପହାରୀ ନୁହେଁକି ? କେବଳ ଖାନା ସ୍ୱାଦିଷ୍ଟ ହବା ଚାହି ।

Digitized by PPRACHIN, SOA

ବିଛଣାରେ ଗଡୁଗଡୁ ନିଘୋଡ଼ ନିଦ ଆସିଗଲା । ଉଠିବା ପରେ ଟିକେ ସୁସ୍ଥ ଲାଗୁଚି । ଘୂରା ଫେରା କଲେ ଭଲ ଲାଗନ୍ତା । ଜ୍ୟୋତିଷ ବଡ଼ଭାଇ ସାଙ୍ଗେ କେବେଠାରୁ ଦେଖାହୋଇନି । ବୁଲି ଆସିଲେ ହ'ନ୍ତା । ବାବନ ସିଆଡ଼େ ମାଡ଼ିଗଲା ।

ତରଳ ସନ୍ଧ୍ୟାର ଅନ୍ଧକାରରେ ସେ ଅଞ୍ଚଳଟା ଅସ୍ପଷ୍ଟ ଅସ୍ପଷ୍ଟ ଦେଖାଯାଉଚି ।

କବାଟ ଆଉଜା ହୋଇଚି । କିଏ କେଉଁ ଅବସ୍ଥାରେ ଥିବ, ନପଚାରି ଘର ଭିତରକୁ ପଶିଯିବାଟା ଅଭଦ୍ରାମି ହେବ । ବାରଣ୍ଡା ଉପରେ ଛିଡ଼ାହୋଇ ସେ ମଜାଳିଆ ସ୍ୱରରେ ଡାକିଲା–'ବରାହମିହିର ଅଛନ୍ତି ?'

ଭିତରୁ ଉତ୍ତର ଆସିଲା–'ଏଇଟା ବରାହବାବୁଙ୍କ ଘର ନୁହେଁ ।' ରାଜଲକ୍ଷ୍ମୀଙ୍କର ସ୍ୱର ।

'ରାଜଲକ୍ଷ୍ମୀ ମହାଦେଈ ଅଛନ୍ତି ?'

କବାଟ ଖୋଲି ରାଜଲକ୍ଷ୍ମୀ ବାହାରି ଆସିଲେ–'କିଏ ବାବନ ମହାପ୍ରୁ ! ଭାଇଙ୍କ ନାଁ ବରାହମିହିର ଦେଇଦେଲଣି ।'

'ସେମତି ନାଁ ଦିଆହୁଏ । ତୁମ ନାଁ ଯେମିତି ରାଜଲକ୍ଷ୍ମୀ । ଭାଇଙ୍କ ଅସଲ ନାଆଁଟା କ'ଣ କହିଲ ଦେଖି ।'

'ମଲା ଯା... ଏତେ ସ୍ନେହ ପ୍ରୀତି । ନାଁଟି ଜାଣିନ ଏଯାଏ । ମୋତେ ପଚାରୁଚ, ମୁଁ କେମିତି କହିବି । ସ୍ୱାମୀ ନାଁ ତୁଣ୍ଡରେ ଧରନ୍ତି ?'

'ଭାଇ ଗଲେ କୁଆଡ଼େ ?'

'ଆସ ବସ । ବାରଣ୍ଡାରେ ବସି ଗପସପ ହେବା । ଭାଇ ପରିବା ଆଣି ଯାଇଛନ୍ତି । କେତେବେଳୁ ଗଲେଣି । ଫେରୁଥିବେ ।'

ବାରଣ୍ଡାରେ ଦୁଇଟି ସତରଞ୍ଜି ଆସନ ପାରିଦେଲେ ରାଜଲକ୍ଷ୍ମୀ ।

'ଆଉସବୁ କେମିତି ଚାଲିଚି ?'

'ତୁମ ଦୟାରୁ ମହାପ୍ରୁ, ବିନା ପଇସାରେ ସୁରୁଖୁରୁରେ ଅପରେସନ୍ ହୋଇଗଲା । ପରିସ୍ତ୍ରା ପରୀକ୍ଷା କରି ଗତକାଲି ଡାକ୍ତର ରିପୋର୍ଟ ଦେଲେ, ମାସ ଗଡ଼ିଚି ।'

'ବାଃ ! ଏଇ ଭଲ ଖବରଟି ଦେଇ ମୋ ସନ୍ଧ୍ୟାବେଳଟାକୁ ସାର୍ଥକ କରିଦେଲ ।'

Digitized by PPRACHIN, SOA

'ହେଲା ଯେ, ଦୁଇଟି କୁନିକୁନି ପାଦ ଯେତେବେଳେ ମାଟି ଉପରକୁ ଆସିବା ପାଇଁ ଆଗଭର ହେଉଚି, ଆମ ମନରେ ଶଙ୍କା ଉପୁଜୁଚି । ପିଲାଟିଏ ପାଇଁ କେତେ ସ୍ୱପ୍ନ ଦେଖୁ ନଥିଲୁ ।'

ରାଜଲକ୍ଷ୍ମୀ କରୁଣ ଦେଖାଗଲେ ।

'କଅଣ ହୋଇଚି, ଖୋଲିକିନା କୁହ ।'

'ତୁମ ସହିତ ତାଙ୍କର ବହୁଦିନ ହେବ ଦେଖାସାକ୍ଷାତ ହୋଇନାହିଁ । ନହେଲେ ଜାଣିଥା'ନ୍ତ । ସେ ଯେଉଁଠି ଆସ୍ଥାନ ପକାଇ ବସୁଥିଲେ, ଆଉ ଦୁଇଜଣ ଜ୍ୟୋତିଷ ସେଇଠି ପାଖାପାଖି ବସିଲେଣି । ଆଉ ଜଣେ ବି ଶୁଆପକ୍ଷୀଟେ ବାଉଁଶ ପଞ୍ଜୁରିରେ ପୂରେଇ ଶୁଆ ଜରିଆରେ ପ୍ରଶ୍ନର ଉତ୍ତର ଦେଉଚି । ରାଜଧାନୀରେ ରାଜରାସ୍ତାର ଅଭାବ ଅଛିନା ? ନାହିଁ, ସମସ୍ତେ ସେଇଠି ଲାଇନ୍ ବାନ୍ଧି ବସିବେ । ଭାଇ ନେହୁରା ହୋଇ କହିଲେ–ଏକାଠି ବସିଲେ କି ବେପାର ହେବ ? ଆପଣ ଅନ୍ୟ ଜାଗା ଦେଖନ୍ତୁ । ମୁଁ ବହୁକାଳରୁ ଏଠି ବସିଆସୁଚି । ସେମାନେ ଧମକଚମକ ଦେଉଛନ୍ତି । ଆମେ ବାହାରିଆ ଲୋକ । ଆମ ପଛକୁ କିଏ ଅଛି ? କଳିତକରାଳ କଲେ ପୋଲିସ୍ କେସ୍ ହୋଇପାରେ । ନୂଆ ନୂଆ ଜ୍ୟୋତିଷଙ୍କ ପାଖେ ଗହଳି ଜମୁଚି । ଆମ ରୋଜଗାର ଏକବାରେ କମିଗଲାଣି । କେଉଁଦିନ ପାଞ୍ଚ ଦଶ, କେଉଁଦିନ ଶୂନ । କୁହ ତ ଭାଇ, ଏପରି ସ୍ଥଳେ ଦୁଇଟି ପେଟ ଯେତେବେଳେ ପୋଷିହେଉନି, ଆଉଗୋଟେ ପେଟ ଉପାସରେ ଶୁଖିବ ସିନା ! ଗାଁରେ ଥିଲାବେଳେ ପଇସାର ମୂଲ୍ୟ ବୁଝୁନଥିଲି । କେତେ କଷ୍ଟରେ ସିଏ ଖରାତରାରେ ବସି ଲୋକଙ୍କ ହାତଟେକୁଥିଲେ । ଆଖିରେ ମୋର ଲୁହ ଆସିଯାଉଛି । ମୁଁ ଅଲକ୍ଷଣୀ ନାଟତାମସାରେ ପଇସା ବରବାଦ କରୁଥିଲି । ମାସେ ଖଣ୍ଡେ ଦେଖିବୁ, ଅବସ୍ଥା ନ ଶୁଧୁରିଲେ, ଗର୍ଭପାତ କରେଇନେବି । ଗରିବ ଘରେ ତେଲ କାହିଁ ଯେ ଦୀପ ଜଳିବ ।'

ରାଜଲକ୍ଷ୍ମୀଙ୍କର କୋହ ଉଠିଲା, ସେ ବେଦମ୍ କାନ୍ଦିଲେ । ବାବନ ମୁହଁର ମାଂସପେଶୀଗୁଡ଼ା କଠିନ ହୋଇଆସୁଥିଲା । ଭଗବାନ ! ଏଇ ତମର ନ୍ୟାୟ ! ସନ୍ତାନଟିଏ ପାଇବାକୁ ବାପମା' ମନରେ କି ଆଲୋଡ଼ନ ସୃଷ୍ଟି ହୁଏ, ବୁଝିପାରୁନ, ତୁମେ ପରା କୋଟିକୋଟି ସନ୍ତାନସନ୍ତତିଙ୍କର ଜନକ !

ପୁଣି, କାହିଁକିକେଜାଣି ବାବନ ମନରେ ଆଶଙ୍କା ଆସୁଥିଲା,

Digitized by PPRACHIN, SOA

ରାଜଧାନୀରେ ରାଜଲକ୍ଷ୍ମୀ ପରି ଶଙ୍ଖଶୁଭ୍ର ଅପ୍ରତିମ ପ୍ରତିମା ସୁରକ୍ଷିତ ନୁହଁ । କେଉଁ ସୁନ୍ଦର ବସ୍ତୁଟି ଏଠି ସୁରକ୍ଷିତ ? କାହା ବାଡ଼ିରେ ଛନଛନିଆ ଫୁଲଟିଏ ଫୁଟିଲେ, ଭଦ୍ର ତସ୍କରମାନେ ନଗୀ ନଗେଇ, ନ ହେଲେ ପାଚେରୀ ଚଢ଼ି, ରାତି ପାହିବା ଆଗରୁ ଲୁଟିନିଅନ୍ତି । ସୁନ୍ଦର ଚିଜଟି ଯଦି ଗରିବଘରେ ଥାଏ, ଲୁଟିନେବା ଆହୁରି ସହଜ ହୁଏ । ଭୋକର ଦ୍ୱାହି ଦେଇ, ତାଜମହଲ ଗଢ଼ିବାର ସ୍ୱପ୍ନ ଦେଖେଇ, ସତୀତ୍ୱର ସମାଧି ତିଆରି କରନ୍ତି ।

ନା, ବାବନ ଏମିତି ହେବା ପାଇଁ ଦେବନି । ପଣତକାନିରେ ଲୁହ ପୋଛୁପୋଛୁ ରାଜଲକ୍ଷ୍ମୀ କହିଲେ, 'କେତେଥର ଜିଗର କଲେଣି, ଏଠି ଭଲ ପେଣ୍ଡାଲ ଅଛି– ଚାଲ, ସିନେମାଟେ ଦେଖିଆସିବା । ମୁଁ ମନା କରୁଚି, ସିନେମା ଦେଖିଗଲେ ପେଟ ପୂରିବ ? ଥରେ ସିନେମା ଦେଖିଲେ ଯେତିକି ଖର୍ଚ୍ଚ, ଆମର ପାଞ୍ଚଦିନର ପରିବା ଖର୍ଚ୍ଚ ସାଙ୍ଗରେ ସମାନ ।'

'ଆଚ୍ଛା ଭାଉଜ ! ଗାଁରେ ଛୋଟମୋଟ ବେପାର କରି ଚଳିହବନି ?'

'ହବନି କାହିଁକି ? ଆମ ଗାଁରେ ଟେଲରିଂ ସପ୍‌ଟିଏ ନାହିଁ । ପାଞ୍ଚକିଲୋମିଟର ଖାଲଢିପ ରାସ୍ତାରେ ଗଲେ, ମେନ୍‌ରୋଡ୍ ପଡ଼ିବ । ସେଠୁ ବସ୍ ଧରିଲେ ତିନିକିଲୋମିଟର ପରେ ସହର । ଗାଁ ଝିଅବୋହୂ ସାୟା-ବ୍ଲାଉଜ୍ ସିଲେଇ ପାଇଁ ସହରକୁ ଅନେଇଥା'ନ୍ତି । ପର୍ବପର୍ବାଣିରେ ଛୋଟଛୋଟ ପୁଅଝିଅଙ୍କ ପୋଷାକପତ୍ର ସେହି ସହରରୁ କିଣା ହୁଏ । ଝିଅଦିନେ ସିଲେଇ ଟ୍ରେନିଂ ନେଇଥିଲି । ସାର୍ଟିଫିକେଟ୍ ପାଇଚି । ଶୁଣୁଚି, କଟକ ଲୁଗାବେପାରୀମାନେ କଲିକତାରୁ ଓଜନ ଦର୍‌ରେ କଟ୍‌ପିସ୍ କିଣି ହୋଲ୍‌ସେଲ୍ ରେଟ୍‌ରେ ବିକ୍ରି କରନ୍ତି । ସେଥିରୁ କିଛି କଟ୍‌ପିସ୍ ନେଇ ଜାମା-ପେଣ୍ଟ, ଫ୍ରକ୍-ବ୍ଲାଉଜ୍ ସିଲେଇଲେ ବେଶ୍ ଚାଲିବ । ଘରେ ଦୁଇଟା ମେସିନ୍ ପକେଇ ଆଉଗୋଟେ ଝିଅକୁ ଶିଖେଇଦେଲେ, ଦି'ଜଣ ମିଳିମିଶି କାମ କରନ୍ତୁ । ତମ ଭାଇ ଛୋଟ ଲୁଗାଦୋକାନଟିଏ କରନ୍ତେ । ସେଠି ସାୟା, ବ୍ଲାଉଜ୍, ପ୍ୟାଣ୍ଟ, ସାର୍ଟ ସଙ୍ଗେ କିଛି ଲୁଙ୍ଗି, ଟାୱେଲ, ଗାଁ ମାଇପେ ବ୍ୟବହାର କରୁଥିବା ନିତିଦିନିଆ ଶାଢ଼ି, ଗଞ୍ଜି ରଖିଲେ ମନ୍ଦ ବେପାର ହୁଅନ୍ତାନି । ଲୁଗାବେପାରରେ ଭଲ ପ୍ରଫିଟ୍ । ମାଣେ ଜମି ଅଛି । ମୂଳ ଲଗେଇ ପରିବା ଚାଷ କଲେ, ବେପାରୀମାନେ ଶଗଡ଼ ଲଗେଇ ଦୁଆରମୁହଁରୁ ନେଇଯିବେ । ପାଣି ଅଭାବ

Digitized by PPRACHIN, SOA

ହେବନି । ଚାଷଜମି ପାଖଦେଇ ନାଳଟିଏ ଅଛି । ପନିପରିବା ଦର୍ ଆକାଶଛୁଆଁ, ଲାଭ ହବନି ?'

ବାବନର ମନେପଡ଼ିଲା, ସଲୋନୀ ଅରୋରା ଦେଇଥିବା ପଚାଶ ହଜାର ଟଙ୍କା ବ୍ରିଫ୍‌କେଶ୍‌ରେ ପଡ଼ିଚି । ସେଥିରୁ କିଛି ସତ୍‌କାର୍ଯ୍ୟରେ ଲାଗିଲେ, ଭଲ ହୁଅନ୍ତା ।

'କାଲି ଭାଇଙ୍କୁ ତିରିଶହଜାର ଟଙ୍କା ଦେବି । ଏଠୁ ବସ୍ତାନି ଉଠାଇ ଗାଁକୁ ଫେରିଯାଅ । ଆଉ ପାଆଁଶ ଅଧିକା ଦେବି, ରାଜଧାନୀରେ ପାଞ୍ଚୋଟି ସିନେମା ହଲ୍ ଅଛି । ପ୍ରତିଦିନ ଗୋଟିଏଗୋଟିଏ ଫିଲ୍ମ ଦେଖି ଷଷ୍ଠଦିନରେ ଗାଁକୁ ରମାନା ହୁଅ । ଆଉ କେବେ ବି ଏ ସହରର ମୁହଁ ଚାହିଁବ ନାଇଁ ।'

ରାଜଲକ୍ଷ୍ମୀ ନଇଁପଡୁଥିଲେ, ବୋଧେ ପାଦଧୂଳି ନେଇଥାନ୍ତେ । ବାବନ ପଛକୁ ହଟି ଅନ୍ଧାରରେ ଅଦୃଶ୍ୟ ହୋଇଗଲା ।

ମିଠାହାଣ୍ଡିଟିଏ ଧରି ବିମଳକାନ୍ତ ସାବିତ୍ରୀଙ୍କ ସହ ସନ୍ତୁଙ୍କ ଘରେ ପହଞ୍ଚିଲେ । ସୁରେଖା ସାନଭଉଣୀ ଏବଂ ସାନଜୋଇଁଙ୍କୁ ଦେଖି ଖୁସି ହୋଇଗଲେ । କେତେଦିନ ପରେ ଆସିଲେ । ଏମାନଙ୍କର ଉଜୁଡ଼ା ସଂସାର ପାଇଁ ମନେମନେ କେତେ ବ୍ୟଥିତ ସେ ନହୋଇଛନ୍ତି । ଭଗବାନଙ୍କୁ ପ୍ରାର୍ଥନା କରିଛନ୍ତି–'ହେ ପ୍ରଭୁ ! କି ପାପ ଏମାନେ କରିଥିଲେ ? କେତେ ଦଣ୍ଡ ପାଉଛନ୍ତି । ଉଦ୍ଧାର କରିଦିଅ ।'

ସ୍ପେଶାଲ୍ ମଲାଇ ଚା' ଦୁଇକପ୍ ତିଆରି କରି ଧରେଇଦେଲେ ସୁରେଖା ।

'ଅପା ! ବୋହୂ କୁଆଡ଼େ ଗଲା ? ତୁ କ'ଣ ଚାହା କରି ଆଣୁଚୁ ? ହଁ, ବଡ଼ଲୋକ ଘର ଝିଅ, ଦି'ପହର ନିଦ ଭାଙ୍ଗିନଥିବ ।'

'ମୋ' ବୋହୂ ସକାଳ ଛଅରୁ ରାତି ଏଗାରଯାଏ ଚରଖା ପରି ଘୂରୁଥିବ । ଦିନବେଳା ମୋଟେ ଶୁଏନା ।'

'ବୋହୂ ତେବେ ମନକୁ ପାଇଚି ନା ଅପା ?'

Digitized by PPRACHIN, SOA

'କହିବାକୁ ଅଛି ? ବୈକୁଣ୍ଠପୁରରୁ ସ୍ୱୟଂ ପଦ୍ମାଳୟା ଯେମିତି ଓହ୍ଲେଇ ଆସିଛନ୍ତି ।'

'ରନ୍ଧାବଢ଼ା କରୁଚି ?'

'ସବୁ, ସବୁ । ଘରଯାକର ଦାୟିତ୍ୱ ତା'ର ।'

'ତେବେ, କୁଆଡ଼େ ଗଲା ସେ ? ଏତେ ତାରିଫ୍ କରି ଚାଲିଚୁ । ବୋହୂକୁ ଆମଠୁଁ ଲୁଚେଇ ରଖିଚୁ ନା କ'ଣ ?'

'ନା ମ । ଚା' ଖାଅ । ଗପସପ କରୁଥିବା, ସିଏ ଆସିଯିବ ।'

'ବାପଘରକୁ ଯାଇଚି କି ?'

'ଆସିବା ଦିନରୁ ଥରଟେ ବି ଯାଇନି । ବାପ-ମା' ଆସି ଦେଖିଯାଆନ୍ତି ।'

ବିମଳକାନ୍ତ, ସାବିତ୍ରୀ କିଛି ବୁଝିପାରୁନଥିଲେ । ବାହାଘରର ଅନେକଦିନ ପରେ ସେମାନେ ଆସିଛନ୍ତି। ବୋହୂର ଦେଖା ନାହିଁ, ଶାଶୁ ଖାଲି ବଚନିକା ଝାଡୁଛି ।

'ବିନ୍ଦୁଛାୟା ପରି ବୋହୂ ମିଳିବେନି । ସନ୍ଧ୍ୟାବେଳ ତ, ଜପଧ୍ୟାନ କରୁଚି ।'

ସ୍ୱଗତୋକ୍ତି କଲା ପରି ସୁରେଖା କହିଲେ ।

'ସନ୍ନ୍ୟାସିନୀ ହୋଇଗଲାଣି ନା କ'ଣ ?'

'ସନ୍ନ୍ୟାସିନୀ କାହିଁକି ହେବ ! ଗୃହସ୍ଥମାନେ କ'ଣ ଜପଧ୍ୟାନ କରିବା ମନା ?'

'ଯୋଗୀ ସନ୍ନ୍ୟାସୀମାନେ ଜପଧ୍ୟାନ କରନ୍ତି । ଗୃହସ୍ଥୀ ଯଦି ସେଥିରେ ମାତିଲା, ସଂସାର ପ୍ରତି ବିରାଗ ଭାବ ଆସିଯିବ । ସଂସାର ଭାଙ୍ଗି ଚୂର୍‌ମାର ହୋଇଯିବ । ଏତେ କଞ୍ଚା ବୟସର ଝିଅଟାକୁ ଏସବୁ କରିବା ପାଇଁ ଅନୁମତି କାହିଁକି ଦେଉଚୁ ? କେବେଠୁଁ ଏ ପାଲା ଚାଲିଲାଣି ?'

ସାବିତ୍ରୀଙ୍କର ଏ ପ୍ରକାର କଟାକ୍ଷ ସୁରେଖାଙ୍କୁ ଭାରି କଷ୍ଟଦେଲା । ଏସବୁ ଆଜି ନୂଆ ନୁହେଁ, ପ୍ରଭାକର ଲତିକାକୁ ଧରି ଘରଛାଡ଼ି ପଳେଇବା ଦିନରୁ ସ୍ୱାମୀସ୍ତ୍ରୀ ଦିହେଁ ସୁଯୋଗ ପାଇଲେ ବାକ୍ୟବାଣରେ ତାଙ୍କୁ ଶରବିଦ୍ଧ କରନ୍ତି । କି ଲାଭ ସେମାନେ ପାଆନ୍ତି କେଜାଣି ! ନିଜେ ଦୁଃଖୀ ବୋଲି ଅନ୍ୟର ସୁନାର ସଂସାର ଦେଖି ସହି ନପାରି ହିଂସାରେ ଜଳିଯାଆନ୍ତି । ସୁରେଖାଙ୍କ

Digitized by PPRACHIN, SOA

ମନରେ ଆବିଳତା ନଥାଏ, କହନ୍ତୁ । କହିବା ଲୋକ ବଡ଼ ନୁହେଁ, ସହିବା ଲୋକ ବଡ଼ ।

'ବିନ୍ଦୁ ମନକୁମନ ଧ୍ୟାନଜପ କରୁଚି, ନା କିଏ ଶିଖେଉଚି ?' ସାବିତ୍ରୀ ପୁନଶ୍ଚ ପ୍ରଶ୍ନ କଲେ ।

'ସ୍ୱାମୀ ରମ୍ୟକନାଥଙ୍କ ପାଖରୁ ଦ'ବର୍ଷ ତଳେ ଶୋଭନ ଦୀକ୍ଷା ନେଇଥିଲା । ବ୍ୟାଙ୍କ୍ କାମରେ ତା'ର ସମୟଅସମୟ ରହୁନି । ସାଧନ ଭଜନରେ ମନ ଦେଇପାରୁନି । ବୋହୂ ଗତମାସରେ ଦୀକ୍ଷା ନେଲା । ପରିବାର କଥା ବୁଝି, ଯଦି ସକାଳସନ୍ଧ୍ୟାରେ ଈଶ୍ୱର ଚିନ୍ତା କରିପାରୁଛି, କାହାରି କିଛି କ୍ଷତି ହେଉନି ସେଥିରେ । ତା' ଗୁରୁ ତାକୁ ଏପରି ଶିକ୍ଷା ଦେଇନାହାନ୍ତି ଯେ ସାଂସାରିକ କାମରେ ଅବହେଳା କରି ମାଳା ଜପିବ । ମୁଁ ଅନ୍ୟ ଘରର ଝିଅବୋହୂମାନଙ୍କୁ ଦେଖୁନି ? ସନ୍ଧ୍ୟା ସାତରୁ ଟିଭି ସିରିଏଲ୍ ଦେଖୁଥିବେ, ରାତି ସାଢ଼େଏଗାର ପର୍ଯ୍ୟନ୍ତ । ମୋ' ବୋହୂ ସପ୍ତାହରେ ମାତ୍ର ତିନି ଚାରୋଟି ସିରିଏଲ୍ ଦେଖେ ।'

ଏଯାବତ୍ ନୀରବ ହୋଇ ବସିଥିବା ବିମଳବାବୁ କହିଉଠିଲେ–'ଅପା ! ତମେ ଦୀକ୍ଷା ନେଇଗଲନି ? ଶାଶୁବୋହୂ ଏକାଠି ବସି ସାଧନା କରୁଥାଆନ୍ତ ।'

ଇଏ ବି ଏକପ୍ରକାର ଶ୍ଲେଷୋକ୍ତି ।

'ଯେତିକି ବୁଝିଚି, ଆଧ୍ୟାତ୍ମିକ ସାଧନା ପାଇଁ ଯୌବନ ଉପଯୁକ୍ତ ସମୟ । ମୋ'ର ବଳବୟସ ହଟିଲାଣି । ସବୁଦିନେ ଅଧ୍ୟାୟେ ଭାଗବତ ପଢ଼େ, ସେଇ ଯଥେଷ୍ଟ । ଗୋଟିଏ ପ୍ରାର୍ଥନା ସବୁଦିନେ କରେ–ହା କୃଷ୍ଣ ବୋଲି ଯାଉ ଜୀବ, ମୋତେ ଉଦ୍ଧର ରାଧାଧବ । ସଂସାରରେ କି ସୁଖ ଅଛି କହିଲୁ, ସାବିତ୍ରୀ । ସୁଖ ପଛରେ ଧାଇଁବାଟା ସାର । ସଂସାର ଯାତନା ଅତୀବ କଠିନ, ପରାଣ ଦହକୁଥାଏ, ପ୍ରଭୁନାମ ଧରି ପାରିହେଉଥିଲେ ଜୀବନ ଉଶ୍ୱାସ ହୁଏ ।'

ଏଇମିତି ବାର୍ତ୍ତାଳାପ ଚାଲିଥିବା ଅବସରରେ ବିନ୍ଦୁଛାୟା ଆସିଲେ । ମୁଣ୍ଡରେ ଓଢ଼ଣା, ପାଦରେ ପାଉଁଜି, ସୀମନ୍ତରେ ଦାଉଦାଉ କରୁଚି ସିନ୍ଦୂର ରେଖା ।

ବିମଳ ଓ ସାବିତ୍ରୀ, ଉଭୟଙ୍କର ହୃଦୟ ଯେମିତି କରତି ହୋଇଯାଉଥାଏ ।

Digitized by PPRACHIN, SOA

ମଉସାମାଉସୀଙ୍କ ପାଦଧୂଳି ନେଇ ବିନ୍ଦୁ ପ୍ରଣାମ କଲେ ।

ସାବିତ୍ରୀ ତା' ହାତଧରି ପାଖରେ ବସେଇଲେ । କହିଲେ 'ତୋ ଶାଶୁ କହୁଥିଲେ, ତୁ ଗୋଟାଏ କ'ଣ ଆଧ୍ୟାତ୍ମିକ ସାଧନା କରୁଛୁ ?'

ବିନ୍ଦୁ ଲାଜେଇଗଲେ ।

'ସେମିତି କିଛି ନୁହେଁ । ଗୁରୁଙ୍କ ନିର୍ଦ୍ଦେଶ ଅନୁଯାୟୀ ଜପ କରୁଚି, ଧ୍ୟାନରେ ବସୁଚି ।'

'ଆଜିକାଲି କେତେ ଠକ ସାଧୁବେଶରେ ସରଳ ଲୋକଙ୍କୁ ଭଣ୍ଡାଉଛନ୍ତି । ତୋ' ଗୁରୁ ଠିକ୍ ଗୁରୁ ନା ପ୍ରଚଣ୍ଡ ଠକଟାଏ । ଏ ବୟସରୁ ରାମନାମ ଜପିବ ? ତୁ କ'ଣ ବୁଢ଼ୀ ହୋଇଗଲୁଣି ?'

ବିମଳକାନ୍ତ ଯେମିତି ଶାଣିତ ପ୍ରତିଶୋଧ ନେଉଛନ୍ତି ।

ବିନ୍ଦୁଛାୟା ଛିଡ଼ା ହୋଇପଡ଼ିଲେ । ସ୍ୱାମୀଜୀ କହିଥିଲେ, ଯେଉଁ ସ୍ଥାନରେ ଦେବତା, ଗୁରୁଙ୍କର ନିନ୍ଦା ରଟନା ହୁଏ, ସେ ସ୍ଥାନ ତୁରନ୍ତ ପରିତ୍ୟାଗ କରିବ ।

କି କଠିନ ପରୀକ୍ଷାରେ ପକାଇଛନ୍ତି ଗୁରୁଦେବ ! ଏଣୁ ମାଇଲେ ବ୍ରହ୍ମହତ୍ୟା, ତେଣୁ ମାଇଲେ ଗୋହତ୍ୟା । କ'ଣ ସେ କରିବେ ? ଏ ହୀନ ମନୋବୃତ୍ତିର ଗୁରୁଜନମାନଙ୍କୁ ସେ କି ଜବାବ ଦେବ ?

'ମଉସା ! ଆପଣ ଆଉ ମାଉସୀ ବୁଢ଼ାବୁଢ଼ୀ ହୋଇନାହାନ୍ତି ? କେତେ ରାମନାମ ଜପ କରୁଛନ୍ତି ? କାମଳ ରୋଗୀକୁ ଚଉଦିଗ ହଳଦିଆ ଦେଖାଯାଏ । ଯେଉଁ ବିଷୟରେ ଜାଣିନାହାନ୍ତି, ସେ ବିଷୟରେ ଅନଧିକାର ଚର୍ଚ୍ଚା କରନ୍ତୁ ନାହିଁ ।'

ବିମଳବାବୁଙ୍କ ମୁହଁ କଳା ପଡ଼ିଗଲା । ସ୍ୱାମୀଙ୍କର ଏ ଅପମାନ ସାବିତ୍ରୀଙ୍କ ପକ୍ଷରେ ଅସହ୍ୟ ହେଲା । କାଲିକା ଟୋକୀ ମୁହଁ ଉପରେ ଜବାବ ଦେଉଚି ! ମନେମନେ ନିଜକୁ ଭାରି ବିଜ୍ଞ ଭାବୁଚି ! କ୍ରୋଧ ଉଦ୍‌ଗାରି ଆକ୍ରମଣାତ୍ମକ ଭଙ୍ଗୀରେ କହିଲେ,'ତୋ ଗୁରୁ ଏତେ ବଡ଼ ? କି ଶକ୍ତି ଅଛି ତାଙ୍କର ?'

ବିନ୍ଦୁଛାୟା ଦେଖିଲେ, ଇଏ ଏକପ୍ରକାର ଧର୍ମଯୁଦ୍ଧ । ଓହରିଯିବା ଅର୍ଥ ଈଶ୍ୱରଙ୍କୁ ଅପମାନ । ସମ୍ମୁଖ ଯୁଦ୍ଧ ପାଇଁ ନିଜକୁ ପ୍ରସ୍ତୁତ କଲେ ସେ ।

Digitized by PPRACHIN, SOA

ଶାନ୍ତ ସ୍ୱରରେ ଜବାବ ଦେଲେ, 'ମୋ ଗୁରୁ ସାକ୍ଷାତ ପରମେଶ୍ୱର । ପରମେଶ୍ୱରଙ୍କର ଯାହାଯାହା ଶକ୍ତି ଅଛି, ତାଙ୍କ ପାଖରେ ସେଇସେଇ ଶକ୍ତି ଅଛି ।'

'ତୋ' ମଥାକୁ ସେ ଚୋବେଇ ଖାଇଛନ୍ତି ।'

'ଆପଣମାନଙ୍କ ମଥାରେ ଚକ୍ରେ ଲେଖା ଆବର୍ଜନା ଭର୍ତ୍ତି ହୋଇଚି ।'

'ଦେଖୁଚୁ ଅପା ! ତୋ' ବୋହୂ କିଭଳି ଆମକୁ ଅପମାନିତ କରୁଚି ? ଆଉ କେବେ ଆମେ ତମଘରେ ଥରେହେଲେ ବି ପାଦ ଦେବୁନାହିଁ । ବଡ଼ଘର ଝିଅ ବୋଲି ଏତେ ଗର୍ବ, ଏତେ ଅହଂକାର ?'

ଦୁହେଁ ରାଗତମତମ ହୋଇ ଉଠି ଚାଲିଗଲେ । ସୁରେଖା ନୀରବରେ ବସିଥାଆନ୍ତି । ପଦଟିଏ କଥା ଉଚ୍ଚାରଣ କରିନାହାନ୍ତି ।

ବିନ୍ଦୁ ବିଛଣାରେ ଶୋଇ କାନ୍ଦିବାକୁ ଲାଗିଲେ । କହୁଥା'ନ୍ତି,'ହେ ଗୁରୁଦେବ ! ହେ ପରମାତ୍ମନେ ! ହେ ଅଖଣ୍ଡ ମଣ୍ଡଳାକାର । ତୁମେ ସର୍ବତ୍ର ବ୍ୟାପିରହିଚ । ମତଃ ପ୍ରାଣ ଶ୍ରୀ ଗୁରୋଃ ପ୍ରାଣ, ମଦ୍ଦେହୋ ଗୁରୁ ମନ୍ଦିରମ୍ । ପୂର୍ଣ୍ଣମନ୍ତ୍ର ବର୍ହିଯେନ, ତସ୍ମୈ ଶ୍ରୀ ଗୁରବେ ନମଃ । ଗୁରୋ ର୍ମଧ୍ୟେ ସ୍ଥିତ ବିଶ୍ୱଂ, ବିଶ୍ୱ ମଧ୍ୟେ ସ୍ଥିତ ଗୁରୁଃ । ଗୁରୁର୍ବିଶ୍ୱଂ ନମସ୍ତୁତେ, ବିଶ୍ୱଗୁରୁଂ ନମାମ୍ୟହମ୍ ।

'ଗୁରୁଜନମାନଙ୍କୁ ଭର୍ତ୍ସନା କରିବା ଦ୍ୱାରା ମୋ'ର ଯଦି କିଛି ଦୋଷାଦୋଷ ହୋଇଥାଏ, କ୍ଷମା କରନ୍ତୁ । ଗୁରୁଙ୍କ ନିନ୍ଦା ରଟନା ସହ୍ୟ କରି ନପାରି ମୁଁ ଯଦି ସୀମାତିକ୍ରମ କରିଥାଏ, ମୋତେ ଦଣ୍ଡ ଦିଅନ୍ତୁ ।'

ଆଖି ଦୁଇଟି ଆପେଆପେ ବୁଜି ହୋଇଗଲା ।

ଚକ୍ଷୁପଟଳରେ ଉଦ୍‌ଭାସିତ ହେଲା, ଗୁରୁଦେବଙ୍କର ଅନ୍ୟ ଏକ ରୂପ । ଗୁରୁଙ୍କର ଶାନ୍ତ ସୌମ୍ୟ ଜ୍ୟୋତିର୍ମୟ ରୂପର ଦର୍ଶନ ସେ ବରାବର ପାଉଥିଲେ । ଏବେ ଇଏତ ଭୟଙ୍କର ବ୍ୟୋମକେଶ ରୂପ । ଲମ୍ବା କେଶଗୁଡ଼ିକ ଝଡ଼ରେ ଉଡ଼ୁଛନ୍ତି । କେଶାଗ୍ରରୁ ଝରିଚାଲିଚି ଶତ ଶତ ଅଗ୍ନିସ୍ଫୁଲିଙ୍ଗ । ମୁଁ ନିଶ୍ଚେ ଅକ୍ଷମଣୀୟ ଅପରାଧ କରିଛି । ନଚେତ୍ ଗୁରୁଦେବଙ୍କର ଏ ପ୍ରଳୟଙ୍କରୀ ମୂର୍ତ୍ତି କାହିଁକି ?

ସୁଶୋଭନ ବ୍ୟାଙ୍କରୁ ଫେରିଲା ପରେ ଏ କଥା ଜାଣିଲେ । କିନ୍ତୁ କିଛି ମନ୍ତବ୍ୟ ଦେଲେନି ।

Digitized by PPRACHIN, SOA

ଦିଲେଶ୍ୱରଙ୍କ ଆଗରେ ସୁରେଖା ସବୁ ବର୍ଣ୍ଣନା କରିବା ପରେ ସେ ଚିତ୍କାର କଲେ,'ମୋ ବୋହୂ ଠିକ୍ କରିଚି । ଏତେ ଈର୍ଷା, ଏତେ ଅବଜ୍ଞା କାହିଁକି ? ଆମ ଘରେ ଆମେ ଲଙ୍ଗଳା ହୋଇ ନାଚିଲୁ, ସେମାନଙ୍କର ସେଥିରେ କ'ଣ ଯାଏ ଆସେ ? ନ ଆସନ୍ତୁ ସେମାନେ । କେବେ କିଛି ସାହାଯ୍ୟ କରିଛନ୍ତି ଆମକୁ ? ସବୁବେଳେ ନିମ୍ନଦୃଷ୍ଟିରେ ଦେଖନ୍ତି । ଆମେ କ'ଣ ନର୍କର କୀଟ, ନା ରାସ୍ତାକଡ଼ରେ ପଡ଼ିଥିବା ଅନାଥ ଛୁଆ ? ମୋ ପିଲାଛୁଆଙ୍କ ଉପରେ କାହିଁକି ଏତେ ରାଗ ସେମାନଙ୍କର ? ତୁମେ ମୁଁ, ଯାହା ମୁହଁ ଖୋଲି କହିବା ପାଇଁ ସଙ୍କୋଚ କରୁଥିଲେ, ବୋହୂ ଏତେବେଳେ ସେ କାମଟି ସାରିଦେଇଚି ।'

ବିନ୍ଦୁଛାୟା ଶୁଣିପାରିଲେ, ଶଶୁର ଉତ୍ତେଜିତ ସ୍ୱରରେ କିଛି କହୁଛନ୍ତି । ବାହାରିଆସି ତାଙ୍କ ଦୁଇହାତକୁ ଧରି କହିଲେ–'ବାପା ! ମୋ'ର ଭୁଲ୍ ହୋଇଯାଇଚି । ସେମାନେ ଆପଣଙ୍କର ସଂପର୍କୀୟ । ସେମାନଙ୍କୁ ଏଭଳି ଭାବେ ଅପମାନିତ କରିବାର ଅଧିକାର ମୋ'ର ନାହିଁ । ମୁଁ ସେମାନଙ୍କ ପାଦଧରି କ୍ଷମା ମାଗିବା ପାଇଁ ପ୍ରସ୍ତୁତ ।'

ଦିଲେଶ୍ୱରଙ୍କର ରାଗ ଥମି ନଥିଲା । ସେ ଉଚ୍ଚସ୍ୱରରେ କହିଲେ, 'କ'ଣ କହିଲୁ, କ୍ଷମା ମାଗିବୁ ? ତୁ ଏ ଘରର ଲକ୍ଷ୍ମୀ । ଘରର ମାନଇଜ୍ଜତ ରକ୍ଷା କରିବା ତୋ'ର ଦାୟିତ୍ୱ । ତୁ ତୋ'ର କର୍ତ୍ତବ୍ୟ କରିଚୁ, ସେଥିପାଇଁ ମୁଁ କେତେ ଗର୍ବିତ, ତୁ ତାହା ବୁଝିପାରିବୁନି ।'

ବିନ୍ଦୁଛାୟା ପ୍ରଥମଥର ପାଇଁ ଅନୁଭବ କଲେ, ଯାହାଙ୍କୁ ସେ ଏତେକାଳ ଜଣେ ଅର୍ଥପିପାସୁ ବୋଲି ଜାଣିଥିଲେ, ତାଙ୍କର ଅନ୍ତର ତଳେ ସ୍ୱାଭିମାନର କେତେ ଉଚ୍ଛ୍ୱସିତ ତରଙ୍ଗ ।

କ୍ଷୀରବାଲା ସକାଳୁ ଆସି ଡୋର୍ ବେଲ୍ ବଜାଇଲା । ସବୁଦିନ ଠିକ୍ ଏଇ ସମୟରେ ସେ ଆସେ । ଦିଲେଶ୍ୱର ଦରଜା ଖୋଲି କ୍ଷୀର ନେଲାବେଳେ ଦେଖିଲେ, ପାହାଚ ଧାରରେ କିଏ ଦି'ଜଣ ସ୍ତ୍ରୀ ପୁରୁଷ ବସିଛନ୍ତି । କିଏ ଏମାନେ ?

ବିମଳକାନ୍ତ, ସାବିତ୍ରୀ । କଳାକାଠ ପଡ଼ିଯାଇଛନ୍ତି ସେମାନେ । ରାତିରେ ଯେଉଁ ଲୁଗାପଟା ପିନ୍ଧି ଶୋଇଥିଲେ, ତାକୁ ବଦଳେଇ ପାରିନାହାନ୍ତି । କିଛି ନ କହି ଘରଭିତକୁ ଯାଇ ସେ ସୁରେଖାଙ୍କୁ ପଠେଇଦେଲେ ।

Digitized by PPRACHIN, SOA

'ବିମଳବାବୁ ! ସାବିତ୍ରୀ !! ଏଠି ଏମିତି ବସିଚ କାହିଁକି ? ଘର ଭିତରକୁ ଆସ ।. କେତେବେଳୁ ଆସିଲଣି ?'

ଦିହିଁଙ୍କ ମୁହଁରେ ଭାଷା ନାହିଁ ।

ଗତକାଲିର ଅପ୍ରୀତିକର ଘଟଣାକୁ ଭୁଲିଯାଇ ସମସ୍ତେ ଉଦ୍‌ଗ୍ରୀବ ଥିଲେ, କ'ଣ ହୋଇଚି ଜାଣିବା ପାଇଁ । ସୁଶୋଭନ ମୁହଁ ଖୋଲିଲେ–'ମାଉସୀ ! ଏସବୁ କ'ଣ ? ପାହାଚ ପାଖରେ ବସିଲେ, ବେଲ୍ ମାରିଲେନି ? ଏତେ ସକାଳୁ... ସକାଳୁ ?'

'ବଡ଼ ଭୁଲ୍ ହୋଇଯାଇଚିରେ ବାପା ! ରାତିରେ ଆମେ ଶୋଇବାକୁ ଗଲୁ । ଆଖି ବୁଜିବା ମାତ୍ରେ ଆମ ଦି'ଜଣଙ୍କୁ ଭୟଙ୍କର ରୂପ ଦେଖାଗଲା । ଜଣେ ସନ୍ନ୍ୟାସୀ କ୍ରୋଧ ଜରଜର ଦୃଷ୍ଟିରେ ଚାହିଁଛନ୍ତି, ହାତରେ ତ୍ରିଶୂଳ ଧରି ଆମ ଆଡ଼କୁ ଲକ୍ଷ୍ୟ କରିଛନ୍ତି । ଆଖି ଖୋଲିଦେଲୁ ଭୟରେ । କେତେ ଅନେଇରହିବୁ ? ଆଖି ବନ୍ଦ୍ କଲା ମାତ୍ରେ ସେଇ ଭୟଙ୍କର ରୂପ । ରାତିସାରା ଆଖିରେ ନିଦନାହିଁ ! ଅନେଇଅନେଇ ଆଖିରୁ ଲୁହ ଝରି ଅସମ୍ଭାଳ ଅବସ୍ଥା । ତୋ ଗୁରୁ ଯେବେ ଆସିବେ, ଆମକୁ ତାଙ୍କ ପାଖକୁ ନେଇଯିବୁ ?'

ସୁଶୋଭନ ନିସ୍ପୃହ ସ୍ୱରରେ ଉତ୍ତର ଦେଲେ–'ସେ ଦାୟିତ୍ୱ ନେଇପାରିବି ନାହିଁ । ବିନ୍ଦୁ ଯଦି ଇଚ୍ଛା କରେ, ସେ ନେଇପାରେ ।'

ସେମାନଙ୍କୁ ଗାଡ଼ିରେ ନେଇ ତାଙ୍କ ଘରେ ଛାଡ଼ିଆସିଲେ ସୁଶୋଭନ ।

ବିନ୍ଦୁଚ୍ଛାୟା ସକାଳର ଧ୍ୟାନରେ ଗୁରୁଦେବଙ୍କର ପ୍ରଶାନ୍ତ ସ୍ନିଗ୍ଧ ଜ୍ୟୋତିର୍ମୟ ରୂପର ଦର୍ଶନ ପାଇଲେ ।

ସେଠ୍ ନାଗରମଲ ଥରେ ଖୋଜିକିନା ଯାଇଥିଲେ । ବାବନ ନଥିଲା । ମନ୍ତ୍ରୀଜୀଙ୍କ ସାଙ୍ଗରେ ଦିଲ୍ଲୀ ଯାଇଥିଲା ।

ଦିଲ୍ଲୀରୁ ଫେରିବାର ଦୁଇଦିନ ପରେ ଫେର୍ ପହଞ୍ଚିଲେ ।

'ପଣ୍ଡିତଜୀ ! କଥାଟେ ଥିଲା ।'

Digitized by PPRACHIN, SOA

'କହନ୍ତୁ ।'

'ଆପଣ ଜାଣିଥିବେ, ସମୁଦିଙ୍କ ସାନପୁଅ ବାହାଘରକୁ ଯୋଧପୁର ଯାଇଥିଲି । ସେ ନୂଆବୋହୂଟାକୁ ପ୍ରେତ ଗ୍ରାସ କରୁଚି । ମଧୁଶଯ୍ୟା ରାତିରେ ବରକୁ ପିଟାମରା କଲା । ଭଦ୍ରଘରର ସନ୍ତାନ । ମୁହଁ ଖୋଲି କାହାକୁ କିଛି କହିଲା ନାହିଁ । ଏ ପର୍ଯ୍ୟନ୍ତ ସ୍ୱାମୀ-ସ୍ତ୍ରୀ ସଂପର୍କ ସ୍ଥାପିତ ହୋଇପାରିଲା ନାଇଁ । ଏବେ କ'ଣ ହୋଇଛିନା, ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଦୁର୍ବ୍ୟବହାର କରୁଛି । ଜିନିଷପତ୍ର ଫିଙ୍ଗାଫୋପଡ଼ା କରୁଛି । ବିନା କାରଣରେ କି ଅସଭ୍ୟ ଭାଷା ପ୍ରୟୋଗ କରୁଚି । ପ୍ରେତ ଲାଗିବା ପରି ବ୍ୟବହାର କରୁଚି । ଓଝା, ଗୁଣିଆ ଡକେଇଲେ ଘରକଥା ପଦାରେ ପଡ଼ିବ । ଯେତେ ଯିଏ ଯାହା ବୁଝେଇଲେ ବି ବୋହୂ ବୁଝିବାକୁ ନାରାଜ । ପରିବାରସାରା ମୁଣ୍ଡରେ ହାତଦେଇ ବସିଛନ୍ତି । ଏଥକୁ ଉପାୟ କ'ଣ ?'

ବାବନ କିଛି ସମୟ ନୀରବ ରହିବା ପରେ କହିଲା, 'ଭୂତପ୍ରେତ ସବୁ ମିଛ । ଝିଅଟାର ଚରିତ୍ର, ଗୁଣଗ୍ରାମ ଆଦୌ ଭଲନୁହେଁ । ଜଣେ ବିଧର୍ମୀ ଯୁବକକୁ ପ୍ରେମ କରୁଥିଲା । ତା' ବାପା ମା' ସବୁ ଜାଣିଛନ୍ତି । ରକ୍ଷଣଶୀଳ ମାରୁଓ୍ୱାଡ଼ି ପରିବାର ଜାତି ବାହାରେ ବାହାଦେବାକୁ ରାଜି ହୋଇଥାଆନ୍ତେ କେମିତି ? ପ୍ରେମିକ ତାକୁ ଶିଖେଇ ଦେଇଚି । ତା'ରି ମନ୍ତ୍ରଣାରେ ସେ ଭୂତ ଲାଗିବା ପରି ଅଭିନୟ କରୁଚି । ଆପଣଙ୍କ ସମୁଦି ତାକୁ ଘରୁ ତଡ଼ିଦେଲେ, ସେ ଦିହେଁ ରେଜେଷ୍ଟ୍ରୀ ମ୍ୟାରେଜ୍ କରି ସୁଖରେ ରହିବେ ।'

'ଏ ତ ଅସୁନ୍ଦର କଥା । ସମୁଦିଙ୍କର ଖାନ୍‌ଦାନି ଘର । ନୂଆବୋହୂ କରି ଆଣିଥିବା ଝିଅଟାକୁ କେଉଁ ବିବେକରେ ତଡ଼ିଦେବେ ? ବନ୍ଧୁବାନ୍ଧବ କ'ଣ କହିବେ ! କହିବେ, ବୋହୂଟାର ଚିକିତ୍ସା ନ କରି ବାହାର କରିଦେଲେ ! ଇଜ୍ଜତ ମହତ ରହିବଟି ?'

'ସମୁଦିଙ୍କୁ ପରାମର୍ଶ ଦିଅନ୍ତୁ, ବୋହୂକୁ ଡାକ୍ତରଙ୍କ ପାଖକୁ ନେଇଯିବେ । ଡାକ୍ତର ପାଖରେ ସେ ଭୂତ ଲାଗିବାର ଆହୁରି ଭଲ ଅଭିନୟ କରିବ । ଡାକ୍ତରମାନେ ଭୂତପ୍ରେତରେ ବିଶ୍ୱାସ କରନ୍ତି ନାହିଁ । ମସ୍ତିଷ୍କ ବିକୃତି ବୋଲି ଲେଖିଦେବେ । ସେଇ ରିପୋର୍ଟ ଉପରେ କୋର୍ଟରେ ଡାଇଭର୍ସ ସୁଟ୍ ଫାଇଲ୍ କରିବେ । ବୋହୂ ହସିହସି ସମ୍ମତି ଦେଇଦେବ । ଅପ୍ରୀତିକର ପରିସ୍ଥିତିରୁ

Digitized by PPRACHIN, SOA

ଉଦ୍ଧାର ମିଳିଯିବ । ତାଙ୍କର ଗୋଟେ ଝିଅକୁ ଆପଣ ବୋହୂକରି ଆଣିଛନ୍ତି । ସେ ଏହି ଜଗନ୍ନାଥ ଦେଶରୁ ଝିଅଟିଏ ଦେଖନ୍ତୁ । ସାନପୁଅକୁ ବାହା କରିଦେବେ । ସୁଖଶାନ୍ତି ଫେରିଆସିବ ।'

'ମୁଁ ଯାଏ, ସଙ୍ଗେସଙ୍ଗେ ଟେଲିଫୋନ୍ କରି ଏସବୁ କଥା ଜଣେଇଦେଉଚି ।'

ମନ୍ତ୍ରୀ ଯାଇଛନ୍ତି ଗସ୍ତରେ । କ୍ୱାଟର୍ସଟା ଶୂନ୍‌ଶାନ୍ । ଲୋକଗହଳି ନାହିଁ । ଟହଲିଆମାନେ କିଏ ସୋଫା ଉପରେ ତ କିଏ ମସିଣା ପାରି ଘୁଙ୍ଗୁଡ଼ି ମାରୁଛନ୍ତି । ନନା ରୋଷେଇ ସାରି ବାଢ଼ିଦେବ । ନିଦରୁ ଉଠି ଗେଫାଏ ମାରି ପୁଣି ଶୋଇବେ । ମନ୍ତ୍ରୀ ହେଡ୍‌କ୍ୱାଟର୍ସରେ ଥିଲାବେଳେ ଗଧଖଟଣି । ସକାଳ ସାତରୁ ରାତି ବାର । ମନ୍ତ୍ରୀ ନଥିବା ବେଳେ ଅଖଣ୍ଡ ନିଦ୍ରା । ବାବନ ହତା ଭିତର ଆମ୍ବଗଛ ମୂଳେ ମୋଲ୍‌ଡେଡ୍ ଚଉକିଟି ପକେଇ ବସିଲା । ଉଦାସ ନୟନରେ ଜନପଥକୁ ଚାହିଁରହିଲା । ଗୋଟାଏ ପରେ ଗୋଟାଏ ପେଁ ପାଁ କରି ମଟରକାର୍ ଛୁଟୁଚି । ଦୁଇଚକିଆ ଯାନରେ ଦୁଇ କି ତିନିଜଣ ବସି ଯାଉଛନ୍ତି । ଦୁଇଜଣ ବସିବା ଯୁଗ ଗଲାଣି । ସଦସ୍ୟ ସଂଖ୍ୟା ଦୃଷ୍ଟିରୁ ଯେଉଁ ପରିବାରର କାର୍‌ଟିଏ ଆବଶ୍ୟକ, ସେମାନେ ସମସ୍ତେ ଗୋଟେ ସ୍କୁଟରରେ ଖୁନ୍ଦାଖୁନ୍ଦି ହୋଇ ବସିଯାଆନ୍ତି । ଚାଳକର ଗୋଡ଼ ପାଖରେ ବେଗ୍ ସୁଟ୍‌କେଶ ଗଦା ହୋଇଥାଏ । ଯାହା ଘଟିବା କଥା, ଘଟେ । ଦୁଇଚକିଆ ଯାନ କେଉଁଠି ପିଟି ହୋଇଗଲେ, ଆରୋହୀମାନେ ରାସ୍ତାକଡ଼ରେ ଲହୁଲୁହାଣ ହୋଇ ଚିଙ୍ଗୁଡ଼ିମାଛ ପରି ଛାଟିପିଟି ହେଉଥାଆନ୍ତି ।

ଏତେବଡ଼ ରାଜଧାନୀରେ କେତୋଟି ମାସ ବିତିଗଲାଣି, ବାବନ କାହା ସହିତ ଭାବଦୋସ୍ତି କରିପାରିଲା ନାହିଁ । ଅସହାୟ ମଣିଷଗୁଡ଼ା ତା' ପାଖେ ଭାରୀ ନିଉନ ଦେଖାଯାଆନ୍ତି । ସମାଜ ଯେଉଁମାନଙ୍କୁ ଉଚ୍ଚବର୍ଗର ସମ୍ମାନ ଦିଏ, ସେମାନେ ନିଜ ପାଖରେ କେତେ ଦୁର୍ବଳ ସତେ ! ଭାଗ୍ୟ ମଧ୍ୟ ତା' କାରସାଦି ଛାଡ଼ିନଥାଏ । ଗୋଟେ ପରେ ଗୋଟେ ଖଞ୍ଜିଦେଇଥାଏ ଛୋଟବଡ଼ ଖିଲ ।

Digitized by PPRACHIN, SOA

ଶୋଭନ ବ୍ୟାଙ୍କ ଯିବା ପାଇଁ ପ୍ରସ୍ତୁତ ହେଉଥା'ନ୍ତି । ବିନ୍ଦୁ ଟିଫିନ୍‌ରେ ମଧ୍ୟାହ୍ନ ଭୋଜନ ସଜାଡୁଥା'ନ୍ତି । ରୋଷେଇଘର ଭିତରକୁ ପଶିଆସି ଶୋଭନ କହିଲେ–'ସାବିତ୍ରୀ ମାଉସୀ ଟେଲିଫୋନ୍ କରିଛନ୍ତି । ତୁମ ସହ କଥାବାର୍ତ୍ତା କରିବାକୁ ଚାହୁଁଛନ୍ତି ।'

ଟିଫିନ୍ କ୍ୟାରିୟର୍ ସ୍ୱାମୀଙ୍କ ହାତକୁ ବଢ଼େଇଦେଇ ବିନ୍ଦୁ କହିଲେ– 'ମୋ' ସାଙ୍ଗେ ତାଙ୍କର କି କଥା ! ମା'ଙ୍କୁ ଡାକିଦେଲନି ?'

'ସେ ତୁମକୁ ଡାକୁଛନ୍ତି । ଯାଅ । ଦି'ପଦ କଥାହୋଇଯାଅ ।'

କଥା ନବଢ଼େଇ ବିନ୍ଦୁ ରିସିଭର୍ ଧରିଲେ ।

'ହେଲୋ, ନମସ୍କାର ।'

ବିନ୍ଦୁ ଗମ୍ଭୀର ଗଳାରେ କହିଲେ ।

'ବିନ୍ଦୁ ! ସ୍ୱାମୀ ରମ୍ୟକନାଥ କେବେ ଆସୁଛନ୍ତି ?'

'ମାର୍ଚ୍ଚ ୧୭, ରବିବାର ।'

'ମୋତେ ଟିକେ ସାଙ୍ଗରେ ନେବୁ ?'

'ସାଧୁସନ୍ଥମାନେ କାହାରି ବ୍ୟକ୍ତିଗତ ସମ୍ପତ୍ତି ନୁହନ୍ତି । ପବ୍ଲିକ୍ ପ୍ରପର୍ଟି । ଯିଏ ଚାହିଁବ, ଯିବ । ମନା ନାହିଁ ।'

'କଥା କ'ଣକି, ଏତେଗୁଡ଼ାଏ ଦିନ ହୋଇଗଲାଣି, ଭଲରେ ଶୋଇପାରୁନୁ । ପ୍ରତି ରାତିରେ ଦୁଃସ୍ୱପ୍ନ । ଦଳଦଳ ସାପ ଗୋଡ଼ଉଛନ୍ତି ଦଂଶିବା ପାଇଁ । କେବେ ଦେଖୁଚୁ, ଗୋଟେ ବଡ଼ ଖାଲରେ ଆମେ ଦି'ଜଣ ପଡ଼ିଚୁ, ହାତଗୋଡ଼ ପାଉନାହିଁ ଉପରକୁ ଉଠିବା ପାଇଁ । ଭାରି ଭୟ ଲାଗୁଚି ।'

'ତମାଣ୍ଡୋ ପାଖରେ ନୂଆ ଆଶ୍ରମ ତିଆରି ହୋଇଚି । ସତର ତାରିଖ ସକାଳ ନଅଟା ବେଳେ ସେଠି ପହଞ୍ଚିଯିବେ ।'

ଆଉ କୌଣସି ପ୍ରଶ୍ନ ବା ଉତ୍ତରକୁ ଅପେକ୍ଷା ନ କରି ବିନ୍ଦୁ ରିସିଭର୍ ଥୋଇଦେଲେ ।

ସକାଳୁ ଏପରି ଜଣେ ଗୁରୁନିନ୍ଦୁକ ସହ ବାଧ୍ୟହୋଇ କଥାବାର୍ତ୍ତା କରିବାକୁ ପଡ଼ିଲା । ଅପ୍ରସନ୍ନ ଲାଗିଲା ବିନ୍ଦୁଙ୍କୁ । ଦୀକ୍ଷା ନେବା ସହଜ ହୋଇପାରେ, କିନ୍ତୁ ପାଳନ କରିବା ଭାରି କଷ୍ଟ । ଯାହାକୁ କହନ୍ତି, ଅସୀଧାରରେ ଚାଲିବା ।

Digitized by PPRACHIN, SOA

ରାଜା, ଅଗ୍ନି, ଗୁରୁ, ଜଳ– ଏମାନଙ୍କଠାରୁ ନିରାପଦ ଦୂରତ୍ୱରେ ରହିବା ପାଇଁ ଶାସ୍ତ୍ର କହିଚି । ଗୁରୁ ଯେତିକି ସ୍ନେହଶୀଳ, ସେତିକି କଠୋର ପ୍ରଶାସକ ।

ସାବିତ୍ରୀମାଉସୀଙ୍କ ସହ ଉଚ୍ଚବାଚ ହେବାଦିନରୁ ବିନ୍ଦୁ ଜଗିରଖି ଚଳୁଛନ୍ତି । ଯଦି ସେ ଧ୍ୟାନ କରୁଥିବା ସମୟରେ ଟେଲିଫୋନ୍ ଆସିଲା କେଉଁ ବାନ୍ଧବୀ ପାଖରୁ, ଆଉ ମା' କହିଦେଲେ, ବିନ୍ଦୁ ଧ୍ୟାନ କରୁଚି, ତହିଁଆର ଦିନ ବାନ୍ଧବୀ ଜଣକ ଟେଲିଫୋନ୍‌ରେ ଗୁରେଇତୁରେଇ ପ୍ରଶ୍ନ କରିବେ– ଏସବୁ କାହିଁକି କରୁଚୁ, ଧ୍ୟାନ କଲେ ସୁଖଶାନ୍ତି ଆସିବ କି ? କ'ଣ କ'ଣ ଅନୁଭବ ହେଉଚି ? ହଜାରେ ପ୍ରଶ୍ନ ଏମିତି ।

ସେ ଯେମିତି ସମସ୍ତଙ୍କଠାରୁ ଅଲଗା ହୋଇଯାଇଛନ୍ତି ।

ଦୁଃଖ ନାହିଁ । ଯିଏ ଧ୍ୟାନର ଆନନ୍ଦ ପାଇଚି, ସିଏ ଜାଣେ । ସମସ୍ତେ ଗୋଟିଗୋଟି ହୋଇ ସଂପର୍କ ତୁଟେଇଦିଅନ୍ତୁ, ଯିଏ ପାରୁଛି ଉପହାସ କରୁ, ଯେଉଁ ପଥରେ ପାଦ ଦେଇଛନ୍ତି, ସେଠୁ ଆଉ ପଛକୁ ଆଉ ଫେରିବେ ନାହିଁ ।

ଗୋଟେ ଧର୍ମୀୟ ପତ୍ରିକାରୁ ସେ ପଢୁଥିଲେ, କାଷ୍ଠଜିହ୍ୱ ସ୍ୱାମୀଙ୍କର ନିଷ୍ଠାପର ସାଧନର ଜୀବନକାହାଣୀ ।

ୱାରେନ୍ ହେଷ୍ଟିଙ୍ଗ୍‌ସଙ୍କ ସମୟ । ଭାରତରେ ଇଂରେଜ ରାଜତ୍ୱକାଳ । ମହାନଯୋଗୀ ମହାତ୍ମା ଆତ୍ମାରାମ ତୀର୍ଥଙ୍କର ଶୁଭ ଆଶୀର୍ବାଦ ଲାଭକରି ମହୀପନାରାୟଣ କାଶୀ ରାଜ୍ୟର ଅଧିପତି ହେଲେ । ସମସ୍ତ ରାଜଐଶ୍ୱର୍ଯ୍ୟ ସତ୍ତ୍ୱେ ସେ ଆତ୍ମାରାମଙ୍କର ଅଲୌକିକ ଆଧ୍ୟାତ୍ମିକ ବିଭୂତି ପ୍ରସଙ୍ଗ ଭୁଲିପାରୁ ନଥିଲେ । ପାରିଷଦମାନଙ୍କ ସମଭିବ୍ୟାହାରରେ ଗହନ ଅରଣ୍ୟରେ କଠୋର ତପସ୍ୟାରତ ଆତ୍ମାରାମଜୀଙ୍କୁ ଦୀକ୍ଷା ପ୍ରଦାନ ପାଇଁ ନିବେଦନ କଲେ । ରାଜା ଗୃହସ୍ଥ, ପୁଣି ପ୍ରବୃତ୍ତିମାର୍ଗୀ । ଏପରି ବ୍ୟକ୍ତିକୁ ଶିଷ୍ୟତ୍ୱ ପ୍ରଦାନ ପାଇଁ ମହାତ୍ମା ସିଧାସଳଖ ମନା କରିଦେଲେ । ରାଜାଙ୍କର ଆକୁଳ ଆବେଦନ ନିଷ୍ଫଳ ହେଲା । ବ୍ୟର୍ଥମନୋରଥ ହୋଇ ସେ ଫେରିଆସିଲେ । ମହାତ୍ମାଙ୍କୁ ମନାଇବା ଅସମ୍ଭବ ବୋଲି ରାଜାଙ୍କର ହୃଦ୍‌ବୋଧ ହୋଇଥିଲା । ଖବର ପାଇଲେ, ଆତ୍ମାରାମଙ୍କର ଜଣେ ଆଦର୍ଶ ଶିଷ୍ୟ ହେଉଛନ୍ତି ମହାଜ୍ଞାନୀ ଦଣ୍ଡିସ୍ୱାମୀ ଦେବତୀର୍ଥ । ଜ୍ଞାନ- ଅଭିମାନରେ ସେ ଅନ୍ୟମାନଙ୍କୁ ତୁଚ୍ଛ ମଣୁଥିଲେ । ଶିଷ୍ୟର ଏଇ ଜ୍ଞାନ- ଅହମିକାର ଦଣ୍ଡବିଧାନ ସ୍ୱରୂପ, ଗୁରୁ ଆତ୍ମାରାମ ଦେବତୀର୍ଥଙ୍କ

Digitized by PPRACHIN, SOA

ଜିହ୍ୱାଗ୍ରକୁ ତୀକ୍ଷ୍ଣ ଛୁରିକାରେ ଛେଦନ କରି କାଠ ଜିଭଟିଏ ଲଗାଇଦେଲେ । ଦେବତୀର୍ଥ ଆଉ କଥା କହିପାରନ୍ତି ନାହିଁ । ଯାହା ଜଣାଇବା କଥା, ଖଡ଼ିରେ ଲେଖି ଜଣାନ୍ତି । ସେ ପରିଚିତ ହେଲେ କାଷ୍ଠଜିହ୍ୱ ସ୍ୱାମୀ ନାମରେ ।

ରାଜା ମହୀପନାରାୟଣ ଶେଷରେ ଦେବତୀର୍ଥଙ୍କ ଶରଣାପନ୍ନ ହେଲେ । ରାଜାଙ୍କର ସାଶ୍ରୁ ନିବେଦନ ଦେବତୀର୍ଥଙ୍କୁ ବିଗଳିତ କରିଦେଲା । ସେ ଦୀକ୍ଷାଦାନ ପାଇଁ ସମ୍ମତି ଦେଲେ । ଯେତେବେଳେ କାଷ୍ଠଜିହ୍ୱ ଦେବତୀର୍ଥ ରାଜାଙ୍କୁ ଦୀକ୍ଷା ପ୍ରଦାନ ପାଇଁ ଅନୁମତି ମାଗିବା ପାଇଁ ଗୁରୁଙ୍କ ସମୀପରେ ଉପସ୍ଥିତ ହେଲେ, ଆତ୍ମାରାମ କ୍ରୋଧରେ ପ୍ରଜ୍ୱଳିତ ହୋଇ ଚିତ୍କାର କଲେ– 'ତୋ'ର ଏତେ ଆସ୍ପର୍ଦ୍ଧା ! ମୁଁ ଯାହାକୁ ପ୍ରତ୍ୟାଖ୍ୟାନ କରିଚି, ତାକୁ ଆଶ୍ରୟ ଦେବା ପାଇଁ ମୋର ଅନୁମତି ପ୍ରାର୍ଥନା କରୁଚୁ ? ଏ ତୋ'ର ଜଘନ୍ୟ ଅପରାଧ । ଏହାର ପ୍ରାୟଶ୍ଚିତ କରିବାକୁ ପଡ଼ିବ ।' ଶିଷ୍ୟ ଦେବତୀର୍ଥ ଗୁରୁଙ୍କ ଅନୁଶାସନ ମଥାପାତି ସହିନେଲେ । ତାଙ୍କ ବେକରେ ଝୁଲାଇଲେ କାଷ୍ଠଫଳକ, ଯେଉଁଥିରେ ଲିପିବଦ୍ଧ ଥିଲା–'ସମସ୍ତଙ୍କୁ ଜଣାଇ ଦିଆଯାଉଚି, ଦଣ୍ଡୀସ୍ୱାମୀ ଦେବତୀର୍ଥ ପତିତ ।' ଦୀନ ଦରିଦ୍ର ବେଶରେ ଦେବତୀର୍ଥ ବେକରେ କାଠଫଳକ ଝୁଲାଇ ଦେବାଳୟ, ମଠ, ସର୍ବସାଧାରଣ ସ୍ଥାନରେ ପଥଚାରୀମାନଙ୍କ ଦୃଷ୍ଟିଆକର୍ଷଣ କଲେ– ସେ ପତିତ ।

ତଥାପି ପ୍ରାୟଶ୍ଚିତ ଶେଷ ହେଲାନି । ଗୁରୁଙ୍କ ନିର୍ଦ୍ଦେଶରେ କାଶୀ ବିଶ୍ୱନାଥ ମନ୍ଦିର ପ୍ରବେଶ ପଥର ବାମପାର୍ଶ୍ୱ ପାଷାଣ ପ୍ରାଚୀରର ସାଢ଼େ ଛ'ଫୁଟ ଉଚ୍ଚରେ ନିହାଣ ମୁନରେ ସେ ଖୋଦାଇ ଦେଲେ–'ଦେବତୀର୍ଥ ନାମକ ଦଣ୍ଡୀ ପତିତ ହୋଇଚି ।'

ଆଧ୍ୟାତ୍ମିକ ରଣାଙ୍ଗନର ବିସ୍ତୃତ ପ୍ରାନ୍ତରରେ ନିରସ୍ତ୍ର ବିହ୍ୱଳଛାୟା । ଯଦି କିଛି ଛୋଟବଡ଼ ଭୁଲ୍ ହୋଇଯାଏ, ଅନିବାର୍ଯ୍ୟ ପତନରୁ ରକ୍ଷା ମିଳିବ ତ ?

ଦେହ ଶିହରି ଉଠିଲା । ଯିଏ ଅନୁଶାସନର ଯୋଗ୍ୟ, ସିଏ ଶିଷ୍ୟ । କାଷ୍ଠଜିହ୍ୱ ସ୍ୱାମୀଙ୍କ ପରି ସେ ନିଜ ବେକରେ ଝୁଲାଇସାରିଛନ୍ତି ଅନୁଶାସନର କାଠପଟା ।

ସେଇ ରାତିରେ ଗୁରୁ ରମ୍ୟକ୍‌ନାଥ ତାଙ୍କୁ ସ୍ୱପ୍ନଦର୍ଶନ ଦେଲେ । ସହସ୍ର ଦଳପଦ୍ମ ଉପରେ ଉପବିଷ୍ଟ ଗୁରୁଦେବଙ୍କ ମସ୍ତକ ପଶ୍ଚାତ୍‌ପଟରେ ଘୂରୁଥାଏ ବିଶାଳ ଆଲୋକବୃତ୍ତ । ଅଭୟ ମୁଦ୍ରା ପ୍ରଦର୍ଶନ କରି ସେ କହିଲେ–'କାତର

Digitized by PPRACHIN, SOA

ହୁଅନା ବିଦ୍ଦୁଚ୍ଛାୟା । ମୁଁ ସ୍ୱାମୀ ଆତ୍ମାରାମଙ୍କ ଭଳି କଠୋରପନ୍ଥୀ ନୁହେଁ । ତୁମର ସାତ୍ତ୍ୱିକ ସଂସ୍କାର ପାଇଁ ତୁମକୁ ଏତେ ସ୍ନେହ କରେ । ଦୃଢ଼ଭାବେ ମୁଁ ବିଶ୍ୱାସ କରେ ଯେ ତୁମେ ବିବେକ ବିପକ୍ଷରେ କେବେ କିଛି କରିବ ନାହିଁ । ମଣିଷ ମାତ୍ରେ ହିଁ ଭୁଲ୍ କରେ । ସେଥିପାଇଁ ଆଶଙ୍କା କରନା । ପ୍ରତିଶ୍ରୁତି ଦେଉଚି, ତୁମେ କେବେ ଯଦି ଗୁରୁତର ଅପରାଧ କର, ନର୍କଗାମୀ ହେବା ପୂର୍ବରୁ ଉଦ୍ଧାର କରିବା ପାଇଁ ନର୍କ ପର୍ଯ୍ୟନ୍ତ ଯାଇପାରେ ।'

ବଳବନ୍ତରାୟ ନିରୋଳାରେ ବସି ପତ୍ରିକାଟିଏ ପଢୁଥିଲେ । ସର୍ବଭାରତୀୟ ରାଜନୈତିକ ଦଳଗୁଡ଼ିକ କିପରି ଓ କାହିଁକି ନିଜ ନିଜର ପ୍ରାଧାନ୍ୟ ହରାଇବସୁଥିଲେ ଏବଂ ଆଞ୍ଚଳିକ ଦଳମାନଙ୍କ ଅଭ୍ୟୁତ୍ଥାନ କିପରି ଦେଶର ଅଖଣ୍ଡତାକୁ ବିପନ୍ନ କରୁଚି, ସେ ସଂପର୍କରେ ଗୋଟିଏ ତଥ୍ୟାଶ୍ରୟୀ ବିଶ୍ଳେଷଣାତ୍ମକ ସଂଦର୍ଭ ଲେଖିଛନ୍ତି ପ୍ରଖ୍ୟାତ ସ୍ତମ୍ଭକାର ମୋନିକା ଦେଶାଇ ।

ବାବନ ଆସି ବସିଲା ।

ଆଉ କେହି ନଥିଲେ ।

'ପଣ୍ଡିତଜୀ ! ଅସୁବିଧା କିଛି ନାହିଁ ତ ?

'ନା, ସବୁ ଠିକ୍‌ଠାକ୍ । ତେବେ ଆପଣଙ୍କ ପି.ଏସ୍. ବିଦୁରଥବାବୁ ଜିଲ୍ଲା ଶ୍ରମ ଅଫିସର୍‌ମାନଙ୍କ ଜରିଆରେ ବିଭିନ୍ନ ଶିକ୍ଷାନୁଷ୍ଠାନ, କମ୍ପାନୀଠାରୁ ବଟି ଆଦାୟ କରୁଚି ।'

ପତ୍ରିକାଟା ଥୋଇଦେଇ ଚଷମା ଖୋଲିଲେ ବଳବନ୍ତରାୟ ।

'ସିଏ ଚରିଗଲାଣି ସେଇଥିପାଇଁ ମୋ' ପାଖକୁ ଯିଏ ଆସୁଚି, ମିଠା ପ୍ୟାକେଟ୍ ବା ଫୁଲତୋଡ଼ାଟେ ବଢ଼େଇଦଉଚି ।'

'ବ୍ୟସ୍ତ ହୁଅନ୍ତୁ ନାହିଁ । ତା'ର ଦୌଡ଼ ଯେତିକି, ପାଉଚି ସେତିକି । ଏ ଭିତରେ ସେ ନେଟ୍‌ୱାର୍କ ତିଆରି କରିସାରିଚି । ଆପଣଙ୍କ କାମରେ ଆସୁ ।

Digitized by PPRACHIN, SOA

ବାଛିବାଛି ବଡ଼ବଡ଼ ପାର୍ଟିମାନଙ୍କ ପାଖରୁ ଆପଣଙ୍କ ପାଇଁ କିଛି ଅର୍ଥ ସଂଗ୍ରହ କରୁ । ଖର୍ଚ୍ଚବାର୍ଚ୍ଚ ଅଛି ତ ! ପୁଣି ଆପଣଙ୍କୁ ପାର୍ଟି ଚାନ୍ଦା ଦେବାକୁ ପଡ଼ିବନି, ମନ୍ତ୍ରୀ ହେଲେଣି ପରା ?'

'ତେବେ, ବିଦୁରଥକୁ ସେଇ କାମରେ ଲଗାଯାଉ ।'

ନାଗରମଲ୍ ସେଠ୍ ପହଞ୍ଚିଲେ ।

'ପଣ୍ଡିତଜୀ ! ଟିକେ ଶୁଣିବେ ?'

ମନ୍ତ୍ରୀଜୀଙ୍କୁ ଲକ୍ଷ୍ୟ କରି କହିଲେ–'ବନ୍ଧୁ ! ପଣ୍ଡିତଜୀଙ୍କ ସଙ୍ଗେ କଥାବାର୍ତ୍ତା କରି ସଙ୍ଗେସଙ୍ଗେ ଆସୁଚି ।'

ନାଗରମଲଙ୍କୁ ନେଇ ବାବନ ନିଜ ରୁମ୍‌ରେ ପଶିଲା ।

'ଆପଣଙ୍କ ନିର୍ଦ୍ଦେଶ ଅନୁସାରେ ସବୁକିଛି କରାଗଲା । ସମୁଦି ଆସି ସମ୍ବଲପୁରରେ କୁଳୀନ ପରିବାରର ଝିଅଟିଏ ଦେଖି ମୁଦି ପିନ୍ଧାଇ ଯାଇଛନ୍ତି । ଆଶୀର୍ବାଦ କରନ୍ତୁ, ବିବାହ କୃତ୍ୟ ନିର୍ବିଘ୍ନରେ ସମାପନ ହେଉ । ସମୁଦି ଆପଣଙ୍କ ପାଇଁ ସତୁରୀ ହଜାର ଟଙ୍କା ପଠାଇଛନ୍ତି, ରଖନ୍ତୁ ।'

ନୋଟ୍ ବିଡ଼ାଟି ରଖି ବାବନ ପଚାରିଲା–'ଆଉ କିଛି ଝମେଲା ହେଇନି ତ ?'

'ନା । ବୋହୂ ଖୁସିରେ ଡାଇଭୋର୍ସ ପେପରରେ ଦସ୍ତଖତ କରିଦେଲା । ସମୁଦି ଝିଅର ବାପାଙ୍କୁ କହିଲେ–'ଆପଣ ଦେଇଥିବା କ୍ୟାସ୍ ଆଉ ଅର୍ନାମେଣ୍ଟ ଫେରାଇ ନିଅନ୍ତୁ ।' ସେ କ'ଣ କଲେ ଜାଣନ୍ତି ? ହାତଯୋଡ଼ି କହିଲେ– 'ଆପଣଙ୍କ ଇଜ୍ଜତ ହାନି ପାଇଁ ମୁଁ ଭାରି ଦୁଃଖିତ । ଝିଅ ସିନା ଆମର ହେଲାନି, ଯେଉଁ ଜୋଇଁକୁ ବରଣକରି କନ୍ୟାଦାନ କରିଥିଲୁ, ସେ ସବୁଦିନ ପାଇଁ ଆମର ହୋଇ ରହିବ । କ୍ୟାସ୍ ସବୁ ଜୋଇଁଙ୍କର । ସୁନା ଅଳଙ୍କାରଗୁଡ଼ିକ ପୁନର୍ବିବାହ ସମୟରେ ଆମ ପକ୍ଷରୁ ବୋହୂକୁ ଦେଇଦେବେ । ଗୋଟେ ଅନୁରୋଧ ରଖିବେ, ସମ୍ପର୍କ ତୁଟାଇବେନି । ବାହାନିମନ୍ତ, ଭଲମନ୍ଦରେ ଡାକିବେ । ଆମେ ସବୁଦିନ ସମୁଦି ହୋଇ ରହିବା ।'

ବାବନ କହିଲା–'ଦେଖନ୍ତୁ, କି ଉଚ୍ଚଚିନ୍ତାଧାରାସମ୍ପନ୍ନ ଘରେ କେମିତି ଚରିତ୍ରହୀନା ଝିଅ ଜନ୍ମହୁଏ । ସେ ଝିଅ କ'ଣ କରୁଚି ଏବେ ?'

Digitized by PPRACHIN, SOA

'ଆଉ ବାପଘରକୁ ଫେରିଲାନି । ସେ ଦିବାନା ଟୋକା ସାଙ୍ଗରେ ଜବଲପୁରରେ ରହୁଚି । ପଣ୍ଡିତଜୀ ! ଜଣେ ଭଦ୍ରଲୋକ ମୋ' ସହିତ ଆସିଛନ୍ତି । ବାହାରେ ଅପେକ୍ଷା କରାଇଚି । ଅନୁମତି ଦେଲେ ଭିତରକୁ ଡାକିବି ।'

'ଡାକନ୍ତୁ ।'

ଆଗନ୍ତୁକ ଗୋଟେ ଜଟିଳ ସମସ୍ୟାର ସମାଧାନ ଚାହୁଁଥିଲେ । ତାଙ୍କ ଜ୍ୱାଇଁ କେଉଁଝର ଗ୍ରାମ୍ୟବ୍ୟାଙ୍କରେ ଚାକିରି କରନ୍ତି । ପିଲାମାନଙ୍କର ପାଠପଢ଼ା ସୁବିଧା ପାଇଁ ମାଆଙ୍କ ସହ ଅଜାଘରେ ଭୁବନେଶ୍ୱରରେ ରହନ୍ତି । ଗତ ମାସ ୧୧ ତାରିଖରେ ସେ ଭୁବନେଶ୍ୱର ଆସିଥିଲେ । ୧୩ ତାରିଖରେ କେଉଁଝର ଫେରିଗଲେ । କିନ୍ତୁ ସେଠି ଏବେସୁଦ୍ଧା ପହଞ୍ଚି ନାହାନ୍ତି । ମାସେ ଦଶଦିନ ହେବ କିଛି ଖୋଜଖବର ନାହିଁ ।

ବାବନ ସବୁ ଶୁଣି ମୌନ ରହିଲା । କିଛି କହିଲା ନାହିଁ ।

ନାଗରମଲ ପଚାରିଲେ–'ପଣ୍ଡିତଜୀ, କୁହନ୍ତୁ, କ'ଣ ହୋଇଚି ?'

ଗୋଟେ କଣକୁ ନାଗରମଲଙ୍କୁ ଡାକିନେଇ ବାବନ କହିଲା–'ତାଙ୍କୁ ନେଇଯାଆନ୍ତୁ, ଏଠି କନ୍ଦାବୋବା କରିବେ । ତାଙ୍କ ଜ୍ୱାଇଁ ଆନନ୍ଦପୁର ପାଖେ ରାତି ବସ୍‌ରୁ ଓହ୍ଲେଇ ରାସ୍ତାକଡ଼ରେ ପରିସ୍ରା କରୁଥିଲେ । ଟ୍ରକ୍‌ଟିଏ ମାଡ଼ିଗଲା । ବସ୍ ଚାଲିଗଲା । କଣ୍ଡକ୍ଟର ଜାଣିପାରିଲାନି, ଯାତ୍ରୀ ଜଣେ ଆସିନାହାନ୍ତି । ଶବ ସନାକ୍ତ ହୋଇପାରିଲାନି । ପୋଷ୍ଟମର୍ଟମ ପରେ ପୋଲିସ୍ ଶବଦାହ କରିଦେଲେ । ଆନନ୍ଦପୁର ଥାନାକୁ ଗଲେ ସୁରକ୍ଷିତ ଲୁଗାପଟା ସହ ଉଠାଯାଇଥିବା ଫଟୋ ଦେଖି ଜାଣିପାରିବେ । ତାଙ୍କୁ ଘରକୁ ନେଇ ସବୁକଥା ବୁଝାଇ କହିବେ ।'

କେତେଦିନ ଭିତରେ ନାଗରମଲ ଏମିତି ଛୋଟବଡ଼ ଅନେକ କେଶ୍ ଆଣିଲେ । ଅନେକ କିଛି ଟଙ୍କାପଇସା ରୋଜଗାର ହେଲା । ବାବନ ସବୁ କ୍ଷେତ୍ରରେ ପଇସା ନିଏନା । ଯେଉଁଠି କିଛି ସାହାଯ୍ୟ କରିପାରିଛି, ମନଖୁସିରେ ନିଏ ।

Digitized by PPRACHIN, SOA

ଶ୍ରୀ ଗୋବିନ୍ଦ ଭଟ୍ଟାଚାର୍ଯ୍ୟ ସୁଶୋଭନର ଚେମ୍ବର ଭିତରକୁ ପଶିଗଲେ ।

'ବୁଝିଲ ଶୋଭନ ! ତୁମ ଘରେ ସେ ଭଦ୍ରଲୋକ ସେଦିନ ଅଞ୍ଜଲିକାକୁ ସୋନୀ ଢ଼ୈନ ସହ ମିଶିବା ପାଇଁ ମନା କରୁଥିଲେ, ମନେଥିବ । ଝିଅଟା ପ୍ରକୃତରେ ଖରାପ । ତେରବର୍ଷର ଝିଅ, ଜଣେ ପାନଦୋକାନୀ ସାଙ୍ଗରେ ପଳେଇଚି କୁଆଡ଼େ ।'

'ସତେ ନା କ'ଣ ?'

'ସେ ଭଦ୍ରଲୋକ ରହନ୍ତି କେଉଁଠି ? ଆଉଥରେ ଦେଖା ହୁଅନ୍ତା ନାହିଁ ?'

'ଭାରି ବିଚିତ୍ର ମଣିଷ । ନିଜ ପରିଚୟ, ବାସସ୍ଥାନ ଠିକଣା ଦେବା ପାଇଁ ପଛଘୁଞ୍ଚା ଦିଅନ୍ତି ।'

'ତମ ସାଙ୍ଗେ କିପରି ଦେଖାହୁଏ ?

'ଦେଖା କ'ଣ ହୁଏ ? ପ୍ରଥମଥର ଆମ ଘରକୁ ନିଜେ ପଶିଆସିଥିଲେ । ଆଉଥରେ ବିନ୍ଦୁ ତାଙ୍କୁ ଠାବ କଲେ ଗୋଟେ କ୍ୟାଣ୍ଟିନ୍‌ରେ ।'

'ଏଭଳି ଆଶ୍ଚର୍ଯ୍ୟ ପୁରୁଷ ଗୋଟେ ଅଫିସ୍ ଖୋଲି ସାଇନ୍‌ବୋର୍ଡ୍ ଲଗାଇ, ବସିବା କଥା । କେତେ ଲୋକ ଉପକୃତ ହୁଅନ୍ତେ ।'

ଶୋଭନ ଓ ବିନ୍ଦୁଛାୟା ଲିଙ୍ଗରାଜ ଦର୍ଶନ ସାରି ଫେରୁଥିଲେ । ବିନ୍ଦୁସାଗର ପାଖରେ ବାବନ ମହାରଣାଙ୍କ ସାଙ୍ଗରେ ଦେଖା ହୋଇଗଲା ।

ଗାଡ଼ି ଅଟକାଇଲେ ।

'ବାବନ ବାବୁ ! ଆସନ୍ତୁ, ବସନ୍ତୁ । ଆଜି ଛୁଟିଦିନ । ଘରେ ବସି ଗପସପ କରିବା ।'

ବାବନ ସୁନାପିଲାଟି ପରି ପଛସିଟ୍‌ରେ ବସିପଡ଼ିଲା ।

ସୁରେଖା ସର୍ବତ ଗ୍ଲାସ୍‌ଟିଏ ଧରାଇ ନମସ୍କାର କଲେ ।

'ସେମିତି କେବେ କରିବେନି ମାଉସୀ । ବୟସରେ ଆପଣଙ୍କଠାରୁ ମୁଁ କେତେ ଛୋଟ !'

ବିନ୍ଦୁଛାୟାଙ୍କୁ ଲକ୍ଷ୍ୟକରି ବାବନ କହିଲା–'ମା' ! ସାବିତ୍ରୀମାଉସୀଙ୍କ ସହ ଝଟାପଟା କଜିଆ ହୋଇଗଲାନା !'

Digitized by PPRACHIN, SOA

'ମୁଁ କାହା ସହ କଳିଗୋଳ କରେନା, ସେଇଟା ମୋ' ପ୍ରକୃତିବିରୁଦ୍ଧ । ପରିସ୍ଥିତି ସେମିତି ହେଲା, ମୁହଁ ଖୋଲିବା ପାଇଁ ବାଧ୍ୟ ହେଲି ।'

'ଠିକ୍ କରିଚ । ସେମାନେ ଦୁରାଚାରୀ । ସ୍ୱାମୀ-ସ୍ତ୍ରୀ ଏ ବୟସରେ ଏକାଠି ବସି ମଦ୍ୟପାନ କରନ୍ତି ।'

ଆଶ୍ଚର୍ଯ୍ୟ ହୋଇ ଅନାଇରହିଲେ ସୁରେଖା, ବିନ୍ଦୁଛାୟା ।

'ଗୁରୁବାର ଦିନ ଜବରଦସ୍ତ ମାଂସରାନ୍ଧି ଖାଆନ୍ତି ।'

ଏତେ କଥା ଏମାନେ ଜାଣି ନଥିଲେ ।

'ତାଙ୍କ ଘରେ ତୁଳସୀଗଛଟେ ବି ନାହିଁ । କୌଣସି ଭିକାରିକୁ ଟଙ୍କାଟିଏ ବି ଭିକ ଦେଇନାହାନ୍ତି ।'

ବାବନ ଏସବୁ କ'ଣ କହିଯାଉଛନ୍ତି ! ସମ୍ପର୍କୀୟ ହେଲେ ମଧ୍ୟ ଏତେ ଭିତିରି କଥା ସେମାନଙ୍କୁ ମାଲୁମ୍ ନଥିଲା ।

'ଏଇନେ କ'ଣ ହେଉଚି, ଜାଣିଚ ? ପ୍ରାଣଭୟରେ ଥରହର । ଘରେ ଗୋଟେ ବି ମଦ ବୋତଲ ମିଳିବନି । ସବୁ ଡଷ୍ଟବିନ୍‌ରେ ଫିଙ୍ଗା ସରିଚି । ମାଂସ, ମାଛ, ଅଣ୍ଡା, ରସୁଣ, ପିଆଜ ରୋଷେଇଘରେ ପଶୁନି । ସକାଳ, ସନ୍ଧ୍ୟା, ଦି'ପହର ହନୁମାନ ଚାଳିଶା ସି.ଡି ଲଗାଇ ଶୁଣୁଛନ୍ତି । ଧନ୍ୟ ତୁମେ ମା ! ଦି' ଚାରିପଦ କଥାରେ ତାଙ୍କର ମୁଣ୍ଡ ଘୂରାଇଦେଲ ।'

'ଏବେ ସେ ଭଲ ବାଟକୁ ଆସିବେ ?' ସୁରେଖା ପ୍ରଶ୍ନକଲେ ।

'ଆସିବା ପାଇଁ ଚେଷ୍ଟା କରୁଛନ୍ତି, ଜୀବନ ବିକଳରେ । ଚେଷ୍ଟା କଲେ ଅସାଧ୍ୟ କ'ଣ ଅଛି ?'

'ବାବନବାବୁ ! ଆମେ ତାଙ୍କର ଅମଙ୍ଗଳ ଚାହୁଁନା । ସେ ଭଲରେ ରୁହନ୍ତୁ ।'

ବିନ୍ଦୁ ମନ୍ତବ୍ୟ ଦେଲେ ।

'ମଣିଷର ବଡ଼ ଶତ୍ରୁ ସେ ନିଜେ । ସଂସ୍କାରଶୂନ୍ୟ ପରିବାରର ପିଲା ଯାହା ହେବା କଥା, ତାଙ୍କ ପୁଅ ସେୟା ହେଲା ।'

'ଆମକୁ କିଛି ପରାମର୍ଶ ଦିଅନ୍ତୁ ।' ବିନ୍ଦୁ ଅନୁରୋଧ କଲେ ।

'କି ପରାମର୍ଶ ଦେବି ? ତୁମେ ସ୍ୱୟଂ ଚେତନର ଊର୍ଦ୍ଧ୍ୱସ୍ତରରେ । ଏତିକି କହିବି, ମଉସାମାଉସୀଙ୍କ ଉପରେ ଆଉ ରାଗ କରନାହିଁ । ଜଣେ ଭଲବାଟକୁ

Digitized by PPRACHIN, SOA

ଆସିବା ପାଇଁ ବାହାରିଲେ, ତାଙ୍କୁ ଉତ୍ସାହିତ କରିବା କଥା । ତାଙ୍କ ଦୋଷାଦୋଷର ବିଚାର ଗୁରୁଙ୍କ ଉପରେ ଛାଡ଼ିଦିଅ । ନିଜକୁ ମଧ୍ୟ ଶାନ୍ତି ମିଳିବ । ମନଭିତରୁ ଅନାବଶ୍ୟକ ଅସଦ୍‌ଭାବନା ଦୂରହେବ ।'

ବାବନ ମହାରଣା ଯିବା ପାଇଁ ଉଠିଲେ । ସୁଶୋଭନଙ୍କର ମନେପଡ଼ିଯିବାରୁ କହିଲେ–'ଗୋବିନ୍ଦ ଭଟ୍ଟାଚାର୍ଯ୍ୟ କିଛି ପଚାରିବା ପାଇଁ ଚାହୁଁଥିଲେ ।'

'ତାଙ୍କ ସହ ମୋର ଦେଖା ନ ହେଉ । ସେ ଯେଉଁ କଥାଟି ଜାଣିବା ପାଇଁ ଚାହୁଁଛନ୍ତି, ସେ ରହସ୍ୟଟି ଖୋଲିଦେଲେ, ତାଙ୍କ ସଂସାର ଚୂରମାର ହୋଇଯିବ ।'

ମାର୍ଚ୍ଚ ସତର, ରବିବାର ।

ବିନ୍ଦୁଛାୟା ସୂର୍ଯ୍ୟୋଦୟ ପୂର୍ବରୁ ଉଠି ପ୍ରାତକର୍ମ, ଧ୍ୟାନ, ଜପ ସାରିଦେଇଛନ୍ତି ।

ରବିବାର ବୋଲି ସୁଶୋଭନ ବିଛଣା ଉପରେ ଅଳସ ଭାଙ୍ଗୁଥିଲେ । ବିନ୍ଦୁ ଜନ୍‌ସନ୍ ବଡ୍‌ଟିଏ ନେଇ ତାଙ୍କ ନାକରେ ସଲସଲ କରିବାରୁ ସେ ଛିଙ୍କି ନୟାନ୍ତ ହୋଇଉଠିଲେ ।

'ଉଠ, ଉଠ, ଚା ପିଅ । ଆଜି ସ୍ୱାମୀଜୀଙ୍କ ପ୍ରୋଗ୍ରାମ କଥା ଭୁଲିଯାଇଚ ? ବିମଳମଉସାଙ୍କ ଘରକୁ ଟେଲିଫୋନ୍ କରିବ । ସେମାନେ ଆଠଟା ତିରିଶ ସୁଦ୍ଧା ପ୍ରସ୍ତୁତ ଥିବେ । ଆମେ ଯିବାବେଳେ ସାଙ୍ଗରେ ନେଇଯିବା ।'

ସୁଶୋଭନ ବଲବଲ ହୋଇ ବିନ୍ଦୁଛାୟାଙ୍କ ମୁହଁକୁ ଅନେଇଲେ । ସେ ମୁହଁରେ ଖେଳୁଥିଲା ଲାସ୍ୟର ଛଟାଟିଏ, ମେଘଶୂନ୍ୟ ଆକାଶରେ ଯେମିତି ମଝିରେମଝିରେ ଝଟକେ ସୁନେଲି ବିଦ୍ୟୁତ୍‌ରେଖା ।

ସ୍ୱାମୀଜୀ ମଞ୍ଚ ଉପରେ ଆସନ ଗ୍ରହଣ କଲାପରେ ସମବେତ ଶିଷ୍ୟ ଶିଷ୍ୟା ଶ୍ରଦ୍ଧାଳୁମାନେ ଗୁରୁବନ୍ଦନା କରି ପଦପ୍ରାନ୍ତରେ ପୁଷ୍ପାର୍ପଣ କଲେ । ବିନ୍ଦୁଛାୟା ନିଜ ବାଡ଼ିରୁ ତୋଳି ନେଇଥିଲେ ଥୋଡ଼ାଏ ବଣମଲ୍ଲୀ । ସେ

Digitized by PPRACHIN, SOA

ଫୁଲର ବାସ୍ନାରେ ଖଣ୍ଡମଣ୍ଡଳ ଚହଟେ । ସେଥିଭୁ ମଉସାମାଉସୀଙ୍କ ହାତରେ ଆଞ୍ଜୁଳାଏ ଲେଖା ଧରାଇଦେଇଥିଲେ ।

ଉଦ୍‌ବୋଧନୀ ପ୍ରାରମ୍ଭ କଲେ ସ୍ୱାମୀ ରମ୍ୟକନାଥ–'କେହି କାହାକୁ ଉଦ୍ଧାର କରେନାହିଁ । ନିଜର ଉଦ୍ଧାରକର୍ତ୍ତା ସ୍ୱୟଂ ନିଜେ । ଭଗବତ୍ ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, 'ଉଦ୍ଧରେତାତ୍ମନା ତ୍ମାନମ ।' ଅର୍ଥାତ୍ ନିଜେ ନିଜର ଉଦ୍ଧାର କର । ମହାପୁରୁଷମାନଙ୍କର ବାଣୀ, ପ୍ରବଚନ, ଶାସ୍ତ୍ରମାନଙ୍କରେ, ଜ୍ଞାନାଲୋଚନାରେ ପରମାତ୍ମାଙ୍କର ପରିଚୟ ମିଳେନାଇଁ । କେନୋପନିଷଦ କହିଚି, ବ୍ରହ୍ମ ବଚନ ଦ୍ୱାରା ପ୍ରକାଶିତ ହୁଅନ୍ତି ନାହିଁ । ବଚନ ବା ବାଣୀ ତାଙ୍କ ଦ୍ୱାରା ପ୍ରକାଶିତ । ପରମାତ୍ମାଙ୍କୁ ମନ ଦ୍ୱାରା ମନନ କରାଯାଇ ପାରିବ ନାହିଁ । କାରଣ ତାଙ୍କ ଦ୍ୱାରା ମନର ମନନ ହୁଏ । ପରମାତ୍ମା ବା ପରଂବ୍ରହ୍ମ ମନ, ବୁଦ୍ଧି, ବାଣୀର ଅତୀତ । ସାଧନର ଉତ୍ତୁଙ୍ଗ ସ୍ତରରେ ବ୍ରହ୍ମ ଉପଲବ୍ଧି ହୁଏ । ସାଧନର ବିଚିତ୍ର ଭାଷାରେ ତାକୁ କୁହାଯାଇଚି, ଆତ୍ମସାକ୍ଷାତକାର । ନିଜ ସହିତ ନିଜର ପରିଚୟ । ସଂସାର ଏକ ମାୟାନଦୀ । ସେ ନଦୀର ଜଳ ମିଥ୍ୟା । ପ୍ରବାହ ମଧ ମିଥ୍ୟା । ଜୀବ, ଜୀବନସାରା ପହଁରିବାର ମିଥ୍ୟା ପ୍ରୟାସ କରୁଥାଏ । ଏ ସମସ୍ତ ସ୍ପଷ୍ଟ ହୋଇଯାଏ ଆତ୍ମସାକ୍ଷାତକାର ହେଲେ । ସେତେବେଳେ ଯୋଗୀର ଅନୁଭବ କିପରି, ଜାଣିଚ ? ଦୀର୍ଘକାଳୀନ ଦୁଃସ୍ୱପ୍ନରୁ ଉଠି ପ୍ରକୃତ ବାସ୍ତବତାକୁ ଅନୁଭବ କରିବାର ସ୍ୱାଦ ।

'ଗୋସ୍ୱାମୀ ତୁଳସୀଦାସ ସୂଚାଇଦେଇଛନ୍ତି, ଯିଏ କଳ୍ପବୃକ୍ଷ ତ୍ୟାଗ କରି ଜଡ଼ାଗଛର ସେବା କରେ, ସେ ମୂର୍ଖ । ଈଶ୍ୱର କଳ୍ପବୃକ୍ଷ । ନିୟତ ଚଳଚଞ୍ଚଳ ଗତିଶୀଳ ଜଗତ ହେଉଛି ଗବଗଛ ।

'ଯେକୌଣସି ଦେବଦେବୀଙ୍କର ଉପାସନା କର, ମନା ନାହିଁ । କିନ୍ତୁ ତାଙ୍କୁ ବ୍ରହ୍ମସ୍ୱରୂପ ମନେକରି ଚିନ୍ତନ କର । ଯିଏ କୃଷ୍ଣଙ୍କର ଉପାସନା କରୁଚି, ସେ ଚିନ୍ତନ କରିବ 'ଓଁ ଶ୍ରୀଭଗବତେ ବାସୁଦେବାୟ ନମଃ ।' ଦୁର୍ଗାଙ୍କୁ ଆରାଧନା କରୁଥିବା ଭକ୍ତ ମନରେ ଆଣିବ, ଓଁ ତ୍ରୈଲୋକ୍ୟ ଜନନୀ ଦୁର୍ଗା ବ୍ରହ୍ମରୂପା ସନାତନୀ । ଶିବଭକ୍ତମାନଙ୍କର ପ୍ରିୟମନ୍ତ୍ର ପଞ୍ଚାକ୍ଷରୀ ହେଉଛି–ଓଁ ନମଃ ଶିବାୟ । ଲକ୍ଷ୍ୟ କରିଥିବ, ପ୍ରତ୍ୟେକ ମନ୍ତ୍ରର ଆରମ୍ଭରେ ଓଁକାର ଯୁକ୍ତ ହୋଇଥାଏ । ସମସ୍ତ ଦେବଦେବୀ ବ୍ରହ୍ମଙ୍କର ପରିପ୍ରକାଶ, କିନ୍ତୁ ବ୍ରହ୍ମ ପରି

Digitized by PPRACHIN, SOA

ସେମାନେ ଅବିନାଶୀ ନୁହନ୍ତି । ଗୁରୁଙ୍କ କଥା ଛାଡ଼ିଦିଅ, ସେ ସ୍ୱୟଂ ବ୍ରହ୍ମ ସ୍ୱରୂପ । ତାଙ୍କର ଚରଣ ବନ୍ଦନା କରି କୁହାଯାଏ– ଓଁ ନମଃ ପ୍ରଣବାର୍ଥାୟ ଶୁଦ୍ଧ ଜ୍ଞାନୈକ ମୂର୍ତ୍ତୟେ, ନିର୍ମଳାୟ ପ୍ରଶାନ୍ତାୟ ଦକ୍ଷିଣା ମୂର୍ତ୍ତୟେ ନମଃ ।'

'ସ୍ୱାମୀ ଚିଦାନନ୍ଦ କଥାଟିଏ କହିଛନ୍ତି । ଯାହା ଚକ୍ଷୁକୁ ଦେଖାଯାଏ, କର୍ଣ୍ଣକୁ ଶୁଣାଯାଏ, ତାହାକୁ ମିଥ୍ୟା ବୋଲି ଜାଣି ମୁମୁକ୍ଷୁ ଏକବ୍ରହ୍ମ ଭାବ କରନ୍ତି ।

'ଶ୍ରୀମଦ୍ ଭଗବତ୍ ଗୀତାରେ ଅଛି, ପ୍ରଣବ ରୂପୀ ଓଁକାର ସ୍ମରଣ କରି ଯେଉଁ ପ୍ରାଣୀ ଦେହତ୍ୟାଗ କରେ, ସେ ପରମାଗତି ପ୍ରାପ୍ତ ହୁଏ ।'

ରମ୍ୟକ୍‌ନାଥ ମୌନ ହେଲେ । ସମବେତ ଭଦ୍ରମଣ୍ଡଳୀ ଭିତରେ ଅଖଣ୍ଡ ନୀରବତା । ପିନ୍‌ଟିଏ ପଡ଼ିଲେ ଶବ୍ଦ ହେବ ।

କିଛିକ୍ଷଣ ପରେ ଅଙ୍ଗୁଳି ନିର୍ଦ୍ଦେଶରେ ସ୍ୱାମୀଜୀ ସାବିତ୍ରୀଙ୍କୁ ପାଖକୁ ଡାକିଲେ ।

'ସନ୍ଧ୍ୟାବେଳକୁ ତୁମେ ଦୁହେଁ, ଶୋଭନ ଓ ବିନ୍ଦୁଙ୍କ ସହ, ଆସିବ ।'

ସ୍ୱାମୀଜୀ ତେବେ କ୍ଷମା କରିସାରିଛନ୍ତି । ଏମିତି ପୁଲକ ସାବିତ୍ରୀ ଜୀବନରେ କେବେ ଅନୁଭବ କରିନଥିଲେ । କେଡେ ମହାନ୍, ଉଦାର ଏହି ମହାପୁରୁଷମାନେ ।

ସନ୍ଧ୍ୟା ହେବା କ୍ଷଣି ସାବିତ୍ରୀ ଟେଲିଫୋନ୍‌ରେ ଉଛନ୍ନ କରିପକାଇଲେ– 'ବିନ୍ଦୁ ! ଡେରି କ'ଣ ପାଇଁ କରୁଚ ? ଆସ ବାହାରିଯିବା ।'

'ମାଉସୀ ! ଜପ ଧ୍ୟାନ ସାରି ଘଣ୍ଟାଏ ପନ୍ଦର ମିନିଟ୍ ଭିତରେ ଆପଣଙ୍କ ପାଖରେ ପହଞ୍ଚୁଚୁ ।'

ଆଶ୍ରମରେ ସନ୍ଧ୍ୟାକାଳୀନ ଆରତି ସରିଯାଇଥାଏ । ପ୍ରାଙ୍ଗଣ ଜନଶୂନ୍ୟ । ପୂର୍ବବତ୍ ସ୍ୱାମୀଜୀ ନିରୋଳା କୋଠରୀରେ ତକ୍ତପୋଷ ଉପରେ ବସିଥା'ନ୍ତି । ସମସ୍ତେ ପ୍ରଣାମ କଲେ ।

ସାବିତ୍ରୀ ଲଫାଫାଟିଏ ସ୍ୱାମୀଜୀଙ୍କୁ ବଢ଼େଇଦେଲେ । ସେଥିରେ ଥାଏ ଲକ୍ଷେଟଙ୍କାର ଚେକ୍ । ଆଶ୍ରମ ଟ୍ରଷ୍ଟ ନାଁରେ । ସ୍ୱାମୀଜୀ ଗ୍ରହଣ ନକରି କହିଲେ–'ବିନ୍ଦୁଙ୍କୁ ଦିଅନ୍ତୁ । ଆଶ୍ରମ ଟ୍ରଷ୍ଟର କୋଷାଧ୍ୟକ୍ଷା ଭାବରେ ତାଙ୍କୁ ମନୋନୀତ କରିସାରିଚି ।'

Digitized by PPRACHIN, SOA

ସମସ୍ତେ ଚୁପ୍‌ଚାପ୍ ବସିଥା'ନ୍ତି ।

ରମ୍ୟକ୍‌ନାଥ ଆରମ୍ଭ କଲେ ।

'କିଛି ଅତର୍କିତ ଭାବେ ହୋଇ ନଥାଏ । ସବୁ ପଛରେ ଥାଏ ପ୍ରଚ୍ଛନ୍ନ ରହସ୍ୟ । ଆମେ ତା' ବୁଝିପାରୁନା । ପ୍ରତ୍ୟେକ କ୍ରିୟାର ଅନୁରୂପ ପ୍ରତିକ୍ରିୟା ଅଛି । ଏଭ୍ରି ଆକ୍‌ସନ୍ ହାଜ୍ ଅପୋଜିଟ୍ ରିଆକ୍‌ସନ । ସଂସାରରେ କର୍ମର ଆଇନ୍, କର୍ମର ଶୃଙ୍ଖଳା ଚଳୁଚି । ମଣିଷ ପରସ୍ପର ସହିତ ଋଣାନୁବନ୍ଧନରେ ଜଡ଼ିତ । ଋଣ ଅର୍ଥ ବୁଝିପାରୁଥିବ । ବନ୍ଧନ ଅର୍ଥ ମଧ୍ୟ ସହଜ, ଅନୁବନ୍ଧିତ । ପୁନରପି ଜନମ, ପୁନରମି ମରଣ । ପୁନରପି ଜନନୀ ଜଠରେ ଶୟନ । ଏହି ଯିବା ଆସିବା କର୍ମ, ଋଣ ଦ୍ୱାରା ସଂଚାଳିତ । ତୁମ ପୁଅ ଯେଉଁ ସ୍ତ୍ରୀ ସହିତ ରହୁଚି, ସେମାନେ ପୂର୍ବଜନ୍ମରେ ସ୍ୱାମୀସ୍ତ୍ରୀ ଥିଲେ । ସ୍ୱାମୀସ୍ତ୍ରୀର ସଂପର୍କ ଜନ୍ମଜନ୍ମାନ୍ତରର ସଂପର୍କ । ସ୍ୱାମୀ ସ୍ତ୍ରୀର ଐକାନ୍ତିକତା ଥିଲେ ଜନ୍ମ ଜନ୍ମ ଧରି ସେମାନେ ପରସ୍ପରକୁ ପାଆନ୍ତି । ପାତିବ୍ରତ୍ୟରେ ସାମାନ୍ୟ ତ୍ରୁଟି ଥିବାରୁ ସେ ଝିଅଟି ତୁମ ପୁଅର ସହଭାଗିନୀ ହୋଇ ନପାରି ଅନ୍ୟ ଜଣକର ହାତ ଧରିଲା । ସଂଯୋଗକ୍ରମେ ଏ ଜନ୍ମରେ ଯେତେବେଳେ ସେମାନଙ୍କର ଦେଖାସାକ୍ଷାତ ହେଲା, ଋଣାନୁବନ୍ଧନର ବୀଜ ଆପେ ଆପେ ଅଙ୍କୁରିତ ହୋଇଉଠିଲା । ନିଜ ଅଲକ୍ଷ୍ୟରେ ପୂର୍ବପ୍ରୀତି ଜାଗ୍ରତ ହେଲା । ସେମାନେ ପରସ୍ପରକୁ ଭଲପାଇ ବସିଲେ । ଜାଣିଶୁଣି କେହି ହେଲେ ପ୍ରୀତି ସଂଚାର କରି ନାହାନ୍ତି । ଲୌକିକ ଭାବେ କୌଣସି ଯୁବକ ନିଜଠାରୁ ସାତବର୍ଷ ବଡ଼, ବିବାହିତା, ଦୁଇଟି ସନ୍ତାନର ଜନନୀ ପାଇଁ ପାଗଳ ହୋଇପାରେ ? ଅଦୃଶ୍ୟ କାରଣଟି ନ ଜାଣିଥିବାରୁ ଆପଣମାନେ ଦୁଃଖ ପାଉଛନ୍ତି ।'

ବିମଳକାନ୍ତ ସାହସ ସଂଚୟ କରି କହିଲେ–'ମହାତ୍ମା ! ଏ ଦୁଃଖରୁ ଆମକୁ ଉଦ୍ଧାର କରନ୍ତୁ ।'

'ଶୁଣନ୍ତୁ ! ସକାଳେ କହିଥିଲି, କିଏ କାହାକୁ ଉଦ୍ଧାର କରିପାରେନା । ନିଜେ ନିଜର ଉଦ୍ଧାରକର୍ତ୍ତା । ସୁଖ ଦୁଃଖ ବୋଲି ଯେଉଁ ଦୁଇଟା କନ୍‌ସେପ୍ଟ– ତାହା ମନ ଭିତରେ ଥାଏ । ସଂସାରରେ ନଥାଏ । ଯାହାକୁ ମନ ଗ୍ରହଣ କରିନିଏ, ତାହା ସୁଖ; ଯାହା ମନ ଗ୍ରହଣ କରିବାରେ ଅନିଚ୍ଛୁକ, ତାହା ଦୁଃଖ । କୌଣସି ନାରୀ ପତିତା ନୁହେଁ । କୌଣସି ନଦୀ ଦୂଷିତ ନୁହେଁ । ବାହାରର ଆବର୍ଜନା ସେମାନଙ୍କୁ ପ୍ରଦୂଷିତ କରିଥାଏ ।

Digitized by PPRACHIN, SOA

'ସେମାନଙ୍କୁ ପୁଅବୋହୂ ଭାବରେ ସ୍ୱୀକାର କଲେ ବେଶୀ ଦୁଃଖ, ନା ପରିତ୍ୟାଗ କରିବାରେ ଅଧିକ ଦୁଃଖ । ମନ ଭିତରେ ତଉଲ କରି ଦେଖନ୍ତୁ ।'

ଆଶ୍ରମରୁ ଫେରିବା ପଥରେ ସାବିତ୍ରୀ କହିଲେ—'ଶୋଭନ ! ତୁମ ଘରକୁ ଯିବା । ଭାଇ, ଅପା ସାଙ୍ଗରେ ଟିକେ ପରାମର୍ଶ ଅଛି ।'

ସାନଭଉଣୀ, ସାନଭାଇଙ୍କୁ ଆସିବା ଦେଖି ସୁରେଖା ସନ୍ତୁଷ୍ଟ ହେଲେ । ଦିଲେଶ୍ୱର ମଧ୍ୟ ଆନନ୍ଦ ପାଇଲେ ।

'ଅପା ! ଏତେ କାଳଧରି ଆମେ ଅନ୍ଧାରରେ ଘୂରୁଥିଲୁ । କଷ୍ଟ ପାଉଥିଲୁ । ପାଇବାର ଦୁଃଖ ଅପେକ୍ଷା ହରାଇବାର ଦୁଃଖ ଯେ କେତେ ଅଧିକ, ଏଇ ସହଜ କଥାଟି କେହି ଆମକୁ ବୁଝାଇ ନଥିଲେ । ଭାବୁଚୁ, ଇନ୍ଦୋର ଯାଇ ପୁଅବୋହୂଙ୍କୁ ଦେଖି ଆସିବୁ ।'

ଦୁଇଭଉଣୀ କୋଳାକୋଳି ହେଲେ । ଦିଲେଶ୍ୱର ବାହୁ ବଢ଼ାଇ ବିମଳକାନ୍ତଙ୍କୁ ଆଲିଙ୍ଗନ କଲେ ।

ମୁହୂର୍ତ୍ତକେ ଘରଟି ଭିତରେ ଖେଳିଗଲା, ପ୍ରାପ୍ତିର ରାଶି ରାଶି ଲହରୀ ।

ପ୍ରଭାକର କେବେ ସ୍ୱପ୍ନ ବି ଦେଖିନଥିଲେ ବାପାମାଆ ଅଚାନକ ଇନ୍ଦୋର ଆସି ସେମାନଙ୍କ ପାଖେ ହାଜର ହୋଇଯିବେ । ଲତିକା ଶାଶୁଙ୍କ ଗୋଡ଼ତଳେ ପଡ଼ି କାନ୍ଦିବାରେ ଲାଗିଲେ—'ମୋତେ କ୍ଷମାକର ମା' । ଜାଣେନା, କ'ଣ କେମିତି ଏସବୁ ଘଟିଗଲା । ମୁଁ ଆପଣମାନଙ୍କ ପ୍ରତି ବହୁତ ଅନ୍ୟାୟ କରିଚି ।'

ସାବିତ୍ରୀ ଲତିକାଙ୍କୁ ତଳୁ ଉଠାଇ ଛାତିରେ ଜାକିଧରିଲେ—'ଭୁଲ୍ କିଛି ନାହିଁ । ମଣିଷର ନିରୋଳା ଭଲପାଇବା ପାଖରେ ସାମାଜିକ ବିଧିବନ୍ଧନ ହାରିଯାଏ ।'

Digitized by PPRACHIN, SOA

ଯାଦୁକରର କାଉଁରି କାଠି ସ୍ପର୍ଶ ପରି ନିମିଷକେ ଦୁନିଆଟା କ'ଣ ଏମିତି ବଦଳିଗଲା ପ୍ରଭାକରଙ୍କ ପାଇଁ ! ଧୂଧୂ ଜଳୁଥିବା କ୍ଷେତରେ ପହଁରିଗଲା ଶସ୍ୟଶ୍ୟାମଳା ସବୁଜିମା ।

ପ୍ରଭାକର ମାର୍କେଟିଂ କରିବା ପାଇଁ ବାହାରିବା ବେଳକୁ ବିମଳ କହିଲେ–'ଆମେ ନନ୍‌ଭେଜ୍ ଖାଇବା ଛାଡ଼ିଦେଉଚୁ । ପିଆଜ ରସୁଣ ବି ଖାଉନୁ ।'

ପ୍ରଭାକର ଅବାକ୍ ହେଲେ । କ'ଣସବୁ ଘଟିଯାଇଚି ! ପ୍ରତ୍ୟହ ଦି'ଓଳି ମାଛ ମାଂସ ନ ହେଲେ ବାପାମାଆଙ୍କୁ ଖାଦ୍ୟ ରୁଚେନି ।

ଲତିକାର ଛୁଆ ଦୁଇଟି ଦୁଇଜଣ ବୟସ୍କ ଅପରିଚିତଙ୍କ ପାଖରୁ ଦୂରେଇ ଦୂରେଇ ରହୁଥିଲେ । ବିମଳକାନ୍ତ ସେମାନଙ୍କୁ ସାଙ୍ଗରେ ନେଇ ବଜାର ବୁଲେଇ ଆଣିଲେ । ସେ ଦିହିଁଙ୍କ ପାଇଁ ଢେର୍ ଜାମାପଟା କିଣିଦେଇଛନ୍ତି । ଦିନ ଗୋଟାକରେ ସେମାନେ ଜେଜେ ଜେଜି ଡାକୁଛନ୍ତି ।

ଏତେ କାଳର ବ୍ୟବଧାନରେ ସେଦିନ ରାତିରେ ସୁଖନିଦ୍ରାରେ ଶୋଇଲେ ବିମଳକାନ୍ତ, ସାବିତ୍ରୀ ।

ସକାଳର ଚା'ଖିଆ ଆସରରେ ବିମଳ କହିଲେ–'ପ୍ରଭାକର ! ଏମିତି ଭାବରେ ସମାଜ ଚଳେନା । ଗୋଟେ ଝିଅ ସହ ପୁଅର ସଂପର୍କ ସମାଜ ସ୍ୱୀକାର ନ କଲେ ତାହା ଅବୈଧ ହୋଇ ରହିଯାଏ । ତୁମେ ଭୁବନେଶ୍ୱର ଚାଲ । ଲତିକା ତା' ସ୍ୱାମୀ ପାଖରୁ ଛାଡ଼ପତ୍ର ନେଇଯାଉ । ତୁମେ ଦୁହେଁ ତା'ପରେ ରେଜେଷ୍ଟ୍ରି ମ୍ୟାରେଜ୍ କରିନେବ ।'

ଦୁଇଟି ଶୂନ୍ୟ ହୃଦୟ ନେଇ ସ୍ୱାମୀସ୍ତ୍ରୀ ଇନ୍ଦୋର ଯାଇଥିଲେ । ପରିପୂର୍ଣ୍ଣ ସଂସାରଟିଏ ନେଇ ଭୁବନେଶ୍ୱର ଫେରିଲେ ।

ରମ୍ୟକ୍‌ନାଥ ଲତିକା ମଥାରେ ହାତ ବୁଲାଇଦେଲେ । କହିଲେ–'କାଲି ସକାଳ ଆଠଟାରେ ଆସିବ, ମୁଁ ତୁମକୁ ଦୀକ୍ଷା ପ୍ରଦାନ କରିବି ।'

ବିନ୍ଦୁ ଉଦ୍ଦେଶ୍ୟରେ କହିଲେ–'ଲତିକା ତୁମର ସାନଭଉଣୀ । ଗୁରୁଭଗ୍ନୀ ହେବା ପାଇଁ ଯାଉଛନ୍ତି । ତମେ ତାଙ୍କୁ ସ୍ନେହ ଦେବାରେ କାର୍ପଣ୍ୟ କରିବ ନାହିଁ । ଯେତେଦୂରରେ ରହିଲେ ମଧ ଭାବଜଗତରେ ନିକଟ-ଦୂରର ପାର୍ଥକ୍ୟ ନଥାଏ ।'

Digitized by PPRACHIN, SOA

ଏବେ ବଳବନ୍ତରାୟ ଖୁସିରେ ରହୁଛନ୍ତି । ବେଶ୍ କିଛି ପଇସା ଆସିଯାଉଚି ।

ସେ ପ୍ରାତଃଭ୍ରମଣରୁ ଫେରିବା ପରେ ପଣ୍ଡିତଜୀଙ୍କ କୋଠରୀ ଭିତରକୁ ପଶିଗଲେ । ବାବନ ଦାଢ଼ି ଖିଅର ହେଉଥାଏ ।

ଗୋଟେ ଚେୟାର୍‌ରେ ବସିପଡ଼ି ମନ୍ତ୍ରୀଜୀ ମନ୍ତବ୍ୟ କଲେ–'ବିଦୁରଥଟା ପାରିବାର ପିଲା । ଭଲ କାମରେ ଆସୁଚି ।' ବାବନ ଚୁପ୍ ରହିଲା । ବଳବନ୍ତରାୟ ରାଜନୈତିକ ଲୋକ । ସେ ଉଡ଼ିଗଲା ପକ୍ଷୀର ପର ଗଣିଦେବେ । ତାଙ୍କ ଉକ୍ତିକୁ ପଣ୍ଡିତଜୀ ସମର୍ଥନ କରୁନାହାନ୍ତି, ଖଣ୍ଡନ ମଧ୍ୟ କରୁନାହାନ୍ତି । କିଛି ରହସ୍ୟ ଅଛି କି ? ଅସଲରେ ସେ ଚାହୁଁଥିଲେ, ବିଦୁରଥର ସଚ୍ଚୋଟତା ସଂପର୍କରେ ପଣ୍ଡିତଜୀଙ୍କ ମତାମତ ।

'ନୀରବ ରହିଲେ ଯେ ! କିଛି କହୁନାହାନ୍ତି ?'

ବାବନ ଉତ୍ତର ଦେଲା–'ନିଶ୍ଚିତ ଭାବେ ସେ ଆପଣଙ୍କ ଦରକାରରେ ଆସୁଚି । କିନ୍ତୁ ଯେତେଟା ଭାବୁଛନ୍ତି, ସେ ସେତେ ନିର୍ଭରଯୋଗ୍ୟ ନୁହେଁ ।'

'ଅର୍ଥାତ୍ ?'

'ଆପଣଙ୍କ ପାଇଁ ଯାହା ସଂଗ୍ରହ କରୁଚି, ତା'ର କିଛିଭାଗ ନିଜେ ରଖୁଚି ।'

'ଏବେ ସୁଦ୍ଧା କେତେ ମାରିଥିବ ?'

'ପ୍ରାୟ ଦଶଲକ୍ଷ ।'

ବଳବନ୍ତରାୟ ନିଜକୁ ସଂଯତ ରଖି ନପାରି ଚିତ୍କାର କଲେ–'ପାଜି, ବଦମାସ୍, ଜୁଆଚୋର । ମୋ' ପାଖରେ ହାରାମିଗିରି ! ମୁଁ ତା'ର ମୂଳୋତ୍ପାଟନ କରିଦେବି ।'

ମନ୍ତ୍ରୀଜୀ ଏମିତି ରାଗିବାର ବାବନ କେବେ ଦେଖିନଥିଲା । ମକରା ତା' କପ୍‌ଟିଏ ଧରି ଆସିଥିଲା, ଛିଡ଼ାହୋଇ ରହିଲା ।

Digitized by PPRACHIN, SOA

ବାବନ ମନେମନେ ହେଜିଲା–ଏତେ ବଡ଼ ଅପ୍ରୀତିକର ସତ୍ୟଟା କହିଦେବା ବୋଧହୁଏ ଉଚିତ୍ ହେଲାନି । ବିଦୁରଥ ସଂପର୍କରେ ସ୍ୱତଃପ୍ରବୃତ୍ତ ଭାବେ ଏକଥା ସେ କେବେ କହି ନଥା'ନ୍ତା । ମନ୍ତ୍ରୀଜୀ ନିତାନ୍ତ ବାଧ କରିବାରୁ ପାଟିରୁ ଖସିଗଲା । ମୁହଁରୁ ଝରିପଡ଼ିଥିବା ଛେପ, ଖସିଯାଇଥିବା ଶବ୍ଦ କେବେ ଫେରାଇ ଆଣିହୁଏନି ।

ଜଳଖିଆ ଖାଇଲା । ମନଟା ଭଲ ଲାଗୁନି । ଏମିତି ଭୁଲ୍ ସିଏ ଏବେ ଯାଏ କରିନଥିଲା । ବିଦୁରଥ ଖାଇଗଲା ତ ଖାଇଗଲା । ମନ୍ତ୍ରୀଙ୍କର ପିତୃଅର୍ଜିତ ସମ୍ପତ୍ତି ତ ହଡ଼ପ କରିନି ।

ଭାବିଲା–ଶୋଭନବାବୁଙ୍କ ଘରଆଡ଼େ ବୁଲିଆସିଲେ ଭଲ ଲାଗନ୍ତା ।

ଏଇ ଘରଟି ଭିତରେ ଶୁଚିସ୍ନିଗ୍ଧ ଆଲୋକ ଶିଖାଟିଏ ଜଳୁଚି-ବିନ୍ଦୁଛାୟା । ଜଣଜଣକ ପ୍ରଭାବରେ ଘରର ପରିବେଶ ବଦଳିଯାଏ । ସ୍ୱର୍ଗ, ନର୍କ, ମଣିଷ ତିଆରି କରିଥାଏ, ନିଜ ଘରେ ।

'ମଉସାମାଉସୀଙ୍କର ସବୁ ସମସ୍ୟା ଗଲାଟି ?'

'ସେମାନେ ଏବେ ନୂଆ ଜୀବନ ପାଇଛନ୍ତି । ହତାଶ ଜୀବନକୁ ମଣିଷ ଘୋଷା କରିବା ଅପେକ୍ଷା ନୂଆ ରାସ୍ତାଟିଏ ବାଛିନେବା ଶ୍ରେୟସ୍କର ନୁହେଁ କି ?'

'ଏସବୁ ତୁମ ଯୋଗୁ ସମ୍ଭବ ହୋଇଚି ମା' ।'

'ମୁଁ କ'ଣ ବା କଲି ? ସ୍ୱାମୀଜୀ ତାଙ୍କୁ ବାଟ ଦେଖାଇଲେ । ଅଭୟ ପ୍ରଦାନ କଲେ ।'

'ତୁମେ ଯଦି ତାଙ୍କୁ କ୍ଷମା କରି ନଥା'ନ୍ତ, କେବେହେଲେ ସ୍ୱାମୀଜୀ ତାଙ୍କୁ ପାଖରେ ପୂରାଇ ନଥା'ନ୍ତେ ।'

'ସେଥିରେ ଆପଣଙ୍କର ଅବଦାନ ନାହିଁ ? ଆପଣଙ୍କ ପରାମର୍ଶରେ ତ ସବୁ କ୍ରୋଧ ଭୁଲିଯିବା ପାଇଁ ବାଧ ହେଲି ।'

'ମା' ! କ୍ରୋଧଆକ୍ରୋଶ ଦ୍ୱାରା ନିଜର କ୍ଷତି ହୁଏ । ତୁମେ ମୋ'ଠାରୁ କେତେ ଜ୍ଞାନୀ, ତୁମକୁ ମୁଁ ବୁଝାଇପାରିବି ?'

'ଦୁନିଆରେ ସମସ୍ତଙ୍କଠାରୁ କିଛି ଶିଖିବାର ଅଛି, କି ଛୋଟ କି ବଡ଼ । ଅବଧୂତ କ'ଣ ତୁଚ୍ଛାକୁ ଚବିଶି ଗୁରୁ କରିଥିଲେ !'

Digitized by PPRACHIN, SOA

'ମା' ମୋ'ର ମନେହେଉଚି, ତୁମେ ବହୁତ ଉଚ୍ଚସ୍ତରକୁ ଯିବ । ତୁମ ମଥାରେ ରହିଚି ସଦ୍‌ଗୁରୁଙ୍କର ଆଶୀର୍ବାଦ । ଦୁନିଆରେ କେତେ ଆର୍ତ୍ତ, ଦୁଃଖୀ, ନିରିମାଖି ଲୋକ ଅଛନ୍ତି । ତୁମେ ସେମାନଙ୍କୁ ନୂଆ ଆଶା ଦେଇ ନୂଆ ଜୀବନ ବଞ୍ଚିବା ପାଇଁ ଶିଖାଇବ ।. ତୁମର ସେ ସିଦ୍ଧିପ୍ରାପ୍ତ ଅବସ୍ଥା ଦେଖିବା ପାଇଁ ମୁଁ ହୁଏତ ବଞ୍ଚିରହିବିନି ।'

'ଏ କ'ଣ କହୁଛନ୍ତି, ବାବନବାବୁ ! କେତେ ବା ବୟସ ଆପଣଙ୍କର ?'

'ମଣିଷ ଜୀବନ ପାଣିଫୋଟକା । ଏବେ ଅଛି, ଏବେ ନାହିଁ । ମୃତ୍ୟୁ ମହଲତ ଦିଏନାହିଁ । ମଶାଣି ପର୍ଯ୍ୟନ୍ତ ଘୋଷାରିନିଏ ।'

'ଆଜି ଆପଣଙ୍କର ମୁଡ୍ ଭଲ ନାହିଁ କି ? କେବେ ତ ଏପରି କଥା କହନ୍ତି ନାହିଁ !'

'ଠିକ୍ ଧରିଛ ! ଗୋଟେ ଭୁଲ୍ କରିଦେଲି ବୋଲି ଲାଗୁଚି । ମନ ପରିବର୍ତ୍ତନ କରିବା ପାଇଁ ଏଠାକୁ ଚାଲିଆସିଲି । ମା', କିଛି ଆଧ୍ୟାତ୍ମିକ କଥା କୁହ, ଭଲ ଲାଗିବ ।'

'ଏବେ ଭାଗବତ ପଢ଼ିବା ଆରମ୍ଭ କରିଚି । ଚମତ୍କାର ଜୀବନ-ଦର୍ଶନ ସହିତ ଦାର୍ଶନିକ ବିଶ୍ଳେଷଣ । ସନ୍ଥକବି ଜଗନ୍ନାଥ ଦାସ ଲେଖିଛନ୍ତି—ଏ ଜଗତ କାଳର କବଳିତ । 'ସେ କାଳ ସକଳ ନାଶଇ । ଏଣୁ ତା' ଗତି କେ ଜାଣଇ ।' କେହି କାଳର ଗତି ଜାଣିପାରନ୍ତି ନାହିଁ । କାଳବଶରେ ଭ୍ରମୁଥା'ନ୍ତି । ଯୋନିରୁ ଯୋନି, ଜନ୍ମରୁ ଜନ୍ମ ଜୀବର ଭ୍ରମଣ । କାଳମାୟାରେ ଜୀବ ସୁଖଦୁଃଖ ବିଚାରିବାର କ୍ଷମତା ହରାଇବସେ । ତେବେ ମଧ୍ୟ ଅଜ୍ଞାନୀମାନଙ୍କର ବୈରାଗ୍ୟ ଉଦୟ ହୁଏନାହିଁ । 'ଯେବେ ନରକେ କୀଟ ହୋଇ । ଅତ୍ୟନ୍ତ ସୁଖ ତା' ମଣଇ ।' ବୈରାଗ୍ୟଭାବ ଜାତ ହେଲେ ଜ୍ଞାନର ସ୍ଫୁରଣ ହୁଏ । 'ବୈରାଗ୍ୟ ଭାବେ ତତ୍ତ୍ୱଜ୍ଞାନ । ତେଣୁ ଭାବନ୍ତି ଭଗବାନ । ଆତ୍ମାକୁ ସମାନ ଦେଖିଲେ । ତା' ବିନୁ ଆନ ଜାଣିଲେ ।' ଆତ୍ମା ଯେତେବେଳେ ବିଶ୍ୱମୁଖୀ ହୁଏ, ମାୟାର ପ୍ରହେଳିକା ନାଶହୁଏ ।'

ବାବନ ସତକୁ ସତ ସୋଫା ଉପରେ ଶୋଇପଡ଼ିଥିଲା ।

ବିନ୍ଦୁଛାୟା ତକିଆଟିଏ ଆଣି ତା' ମଥା ତଳେ ଦେଇଦେଲେ ।

Digitized by PPRACHIN, SOA

ଚା' ପିଇସାରିବା ପରେ ମର୍ଣ୍ଣିଂ ନିଉଜ୍ ଦେଖିବା ପାଇଁ ବାବନ ଟିଭି ଖୋଲିଦେଲା ।

ଗୁଡ଼ିଏ ନିଉଜ୍ ଆଇଟମ୍ ଭିତରୁ ଗୋଟିଏ ଘଟଣା ତାକୁ ସାଙ୍ଘାତିକ ଭାବେ ଚମକାଇଦେଲା ।

'ଗତକାଲି ରାତିରେ କେହି ଦୁର୍ବୃତ୍ତ ଶ୍ରମମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ବିଦୁରଥ ଦାସଙ୍କ ସରକାରୀ ବାସଭବନରେ ପ୍ରବେଶ କରି ତାଙ୍କର ଦଶବର୍ଷ ବୟସ୍କ ପୁଅ, ପଇଁତିରିଶ ବର୍ଷ ବୟସ୍କ ସ୍ତ୍ରୀଙ୍କ ସମେତ ବିଦୁରଥବାବୁଙ୍କୁ ବୀଭତ୍ସ ଭାବେ ହତ୍ୟା କରିଚି । ଘରର ଆସବାବପତ୍ର ଛିନ୍ନଛତ୍ର ହୋଇ ପଡ଼ିଥିଲା । ପରିବାରର କୌଣସି ସଦସ୍ୟ ଜୀବିତ ନଥିବାରୁ କି କି ମୂଲ୍ୟବାନ ସମ୍ପତ୍ତି ଚୋରିଯାଇଛି, ତା'ର ସଠିକ୍ ତଥ୍ୟ ମିଳୁନାହିଁ ।'

ତା'ପରେ ଟି.ଭି. ପର୍ଦ୍ଦାରେ ଘର ଭିତରର ସେଇ ରକ୍ତାକ୍ତ ନାରକୀୟ ଦୃଶ୍ୟ, ବାବନ ଦେଖି ପାରିଲା ନାହିଁ । ଟିଭି ବନ୍ଦ୍ କରି ଦୀର୍ଘଶ୍ୱାସଟିଏ ଛାଡ଼ିଲା । ରାଜନୀତିଆ ଲୋକଙ୍କୁ ବିଶ୍ୱାସ ନାହିଁ । ପାଦରେ କଣ୍ଟାଟିଏ ବାଜିଲେ, କଣ୍ଟାଗଛକୁ ସମୂଳେ ଓପାଡ଼ିଦେବେ ।

ମନ୍ତ୍ରୀ ବେଶବାସ ହୋଇ ଥୋଡ଼ାଏ ଫୁଲତୋଡ଼ା ହାତରେ ଧରି ଗାଡ଼ିରେ ବସିଲେ । ବାବନ ଆଡ଼କୁ ଅନାଇଲେ ନାହିଁ କି ପଦେ କହିଲେ ନାହିଁ । ତାକୁ ସାମ୍ନା କରିବାର ସତ୍‌ସାହସ ତାଙ୍କର ନଥିଲା ।

ମକରା କହିଲା–'ବିଦୁରଥ ବାବୁଙ୍କ ଘରେ ଡକାଏତ ପଶି ସାରା ପରିବାରଟାକୁ ମାରିଦେଇଚି । ମନ୍ତ୍ରୀ ଗଲେ ଶବାଧାରରେ ଫୁଲଗୁଚ୍ଛ ଚଢ଼ାଇବା ପାଇଁ ।'

ବାବନ ଲକ୍ଷ୍ୟ କଲା, ମକରାର ଓଠକୋଣରେ କୁଟିଳ ହସର ବକ୍ରରେଖାଟିଏ ।

ଏ କି ପ୍ରହସନ୍ ! ଫୁଲସବୁକୁ ଫିଙ୍ଗିଦେଇ ଡାକ୍ତର ଶବଗୁଡ଼ାକର ପୋଷ୍ଟମର୍ଟମ କରିବ ।

Digitized by PPRACHIN, SOA

ଅର୍ଥର ଲାଳସା ବଳବନ୍ତରାୟଙ୍କୁ ପ୍ରଚୁର ସୁବିଧାବାଦୀ କରିଦେଇଚି । ବାବନ ଦେଖିପାରୁଥିଲା, ମନ୍ତ୍ରୀଙ୍କ ଆସନ୍ନ ବିପଦର ପଦଚିହ୍ନ । ତାଙ୍କୁ ସତର୍କ କରାଇଦେବା ତା'ର କର୍ତ୍ତବ୍ୟ । ଦାନା ଖାଉଚି ତାଙ୍କର ।

ରମେଶଚନ୍ଦ୍ରନ ବୋଲି ଜଣେ ଅଣଓଡ଼ିଆ ଭଦ୍ରବ୍ୟକ୍ତି ଏବେ ମନ୍ତ୍ରୀଙ୍କ ପାଖକୁ ବାରମ୍ବାର ଧପାଲିଛି ।

ଆଜି ସକାଳେ ଆସିଥିଲା । ତାକୁ ଦେଖୁଦେଖୁ ବାବନ ଜାଣିପାରିଲା । ସେ ମନ୍ତ୍ରୀଙ୍କ ପାଇଁ ମୃତ୍ୟୁର ମହାବୀଜଟିଏ ଧରିକି ଆସିଚି ।

ସିଧାସଳଖ ସେ ବଳବନ୍ତରାୟଙ୍କୁ ପଚାରିଲା–'ରମେଶଚନ୍ଦ୍ରନ୍ ବାରମ୍ବାର କାହିଁକି ଆସୁଚି ?'

ମନ୍ତ୍ରୀ ଅସନ୍ତୁଷ୍ଟ ହେଲେନାହିଁ । ସେ ଜାଣନ୍ତି, ବିନା କାରଣରେ ବାବନ ପଦଟିଏ ବି ପଚାରେ ନାହିଁ ।

'ରମେଶଚନ୍ଦ୍ରନ୍ ଗୋଟେ ବଡ଼ ଫାକ୍ଟ୍ରିର କମର୍ସିଆଲ୍ ମ୍ୟାନେଜର ।'

'କ'ଣ ପାଇଁ ଆସୁଚି ?'

'ମ୍ୟାନେଜ୍‌ମେଣ୍ଟ ଫ୍ୟାକ୍ଟ୍ରି ଲକ୍‌ଆଉଟ୍ କରିଦେଇଚି । ସେଇ ସିଦ୍ଧାନ୍ତକୁ ସରକାରୀ ସ୍ୱୀକୃତି ମିଳିଗଲେ, ସେମାନଙ୍କୁ ସୁବିଧା ହେବ । ଗୋଟେ ବଡ଼ ଡିଲ୍ ହୋଇଚି । ଆପଣଙ୍କୁ ଲୁଚାଇବାର କିଛି ନାଇଁ । ଫାଇଲ୍‌ଟି ମୋ' ପାଖେ ଅଛି ।'

'ଆଜି ରାତିରେ ସେ ଗୋଟେ ଝିଅ ଆଣିବ ଆପଣଙ୍କ ପାଇଁ ?'

ମନ୍ତ୍ରୀଜୀ ନୀରବ ରହିଲେ ।

'ସେ ଝିଅ ସାଙ୍ଗେ ମୋଟେ ଶୋଇବେନି । ସିଏ ରମେଶଚନ୍ଦ୍ରନ୍‌ର ରକ୍ଷିତା । ପବ୍ଲିକ୍ ସ୍କୁଲ୍‌ରେ ମିସ୍‌ଟ୍ରେସ୍ ଅଛି । ଏ ଭିତରେ ରମେଶଚନ୍ଦ୍ରନଙ୍କୁ ଏଡ୍‌ସ ଗ୍ରାସ କରିଛି । ସେ ନିଜେ ବି ଜାଣେନି । ରମେଶଚନ୍ଦ୍ରନ୍‌ଙ୍କୁ ମୋବାଇଲ୍‌ରେ ଜଣେଇଦିଅନ୍ତୁ, ଜରୁରି କାମରେ ନିର୍ବାଚନ ମଣ୍ଡଳୀ ଗସ୍ତରେ ବାହାରୁଛନ୍ତି । ରାତିରେ ତେଣୁ ଆଭେଲେବଲ୍ ହେବେନି । କାଲି ସକାଳେ ଫାଇଲ୍‌ରେ ନେଗେଟିଭ୍ କରିଦେବେ ।'

ଏହା ବାବନର ଅନୁରୋଧ ନଥିଲା, ଥିଲା ଯେମିତି ବଜ୍ର କଠୋର ଆଦେଶ ।

Digitized by PPRACHIN, SOA

ବାବନ ପିଠିରେ ବଥଟିଏ ବାହାରିଲା । ପିଲାବେଳୁ ତା' ଦେହରେ ଘା'ଟିଏ ମଧ ହୋଇନଥିଲା । ବଥଟି ପାଚିଲେ ପୁଜ ବାହାରି ସ୍ୱାଭାବିକ ହୋଇଯିବ, ବାବନ ଏୟା ଭାବିଥିଲା ।

ବଥ ପାଚିଲା ଭୀଷଣ ଭାବେ । ଗୋଟେ ଟେନିସ୍ ବଲ୍ ଆକାରର ହୋଇଗଲା । ହେଲେ, ଫାଟିଲା ନାହିଁ । କଟକଟ ଯନ୍ତ୍ରଣାରେ ଦିନରାତି ଶୋଇପାରିଲା ନାହିଁ ବାବନ ।

ବଳବନ୍ତରାୟ ଏକଥା ଜାଣିବାକ୍ଷଣି ବ୍ୟତିବ୍ୟସ୍ତ ହୋଇପଡ଼ିଲେ ।

'ପଣ୍ଡିତଜୀ ! ନିଜ ଦେହକୁ ଏପରି ଅଣହେଲା କରନ୍ତି ? ବଥଟିକୁ ନର୍ସିଂହୋମ୍‌ରେ କଟାଇଦେବା ।'

ଆବଶ୍ୟକୀୟ ଅସ୍ତ୍ରୋପଚାର ପରେ ବ୍ୟାଣ୍ଡେଜ୍ ବନ୍ଧାହେଲା । ଯାହା ଡାକ୍ତର ଲେଖିଲେ, ସେହି ପ୍ରକାରେ ଔଷଧ ଦିଆଗଲା । ଦିନ ପରେ ଦିନ ବିତିଲା; ହେଲେ, କ୍ଷତ ଶୁଖିଲା ନାହିଁ ।

ବ୍ଲଡ୍ ସୁଗାର ଟେଷ୍ଟ୍ ହେଲା– ନିଲ୍ ।

ମାଂସ କାଟି ବାଓପ୍‌ସି କଲେ । ମାଲିଗ୍‌ନାନସି ନାହିଁ ।

ସିରମ୍ ଟେଷ୍ଟ୍ ହେଲା । ରିପୋର୍ଟରେ ପ୍ରତିକୂଳ ମନ୍ତବ୍ୟ ଆସିଲା ନାହିଁ ।

କ୍ଷତଟି ଶୁଖିବାର ସୂଚନା ମିଳିଲା ନାହିଁ, ବରଂ ତିନିଇଞ୍ଚ ବ୍ୟବଧାନରେ ଆଉଗୋଟେ କ୍ଷତ ସୃଷ୍ଟି ହେଲା । ସାତଦିନ ବା'ଦେ ଆଉ ଗୋଟିଏ । ପକ୍ଷେ ଭିତରେ ପିଠିସାରା କ୍ଷତରେ ଭର୍ତ୍ତି ହୋଇଗଲା ।

ଭି.ଆଇ.ପି. ପେସେଣ୍ଟ, ଅଥଚ ଡାକ୍ତରମାନେ ଥଳକୂଳ ପାଉନାହାନ୍ତି ।

ବିଛଣାରେ ଶୋଇବା ସମ୍ଭବ ହେଉନଥିଲା । ବହଳ ନରମ ତକିଆଗୁଡ଼ିଏ ସାମ୍‌ନାରେ ଖଞ୍ଜି ଦିଆହୋଇଥାଏ, ବାବନ ଆଗକୁ ହାମୁଡ଼ାଇ ସେଇଥିରେ ବିଶ୍ରାମ ନିଏ ।

Digitized by PPRACHIN, SOA

ପୂଜର ଆଇଁଷିଣିଆ ଗନ୍ଧରେ କୋଠରୀ ବିଷାକ୍ତ ହୋଇଉଠିଲା ।

ବାବନ ଜାଣିପାରିଲା–ଇଏ ବ୍ୟାଧି ନୁହେଁ, ପୈଶାଚିକ ବିଭୀଷିକା ।

ଅଦୂର ଅତୀତର ସେଇ ଅଭୁଲା କଥାଟି ମନେପକାଇଲା ତା'ର ।

ବାବନ ପଢ଼ାପଢ଼ିରେ ଅଯୋଗ୍ୟ ହେବାରୁ ବାପା ତାକୁ ରାଧେମାଷ୍ଟ୍ର ପାଖକୁ ସହରକୁ ପଠାଇଦେଲେ, ଦଲିଲ ଲିଖନ ଶିଖିବା ପାଇଁ । ମାଷ୍ଟ୍ରେ ଆଶ୍ୱାସନା ଦେଇଥିଲେ, କାମଦାମ ଜାଣିଗଲେ, କୌଣସି ଓକିଲ ପାଖରେ ମୋହରିର କରି ରଖିଦେବେ । ବାବନ କାମ ଶିଖିଆସୁଥାଏ ।

ଦିନେ ମାଷ୍ଟ୍ରେ ଡାକୁଥାଆନ୍ତି, ବାବନ ଦଲିଲ୍ ଲେଖୁଥାଏ, ପରିସ୍ରା ଲାଗିଲା ।

କଚେରି ହତାର ଭଙ୍ଗା କାନ୍ଥପାଖକୁ ସେ ଚାଲିଗଲା ।

ପାଚେରୀ ସେପଟ ରାସ୍ତାକଡ଼ରେ ଜଣେ ଲୋକକୁ ଘେରି ଭିଡ଼ ଜମିଚି । ବାବନର କୌତୂହଳ ହେଲା । ଗହଳି ଭିତରେ ପଶି ସେ ଦେଖଣାହାରି ପାଲଟିଗଲା ।

ଜଣଜଣ କରି ଟଙ୍କାଏ ଲେଖା ବଢ଼ାଉଛନ୍ତି । ଭଦ୍ରଲୋକ ମାତ୍ର ତିନୋଟି କଥା କହୁଛନ୍ତି । ଜଣକୁ କହିଲେ–'ତୁମ ସ୍ତ୍ରୀର ଆଣ୍ଠୁଗଣ୍ଠି ବାତ । ୟୁନାନୀ ଫାର୍ମାସୀର ନୂରାନୀ ତେଲ ମାଲିସ୍ କର । ଝିଅଟା ଭଲ ପଢୁନି, ଅପେକ୍ଷା ନ କରି ବାହା କରିଦିଅ । ବୟସ ବଢ଼ିଯାଉଚି ।'

ଆଉଜଣେ ଟଙ୍କେ ବଢ଼େଇଦେଲା... 'ମାଆ ଖଟରୁ ପଡ଼ି ଗୋଡ଼ ଭାଙ୍ଗିଛନ୍ତି । ଅଫିସ୍‌କୁ ଟେଲିଫୋନ୍ ଆସିଥିଲା । ତୁମେ ସେତେବେଳେ ସିନେମା ହଲ୍‌ରେ ବସି ମ୍ୟାଟିନି ଶୋ'ଦେଖୁଥିଲ । ତୁରନ୍ତ ଗାଁକୁ ପଳାଇଯାଅ ।'

ଯୁବକ ଜଣେ ଟଙ୍କାଟିଏ ଦେଲା... 'ତୁମେ ଝିଅମାନଙ୍କ ପଛରେ ଧାଇଁଚ । ସେମାନେ ଖାନଦାନୀ ଘରର । ଚପଲରେ ସେକିଦେବେ । ବାପା ଧାର୍ କରଜ କରି ପାଠପଢ଼ା ପାଇଁ ପଠାଉଛନ୍ତି । ପାଠ ନ ପଢ଼ିଲେ, ଶେଷରେ ରିକ୍ସା ଟାଣିବ ।' ଯୁବକଟି ସାଏଁକିନା ଖସିଗଲା ।

ବୁଢ଼ା ଜଣେ ଟଙ୍କାଟିଏ ଦେଲେ ।

'ଝିଅ ଜୋଇଁ ପାଇଁ ବ୍ୟସ୍ତ ହୁଅନା । ଗୟାରେ ପିଣ୍ଡ ଦେଇସାରି ଟ୍ରେନ୍‌ରେ ବସିଛନ୍ତି । ଯଥାସମୟରେ ପହଞ୍ଚିଯିବେ ।'

Digitized by PPRACHIN, SOA

ବୃଦ୍ଧ ପ୍ରଶ୍ନଟିଏ କରିବାକୁ ଯାଉଥିଲେ । ଭଦ୍ରଲୋକ ବାରଣ କଲେ, 'ଚତୁର୍ଥ ପ୍ରସଙ୍ଗ ନାହିଁ ।'

ବାବନର ଆଖି ତାଲୁକୁ ଖୋସିହୋଇଗଲା । କି ଆଶ୍ଚର୍ଯ୍ୟ ବିଦ୍ୟାରେ ବାବା ! ଦେଖୁଦେଖୁ ଅଜଣାଅଶୁଣା ଲୋକଙ୍କ ବିଷୟରେ ଅକାଟ୍ୟ ସତ୍ୟବଚନ ବାହାରୁଚି ! ଲକ୍ଷ୍ୟ କଲା, ଉତ୍ତର ଦେଉଥିବା ଭଦ୍ରଲୋକ କୁଞ୍ଚକରା ଧୋତି ସାଙ୍ଗକୁ ଧଳା ଫୁଲ୍ କମିଜ୍‌ଟିଏ ପିନ୍ଧିଛନ୍ତି । ପାଦରେ ସୋଲାପୁରୀ ଚପଲ ।

କଚେରି ବନ୍ଦ ହୋଇ ଆସିଲା । ଜନଗହଳି କମି ପତଳା ହୋଇଆସିଲାଣି । ବାବନ ଆଉ ସେ ରାଧେମାଷ୍ଟ୍ରର ଅଧାକାନ୍ଥିଆ ଆସ୍ଥାନକୁ ଫେରିଲା ନାହିଁ । ଗୋଟେ ଦେବଦାରୁ ଗଛମୂଳେ ଛିଡ଼ାହୋଇରହିଲା ।

ଶେଷ ଗ୍ରାହକଟିକୁ ବିଦାକରି ଭଦ୍ରଲୋକ ଚାଲିବାକୁ ଲାଗିଲେ । ଅଳ୍ପ ତଫାତ୍‌ରେ ଅନୁସରଣ କରୁଥାଏ ବାବନ । କମିଜର କଡ଼ ପକେଟରେ ରଖିଥିବା ମୁଦ୍ରାଗୁଡ଼ିକ ଚାଲିବାର ଛନ୍ଦ ସହିତ ସମତାଳ ଦେଇ ଝନ୍‌ଝନ୍ କରୁଥାଏ । କେତେ ହେବ କେଜାଣି । ପାଆଁଶ କି ତିନିଶ' ହେବ । ରୋଜଗାରର ଏପରି ସରଳ ଉପାୟ ବି ଅଛି ! ସେ ରାଧେ ମାଷ୍ଟ୍ର ପାଖେ ବସି ଦଲିଲ୍ ଲେଖେ । ବୁଢ଼ା କଥାକହିବା ମାତ୍ରେ ପାନଛେପ ଛିଟା ଆସି ସାର୍ଟ ଉପରେ ପଡ଼େ । ସାବୁନ୍ ମାରି ମାରି ଦାଗ ଯାଏନା । କ'ଣନା ଦିନେ ମୋହରିର ହେବ । କଳାପଖିଆ ଓକିଲ ପଛେପଛେ ନାଲିବସ୍ତାନି ଧରି ଧାଇଁବ, ଏ କୋର୍ଟରୁ ସେ କୋର୍ଟ ।

ଭଦ୍ରଲୋକ ରାସ୍ତା ଉପରାସ୍ତା ଦେଇ ଗୋଟେ ଶସ୍ତା ଲଜିଂ ଭିତରେ ପଶିଲେ । ପକେଟରୁ ଚାବି ବାହାର କରି ଦରଜା ଖୋଲି ରୁମ୍ ଭିତରକୁ ଗଲେ । ଭିତରୁ କିଳିଣି ଦେଲେ ।

ବାହାରେ ଅପେକ୍ଷା କରିଥାଏ ବାବନ । ଦ୍ୱାର ଖୋଲିଲେ ମନକଥା କହିବ । ଦୁଆର କିନ୍ତୁ ଖୋଲୁ ନଥିଲା ।

କବାଟରେ କରାଘାତ କଲା । ତଥାପି ଜବାବ ନାହିଁ । ଜୋର୍‌ରେ ଜୋର୍‌ରେ ପିଟିଲା । ଭଦ୍ରଲୋକ ବିରକ୍ତ ହୋଇ ବାହାରିଆସିଲେ ।

'କ'ଣ ପାଇଁ ଏତେ କବାଟ ପିଟୁଚ ? ମୁଁ ଜାଣେ, ମୋତେ ଅନୁସରଣ କରି ଏ ପର୍ଯ୍ୟନ୍ତ ଆସିଚ । ଯାଅ, ଫେରିଯାଅ ।' ତା'ପରେ ସେ ଦରଜା ବନ୍ଦ କରିଦେଲେ ।

Digitized by PPRACHIN, SOA

ରାତି ଦଶଟା ବେଳକୁ ମିଲ୍ ଖାଇବା ପାଇଁ ଭଦ୍ରଲୋକ ବାହାରି ଆସି ଦେଖିଲେ, ଟୋକାଟା କାନ୍ଥକୁ ଆଉଜି ଢୁଳାଉଚି । ହୋଟେଲ୍‌ରୁ ଖାଇସାରି ଫେରିବା ବେଳକୁ ସିଏ ବାରଣ୍ଡାରେ ଶୋଇଯାଇଥାଏ ।

ସକାଳୁ ଅନିସା କଲେ ।

ନା, ଯାଇନି । ଆଖି ମଳୁଚି । ମୁହଁ ହାଣ୍ଡିକରି ବସିଚି ।

କଅଁଳେଇ କହିଲେ–'ବାପା, ଫେରିଯାଅ । ବାହୁରେ ବଳ ଅଛି । ଖଟି ଖାଇବା ବୟସ ତୁମର ।'

ପ୍ରତିବାଦ ସ୍ୱରରେ ବାବନ କହିଲା–'ନା, ଯିବିନି । ଏ ବିଦ୍ୟା ମୋତେ ନ ଶିଖାଇଲେ, ଯୋବ୍ରା ଆନିକଟ ପାଖେ ନଇକୁ ଡେଇଁ ଆତ୍ମହତ୍ୟା କରିବି ।'

ନିରୁପାୟ ଭଦ୍ରଲୋକ ତାକୁ ରୁମ୍ ଭିତରକୁ ନେଇ ବୁଝାଇଲେ–'ବାହାରକୁ ଯାହା ସୁନ୍ଦର ଦେଖାଯାଏ, ତା' ଭିତରେ ଭୟାବହ ହଳାହଳ ଥାଇପାରେ ।'

'କିଛି ବୁଝିବିନି । ଏ ବିଦ୍ୟା ନ ପାଇଲେ ଆତ୍ମହତ୍ୟା ସ୍ୱତଃସିଦ୍ଧ ।'

'ତୁମ ବୟସର ପିଲା ପକ୍ଷେ ଆତ୍ମହତ୍ୟା କିଛି ବଡ଼କଥା ନୁହେଁ । ସେ ପାପ ମୁଁ କାହିଁକି ମୁଣ୍ଡାଇବି ? ଖୋଲାଖୋଲି ସବୁ କହୁଚି ।'

ବାବନ ଉଲ୍ଲସିତ ଦେଖାଗଲା ।

'ଏ ସେପରି ଅସାଧାରଣ ବିଦ୍ୟା ନୁହେଁ । ଏହା କର୍ଣ୍ଣ ପିଶାଚ ସାଧନା । କିନ୍ତୁ ପିଶାଚ-ସାଧକର ଅନ୍ତିମ ପରିଣତି ଅତୀବ ଭୟାବହ । ସେ କଲବଲ ହୋଇ ମରେ ।'

'ମୋତେ ଭୟ ଦେଖାଇବା ପାଇଁ ଏପରି କହୁଛନ୍ତି ।'

'ନାରେ ବାବା ନା । ଇଏ ଏପରି ଏକ ଖାଦ୍ୟ, ଯାହା ଥରେ ତୁଣ୍ଡକୁ ନେଲେ, ନା ଗିଳିହେବ ନା ଓଗାଳିହେବ ।'

'ମୁଁ ସବୁ ପରିଣତି ପାଇଁ ପ୍ରସ୍ତୁତ ।'

'ଭାବପ୍ରବଣ ହୁଅନା । ଥଣ୍ଡା ମସ୍ତିଷ୍କରେ ଚିନ୍ତା କର । ପିଶାଚ ସ୍ୱାଧୀନ ଜୀବ । ତାକୁ ମନ୍ତ୍ର ବଶରେ ଆୟତ୍ତ କରି ସାଧକ ନିଜ ସ୍ୱାର୍ଥ ସାଧନରେ ଲଗାଏ । ସାଧକର ଛୋଟ ଗୋଟାଏ କିଛି କ୍ଷତି ଘଟିବାର ଥିଲେ, ପିଶାଚ

Digitized by PPRACHIN, SOA

ତାକୁ ବଡ଼ କରିଦିଏ । ସାଧକର ଶରୀର ପତନରେ ତା'ର ମୁକ୍ତି । ଏମିତିକା ଖେଳରେ ମାତି ଯାଅନା ।'

'ଏସବୁ ମନଭୁଲା କଥା । ବିଦ୍ୟା ଶିକ୍ଷା ନ ଦେଲେ, ରିକ୍ସା ଚଢ଼ି ଆନିକଟ ବନ୍ଧଆଡ଼େ ବାହାରିବି ।'

ଭଦ୍ରଲୋକଙ୍କ ନାଁ ଅଖିଳେଶ କର୍ମକାର । ଅଖିଳେଶବାବୁ ଖଣ୍ଡେ କାଗଜରେ ଛୋଟିଆ ମନ୍ତ୍ରଟିଏ ଲେଖିଦେଲେ–

'ଶୁଭ ମୁହୂର୍ତ୍ତ ଦେଖି କଳସଟିଏ ବସାଇବ । ଷୋଡ଼ଶ ଉପଚାରରେ ପୂଜା କରିବ । ବୀଜମନ୍ତ୍ରକୁ ରକ୍ତଚନ୍ଦନ ଦ୍ୱାରା ତ୍ରିଶାଖା ବେଲପତ୍ରରେ ଲେଖି କଳସ ଉପରେ ସ୍ଥାପନ କରିବ । ପ୍ରତ୍ୟହ ଶହେ ଆଠଥର ଏହି ମନ୍ତ୍ରପାଠ କରିବ । ଠିକ୍ ଭାବେ ପାଳନ କଲେ, ଏକୋଇଶି ଦିନରେ ସିଦ୍ଧିଲାଭ ହେବ । ପିଶାଚ ବଶୀଭୂତ ହୋଇ କାନ୍ଧରେ କାନପାଖରେ ରହିବ । ପ୍ରଶ୍ନଟିଏ ସଂଚାରିତ ହେବାମାତ୍ରେ କାନରେ ତା'ର ଉତ୍ତର କହିଦେବ । ତା' କଥା କେବଳ ସାଧକ ଶୁଣିବ । ପାଖଲୋକେ ଶୁଣିପାରିବେ ନାହିଁ । ପିଶାଚ ସମସ୍ତ ଅତୀତ କଥା କହିପାରିବ । ଭବିଷ୍ୟତ ବାଣୀ କରିବାର କ୍ଷମତା ତା'ର ନାହିଁ । ଯେତେଦୂର ପାରିବ, ଭବିଷ୍ୟତ ସଂପର୍କରେ ତୁମେ କମ୍ ସୂଚନା ଦେବ ।'

କିଛିସମୟ ନୀରବ ରହି କର୍ମକାର ମହାଶୟ ପୁଣି କହିଲେ–'ତୁମ ଭାଗ୍ୟ ତୁମେ ଭୋଗ କର । ଠିକଣାଟିଏ ଲେଖିଦେଉଚି । ପ୍ରତିବର୍ଷ ଗୁରୁଦକ୍ଷିଣା ବାବଦକୁ କିଛି ଅର୍ଥ ଏଇ ଠିକଣାରେ ମନିଅର୍ଡ଼ର କରିଦେବ ।'

ସ୍ୱଚ୍ଛନ୍ଦରେ ସିଦ୍ଧିଲାଭ କରି ବାବନ ଗାଁକୁ ଫେରିଆସିଲା । ବିଦ୍ୟାର ପ୍ରଥମ ପ୍ରୟୋଗ କଲା ସେବତୀ ପାଖରେ । ପିଶାଚଠାରୁ ସୂଚନା ମିଳିଲା, ରତିଅତୃପ୍ତା ନାରୀ ପରକୀୟା ପ୍ରୀତିରେ ମଜ୍ଜି ପ୍ରତ୍ୟହ ଘନକମାର ସହ ମିଳିତ ହେବା ପାଇଁ ଆମ୍ବତୋଟାକୁ ଯାଉଚି ।

ଅଖିଳେଶ କର୍ମକାରଙ୍କର ସତର୍କ ସୂଚନା ଆଜି ବାସ୍ତବ ରୂପ ନେଇଚି । ପିଶାଚ ତା'ର ଅବଧାରିତ ଭୟଙ୍କର ପ୍ରତିଶୋଧ ନେଉଚି ।

ସାରା ଶରୀରରେ ଅସହ୍ୟ ଯନ୍ତ୍ରଣା । ବାବନ ମହାରଣା ନିଜକୁ ବୁଝାଉଥିଲା–ମଣିଷ ମାତ୍ରେ ଇ କଷ୍ଟ ଭୋଗ କରିବାକୁ ବାଧ– ଜନ୍ମ ହେବା

Digitized by PPRACHIN, SOA

ପୂର୍ବରୁ ମରିବା ପର୍ଯ୍ୟନ୍ତ ।' କେବଳ ମା' ଶୂଳ ବେଦନା ପାଏନା, ଜନ୍ମ ନେଉଥିବା ଶିଶୁର ଯନ୍ତ୍ରଣା ତା'ଠାରୁ ଅଧିକ । ଆଉ ଜୀବନସାରା ପେଟପାଟଣା, ଫନ୍ଦିଫିସାଦିରେ ଦୁନିଆମାନ କଷ୍ଟ। ବ୍ୟସ୍ତ ହ'ନାରେ ବାବନ ! କଷ୍ଟ ସହିବାକୁ ଇ ପଡ଼ିବ । ଅନେକ କିଛି ଭଲ କାମ କରିଚୁ । ବହୁ ଲୋକଙ୍କ ଉପକାରରେ ଆସିଚୁ । ପାପ ଭିତରେ ଯୋଡ଼ିଏ ଜଳଜଳ ଦେଖାଯାଉଚି । ସେବତୀ ନାମ୍ନୀ ଯୁବତୀକୁ ଭଣ୍ଡି ତା' ଯୌବନ ଉପଭୋଗ କରିଚୁ । ଆଉ ତୁ ପ୍ରାଇଭେଟ୍ ସେକ୍ରେଟାରୀ ବିଦୁରଥର ପୋଲପଟି ଖୋଲିଦେବାରୁ ସିଏ ସବଂଶେ ନାଶ ଗଲା । ମଣିଷ ଜୀବନ ପାପପୁଣ୍ୟର ମିଶ୍ରଣ ।

ବଳବନ୍ତରାୟ ନର୍ସିଂହୋମ୍ ଆସନ୍ତି, ବସନ୍ତି । ଆଳାପ କରନ୍ତି । ତାଙ୍କ ଦ୍ୱାରା ଅଧିକ କ'ଣ ବା ହୋଇପାରିବ ! ସେ ପ୍ରସ୍ତାବ ଦେଲେ, ଦିଲ୍ଲୀ ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସରେ ଥରେ ପରୀକ୍ଷା କଲେ ଭଲ ହୁଅନ୍ତା ।

ମନ୍ତ୍ରୀଜୀଙ୍କ ପ୍ରସ୍ତାବକୁ ବାବନ ନାପସନ୍ଦ କଲା ।

'ଅନୁରୋଧଟିଏ କରୁଚି । ଡଙ୍ଗରଘାଟ ପାର୍ବତ୍ୟାଞ୍ଚଳରେ ସ୍ପଞ୍ଜ ଆଇରନ୍ କାରଖାନାଟେ ଅଛି । ତା'ରି ପାଖରେ ଇଏସ୍ଆଇ ହସ୍ପିଟାଲ । ଡାକ୍ତର ବିଦ୍ୟୁତ୍‌ବାବୁ ଆପଣଙ୍କୁ ଖୁବ୍ ଶ୍ରଦ୍ଧା କରନ୍ତି । ତାଙ୍କୁ କହି ଛୋଟ କୋଠରୀଟିଏ ମୋ ପାଇଁ ବନ୍ଦୋବସ୍ତ କରିଦେବେ । ମୁଁ ଜାଣେ, ଏ ବ୍ୟାଧିର ନିଦାନ ପାଇଁ ଔଷଧ ନାହିଁ । ଗୁଡାଏ ଆଣ୍ଟିବାଓଟିକ୍ ଗିଳିଗିଳି ପାଟି ଅରଚି ଧରିଲାଣି, ମୁଣ୍ଡ ଘୂରଉଚି । ଆଉ କିଛି ଔଷଧ ଖାଇବିନି । ଜୀବନ ଥିବାଯାଏ ଗଣ୍ଡେଗଣ୍ଡେ ଖାଇବାକୁ ଦେଉଥିବେ । ଗାଁ ଠିକଣା ଆପଣଙ୍କୁ ଦେଇ ଯାଉଚି । ମୁଁ ଚାଲିଗଲା ପରେ ବାପାଙ୍କୁ ଜଣାଇଦେବେ– ତୁମ ପୁଅ ବାବନ ମହାରଣା ମରିଗଲା । ଦାହ ସଂସ୍କାର କରିଦେଇଚୁ ।'

ବଳବନ୍ତରାୟ ପିଲାଙ୍କ ପରି କାନ୍ଦିଉଠିଲେ ।

'ମନ୍ତ୍ରୀଜୀ ! ସେଦିନ ଆପଣ ଅନୁରୋଧ କରିଥିଲେ, ଜୀବନସାରା ଆପଣଙ୍କୁ ସାହଚର୍ଯ୍ୟ ଦେବାପାଇଁ । ଶେଷ ଜୀବନ ଆପଣଙ୍କ ପାଖେ କଟାଇଲି ନା ନାଇଁ ?'

'ପଣ୍ଡିତଜୀ ! ଆପଣ ଚାହିଁଲେ ନିଜକୁ ଭଲ କରିଦେଇପାରିବେ ! ଚାହୁଁନାହାନ୍ତି କାହିଁକି ? ଆପଣ ଚାଲିଗଲେ ମୋ ଭଲମନ୍ଦ କିଏ ବୁଝିବ ?'

Digitized by PPRACHIN, SOA

ବାବନ ଶୁଷ୍କ ହସଟିଏ ହସି କହିଲା–'କାହାପାଇଁ ସଂସାର ଅଟକିଯାଏ ନାହିଁ ଭାଗ୍ୟବର୍ଦ୍ଧନ ବାବୁ ! କୌଣସି କର୍ମ କରିବା ପୂର୍ବରୁ ତା' ପରିଣାମ ବିଷୟ ଟିକେ ଚିନ୍ତା କରିବେ । ଏହା ଦ୍ୱାରା ପାର୍ଥିବ ଲାଭ କମିଯାଇପାରେ, କିନ୍ତୁ ପାପର ବୋଝ ଊଣା ହୋଇଯିବ ।'

ବାବନର ଆଉ କିଛି ଶୋଚନା ନାହିଁ । ଗାଁରେ ଭଲ ଘରଖଣ୍ଡେ କରିଦେଇଛି । ବାପା ନାଁରେ ପୋଷ୍ଟ ଅଫିସ୍ ଏମ୍.ଆଇ.ଏସ୍‌ରେ ରଖିଛି ଛ'ଲକ୍ଷ ଟଙ୍କା । ମାସକୁ ସୁଧ ଚାରିହଜାର । ଗୋଟେ ମଣିଷ ଚଳିବା ପାଇଁ କେତେ ଆଉ ଦରକାର ?

ବାବନ ମହାରଣା କିଏ, କି ଅସାମାନ୍ୟ ଶକ୍ତି ତା' ପାଖରେ ଥିଲା– କେହି ଜାଣିପାରିଲେ ନାହିଁ ସେକଥା ।

ଜାଣିଥିଲେ କେବଳ ଦୁଇଜଣ ।

ଶ୍ରୀ ବାବନ ମହାରଣା ।

ଶ୍ରୀ ଅଖିଳେଶ କର୍ମକାର ।

ମାର୍ଚ୍ଚର ଶେଷ ସପ୍ତାହ । ଆକାଶରୁ ଭୁରୁଭୁରୁ ବର୍ଷା ଝରିଥାଏ । ଝଡ଼ି ପଡ଼ିଥିବା ଆମ୍ବବଉଳର ବାସ୍ନା ବର୍ଷାଭିଜା ହେବା ପରେ ମତୁଆଲା ଭାବଟିଏ ସୃଷ୍ଟି କରୁଥାଏ ।

ରମ୍ୟକ୍‌ନାଥ ତକ୍ତପୋଷରେ ବସିଥା'ନ୍ତି । ତଳେ ଦରି ଉପରେ ଛ'ଜଣ ଶ୍ରୋତା । ବିନ୍ଦୁଛାୟା, ସୁଶୋଭନ, ଲତିକା, ପ୍ରଭାକର, ସାବିତ୍ରୀ ଏବଂ ବିମଳକାନ୍ତ ।

'କୁହ ଲତିକା ! ଜଣେ ସ୍ତ୍ରୀ ପାଇଁ ସ୍ୱାମୀର କି ପ୍ରୟୋଜନ ?'

ଲତିକା ନର୍ଭସ୍ ହୋଇଗଲେ ସ୍ୱାମୀଜୀଙ୍କ ଅଚାନକ ପ୍ରଶ୍ନରେ । ସ୍ୱାମୀଜୀ ବିନ୍ଦୁଛାୟାଙ୍କୁ ଚାହିଁଲେ । ବିନ୍ଦୁ ନିମ୍ନସ୍ୱରରେ କହିଲେ–'ଆମ ବିଚାର ବୁଦ୍ଧିରେ

Digitized by PPRACHIN, SOA

ଯାହା କହିବୁ, ତାହା ସନ୍ତୋଷଜନକ ହେବ ନାହିଁ । ବରଂ ଗୁରୁଦେବ, ଆପଣ ଦୟାକରି ବତାଇଦିଅନ୍ତୁ ।'

'ଛାନ୍ଦୋଗ୍ୟ ଉପନିଷଦରେ ଯାଜ୍ଞବଲ୍କ୍ୟ ଉପାଖ୍ୟାନ ଅଛି । ମହର୍ଷି ଯାଜ୍ଞବଲ୍କ୍ୟଙ୍କର ଦୁଇଜଣ ପତ୍ନୀ ଥିଲେ—ମୈତ୍ରେୟୀ ଓ କାତ୍ୟାୟନୀ । ଋଷି ଦୁଇ ପତ୍ନୀଙ୍କୁ ନିକଟକୁ ଡାକି କହିଲେ—'ଗୃହସ୍ଥାଶ୍ରମ ତ୍ୟାଗ କରି ବାନପ୍ରସ୍ଥ ଗ୍ରହଣ କରିବା ପାଇଁ ସ୍ଥିର କରିଚି । ତୁମେ ଦୁହେଁ ସପତ୍ନୀ ଭାବେ ନ ଚଳି, ଦୁଇ ଭଗ୍ନୀ ପରି ଚଳିବ । ସମ୍ପତ୍ତି ନେଇ କୌଣସି କଳହ ହେବା ମୁଁ ଇଚ୍ଛା କରେନି । ଅତଃ ମୁଁ ସମ୍ପତ୍ତି ସମାନ ଭାବରେ ଭାଗ କରିଦେବି ।' ମୈତ୍ରେୟୀ ଚିନ୍ତା କଲେ, ପାର୍ଥିବ ସମ୍ପତ୍ତି ତ୍ୟାଗକରି ସ୍ୱାମୀ ଆହୁରି ମୂଲ୍ୟବାନ ସମ୍ପତ୍ତି—ବ୍ରହ୍ମବିଦ୍ୟା ଆହରଣରେ ଯାଉଛନ୍ତି । ସେ କହିଲେ—'ସ୍ୱାମୀ ! ଯେଉଁ ପାର୍ଥିବ ସମ୍ପଦ ମୃତ୍ୟୁକୁ ରୋକିପାରେନା, ତାହା ମୋ'ର କି ଆବଶ୍ୟକତାରେ ଆସିବ ? ମୋତେ ଅମୃତ ବ୍ରହ୍ମବିଦ୍ୟା ପ୍ରଦାନ କରନ୍ତୁ ।' ସେହି ସ୍ଥଳରେ ଯାଜ୍ଞବଲ୍କ୍ୟ କହିଥିଲେ—'ସ୍ୱାମୀ, ସ୍ୱାମୀର ପ୍ରୟୋଜନରେ ପ୍ରିୟ ହୁଏନାହିଁ । ଆତ୍ମାର ପ୍ରୟୋଜନରେ ପ୍ରିୟ ହୋଇଥାଏ ।' ଏହି ବୈଦିକ ସତ୍ୟଗୁଡ଼ିକ ସୂକ୍ଷ୍ମ ଭାବରେ ନ ବୁଝିଲେ, ଅର୍ଥ ସମଝିବା ସହଜ ହୁଏନାହିଁ ।

'ମନୁଷ୍ୟକୁ ଅଜ୍ଞାନ ବୋଲି କାହିଁକି କୁହାଯାଏ ? କାରଣ ସେ ନିଜ ବିଷୟରେ କିଛି ଜାଣେନା । ଆତ୍ମା, ପରମାତ୍ମା, ମାନସ, ଅତିମାନସ, ଏସବୁ ବଡ଼ବଡ଼ କଥା । ଯେଉଁ ଶରୀରକୁ ନିଜର କ୍ଷେତ୍ର ମାନି, କ୍ଷେତ୍ର-ଅଧିପତି ବୋଲାଏ, ସେ ଶରୀର ସମ୍ବନ୍ଧରେ ତା'ର ଜ୍ଞାନ ମଧ୍ୟ ଅତି ସୀମିତ । ଶରୀରର କିଛି ଗଡ଼ବଡ଼ ହେଲେ, ସେ ବିଶେଷଜ୍ଞ ପାଖକୁ ଯାଏ ।

'ମନୁଷ୍ୟର ଶରୀର ପଞ୍ଚମହାଭୂତରେ ଗଢ଼ା । କ୍ଷିତି, ଅପ୍, ତେଜ, ମରୁତ, ବ୍ୟୋମ । ପ୍ରତ୍ୟେକ ମହାଭୂତର ଗୋଟିଏ କରି ତତ୍ତ୍ୱ ଅଛି । ସେଇ ତତ୍ତ୍ୱକୁ ନେଇ ଶରୀରରେ ପାଞ୍ଚୋଟି କୋଷ ସ୍ଥାପିତ ହୋଇଛି । କ୍ଷିତି ତତ୍ତ୍ୱରେ ଭୂର୍ଲୋକ-ଉପଯୋଗୀ ପାର୍ଥିବ ଶରୀର—ଅନ୍ନମୟ କୋଷ । ଅପ୍ ତତ୍ତ୍ୱରେ ରଚିତ ଭୁବର୍ଲୋକର ଉପଯୋଗୀ ଅପମୟ ଶରୀର—ପ୍ରାଣମୟ କୋଷ । ତେଜ ତତ୍ତ୍ୱରେ ସଂଚରିତ ସ୍ୱର୍ଲୋକର ଉପଯୋଗୀ ତୈଜସଶରୀର— ମନୋମୟ କୋଷ । ବାୟୁ ତତ୍ତ୍ୱରେ ଗଠିତ ମହର୍ଲୋକର ଉପଯୋଗୀ ବାୟବ୍ୟ ଶରୀର—

Digitized by PPRACHIN, SOA

ବିଜ୍ଞାନମୟ କୋଷ । ଆକାଶ ତତ୍ତ୍ୱରେ ରଚିତ ବ୍ରହ୍ମଲୋକର ଉପଯୋଗୀ ଆକାଶୀୟ ଶରୀର–ଆନନ୍ଦମୟ କୋଷ । ସମସ୍ତେ କହନ୍ତି, ପଞ୍ଚାତ୍ମା, ପଞ୍ଚକୋଷୀ ଶରୀର । କେହି ଏହାର ରହସ୍ୟ ଜାଣିବା ପାଇଁ ଆଗ୍ରହୀ ହୁଅନ୍ତି ନାହିଁ । ସ୍ୱଚ୍ଛ, ତରଳ, ଅଳ୍ପଉଷ୍ମ ଓ ପୀତବର୍ଣ୍ଣ 'ଓଜ' ହୃଦୟଦେଶରେ ଥାଏ । ଏହି ଓଜ ନଷ୍ଟ ହେଲେ ପ୍ରାଣୀର ମରଣ ହୁଏ ।

'ସଂସାରରେ ଦୁଇପ୍ରକାର ବିଦ୍ୟା ଅଛି–ଅପରାବିଦ୍ୟା, ପରାବିଦ୍ୟା । ଯାହାଦ୍ୱାରା ଅକ୍ଷର ବ୍ରହ୍ମର ଉପଲବ୍ଧି ହୁଏ, ତାହା ପରାବିଦ୍ୟା । ମହାଶାଳ ଶୌନକଙ୍କୁ ଅଙ୍ଗିରା ମହର୍ଷି କହିଥିଲେ– ଅକ୍ଷର ବ୍ରହ୍ମ ଅଦୃଶ୍ୟ, ଅଗ୍ରାହ୍ୟ, ଅଗୋତ୍ର, ଅବର୍ଣ୍ଣ, ଚକ୍ଷୁଶ୍ରୋତାଦିରହିତ, ଅପାଣିପାଦ, ନିତ୍ୟ, ବିଭୁ, ସର୍ବଗତ, ଅତ୍ୟନ୍ତ ସୂକ୍ଷ୍ମ, ଅବ୍ୟୟ, ସମ୍ପୂର୍ଣ୍ଣ ଭୂତମାନଙ୍କର କାରଣ ।

'ମୋତେ ଥରେ ଜଣେ ଜିଜ୍ଞାସୁ ପ୍ରଶ୍ନକଲେ–'ଭଗବାନଙ୍କୁ ଉପଲବ୍ଧି କରିବା କ'ଣ ସହଜ ?' ମୁଁ ଉତ୍ତର ଦେଲି–ଅତି ସହଜ । ଗୋଟେ ମିନିଟ୍ ବି ଲାଗିବ ନାହିଁ । ଆପଣ ଯେଉଁ ପ୍ରଶ୍ନଟି ମୋତେ ପଚାରିଲେ, ସେ ପ୍ରଶ୍ନଟି କିଏ ପଚାରିଲା ? ଓଠ, ଜିଭ ନା ତାଳୁ ? ବାକ୍‌ଶକ୍ତି ପ୍ରଭାବରେ ଆପଣ ପ୍ରଶ୍ନଟି ପଚାରିଲେ । ମନୁଷ୍ୟର ପ୍ରତ୍ୟେକ କର୍ମ ପାଇଁ କିଛିକିଛି ଶକ୍ତି ଦରକାର । ସେ ଶକ୍ତି ହିଁ ଭଗବତ୍ ଶକ୍ତି । ଯେମିତି ଶକ୍ତିକୁ ଆପଣ ଦେଖିପାରୁ ନାହାନ୍ତି, ଅନୁଭବ କରୁଛନ୍ତି, ସେମିତି ଭଗବାନଙ୍କୁ ଦେଖି ହୁଏନା । ଅନୁଭବ କରିହୁଏ । କିନ୍ତୁ ସେ ଅନୁଭବ, ତା'ର ଆଧାରକୁ ମାନିବା ପାଇଁ ଯଦି ଜଣେ ଅରାଜି ହୁଏ, ଏଥକୁ କି ଉପାୟ ? ଲୋକେ ଜନ୍ମ ହେଉଛନ୍ତି, ଅସତ୍ୟ ପଛରେ ଧାଇଁଛନ୍ତି, ମରୁଛନ୍ତି । ମାୟାର ରାକ୍ଷସୀଲୀଳା ଯୁଗଯୁଗ ଧରି ଚାଲିଚି । ରାମକୃଷ୍ଣ ପରମହଂସ କହିବା ଭଳି–କୈବର୍ତ୍ତର ଜାଲ ଭିତରୁ ଖସିଯାଇଥିବା ମାଛ ପରି, ଯିଏ ମାୟାଜାଲରୁ ଖସିଗଲା, ସେଇ କେବଳ ମୁକ୍ତ ।'

ସମୟ ଉତ୍ତୀର୍ଣ୍ଣ ହୋଇଥିଲା । ଆଜି ସେମାନେ ଡେରିରେ ଆସିଥିଲେ । ବିଦାୟ ନେବା ପାଇଁ ସମସ୍ତେ ପ୍ରଣାମ କରି ବାହାରିଗଲେ ।

ସ୍ୱାମୀଜୀ ପଛରୁ ଡାକପକାଇଲେ– 'ମା ବିନ୍ଦୁଛାୟା ?'

ବିନ୍ଦୁ ଚମକିପଡ଼ି ଫେରିଆସିଲେ ।

Digitized by PPRACHIN, SOA

'ମା' ! ମୋତେ ଦେବାପାଇଁ କିଛି ଆଣିଥିଲ, ଦେଲନି, ବେଗ୍‌ରେ ପୂରେଇ ଫେରାଇ ନେଉଚ ।'

ବିନ୍ଦୁଛାୟା ଆଣିଥିଲେ କିଛି ଚମନ ଅଙ୍ଗୁର । ଛୋଟ ମିଠା ମିଠା କୋଳି । ସ୍ୱାମୀଜୀଙ୍କୁ ଅର୍ପଣ କରିବା ପାଇଁ ସାହସ ହେଲାନି ।

ଏ ଭିତରେ ଅନ୍ୟ ସମସ୍ତେ କୋଠରୀରେ ପ୍ରବେଶ କରିସାରିଥିଲେ ।

'ଗୁରୁ ପାଖରେ ଶିଷ୍ୟଶିଷ୍ୟାମାନଙ୍କର ସଙ୍କୋଚ କ'ଣ ? ମୋର ଆଦେଶ, ଆଜିଠାରୁ ଏପରି ଭାବ ମନରେ ଆଣିବ ନାହିଁ । ଦିଅ ମା', ନିଜ ହାତରେ ଖୁଆଇଦିଅ । ଲକ୍ଷ୍ମୀବାଈଙ୍କୁ ସିରିଡ଼ି ସାଇଁ ଦେଇଥିଲେ ନଅଟି ମୁଦ୍ରା । ଆଜି ତୁମ ହାତରୁ ନଅଟି ଚମନ ଅଙ୍ଗୁର ଖାଇ ମୁଁ ତୁମକୁ ପ୍ରଦାନ କରିବି ନବଧା ଭକ୍ତି ।'

ତମ୍ଭା ଗ୍ଲାସ୍ ଜଳରେ ଗୋଟିଏ ଗୋଟିଏ କୋଳି ଧୋଇ, ନିଜ ପଣତରେ ପୋଛି, ସ୍ୱାମୀଜୀଙ୍କୁ ଖୁଆଇଦେଉଥିଲେ ବିନ୍ଦୁଛାୟା ।

ଅଶ୍ରୁଧାରା ସ୍ୱାମୀଜୀଙ୍କ ଗଣ୍ଡସ୍ଥଳ ସିକ୍ତ କରି ଭିଜାଇ ଦେଉଥିଲା ଗୈରିକ ଉତ୍ତରୀୟ ।

ବିନ୍ଦୁଛାୟାଙ୍କ ଚକ୍ଷୁନଦୀରେ ଶ୍ରାବଣର ଉତ୍‌ପ୍ଲାବିତ ବନ୍ୟା ।

ସମସ୍ତେ କାନ୍ଦୁଥିଲେ—ସାବିତ୍ରୀ, ବିମଳକାନ୍ତ, ଲତିକା, ପ୍ରଭାକର, ସୁଶୋଭନ ।

ଏଇ ଅଶ୍ରୁ ହିଁ ସତ୍ୟ ।

ସେଇଥିପାଇଁ ଅଶ୍ରୁମୟୀ ରାଧିକା ଆଧାତ୍ମ୍ୟ ଇତିହାସର ଅବିସ୍ମରଣୀୟା ମହାନ ସାଧିକା ।

ବାଇଶି ଅଗଷ୍ଟ, ୨୦୦୫
ସୋମବାର

୩୫, ଶକ୍ତିନଗର
ଲିଙ୍କରୋଡ, କଟକ-୧୨
ଦୂରଭାଷ : ୨୩୨୦୩୨୦

Digitized by PPRACHIN, SOA

ସଂସାର ଏକ ମାୟା ନଦୀ- ଏହା କହିଛନ୍ତି ସମର୍ଥ ରାମଦାସ । ଏ ନଈର ଅସ୍ତିତ୍ୱ ନାହିଁ, କିନ୍ତୁ ଲୋକେ ନଦୀ ମାୟାରେ ଘାରି ହୋଇ ସ୍ନାନ କରନ୍ତି, ପହଁରୁଥା'ନ୍ତି, ନଦୀ ପାର ହେଉଥା'ନ୍ତି । ଶେଷରେ ଦେଖାଯାଏ ସବୁ କେବଳ ଶୂନ୍ୟତା ।

ଲେଖକଙ୍କର ଅନ୍ୟାନ୍ୟ କୃତି

ଆଧ୍ୟାତ୍ମିକ ସାହିତ୍ୟ (ଅନୁବାଦ)- ଯୋଗୀଶ୍ୱର, ଆଲୋକରେ ଅଭିଷେକ, ବ୍ରହ୍ମର୍ଷି ଯୋଗୀସମ୍ରାଟ ଦେଓରାହାବାବା, ମର୍କତରାଜ୍ୟ, ଅନନ୍ତ ଅଭିମୁଖେ ।

ଆଧ୍ୟାତ୍ମିକ ସାହିତ୍ୟ (ମୌଳିକ)- ପ୍ରେମ୍ ନଜାନେ କୋଇ, ଶ୍ରୀଗୁରୁ ଚରଣ ସରୋଜ ରଜ, ଈଶ୍ୱର ଆଲ୍ଲା ତେରୋନାମ, ସଦ୍‌ଗୁରୁ ଶରଣମ୍ ।

ଉପନ୍ୟାସ- ସୁବର୍ଣ୍ଣ କଳସ, ବୀତରାଗ, କାଳାଗ୍ନି, ପୌର୍ଣ୍ଣମାସୀ, ମଧୁମତୀ ବସୁନ୍ଧରା, ମାୟାନଦୀ, ଅନ୍ୟ ଏକ ମିତ୍ରଲାଭ, ଉଭୟ ଭାରତୀ ।

Digitized by PPRACHIN, SOA